

‘ରାମାୟଣ’ରେ ମରାଠୀ ଅଭିନେତା

▶ପୃଷ୍ଠା ୧୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-34 ◆MONDAY ◆28 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୪ ◆ସୋମବାର ◆୨୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ହରିଦ୍ୱାରର ମନସା ଦେବୀ ମନ୍ଦିରରେ ଦଳାଚକଟା

# ୬ ଶ୍ରଦ୍ଧାଳୁ ମୃତ, ୨୯ ଆହତ





■ **ହରିଦ୍ୱାର, ୨୭।୭ (ଏଜେନ୍ସି):** ଉତ୍ତରାଖଣ୍ଡର ଦେବପୀଠ ହରିଦ୍ୱାରର ମନସା ଦେବୀ ମନ୍ଦିରରେ ରବିବାର ସକାଳେ ବଡ଼ ଅଘଟଣ ଘଟିଛି। ମାଆଙ୍କ ଦର୍ଶନ ପାଇଁ ପାହାଚ ଚଢ଼ି ପାହାଡ଼ ଉପରକୁ ଯାଉଥିବାବେଳେ ଦଳାଚକଟାରେ ୬ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ମାଆଙ୍କ ଦର୍ଶନ ପାଇଁ ଅନତି ଦୂରରୁ ଆସିଥିବା ଶ୍ରଦ୍ଧାଳୁ ମାଆଙ୍କ ପାଖରେ ପହଞ୍ଚିବା ପାଇଁ ଆଉ ୨୫ଟି ପାହାଚ ବାକିଥିବାବେଳେ ଏହି ଶ୍ରଦ୍ଧାଳୁଙ୍କ ଜୀବନ ଦୀପ ଲିଭିଯିବା ଘଟଣା ଭକ୍ତିମୟ ପରିବେଶକୁ କିଛି ମୁହୂର୍ତ୍ତରେ ଶୋକରେ ପରିଣତ କରିଦେଇଥିଲା। ସୂଚନା ଅନୁସାରେ, ପାହାଚ କଡ଼ରେ ଲାଗିଥିବା ତାର ଧରି ଶ୍ରଦ୍ଧାଳୁମାନେ ପାହାଡ଼ ଉପରକୁ ଉଠିବା ବେଳେ ତାରଟି ହଲିଥିଲା। ଏହାକୁ ଦେଖି କିଛି ଲୋକ ତାରରେ କରେଣ୍ଟ ଲାଗିଯାଇଥିବା ନେଇ ପ୍ରଚାର କରିଥିଲେ। ଏହା ଶୁଣି ଜୀବନ ବିକଳରେ ଶ୍ରଦ୍ଧାଳୁମାନେ ସୁଅ ଭଳି ତଳକୁ ଓହ୍ଲାଇବାରେ ଲାଗିଥିଲେ। ଭିଡ଼ରେ ତଳେ ପଡ଼ିଯାଇଥିବା ଲୋକଙ୍କୁ ନ ଦେଖି ଅନ୍ୟମାନେ ନିଜକୁ ରକ୍ଷା କରିବା ପାଇଁ ଅନ୍ୟକୁ ଦଳି ଚକଟି ଆଗକୁ ବଢ଼ିଥିଲେ। ଦଳାଚକଟାରେ ୬ଜଣଙ୍କର ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ।

**‘କରେଣ୍ଟ’ ଗୁଜବରୁ ଦୁର୍ଘଟଣା**

ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମନସା ଦେବୀଙ୍କ ମନ୍ଦିର ‘ହର୍ କି ପୌଡ଼ି’ରୁ ୩ କିମି ଦୂର ଶିବଲିକ ପର୍ବତ ଶ୍ରେଣୀର ବିଲ୍ୱ ପାହାଡ଼ ଉପରେ ରହିଛି। ରୋପ୍‌ୱେ ସାହାରାରେ ୮୦୦ ପାହାଚ ଚଢ଼ି ମନ୍ଦିର ନିକଟକୁ ଯିବାକୁ ପଡ଼ିଥାଏ। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ମନ୍ଦିରରେ ପହଞ୍ଚିବାକୁ ଆଉ ୨୫ ପାହାଚ ବାକିଥିବାବେଳେ ଦଳାଚକଟା ହୋଇଥିଲା। ଆଜି ପ୍ରବଳ ଭିଡ଼ ଥିଲା। କିଛି ଲୋକ ସେଠାରେ ଥିବା ତାରକୁ ଧରି ଆଗକୁ ବଢୁଥିଲେ। ଏହି ସମୟରେ ତାର ଛିଡ଼ିଯାଇ କରେଣ୍ଟ ଲାଗି ଯାଇଥିବା ପ୍ରଚାର ହୋଇଥିଲା। ଏହାକୁ ନେଇ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। କରେଣ୍ଟ ଲାଗିବା ଖବରକୁ ହରିଦ୍ୱାର ପୁଲିସ ଗୁଜବ କହିଛି। ଗଡ଼ୱାଲ ଡିଭିଜନର କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ ପ୍ରବଳ ଭିଡ଼ ଯୋଗୁଁ ଦଳଚକଟା ହୋଇଛି। ମନସା ଦେବୀ ମନ୍ଦିରର ମହନ୍ତ ରବୀନ୍ଦ୍ର ପୁରି କହିଛନ୍ତି, ବର୍ଷା ଯୋଗୁଁ ରାସ୍ତାରେ ଶିଉଳି ଲାଗିଯାଇଥିବାରୁ କିଛି ଶ୍ରଦ୍ଧାଳୁ ତଳେ ପଡ଼ିଯିବା ପରେ ଗୁଜବ ସୃଷ୍ଟି ହୋଇ ଦଳାଚକଟା ହୋଇଥିଲା।

# ବନ୍ୟା ଭୟରେ ୬ ଜିଲ୍ଲା

**ଉତ୍ତର ଓଡ଼ିଶାରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ**

- ପ୍ରଭାବିତ ଜିଲ୍ଲାରେ ନିୟୋଜିତ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍
- ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ
- ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଛି ଉଦ୍ଧାର କାର୍ଯ୍ୟ



■ **ଭୁବନେଶ୍ୱର, ୨୭।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହିସହିତ ଓଡ଼ିଶାରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ମଧ ଭଲ ବର୍ଷା ହୋଇଛି। ଫଳରେ ବର୍ତ୍ତମାନ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଅପରାହ୍ଣ ସୁଦ୍ଧା ଏହି ଜିଲ୍ଲାଗୁଡ଼ିକରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆସନ୍ତା କାଲି ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ବର୍ତ୍ତମାନ ମୁଖ୍ୟତଃ ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବାରୁ ଏହି ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧିକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ▶ପୃଷ୍ଠା-୭

## ବୈତରଣୀରେ ଭାସିଯାଇ ଯୁବକ ମୃତ

■ **ଦଶରଥପୁର, ୨୭।୭ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ ନଦୀ ବନ୍ୟା ପାଣିରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ମକରଧ୍ୱଜ ଜେନାଙ୍କ ପୁଅ ସନ୍ତୋଷ ଜେନା (୩୦) ବୋଲି ସୂଚନା ମିଳିଛି। ସନ୍ତୋଷ ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ନଦୀ ନିକଟକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀ ପାଣିରେ ଭାସିଯାଇଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବାବୁ ରାମ ମୁର୍ମୁଙ୍କ ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

# ଓଡ଼ିଶାର ମହିଳାଙ୍କୁ ପ୍ରଶଂସା



**ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର, କୀର୍ତ୍ତନ ମାଧ୍ୟମରେ ବନାଗ୍ନି ସଚେତନତାରେ ମୟୂରଭଞ୍ଜ ଓ କେନ୍ଦୁଝର ମହିଳାଙ୍କ ଉଦ୍ୟମ ପ୍ରେରଣାଦାୟୀ: ମୋଦୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୨୪ତମ ଅଧ୍ୟାୟରେ ଦେଶର ଉଲ୍ଲେଖନୀୟ ଉପଲବ୍ଧ ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଶଂସା କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳୀ ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି। ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି; ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ। କିନ୍ତୁ ବନାଗ୍ନି ସମ୍ପର୍କରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଅଭିନବ ପ୍ରୟାସ କରାଯାଇଛି। ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି। ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ ଜପୁଛି। ପ୍ରମିଳା ▶ପୃଷ୍ଠା-୭

## ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି

■ **ବଲାଙ୍ଗିର, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଶିଶୁ ବିକ୍ରି ଅଭିଯୋଗ। ଦାରିଦ୍ର୍ୟତା ଯୋଗୁଁ ମାତ୍ର ୨୦ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଅନ୍ୟପଟେ ବ୍ୟକ୍ତିଗତ ଭାବେ ଶିଶୁକୁ ଦେଇଥିବା ପରିବାର ଲୋକ କହିଛନ୍ତି। ତେବେ ସତ୍ୟ ଯାହା ହେଉନା କାହିଁକି ପୁଣି ଏହି ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ‘ଦାରିଦ୍ର୍ୟତା ପାଇଁ ଶିଶୁକୁ ବିକିବାକୁ ଆମେ ବାଧ ହେଲୁ। ଆମେ ସ୍ୱାମୀ ସ୍ତ୍ରୀ ଦିନ ମଜୁରିଆ ଭାବରେ କାମ କରୁ। ଭଲ ଘର ଟିଏ ନାହିଁ। ନା କିଛି ସୁବିଧା ଅଛି। ଯାହା ମଜୁରି ମିଳେ ସେଥିରେ ଚଳୁ। ସେଥିପାଇଁ ଜନ୍ମ କଲା ଶିଶୁକୁ ବିକ୍ରି କରିଦେଲୁ’। ଏଭଳି ଭାବରେ ସବୁ କଥାକୁ ଗଣମାଧ୍ୟମ ଆଗରେ ବିକ୍ରି ହୋଇଥିବା ଶିଶୁର ବାପା କହିଥିଲେ। ଶିଶୁକନ୍ୟାକୁ ବିକ୍ରିକରିବା ଖବର ସାମ୍ନାକୁ ଆସିବା ପରେ ସବୁ ସତ ମାନିଛନ୍ତି ବାପା ମାଆ। ବଲାଙ୍ଗିର ଟିଟିଲାଗଡ଼ ବ୍ଲକ୍ ଭାଲେଗାଁ ପଞ୍ଚାୟତ ବାଗଡେର ଗାଁ ନୀଳ ରଣା ଆର୍ଥିକ ଅଭାବ ଯୋଗୁଁ ନିଜ ଦ୍ୱିତୀୟ ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ▶ପୃଷ୍ଠା-୭

# ମାଲକାନଗିରିରେ ପୁଣି ଲଜ୍ଜା

## ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ

■ **କୋରୁକୋଣ୍ଡା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଲିଫ୍ଟ ଦେବା ବାହାନାରେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ଗତ ୨୦ ତାରିଖ ଦିନ ନିଜ ଘରକୁ ଆସି ପୁଣି ମାମୁଁ ଘରକୁ ଯାଉଥିବା ବେଳେ ଜଣେ ବାଇକଚାଳକ ତାଙ୍କୁ ଘରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲେ। ସେ ବାଇକ୍‌ରେ ବସିବା ପରେ ବାଇକ୍ ଚାଳକ ତାଙ୍କୁ ମାମୁଁ ଘର ଗ୍ରାମକୁ ନ ନେଇ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇବାକୁ କହି ନେଇ ଯାଇଥିଲେ। ସନ୍ଧ୍ୟା ହେବାରୁ ଅନ୍ଧାରର ସୁଯୋଗ ନେଇ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକଚାଳକ ରାତିରେ ନାବାଳିକାକୁ ନେଇ ତାଙ୍କ ମାମୁଁ ଘର ଗାଁ ମୁଣ୍ଡରେ ଛାଡି ଚାଲି ଯାଇଥିଲା। ସକାଳେ ନାବାଳିକା ଜଣଙ୍କ ତାଙ୍କୁ ବାଇକଚାଳକ ଦୁଷ୍କର୍ମ କରିଥିବା ▶ପୃଷ୍ଠା-୭



## ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ପ୍ରସବ ପରେ ଶିଶୁ ମୃତ

■ **ଖଇରପୁଟ/କୁଡୁମୁଲୁଗୁମ୍ମା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯାଗରେ ପୁଲିସ ଜଣକୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜିଲ୍ଲାର ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ଥିବା ନେଇ ତାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ପୀଡ଼ିତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗତ ୨୫ ତାରିଖରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏବଂ ▶ପୃଷ୍ଠା-୭

## ସରଣ୍ଡା ଜଙ୍ଗଲରେ ଲୁଚାଇ ରଖିଥିଲେ ମାଓବାଦୀ

# ମାଟି ତଳୁ ୩୫ ଲକ୍ଷ ଟଙ୍କା ଜବତ



ସର୍ଚ୍ଚ ଅପରେସନ ବେଳେ ଉଦ୍ଧାର କଲେ ଯବାନ

■ **ରାଉରକେଲା, ୨୭।୭ (ସମିସ):** ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ପୂର୍ବରୁ ସୁରକ୍ଷା ବାହିନୀଙ୍କୁ ମିଳିଲା ବଡ ସଫଳତା। ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଛି। ବିସ୍ଫୋରକ ସାମଗ୍ରୀ ସହ ମାରଣାସ୍ତ୍ର କିଣିବା ପାଇଁ ଏହି ଟଙ୍କାକୁ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ ବୋଲି ସନ୍ଦେହ କରିଛି ସୁରକ୍ଷା ବାହିନୀ। ସୂଚନାଯୋଗ୍ୟ, ସୋମବାର ଅର୍ଥାତ୍ ଜୁଲାଇ ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ପକ୍ଷରୁ ମାଓ ସହିଦ ସପ୍ତାହ ଦିବସ ପାଳନ କରାଯିବ। ଏହି ସହିଦ ସପ୍ତାହ ପାଳନ ଅବସରରେ ମାଓବାଦୀମାନେ ପ୍ରତିବର୍ଷ କୌଣସି ବଡଧରଣର ଅଘଟଣ ତଥା ମାଓ ହିଂସା ଘଟାଇ ଥାନ୍ତି ଅଥବା ଯୋଜନା କରିଥାନ୍ତି। ତେବେ ମାଓବାଦୀଙ୍କ ଦ୍ୱାରା ଏହି ସହିଦ ସପ୍ତାହ ପାଳନର ଅବ୍ୟବହିତ ପୂର୍ବରୁ ଓଡିଶା- ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଥିବା ଝାଡ଼ଖଣ୍ଡ ଆଇଜି ସୂଚନା ଦେଇଛନ୍ତି। ଆଇଜିଙ୍କ ସୂଚନାନୁଯାୟୀ, ମାଓବାଦୀମାନେ ସରଣ୍ଡା ଜଙ୍ଗଲରେ ମାଟି ତଳେ ▶ପୃଷ୍ଠା-୭

## ମୂଲ ଲାଗି ଫେରୁଥିଲେ; ଦଳିଦେଲା ଦନ୍ତା



■ **ଜି.ଉଦୟଗିରି, ୨୭।୭ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ମାସ ହେଲା ହାତୀ ଆତଙ୍କରେ ଜୀବିକା ପ୍ରଭାବିତ ପ୍ରଭାବିତ ହୋଇଥିବା ବେଳେ ଏବେ ଜୀବନ ଯିବା ଆରମ୍ଭ ହୋଇଛି। ହାତୀଙ୍କ ଉପଦ୍ରବ ଯୋଗୁ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁ ନ ଥିବା ବେଳେ ଜଙ୍ଗଲ ଯିବା ମଧ ବନ୍ଦ ହୋଇଯାଇଛି। ଏଥିଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ମୂଲ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଜଣକୁ ହାତୀ ଆକ୍ରମଣ କରି ମାରି ଦେଇଛି। ଏନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଦେଖିଥିବା ଲୋକଙ୍କ କହିବା ପ୍ରକାରେ ମାଲନସୁଗା ଗାଁର ସଞ୍ଜୟ ଏବଂ ସାମନ୍ତ (ସାରୁ) ପଦାସାହିକୁ ମଜୁରୀ କାମ କରିବାକୁ ଯାଇଥିଲେ। ଅପରାହ୍ନ ସାଢ଼େ ପାଞ୍ଚଟା ବେଳେ ମାଲନସୁଗାକୁ ପାଜିମାହା ରାସ୍ତା ଦେଇ ଫେରୁଥିଲେ। ହଠାତ ପାଜିମାହା ନିକଟରେ ଗୋଟିଏ ଦନ୍ତା ହାତୀ ବୁଦାରୁ ବାହାରି ଥିଲା। ହାତୀକୁ ଦେଖି ସଞ୍ଜୟ ଦୌଡି ପଳାଇଥିଲେ। କିନ୍ତୁ ସାମନ୍ତ(୫୫) ହାତୀ ହାବୁଡ଼ରେ ପଡିଯାଇଥିଲେ। ତାଙ୍କୁ ହାତୀ ଦଳି କଚାଡ଼ି ଦେଇଥିଲା। ଏଥିରେ ସାମନ୍ତଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଏମିତି ମାରିବା ଦେଖି ଲୋକେ ହାତୀ ପାଗଳ ହୋଇ ଯାଇଥିବା କହିଛନ୍ତି। ଖବର ପାଇ ଭୁବନେଶ୍ୱରରେ ରହୁଥିବା ସାମନ୍ତଙ୍କ ବଡ଼ ଭାଇ ଶମ୍ଭୁ ଦିଗାଲ ପହଞ୍ଚି କ୍ଷତିପୂରଣ ଦାବି କରିବା ସହିତ ହାତୀ ଆତଙ୍କର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ସହିତ ପୁଲିସ ବିଭାଗ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ପୂର୍ବରୁ ସାଲାଂଶୁଗା ଗାଁରେ ହାତୀ ଘରେ ପଶିବାରୁ ଅଳ୍ପକେ ଏଗାର ▶ପୃଷ୍ଠା-୭

# ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ; ଓଡ଼ିଶାକୁ ଦୁର୍ଗନ୍ଧ !



- ବିଜୟୱାଡ଼ା, ଭାଇଜାଗରେ ମେଟ୍ରୋ ଲାଗି ଆନ୍ଧ୍ରର ପ୍ରସ୍ତୁତି
- ବିନା କାରଣରେ ଓଡ଼ିଶା ସରକାର ବାତିଲ କଲେ ପ୍ରକଳ୍ପ
- କଳ୍ପନା-ନନ୍ଦନକାନନ ଫ୍ଲାଇଓଭର ପରେ ମେଟ୍ରୋ: ମନ୍ତ୍ରୀ

■ **ଭୁବନେଶ୍ୱର, ୨୭।୭ (ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଦେଶକୁ ବାତିଲ୍ କରିବା ପରେ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ମେଟ୍ରୋ ପ୍ରକଳ୍ପକୁ ବାତିଲ ପ୍ରସଙ୍ଗରେ ରାଜନୈତିକ ଦଳଠାରୁ ଆରମ୍ଭ କରି ସାଧାରଣ ନାଗରିକ ବି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ଡବଲ ଇଞ୍ଜିନ୍ ସରକାରର ସହଯୋଗୀ ଆନ୍ଧ୍ର ଇଞ୍ଜିନ୍ ଭାଇଜାଗ୍ ଓ ବିଜୟୱାଡାରେ ମେଟ୍ରୋ ପ୍ରକଳ୍ପ ପାଇଁ ଅଣ୍ଟା ଭିଡୁଥିବା ଖବର ଆସିବା ପରେ ଓଡ଼ିଶାରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଗୋଟିଏ ସମୟରେ ସରକାର ଗଠନ ହୋଇଛି। ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ଓ ଆନ୍ଧ୍ରରେ ବିଜେପି ସହଯୋଗରେ ଟିଡିପି ଶାସନ କରୁଛି। ମାତ୍ର ଆନ୍ଧ୍ର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼, ଉନ୍ନତ ଏବଂ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ବେଳେ ଓଡ଼ିଶାର ସରକାରଙ୍କ ଆଭିମୁଖ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ବିଜେଡି ସରକାର ମେଟ୍ରୋ ପାଇଁ ଡିପିଆର ପ୍ରସ୍ତୁତ ଠାରୁ ଆରମ୍ଭ କରି ଏଥିପାଇଁ ବଜେଟରେ ଅର୍ଥ ମଧ ବ୍ୟୟବରାଦ କରିଥିଲେ। ପ୍ରଥମ ବର୍ଷ ପାଇଁ ୧ ହଜାର କୋଟି ଟଙ୍କା ବଜେଟରେ ବରାଦ ହୋଇଥିଲା। ଏପରିକି ୨୦୨୭ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ତ୍ରିଶୁଳିଆରୁ କଟକ ବସ୍‌ଷ୍ଟାଣ୍ଡ ଓ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ପୂର୍ବ ସରକାରଙ୍କ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପରିବର୍ତ୍ତେ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି ।

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏପରିକି ମେଟ୍ରୋ ପ୍ରକଳ୍ପ ମାଟି ତଳେ ଯିବ ନା ଉପରେ ଯିବ ସେ ନେଇ ସ୍ପଷ୍ଟ ହୋଇ ପାରି ନ ଥିଲା। ଜଣେ ମନ୍ତ୍ରୀ ଏହା ମାଟି ଉପରେ ▶ପୃଷ୍ଠା-୭

ଭିମସାର ନାଁରେ ସଙ୍ଗୀନ ଅଭିଯୋଗ, ଚାଷୀ ବୋଲି ଗୁରୁତ୍ୱ ଦେଲେନି

# ଆତ୍ମହତ୍ୟା କରିଥିବା ରୋଗୀଙ୍କ ଶବବ୍ୟବଚ୍ଛେଦ କଲେନି

ସମ୍ବଲପୁର, ୨୭।୭ (ସମିସ)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଭିମସାର)କୁ ନେଇ ସଙ୍ଗୀନ ଅଭିଯୋଗ ଆସିଛି। ଜଣେ ଆତ୍ମହତ୍ୟା କରିଥିବା ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଭୀମସାର କର୍ତ୍ତୃପକ୍ଷ ମେଡିକୋ ଲିଗାଲ କେସ(ଏମଏଲସି) କିମ୍ବା ଶବ ବ୍ୟବଚ୍ଛେଦ ନ କରି ପରିବାରଙ୍କୁ ଶବ ହସ୍ତାନ୍ତର କରି ଦେଇଥିଲେ। ସମସ୍ତ ନିୟମକୁ କର୍ତ୍ତୃପକ୍ଷ ସତେ ଯେମିତି ଭୁଲି ଯାଇଛନ୍ତି। ଡାକ୍ତର ଓ ଭିମସାର କର୍ତ୍ତୃପକ୍ଷଙ୍କ ଯୋଗୁଁ ଏପରି ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବରଗଡ଼ ଅମ୍ବାବନା ଥାନା ଅଧୀନ କୁସମୁଦା ଗ୍ରାମର କୃଷ୍ଣ ବୁଦା(୫୨) ଗତ ୨୧ ତାରିଖ ଆତ୍ମହତ୍ୟା କରିଥିଲେ।ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ଚାଷୀ ଭାବେ କାମ କରୁଥିବ କୃଷ୍ଣ ପରିବାର କାହିଁକି ଖର୍ଚ୍ଚାନ୍ତ ହେବ ଭାବି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଧାନ ଚାଷରେ ଲାଗୁଥିବା ବିଷ ଖାଇ ଦେଇଥିଲେ। ସେଦିନ ସକାଳୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନକୁ ନିଆଯାଇଥିଲା। ରୋଗୀ ଗୁରୁତର ଥିବାରୁ ବୁର୍ଲା




ସ୍ଥାନାନ୍ତର କରାଯାଇଥିଲା। ପରେ ବୁର୍ଲା ଆସି ସୁପରସ୍ପେସାଲିଟି ହସ୍ପିଟାଲ ଆଇସିୟୁ ବେଡ ନମ୍ବର ୧୮ରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଶନିବାର ରାତି ୧୦ଟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ନେଇ ପରିବାର ଲୋକ ସୂଚନା ଦେଇଛନ୍ତି। ଏଠାରେ ପ୍ରକାଶ ଥାଉକି, କୌଣସି ରୋଗୀ, ଆତ୍ମହତ୍ୟା, ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ସ୍ଥିତିରେ ଅଧିକ ତଦନ୍ତ ଆବଶ୍ୟକ ଥିଲେ ମେଡିକାଲ କର୍ତ୍ତୃପକ୍ଷ ଏମଏଲସି ଓ ଶବବ୍ୟବଚ୍ଛେଦ କରାଯିବା ନେଇ ନିୟମ ରହିଛି। ସାଧାରଣ ରୋଗୀ ମୃତ୍ୟୁବରଣ କରିଥିଲେ ପରିବାରକୁ ହସ୍ତାନ୍ତର

**ଡାକ୍ତର ଓ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ**

କରାଯାଇଥାଏ। କିନ୍ତୁ ବିଶେଷ ଭାବେ ଆତ୍ମହତ୍ୟା, ଦୁର୍ଘଟଣା ଓ ଅପରାଧ ଜନିତ ମାମଲାରେ ମେଡିକାଲ କର୍ତ୍ତୃପକ୍ଷ ଏମଏଲସି କରିବାକୁ ବାଧ ଥାଆନ୍ତି। ମେଡିକାଲ କର୍ତ୍ତୃପକ୍ଷ ଏମଏଲସି ପରାମର୍ଶ ଦେଲେ ପୁଲିସ ଶବବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥାନ୍ତି। କିନ୍ତୁ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ଭୀମ୍ସାରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏତେ ବଡ଼ ଡାକ୍ତରଖାନାରେ କିଭଳି ନିୟମକୁ ଭୁଲି ଯାଇଛନ୍ତି ତାହାକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଏହି ଘଟଣା ବ୍ୟାପିବାର ପରେ ସମ୍ବଲପୁର ସମେତ ବୁର୍ଲାରେ ଆଲୋଡନ ସୃଷ୍ଟି ହୋଇଛି। ଏଠି ପ୍ରଶ୍ନ ଉଠୁଛି, ଏଭଳି ଅନେକ ଘଟଣା ପୂର୍ବରୁ ମଧ୍ୟ ଘଟିଥିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଚାଷୀ ବୋଲି ଡାକ୍ତରମାନେ ଗୁରୁତ୍ୱ ଦେଇନଥିଲେ। ତେଣୁ ମୃତ୍ୟୁ ପରେ ଶବବ୍ୟବଚ୍ଛେଦ ନକରି ଛାଡ଼ି ଦେଇଥିଲେ ବୋଲି ପରିବାରଲୋକ କହିଛନ୍ତି। ଡାକ୍ତର ଓ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏପରି ହୋଇଥିବା ସେମାନେ କହିଛନ୍ତି। ଏ ନେଇ ଭୀମସାର ଅଧୀକ୍ଷକଙ୍କୁ ଯୋଗାଯୋଗ ସମ୍ଭବପର ହୋଇ ପାରିନାହିଁ। ଶୀଘ୍ର ଏହି ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ବୈଦିକର ସ୍ୱାଗତ ସମାରୋହ 'ରିମଝିମ'



**ସମ୍ବଲପୁର, ୨୭।୭ (ସମିସ):** ବୁର୍ଲା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ବୈଦିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମାରୋହ 'ରିମଝିମ' ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତ ଗଠନରେ ବୈଦିକ ଏକ ଉପଯୁକ୍ତ ଅନୁଷ୍ଠାନ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ଡ. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଛାତ୍ରୀଛାତ୍ରୀମାନଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଜଳର ମାଟିର ସହିତ ସମ୍ପର୍କ ଯେମିତି ଛାତ୍ରଛାତ୍ରୀଙ୍କ ବିଦ୍ୟା ସହିତ ସମ୍ପର୍କ ସେମିତି ବୋଲି କହିଥିଲେ। ଏହା ବ୍ୟତୀତ ୨୦୨୫ ବାର୍ଷିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସୁକାନ୍ତ କୁମାର ମହାପାତ୍ର ପିଲାମାନଙ୍କୁ ଉଦ୍‌ବୋଧନ ଦେବା ସହିତ ସେମାନଙ୍କ ସଫଳତା ପଛରେ ଅଧ୍ୟାପକ/ ଅଧ୍ୟାପିକା ମାନଙ୍କ ଅବଦାନ ରହିଛି ବୋଲି କହିଥିଲେ। ଗୀତା ଡି. ରାଜନ ମଧ୍ୟ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ଅବିନାଶ ପଧାନ ଓ ସୌମ୍ୟା ରଞ୍ଜନ ଭେସରା କାର୍ଯ୍ୟକ୍ରମର ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ।

## ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ୫୧ ମାମଲାର ସମାଧାନ

**ସମ୍ବଲପୁର, ୨୭।୭ (ସମିସ):** ସମ୍ବଲପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସିଭିଲ ଅଦାଲତ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ. ଆଇ ଆକ୍ଟ ସମ୍ପର୍କିତ ଚେକ୍ ବାଉନ୍ସ ମାମଲା ଗୁଡ଼ିକର ବିଚାର କରାଯାଇ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଜିଲ୍ଲା ଓ ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଏଡିଜେ(ପ୍ରଥମ) ଶିବ ପ୍ରସାଦ ମିଶ୍ର, ଏବଂ ଏଡିଜେ(ଦ୍ୱିତୀୟ) ପ୍ରିୟବ୍ରତ ଦାଶ, ଏସଡିଜେଏମ୍ ଶୁଭଙ୍କର ମହାପାତ୍ର, ଜେଏମ୍ଏଫ୍‌ସି ସିଦ୍ଧାନ୍ତ ମିଶ୍ର ଏବଂ ସ୍ୱୟଂଶିକ୍ତା ପତି, ସିଭିଲ ଜଜ୍ ଜେଏମଏଫସି ପାର୍ଥ ପ୍ରତୀକ, ସିଭିଲ ଅଦାଲତ ସମୂହର ରେଜିଷ୍ଟ୍ରାର ନିହାର ରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସିନିୟର ସିଭିଲ ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ଏହି ଲୋକ ଅଦାଲତକୁ ସଂଯୋଜନା କରିଥିଲେ। ଏଥିରେ ୫୧ ଟି ମାମଲାର ବିଚାର କରାଯାଇ ୧କୋଟି ୧୩ ଲକ୍ଷ ୫୧ ହଜାର ୩୭୦ ଟଙ୍କା ୧୦ ପଇସାରେ ସେଟେଲମେଣ୍ଟ କରାଯାଇଥିଲା।

## ଏସ୍‌ଜେ ଫିଟ୍‌ନେସ୍ ପକ୍ଷରୁ ଚାରାରୋପଣ



**ସମ୍ବଲପୁର, ୨୭।୭(ସମିସ):** ଏସଜେ ଫିଟନେସ୍ ପରିବାର ପକ୍ଷରୁ ସମ୍ବଲପୁରର କାଇଁସିର ଯୋଗୀପାଲି ଅଞ୍ଚଳରେ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାୟ ୫୦୦ଟି ଚାରା ରୋପଣ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ଓ ଡିଏଫଓ ସମ୍ବଲପୁର ଅତିଥି ଭାବେ ଯୋଗ ଦେଇଥିଲେ। 'ଏକ ପେଡ୍ ମା କେ ନାମ ଅଭିଯାନର ଏହାର ଏକ ପ୍ରୟାସ ଥିଲା। ଫିଟନେସର ସମସ୍ତ ଟ୍ରେନର୍, କୋଚ୍ ଓ ଜିମ୍ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସୁସ୍ଥ ଜୀବନ ପାଇଁ ଶୁଦ୍ଧ ଓକ୍ସିଜେନ୍ ଦେଉଥିବା ବୃକ୍ଷ ମଧ୍ୟ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ରାହୁଲ ମୋଦକ, ନାରାୟଣ ମିଶ୍ର, ହିମାଂଶୁ ଶର୍ମା, ରୋଶନ ଶର୍ମା, ରମେଶ ଦରୱାନ, ମନିଶ ମୁଣ୍ଡା ଓ ରିତୁ ନାଗ ପ୍ରମୁଖ ସହଯୋଗ କରିଥିଲେ। ସବୁଜ ସମ୍ବଲପୁର କରିବା ଅଭିଯାନରେ ପ୍ରତି ରବିବାର ଫିଟନେସ ପରିବାର ପକ୍ଷରୁ ଗଛ ଲଗାଇବା ନେଇ ଯୋଜନା କରାଯାଇଛି।

**ସବୁଜ ସମ୍ବଲପୁର କରିବାର ଅଭିଯାନ**

## ବୁର୍ଲାରେ ଏକତା ମଞ୍ଚର ସାଂସ୍କୃତିକ ଶୋଭାଯାତ୍ରା

**ସମ୍ବଲପୁର, ୨୭।୭(ସମିସ):** ସମ୍ବଲପୁରୀ ଏକତା ମଞ୍ଚ ବୁର୍ଲା ଆନୁକୂଲ୍ୟରେ ଗୁରୁ ସତ୍ୟନାରାୟଣଙ୍କ ଜନ୍ମଦିନ ଅବସରରେ ଅଗଷ୍ଟ ୧ ତାରିଖରେ ପାଳିତ ହେଉଥିବା ସମ୍ବଲପୁରୀ ଦିନ ଲାଗି ବୁର୍ଲାରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବୁର୍ଲା ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ଏକ ମଶାଲ ଧରି ଭୀମସାରର ପ୍ରାକ୍ତନ ଅଧକ୍ଷ ସମ୍ବଲପୁରୀ ଏକତା ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ବ୍ରଜମୋହନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମାପ୍ତ ହୋଇଥିଲା। ପ୍ଲାନେଟୋରିୟମ ଛକରୁ ବାହାରିଥିବା ଶୋଭାଯାତ୍ରାରେ ମା' ସମଲେଶ୍ୱରୀଙ୍କ ପ୍ରତିମୂର୍ତ୍ତି ଓ ମନ୍ଦିରର ଆକୃତି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। ସମସ୍ତ ସମ୍ପ୍ରଦାୟ, ବିଭିନ୍ନ ଅନୁଷ୍ଠାନ, ସାଂସ୍କୃତିକ ଜନକଲ୍ୟାଣ ସଂସ୍ଥା, ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏହି ସମାବେଶରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ମୁଖ୍ୟ ବଜାରର ପେଟ୍ରୋଲ ପମ୍ପ ଛକରୁ ପରିଭ୍ରମଣ କରି ସରକାରୀ ଉଚ୍ଚ ବିଦ୍ୟାଳୟରେ ସମାପ୍ତ ହୋଇଥିଲା। ସମ୍ବଲପୁରୀ ଏକତା ମଞ୍ଚ, ବୁର୍ଲାର ସମସ୍ତ ସଦସ୍ୟ ଓ ବୁର୍ଲାର ଅନେକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସମସ୍ତ ସହଯୋଗ କରିଥିଲେ। ସମ୍ବଲପୁରୀ ଦିନକୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳା ସହ ପାଳିତ କରିବା ପାଇଁ ସହମତି ଦେଇଥିଲେ।

■ ୬୩ ବର୍ଷ ପରେ ସଫଳତା

## ସାହାଣୀ କପ୍ ଫାଇନାଲରେ ସମ୍ବଲପୁର ଫୁଟବଲ ଟିମ୍



**ସମ୍ବଲପୁର, ୨୭।୭(ସମିସ):** ୬୩ ବର୍ଷ ପରେ ସମ୍ବଲପୁର ଫୁଟବଲ ଦଳକୁ ସଫଳତା ମିଳିଛି। ଆନ୍ତଃଜିଲ୍ଲା ସିନିୟର ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପର ଫାଇନାଲରେ ସମ୍ବଲପୁର ପ୍ରବେଶ କରିଛି। ବ୍ରହ୍ମପୁରର ମହାତ୍ମାଗାନ୍ଧି ଷ୍ଟାଡିୟମରେ ଆୟୋଜିତ ସେମିଫାଇନାଲରେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ କଡ଼ା ଟକ୍କର ହୋଇଥିଲା। କୋରାପୁଟକୁ ପରାଜୟ କରି ଏହି ଦଳ ଫାଇନାଲ ପ୍ରବେଶ କରିଛି। ଏହି ଖବର ପାଇ ସମ୍ବଲପୁର ଫୁଟବଲ ପ୍ରେମୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ଟିମ ମ୍ୟାନେଜର ଓ ହେଡକୋଚ କୃଷ୍ଣଚନ୍ଦ୍ର ଶତପଥୀ, କୋଚ ବିଶ୍ୱଜିତ ବଞ୍ଚୋର, ସୁବ୍ରତ ଚାନ୍ଦ, ଫୁଟବଲ ସମ୍ପାଦକ ଅବଦୁଲ ଗଫର ଓ ସାଧାରଣ ସମ୍ପାଦକ ସୁନୀଲ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

## ସମ୍ବଲପୁରୀ ଦିନ୍ ପାଇଁ ସାଂସ୍କୃତିକ ଶୋଭାଯାତ୍ରା




**ସମ୍ବଲପୁର, ୨୭।୭(ସମିସ):** ସମ୍ବଲପୁର ଜେଲ ଛକ ନିକଟରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ସମ୍ବଲପୁରୀ ଡେରା ଠାରେ ୧୩ ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ଆୟୋଜିତ ହେବ। ସମ୍ବଲପୁରୀ ଦିନ ଆୟୋଜନ ପୂର୍ବରୁ ରବିବାର ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଇଷ୍ଟଦେବୀ ସମଲେଇଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ପରେ ବାଲିବନ୍ଧା ମନ୍ଦିର ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସମ୍ବଲପୁରର କଳାକାର ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତାମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ହାଟପଡ଼ା, ଦଲେଇପଡ଼ା, ମୁନିସିପାଲିଟି ଛକ ଦେଇ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାକୁ ପହଞ୍ଚିଥିଲା। ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବରିଷ୍ଠ ଆଇନଜୀବୀ ଡ.ପ୍ରମୋଦ ରଥ ମଧ୍ୟ ଶୋଭାଯାତ୍ରାରେ ସମିଲ ହୋଇ ସମସ୍ତଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଏହାପରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପ୍ରତିମୂର୍ତ୍ତି ଓ ସତ୍ୟ ନାରାୟଣ ବହିଦାରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ ଶତାଧିକ କଳାକାର ପଶ୍ଚିମାଞ୍ଚଳ ଯୁବ ଏକତା ମଞ୍ଚ, ଯୋଗ ପରିବାର, ଆପ୍ରାଇଜ ମହାବିଦ୍ୟାଳୟ ଏବଂ ନାରୀଶକ୍ତିର ସଦସ୍ୟ ମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଝୁନୁ ତ୍ରୀପାଠୀ ପଙ୍କଜିନୀ ମେହେର, କାନ୍ତୀ ମେହେର, ସ୍ୱସ୍ତିକା ନାୟକ, ପଙ୍କଜିନୀ ବୈଠାରୁ, ସଂଘମିତ୍ରା ପଣ୍ଡା, ଶ୍ରୀମୟୀ ସାହୁ, ଭୂମୀସୂତା ମେହେର, ଲତିତା ଭୋଇ, ଯାମିନୀ ଠାକୁର, ଜୁଲି ମହାପାତ୍ର, ଅଳକା ମହାପାତ୍ର, ସୁଜାତା ଗୁରୁ, ଛବି ପତି, ତୃପ୍ତୀ ପଣ୍ଡା, ଦେବୀ ପ୍ରସାଦ ଭୋଇ, ପଥମ ପଣ୍ଡା, ସ୍ୱୟଂ ପ୍ରକାଶ ପଣ୍ଡା, ଦଶରଥ ମେହେର, ରାଜେଶ ସ୍ୱାଇଁ, ରାହୁଲ ମୋଦକ, ରାହୁଲ ଗୁପ୍ତା, କିଶୋର ଧରେଇ, ସୁରେନ୍ଦ୍ର ବରର୍ଗୀ, ନିଶିକାନ୍ତ ବିଶ୍ୱାଲ, କ୍ଷିତୀଶ ବାଗ, ହିମାଂଶୁ ସାହୁ, ପ୍ରାଶିସ ପଣ୍ଡା, କୃଷ୍ଣ ଚନ୍ଦ୍ର ବାଗ, ବିଭୂତି ଭୂଷଣ ବାଗ, ଅମିତାଭ ମାଝୀ, କାହ୍ନୁରାମ ଶର୍ମା, ଅମନ ଚିରଗୁନ, ରାମଦାସ ପଣ୍ଡା, ମନୋଜ ସାହୁ, ଶିବ ଦିୱାନ, ସୁବ୍ରତ ପ୍ରଧାନ, ଶଙ୍କର ମେହେର, ସୁବୋଧ ଦୋରା, ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ବକ୍ସି ପ୍ରମୁଖ ସାମିଲ ଥିଲେ।

**ସମ୍ବଲପୁରୀ ପିନ୍ଧି ନାଚିଲେ କଳାକାର**

## ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୨୭।୭(ସମିସ):** ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପାଇଁ ଜଳଛକ ନିକଟସ୍ଥ ସମ୍ବଲପୁର କଳାକେନ୍ଦ୍ର ଠାରେ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ ପାଞ୍ଚଟି ବିଭାଗରେ ୧୧୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଲୋକନାଥ ପୂଜାରୀ, କାସିମ ଖାନ, ସୁବ୍ରତ କୁମାର ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ସୁଷମା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର ପଞ୍ଜୀକରଣ ଦାୟିତ୍ୱରେ ନର୍ମଦା ପଧାନ ଏବଂ ଗୋପ ରଞ୍ଜନ କୁମ୍ଭାର ରହିଥିବାବେଳେ ଆୟୋଜନରେ ଅନୁପମା ବିଶ୍ୱାଳ, କିଶୋର ଧରେଇ, ପ୍ରସୀଷ ପଣ୍ଡା, ଅନିକେତ ସାହୁ, ଅମିତ ଦାସ, ପ୍ରଜ୍ଞା ପ୍ରଧାନ, ରାହୁଲ ଗୁପ୍ତା, ରାଜେସ ସ୍ୱାଇଁ, ସ୍ୱୟଂ ପ୍ରକାଶ ପଣ୍ଡା, ପ୍ରଥମ ନାରାୟଣ ପଣ୍ଡଶ, ଅବିନାଶ କାନ୍ତ, ଅନିକେତ ସାହୁ, ଅମିତ କୁମାର ଦାସ, ପ୍ରେମ ସାହାଣୀ, ଶୁଭଶ୍ରୀ ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଦିଆଯିଥିବା ବେଳେ ଆସନ୍ତା ୩୧ ତାରିଖରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।

## ନିୟମ ଫୁ, ଗୋଟିଏ ସ୍କୁଟିରେ ୭ଜଣ

**ସମ୍ବଲପୁର, ୨୭।୭(ସମିସ):** ସରକାରୀ ନିୟମକୁ ଫୁ। ବିପଦ ସଙ୍କୁଳନ ଭାବେ ସ୍କୁଟି ଚାଳନା। ସ୍କୁଟିରେ ପ୍ରାୟତଃ ୨ଜଣ କିମ୍ବା ୩ଜଣ ବସିଥାନ୍ତି।



ଦୁଇଜଣ ନିୟମ ଥିଲେ ମଧ୍ୟ ଆବଶ୍ୟକ ସ୍ଥଳେ ଏହାର ବ୍ୟତିକ୍ରମ ଦେଖାଦିଏ। କିନ୍ତୁ ସମ୍ବଲପୁର ସହରରେ ଗୋଟାଏ ସ୍କୁଟିରେ ୭ ଜଣ ବସି ଯାଉଥିବା ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଓଡ଼ି ୧୫ ଏସିମ୩୬୮ ନମ୍ବର ବିଶିଷ୍ଟ ସ୍କୁଟିରେ ଝୁଲି ୨ଜଣ ମୋଟ ୭ଜଣ ବସି ଗାଡ଼ି ଚାଳନା କରାଯାଉଛି। ହାମ ହେ ମାଫିଆ ଗୀତ ଗାଇ ରାସ୍ତାରେ ବୁଲୁଛନ୍ତି।

## ସିଆରପିଏଫ୍‌ର ୮୭ତମ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୭।୭(ସମିସ):** ଦେଶର ସର୍ବୋତ୍ତମ ଏବଂ ଗୌରବଶାଳୀ ଅର୍ଦ୍ଧସାମରିକ ବାହିନୀ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ(ସିଆରପିଏଫର) ୮୭ ତମ ପ୍ରତିଷ୍ଠା ଦିବସ ସମ୍ବଲପୁର ଗୌଶାଳାର ଗ୍ରୁପ୍ ସେଣ୍ଟରରେ ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏହାସହ ସମସ୍ତ ସାହସୀ ସୈନିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରତିଷ୍ଠା ଦିବସରେ ଅଭିନନ୍ଦନ ଜଣାଇଥିଲେ। ଏହା ବ୍ୟତୀତ, ପୁଲିସ ଉପ ମହାନିରୀକ୍ଷକଙ୍କ ଅଭିଭାଷଣରେ ୨୭ ଜୁଲାଇ ୧୯୩୯ ରେ ସିଆରପିଏଫ୍ ପ୍ରତିଷ୍ଠା ତାରିଖରୁ ଆଜି ପର୍ଯ୍ୟନ୍ତ ବାହିନୀ ଦ୍ୱାରା କରାଯାଇଥିବା ସାହସ/ ବୈରାଗ ଏବଂ ବଳିଦାନର ଇତିହାସର କାହାଣୀ ଉଲ୍ଲେଖ କରାଯାଇଥିଲା। ଯେଉଁଥିରେ



ମୁଖ୍ୟତଃ ହଟ୍ ସ୍ପ୍ରିଙ୍ଗ୍ ଲଦାଖରେ ଚୀନ୍ ସେନା ଏବଂ ସର୍ଦ୍ଦାର ପୋଷ୍ଟ କଚ୍ଛରେ ପାକିସ୍ତାନୀ ସେନାକୁ ପରାସ୍ତ କରିବାର ବିଜୟ ଗାଥା ଉଲ୍ଲେଖ କରାଯାଇଥିଲା ଏବଂ ସହିଦମାନଙ୍କୁ ମନେ ପକାଇଥିଲେ। ସେ ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ସିଆରପିଏଫ୍‌ର କର୍ତ୍ତବ୍ୟ ଏବଂ ସଫଳତା ବିଷୟରେ ଉପସ୍ଥିତ ସୈନିକମାନଙ୍କୁ ବୁଝାଇଥିଲେ। ଭାରତ ମାତା କି ଜୟ ସ୍ଲୋଗାନରେ ଗ୍ରୁପ ସେଣ୍ଟରରେ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଫିଟ୍ ଇଣ୍ଡିଆ ଅଧୀନରେ ସାଇକେଲ ରାଲି, ଚାରାରୋପଣ କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନ ପରି ଅନେକ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାହିନୀର ପରମ୍ପରା ଅନୁଯାୟୀ ସୈନିକ ସମ୍ମିଳନୀ, ପିଲାମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା, ସୈନିକ ମାନଙ୍କ ମଧ୍ୟରେ ଫୁଟବଲ୍ ଏବଂ ଭଲିବଲ୍ ଖେଳ ଅନୁଷ୍ଠିତ ହୋଇଥିଲା।

# ସମ୍ବଲପୁରରେ କଫସିରପ୍ ନିଶା ଟ୍ରେଣ୍ଡ

ସମ୍ବଲପୁର, ୨୭।୭ (ସମିସ)

ସମ୍ବଲପୁର ସହରରେ କଫ୍‌ସିରପ ନିଶା କାୟା ବିସ୍ତାର କରିଛି। ପୁଲିସ ଅବକାରୀ ଯେତେ ଚଢ଼ଉ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଏହାର ବେଆଇନ ବିକ୍ରି ଉପରେ ଅଙ୍କୁଶ ଲଗାଇପାରୁନି। ଦୁଇଟି ଥାନା ଅଞ୍ଚଳରେ ଚଢ଼ଉ କରି ବିପୁଳ ମାତ୍ରାରେ କଫ୍‌ସିରପ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ଧନୁପାଲି ପୁଲିସ ଖବର ପାଇ ଅଭିଯୁକ୍ତଙ୍କୁ





ଧରିବା ସହ ସାମଗ୍ରୀ ଉଦ୍ଧାର କରିଛି। ଧନୁପାଲି ପୁଲିସ ୧୪୪୦ ବୋତଲ କଫ୍‌ସିରପ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ବରଗଡ଼ ମେଲଛାମୁଣ୍ଡ ଥାନା ଅଧୀନ ସଲେପାଲିର ନରେନ୍ଦ୍ର ବେହେରା(୨୮) ଓ ସୋହେଲା ଥାନା ଅନ୍ତର୍ଗତ ମଥୁରାପାଲିର ନିର୍ମଳ ଲୁହାର(୨୫)। ସେମାନଙ୍କ ନିକଟରୁ ବ୍ୟବହୃତ ଚାରିଚକିଆ ଡାଲା ଗାଡ଼ି, ୨ଟି ମୋବାଇଲ ଓ ୨୧ ହଜାର ନଗଦ ଟଙ୍କା ଜବତ କରିଛି। ରବିବାରେ ସକାଳେ ଥାନା ଅଧିକାରୀ ଅଜୟ ମହାକୁଡ଼ଙ୍କ ନିକଟକୁ କଟକରୁ ସମ୍ବଲପୁର ଅଭିମୁଖେ ବିପୁଳ ମାତ୍ରାରେ କଫ୍‌ସିରପ ଚୋରାଚାଲଣ ହେଉଥିବା ନେଇ ଖବର ଆସିଥିଲା। ଥାନା ଆଇଆଇସି ଟିମ୍ ଗଠନ କରି ପାଟ୍ରୋଲିଂ ଗାଡ଼ିକୁ ଖବର ଦେଇଥିଲେ। ତେଲ ଡିପୋ



**ପୁଲିସ ଜବତ କଲା ୧୫୨୫ ବୋତଲ**

**୩ ଗିରଫ ସହ, ଗାଡ଼ି ଜବତ**

**ପିଇବା ଶୈଳୀ ସୋସିଆଲ ମିଡ଼ିଆରେ ଭାଇରାଲ**

ନିକଟରେ ପାଟ୍ରୋଲିଂ ଗାଡ଼ି କଫସିରପ ବୋଝେଇ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଗାଡ଼ି ସେଠାରେ ନ ରହି ଫେରାର ମାରିଥିଲା। ପରେ ଦୌଡ଼ାଇ ଗାଡ଼ିକୁ ଅଟକାଯାଇଥିଲା। ଗାଡ଼ିରୁ ଉପରୋକ୍ତ ସାମଗ୍ରୀ ବାହାରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେହିପରି ବୁର୍ଲା ପୁଲିସ ଶନିବାର ରାତିରେ ଦେଶୀ ମଦ ଓ ବେଆଇନ କଫ୍‌ସିରପ ବିକ୍ରି ଅଭିଯୋଗରେ ପଠାନବନ୍ଦର ପ୍ରସାନ୍ତ କଲେତ(୨୩)କୁ ଗିରଫ କରିଛି। ବୁର୍ଲା ଏନ୍ଏସିକଲେଜ ପଛରେ ବେଆଇନ ଭାବେ କଫ୍‌ସିରପ ବିକ୍ରି କରୁଥିବା ଖବର ପାଇଥିଲା। ପରେ ଘଟଣାସ୍ଥଳରୁ ଅଭିଯୁକ୍ତକୁ ଗିରଫ କରିବା ସହ ୮୫ ବୋତଲ କଫ୍‌ସିରପ, ୧ ଲିଟର ତରଳ ପଦାର୍ଥ, ୭ଟି କଫ୍‌ସରିପ ଖାଲି ବୋତଲ, ୨ଟି କ୍ୟାପ, ୬ଟି ନିଶା ଟ୍ୟାବଲେଟ ଷ୍ଟ୍ରିପ ଓ ୩୨ ଟି ଦେଶି ମଦ ପାଉଚ ଜବତ କରିଥିଲା। ସମ୍ବଲପୁର ଜିଲ୍ଲାରେ ବେଇଆଇନ ନିଶା କାରାବାର ମାତ୍ରାଧିକ ପରିମାଣରେ ବଢ଼ିଯାଇଛି। ପୁଲିସ ବିଭିନ୍ନ ସମୟରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ କରୁଛି। କିନ୍ତୁ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇ ପାରୁନାହିଁ। ନିଶା କାରବାର ବଢ଼ିବାରେ ପ୍ରମୁଖ କାରଣ ହେଉଛି ପରିତ୍ୟକ୍ତ ଗୃହ। ସହରରେ ଅନେକ ପରିତ୍ୟକ୍ତ ଗୃହ, କାର୍ଯ୍ୟାଳୟ ରହିଛି। ବର୍ଷ ବର୍ଷ ଧରି ଏହି ଗୃହ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବେଆଇନ ନିଶା କାରବାର ମାଫିଆଙ୍କୁ ଏହି ପରିତ୍ୟକ୍ତ ଗୃହଗୁଡ଼ିକ ବେଶ ସୁହାଉଛି। ଅଚଳ ଅବସ୍ଥାରେ ପଡ଼ି ରହଥିବାରୁ କାହାର ନଜର ଯାଉନାହିଁ। ମାଫିଆ ମାନେ ଏହାର ଫାଇଦା ଉଠାଉଛନ୍ତି। କେବଳ ନିଶାକାରବାରର ପେଣ୍ଠସ୍ଥଳୀ ପାଲଟି ନାହିଁ, ବିଭିନ୍ନ ଅପରାଧିକ କାର୍ଯ୍ୟକଳାପର ଯୋଜନା ହେଉଛି। ମାଫିଆମାନେ ମୁଖ୍ୟତଃ ଭାବେ କଲିକତାରୁ ମାତ୍ରାଧିକ ପରିମାଣରେ କଫ୍‌ସିରପ ସମ୍ବଲପୁରକୁ ଆଣୁଛନ୍ତି। ପରେ ଏପରି ପରିତ୍ୟକ୍ତ ଗୃହ ମାଟି ତଳେ ସମସ୍ତ ବୋତଲ ଲୁଚାଇ ରଖାଯାଉଛି। ପରେ ଛୋଟ ଛୁଆ, ମହିଳା ଓ ଯୁବକଙ୍କ ମାଧ୍ୟମରେ ହୋଲ ସେଲରେ ବୁର୍ଲା ସମ୍ବଲପୁର ହୀରାକୁଦ ଆଦି ଅଞ୍ଚଳକୁ ପଠାଯାଉଛି। ପୁଲିସ ଯେପରି ଜାଣି ପାରିବ ନାହିଁ ତା ପାଇଁ ମଧ୍ୟ ସ୍ୱତନ୍ତ୍ର ଯୋଜନା କରାଯାଉଛି। ବାଇକ ଯୋଗେ ଛୋଟଛୋଟ ପ୍ୟାକେଟରେ କମ ପରିମାଣରେ ବୋତଲ ବିଭିନ୍ନ ଅଞ୍ଚଳକୁ ପଠାଯାଉଛି। କଲିକତାରୁ ବେଳେ ବେଳେ ତରଳ ପଦାର୍ଥ, ଖୋଲା ବୋତଲ ଓ ନିଶା ଟାବେଲଟ ଆସୁଛି। ଅଧିକ ନିଶା ପାଇଁ ବେଶି ପରିମାଣାର ଟାବଲେଟ ମିଶାଇ କଫସିରପ ପ୍ରସ୍ତୁତ କରାଯାଉଛି। ପରେ ସବୁ ଅଞ୍ଚଳକୁ ପଠାଯାଉଛି। କିଛି ଦିନ ପୂର୍ବରୁ ଏକ ବରଯାତ୍ରୀରେ ପେଟି ପେଟି କଫ୍‌ସିରପ ବୋତଲ ପିଉଥିବା ଚିତ୍ର ସାମ୍ନାକୁ ଆସିଥିଲା। ଏହା ସହ କିପରି ଏହି କଫ୍‌ସିରପ ସେବନ କରାଯାଏ ତାହାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ମଧ୍ୟ ହେଉଛି। ଏହି ନିଶା ବିଶେଷ ଭାବେ ଯୁବପିଢିଙ୍କୁ ଆକୃଷ୍ଟ କରୁଛି। ସେମାନେ ନିଶାସେବନ ପରେ ଅପରାଧିକ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

■ ଗଡ଼ଗାଁକୁ ପକ୍କାରାସ୍ତା କେବେ

# ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଗାଁକୁ ରାସ୍ତାଟିଏ ନାହିଁ

**ପାଇକମାଳ, ୨୭।୭(ସମିସ):** ପାଇକମାଳ ବ୍ଲକ କାଂସଡା ପଞ୍ଚାୟତ ଗଡ଼ଗାଁକୁ ଏପର୍ଯ୍ୟନ୍ତ ସବୁଦିନିଆରାସ୍ତା ନିର୍ମାଣ ହୋଇ ପାରିନାହିଁ। ପାଇକମାଳ ବ୍ଲକ କାର୍ଯ୍ୟାଳୟରୁ ଗଡ଼ଗାଁର ଦୂରତା ପ୍ରାୟ ୧୦ କିମି ହୋଇଥିବା ବେଳେ ବିଜୁ ଏକ୍ସପ୍ରେସ୍ ୱେରୁ ମାତ୍ର ୬ କିମି ଦୂରତା ଅଛି। ବିଜୁ ଏକ୍ସପ୍ରେସ୍ ୱେରୁ ମୁନିକେଲ ୩ କିମିରାସ୍ତା ପ୍ରଧାନ ମନ୍ତ୍ରୀ ସଡକ ଯାଇଥିବା ବେଳେ ମୁନିକେଲରୁ ଗଡ଼ଗାଁ ପର୍ଯ୍ୟନ୍ତ ସବୁଦିନିଆ ପକ୍କାରାସ୍ତା ହୋଇପାରୁନାହିଁ। ଷଷ୍ଠରୁ କଲେଜ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀ ଉକ୍ତରାସ୍ତା ଦେଇ ପାଠ ପଢ଼ିବାକୁ ଆସିଥାନ୍ତି। ଗାଁବାସୀ ବିଭିନ୍ନ କାମରେ ପାଇକମାଳକୁ ଆସିଥାନ୍ତି। ବର୍ଷା ଦିନରେ ଆମ୍ବୁଲାମ୍ସ ମଧ୍ୟ ଗାଁକୁ ଯାଇପାରୁ ନାହିଁ। ଉକ୍ତରାସ୍ତା ନିର୍ମାଣ ପାଇଁ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଗାଁବାସୀ ଦୃଷ୍ଟି ଆର୍କଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷପ ନିଆଯାଉ ନଥିବାର ଅଭିଯୋଗ ହୋଇଛି। ସ୍ୱାଧିନତାର ୭୫ବର୍ଷ ଅତିକ୍ରମ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଗାଁକୁରାସ୍ତାଟିଏ ନହେବା ପରିତାପର ବିଷୟ ଅଟେ। ପାଇକମାଳ ବ୍ଲକ ପ୍ରଶାସନ ତୁରନ୍ତ ଗଡ଼ଗାଁକୁରାସ୍ତା ନିର୍ମାଣ କରିବାକୁ ଗଜେନ୍ଦ୍ର ଡନସେନା, ପ୍ରିତବାସ ଭୋଇ, ସତ୍ୟବାନ ବିଶ୍ୱାଳ, ବିଶ୍ୱଜିତ ସାହୁ, କାର୍ତ୍ତିକ କୈବର୍ତ୍ତ, ଚୈତନ୍ୟ ଭୋଇ ପ୍ରମୁଖ ଦାବି କରିଛନ୍ତି।



ଏନ୍‌ଏଚ୍ ସ୍ଥିତି ସମୀକ୍ଷା କଲେ ବିଧାୟକ

# ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ରେଢ଼ାଖୋଲ, ୨୭।୭(ସମିସ)



ସମ୍ବଲପୁର କଟକ ୫୫ ନମ୍ବର ଜାତୀୟ ରାଜପଥର ଚାରିଥାକିଆ ସମ୍ପ୍ରସାରଣ କାର୍ଯ୍ୟ ୯ ବର୍ଷ ହେଲାଣି କାମ ଚାଲିଛି କିନ୍ତୁ ସମ୍ପୂର୍ଣ୍ଣ ହେଇପାରୁ ନାହିଁ। କିନ୍ତୁ ଯେତିକି କାମ ସରିଛି ସେସବୁ ନଷ୍ଟ ହେବାକୁ ବସିଲାଣି। ଏଥିରେ ରେଢାଖୋଲ ସହର ଦେଇ ଯାଇଥିବା ଏହି ଜାତୀୟ ରାଜପଥ ରାସ୍ତାଟି ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଏସବୁ ସମସ୍ୟା ନେଇ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ରେଢାଖୋଲ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଜାତୀୟ ରାଜପଥ ପ୍ରାଧୀକରଣ ଅଧିକାରୀ ଓ ଠିକା ସଂସ୍ଥା ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପରେ ସମ୍ବଲପୁର ରେଢାଖୋଲ ମଧ୍ୟରେ ହାତୀ ଚଲାପଥ ସ୍ଥାନର ନିର୍ମାଣଧୀନ ବ୍ରିଜ୍ ପରିଦର୍ଶନ କରି ବିଧାୟକ ଶ୍ରୀ ଆଚାର୍ଯ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଏଗ୍ରିମେଣ୍ଟ ସରିବାର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ରାସ୍ତାକାମ ଚାଲୁଛି, ଏହି କାମ ପାଇଁ ତିନି ତିନି ଟି ଠିକା ସଂସ୍ଥା ବଦଳିଲେଣି ବୋଧେ ସରକାରଙ୍କ ନିୟନ୍ତ୍ରଣରେ କିଛି ନାହିଁ ବୋଲି ପ୍ରତିକ୍ରିୟା ଦେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ ଭାବରେ ରେଢାଖୋଲ ନିର୍ବାଚନ ମଣ୍ଡଳୀ ଦେଇ ପ୍ରାୟ ୮୦ କି.ମି ଜାତୀୟ ରାଜପଥ୍ ରାସ୍ତା ଯାଇଛି। ଯାହାର ପରିଣାମ ରେଢାଖୋଲ ଅଞ୍ଚଳବାସୀ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ନିୟମିତ ଏହି ରାସ୍ତା ଦେଇ ଯାଉଥିବା ଖୋଲା ପାଉଁଶ ବୋଝେଇ ଡମ୍ଫର ଗାଡି କୁ ରାତିରେ ପରିବହନ କରାଯାଉ ଏବଂ ନିୟମ ଅନୁସାରେ ଡମ୍ଫର ଗାଡିରେ ସୁରକ୍ଷିତ ଭାବରେ ପାଉଁଶ ନେବା ଉପରେ ଗରୁତ୍ ଦିଆଯାଉ, ଏଥିପାଇଁ ବିଭାଗୀୟ କଡାକଡି ଯାଞ୍ଚ କରାଯାଉ, ସହରର ରାସ୍ତାକୁ ଅତିଶୀଘ୍ର ମରାମତି କରାଯାଇ ଏନେଇ ଆଲୋଚନା ପରେ ଅଧିକାରୀ ମାନଙ୍କୁ ବିଧାୟକ ତାଗିତ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ରେଢାଖୋଲ ସହର ରାସ୍ତାର ମରାମତି କାର୍ଯ୍ୟ ନ ସରିଲେ ଆନ୍ଦୋଳନ ପାଇଁ ରେଢ଼ାଖୋଲ ନାଗରିକ କମିଟି ଚେତାବନୀ ଦେଇଛନ୍ତି। ଲଗାଣ ବର୍ଷା ଯୋଗୁଁ ରାସ୍ତା ଖରାପ ହୋଇ ପଡ଼ିଛି, ସୁଖିଲା ପାଗ ହେଲେ ଅଳ୍ପ ଦିନରେ ମରାମତି କାର୍ଯ୍ୟ ସରିଯିବ ବୋଲି ଅପରେସନ ମେନ୍‌ଟନାସ ଲିଡର ଏବଂ ଏନଏଚଆଇ କହିଛନ୍ତି। ଏହି ବୈଠକରେ ଏନ୍‌ଏଚଆଇ ଅପରେସନ ମେଣ୍ଟାନାସ ଲିଡର ଅଧିକାରୀ ବିଦ୍ୟାଧର ପଣ୍ଡା, ଏଆଇପିଏଲ ମ୍ୟାନେଜର, ବ୍ଲକ ଅଧ୍ୟକ୍ଷ ତଥା ନାଗରୀକ କମିଟି ସଭାପତି ପ୍ରଦୀପ ପ୍ରଧାନ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରୁ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨୭ ।୭(ସମିସ):** ରବିବାର ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ସମ୍ମୁଖ ୱାର୍ଡ ନଂ ୬ ଶିଶୁ ଉଦ୍ୟାନ ପରିସରରେ ଥିବା ପୋଖରୀରେ ଏକ ମୃତଦେହ ଭାସୁଥିବା କିଛି ଲୋକ ଦେଖି କୁଚିଣ୍ଡା ପୁଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ଆସି ଶବକୁ ଦେଖିବା ପରେ ଶବ ପଚି ଯାଇଥିବାରୁ ସଫେଇ କର୍ମଚାରୀଙ୍କ ମାଧ୍ୟମରେ ପୋଖରୀରୁ ଶବ ବାହାର କରିଥିଲେ। ବହୁ ସମୟ ପରେ ଜଣାଗଲାଯେ ମୃତ ଯୁବକ ଦେବଗଡ଼ ଜିଲ୍ଲା ଲଇମୁରା ଅଞ୍ଚଳର ଡିମିରିକୁଦା କରଡ଼ାଖମନ ଗ୍ରାମର ଶ୍ରୀକ୍ଷେତ୍ର ବାଘ(୧୯)। ସେ ବହୁ ଦିନ ହେବ କୁଚିଣ୍ଡା ନିକଟସ୍ଥ ଲସା ଗ୍ରାମର ହଡ଼କୁଡିପାର ତାଙ୍କ ମାମୁଁ ସୁମନ୍ତ ବାଘଙ୍କ ଘରେ ରହି ଲେବର କାମ କରୁଥିଲେ। ଗତ ଗୁରୁବାର ସନ୍ଧ୍ୟାରୁ ଲସା ନିଜ ଘରକୁ ଯାଇ ନ ଥିବାରୁ ବହୁ ଖୋଜାଖୋଜି କରି ପାଇନଥିଲେ। ରବିବାର ମୃତ ଯୁବକ ର ଶବ ଭାସୁଥିବା ଖବର ପାଇ ତାଙ୍କ ନିଜ ଲୋକ ପହଞ୍ଚି ଚିହ୍ନଟ କରିବା ପରେ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି କୁଚିଣ୍ଡା ଡାକ୍ତରଖାନା ରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କୁ ବଦଳି ପାଇଁ ଦାବିପତ୍ର

**ବିଜେପୁର, ୨୭।୭(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ତହସିଲ ଅଧୀନ ତାଳପଦର ରାଜସ୍ୱ କାର୍ଯ୍ୟାଳୟରେ ଅବସ୍ଥାପିତ ରାଜସ୍ୱ ନିରୀକ୍ଷକଙ୍କ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଆବଶ୍ୟକୀୟ ପ୍ରମାଣ ପତ୍ର ପାଇଁ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ କାମ ପାଇଁ ସାଧାରଣ ଲୋକେ ବହୁ ହଇରାଣ ହେଉଥିବାର ଅଭିଯୋଗ ହୋଇଛି। ଜଣେ ମହିଳା ରାଜସ୍ୱ ନିରୀକ୍ଷକ ମାତ୍ରାଧିକ କ୍ଷମତା ପ୍ରୟୋଗ କରି ଜନସାଧାରଣଙ୍କ ସହ ଅସହଯୋଗ କରୁଛନ୍ତି। ଏଣୁ ଅଞ୍ଚଳବାସୀ ଅସନ୍ତୁଷ୍ଟ ହୋଇ ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ନିକଟରେ ଦାବି କରିଛନ୍ତି। ଏହାର ନକଲ କପି ବରଗଡ଼ ଜିଲ୍ଲାପାଳ ଓ ପଦ୍ମପୁର ଉପ ଜିଲ୍ଲାପାଳଙ୍କ ନିକଟରେ ପ୍ରଦାନ କରିଛନ୍ତି। ତାଳପଦର, ସାନ ବାଉଁସେନ, ଏମ ଶ୍ରିଗିଡା ଆଦି ପଞ୍ଚାୟତ ଅଧୀନ ବିଭିନ୍ନ ଗାଁର ଶତାଧିକ ଜନସାଧାରଣଙ୍କ ଦସ୍ତଖତ ଲିଖିତ ଦାବିପତ୍ରରେ ରହିଛି।

## କୁଚିଣ୍ଡା ଏନ୍‌ଏସି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କୁଚିଣ୍ଡା, ୨୭ ।୭(ସମିସ):** କୁଚିଣ୍ଡା ଏନ୍‌ଏସି ଅଧୀନରେ କାର୍ଯ୍ୟକ୍ରମ କରୁଥିବା ସ୍ୱଚ୍ଛସାଥୀମାନେ ରବିବାର ପୂର୍ବାହ୍ନରେ ଏନ୍‌ଏସିବାସୀଙ୍କୁ ଜନସଚେତନା ପାଇଁ ସ୍ୱଚ୍ଛସାଥୀମାନେ ପୁରୁଣା ବସଷ୍ଟାଣ୍ଡ ଶୌଚାଳୟଠାରୁ ଏକ ପଟୁଆରରେ ବାହାରି ଥିଲେ। ଏଥିରେ ସଫେଇ ଆପଣଓ ବେମାରୀ ବଚାଓ, ଗୋଡ଼ ହାତ ସଫା ସୁତାର, ଘର ଅଗଣା ସଫା ରଖିବା, ଆଖପାଖ ସଫା ରଖିବା, ବ୍ୟବହାର କରୁଥିବା ପାଇଖାନା, ନାଳ ନର୍ଦମା ଏବଂ ସର୍ବସାଧାରଣଙ୍କୁ ଅପକାରିତା ଓ ଉପକାରିତା ବିଷୟରେ କହିଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




**ବରଗଡ଼, ୨୭।୭(ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଯୁକ୍ତଦୁଇ ଜାତୀୟ ସେବା ଯୋଜନା ତରଫରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ପ୍ରଫେସର ସୁବଳ ମେହେର ଯୋଗ ଦେଇଥିଲେ। ସରସ ସୁନ୍ଦର ଭବିଷ୍ୟତ ଜୀବନ ଗଢ଼ିବା ପାଇଁ ହେଲେ ନିଶାମୁକ୍ତ ଜୀବନକୁ ବାଛିବା ନିଶାକୁ ନୁହେଁ ବୋଲି ସଭାରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏ ସଭା ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ସୁବାଷ ଚନ୍ଦ୍ର ଦାଶ, ଦିଲେଶ ମେହେର, ଅଧ୍ୟାପିକା ରୋଶିନୀ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ସୁରେଶ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ସାହୁଙ୍କ ପରଲୋକ

**ବିଜେପୁର, ୨୭।୭(ସମିସ):** ବରଗଡ଼ ଜିଲ୍ଲା ସରାଣ୍ଡାପାଲି ଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୁବନେଶ୍ୱର ସାହୁ (୭୮)ଙ୍କ ପରଲୋକ ଘଟିଛି। ଶାରୀରିକ ଅସୁସ୍ଥତା ଅନୁଭବ କରିବାରୁ ପରିବାର ବର୍ଗ ତାଙ୍କୁ ବରଗଡ଼ର



ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହେବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ଯିବା ବାଟରେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିଲା। ଶ୍ରୀ ସାହୁ ଗତ ୧୯୯୧ ଜନଗଣନା କାର୍ଯ୍ୟରେ ଉଲ୍ଲେଖନୀୟତା ସକାଶେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ପଛରେ ପତ୍ନୀ ଚାରିପୁଅ ବୋହୁ, ନାତି ନାତୁଣୀଙ୍କୁ ଛାଡିଯାଇଛନ୍ତି। ବଡ ପୁଅ ଧର୍ମେନ୍ଦ୍ର ସାହୁ ମୁଖାଗ୍ନି ଦେଇଥିବା ବେଳେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ବିଜେପି ମହିଳା ମୋର୍ଚ୍ଚାର ବୈଠକ



**ସମ୍ବଲପୁର, ୨୭।୭(ସମିସ):** ବିଜେପି ସମ୍ବଲପୁର ଜିଲ୍ଲା ମହିଳା ମୋର୍ଚ୍ଚାର ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ବୈଠକରେ ମହିଳା ମୋର୍ଚ୍ଚାର ଶୋଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ନେତୃତ୍ୱ ନେଇଥିଲେ। ମୋର୍ଚ୍ଚାର ବିଭିନ୍ନ ଅଧିକାରୀ, କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ଦଳର ବିଶିଷ୍ଟ ନେତାମାନେ ଉପସ୍ଥିତ ଥିଲେ। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କି ବାତ' କାର୍ଯ୍ୟକ୍ରମକୁ ସମୂହିକ ଭାବେ ଦେଖିଥିଲେ। ପରେ ଆଗାମୀ ଦିନରେ ଜିଲ୍ଲା ଭିତରେ ହେବାକୁ ଥିବା ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ, ଜନସଂଯୋଗ ଅଭିଯାନ, ସେବାମୂଳକ କାର୍ଯ୍ୟ ଓ ମହିଳାମାନଙ୍କ ସଶକ୍ତିକରଣ ବିଷୟରେ ବ୍ୟାପକ ଆଲୋଚନା ହୋଇଥିଲ।

## ଗରିବ ଭାଇ ଭଉଣୀଙ୍କୁ 'ଫିଡ୍'ର ଶିକ୍ଷା ସହାୟତା



**ବରଗଡ଼, ୨୭।୭(ସମିସ):** ବରଗଡ଼ର ଦାତବ୍ୟ ଅନୁଷ୍ଠାନ 'ଫିଡ୍'(ଫାଉଣ୍ଡେସନ୍ ଫର୍ ଏଜୁକେସନାଲ୍ ଆଣ୍ଡ ଇକୋନୋମିକ୍ ଡେଭେଲପମେଣ୍ଟ) ତରଫରୁ ବିଜେପୁର ବ୍ଲକ ଅଧୀନ ସୁରୁବାଲି ଗାଁର ଦୀପିକା ସୁନା ଏବଂ ତାଙ୍କ ଭାଇ ଇପକ୍ ସୁନାଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦୀପିକା ଓ ଇପକଙ୍କ ତାଙ୍କ ମାତାଙ୍କ ସହ ମାମୁଁ ଘରେ ରହୁଛନ୍ତି। ଦଶମ ପରେ ସେମାନେ ଯୁକ୍ତ ଦୁଇରେ ନାମ ଲେଖାଇବାକୁ ଚାହୁଁଥିଲେ। କିନ୍ତୁ ପାରିବାରିକ ଆର୍ଥିକ ଦୁର୍ବଳତା ସେମାନଙ୍କ ଶିକ୍ଷାରେ ବାଧକ ସାଜିଥିଲା। ସୂଚନା ପାଇ 'ଫିଡ୍' ଟ୍ରଷ୍ଟର ଚେୟାରମ୍ୟାନ ଫଣୀନ୍ଦ୍ର ତାଣ୍ଡି ଏବଂ ଅନ୍ୟ ସଦସ୍ୟ କ୍ରୀଷ୍ଟା ସୁନା, ଲକ୍ଷ୍ମଣ ଛୁରିଆ, ବୁଦ୍ଧଦେବ ବାରିକ, ଜୟରାମ ବାଗ ଓ ଈଶ୍ୱର ନାଗ ସୁରୁବାଲି ଗାଁକୁ ଯାଇ ଦୀପିକା ଓ ଇପକଙ୍କୁ ମିଳିତ ଭାବେ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବିଜେପୁର, ୨୭।୭(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଶାରୀରିକ ଶିକ୍ଷକ ସଂଘ ପକ୍ଷରୁ ଟି.ଗଣ୍ଡପାଲି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭରତ ସାଙ୍କ ପୌରୋହିତ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପହଣ୍ଡି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସରୋଜ ପୁରୋହିତ ଓ ସାଇପାଲି ଏମଇ ସ୍କୁଲର କ୍ରୀଡା ଶିକ୍ଷକ ଅମୂଲ୍ୟ ପଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଘ ସଭାପତି ସଚ୍ଚିଦାନନ୍ଦ ପଧାନ, ପୂର୍ବ ସମ୍ପାଦକ ସୁରେନ୍ଦ୍ର ପଧାନ, ବିଶିକେଶନ ମେହେର ଓ ଲିଙ୍ଗରାଜ ଖମାରୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ବାଳକୃଷ୍ଣ ପୋଢ଼ ସଭା ପରିଚାଳନା ଓ ସମ୍ପାଦକ ଭବାନୀ ସାହୁ ବିବରଣୀ ପାଠ କରିଥିଲେ। ଦଶରଥ ଗଡ଼ତିଆ, ହୃଦମଣୀ ସାହୁ, ଗଜାନନ ସାହୁ, ବିଶ୍ୱମ୍ବର ପଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଞ୍ଜୟ ସାହୁ, ଉମାକାନ୍ତ ଦଣ୍ଡସେନା, ହରେକୃଷ୍ଣ ସାହୁ, ସୁଶାନ୍ତ ରଞ୍ଜନ ପଧାନ, ଫକିର ମୋହନ ସାହୁ, ନୀଳାଚଳ ସାହୁ, ଚିତ୍ତରଞ୍ଜନ ସାହୁ, ଲୋକାରାମ ପଧାନ, ବିଜୟ ମଲ୍ଲିକଙ୍କ ସମେତ ଖେଳ ଶିକ୍ଷକ, ସ୍ଥାନୀୟ ବିଦ୍ୟାଳୟ ଶିକ୍ଷକ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# କାର୍ଗିଲ୍ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି





ବରଗଡ଼, ୨୭।୭(ସମିସ)

### ବିକାଶ ଲ'ସ୍କୁଲ

ବିକାଶ ଲ' ସ୍କୁଲରେ କାର୍ଗିଲ ଦିବସ ପାଳିତ ହୋଇଯାଇଛି। ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। ଛାତ୍ର ସତ୍ୟମ ସାହୁ ଓ ଦେବାଶିଷ ମିଶ୍ର କାର୍ଗିଲ ଯୁଦ୍ଧରେ ଭାରତୀୟ ସୈନ୍ୟମାନେ କିପରି ଭାବେ ନିଜର ଜୀବନକୁ ବଳି ଦେଇ ଦେଶକୁ ଶତ୍ରୁ କବଳରୁ ରକ୍ଷା କରିଥିଲେ ଓ ବିଜୟ ସ୍ୱାଦ ଦେଇଥିଲେ ତାହା ଉପରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଜୈମିନି ସାହୁ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ସାଗରିକା ବିଶ୍ୱାଳ, ରୋଜି ମେହେର, ସାଗତିକା ସାହୁ, ସୁଶୋ ଶୋଭିତା ଦାସ, ସନ୍ତୋଷୀ ସାହୁ ଓ ଲ'ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଶିବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



### କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍

ବରଗଡ଼ କ୍ରିଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ବୀର ସହୀଦ ମାନଙ୍କୁ ସ୍ମରଣ କରି କାର୍ଗିଲ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ଛାତ୍ରଛାତ୍ରୀଙ୍କୁ ବୀର ସହୀଦ ମାନଙ୍କ ଅମର ଗାଥା ଶୁଣାଇଥିଲେ। ନର୍ସରୀ, ଏଲ୍‌କେଜି ଓ ୟୁକେଜିର ଛାତ୍ରଛାତ୍ରୀ ଆର୍ମି ପୋଷାକ ପିନ୍ଧି ଭାରତ ମାତାର ଜୟଗାନର ନାରା ଦେଇଥିଲେ। ଦେଶଭକ୍ତି ନୃତ୍ୟ ଓ ଗୀତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

### ଆପ୍ରାଇଜ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ

ବରଗଡ଼ର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଆପ୍ରାଇଜ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ବରଗଡ଼ ଶାଖା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନେଇ କାର୍ଗିଲ ଯୁଦ୍ଧର ସହିଦ୍ ସୈନ୍ୟ ମାନଙ୍କ ଅମର ଅତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଛି। କାର୍ଯ୍ୟକ୍ରମରେ ଏକାଡେମୀର ହେଡ ଭିସ୍କଦେବ ଦାଶ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ, ଅଧ୍ୟାପକ ସରୋଜ ନାଏକ, ବିବେକାନନ୍ଦ ପୁରୋହିତ, ସତିକ୍ରାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ହୋଲି ହାର୍ଟସ୍ ପବ୍ଲିକ୍ ସ୍କୁଲ

ଅତାବିରା: ଅତାବିରା ସ୍ଥିତ ହୋଲି ହାର୍ଟ ପବ୍ଲିକ୍ ସ୍କୁଲରେ କାର୍ଗିଲ୍ ବିଜୟ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ନାଏବ ସୁବେଦାର ସପ୍ତସିନ୍ଧୁ ପ୍ରଧାନ, ହବିଲଦାର ନଜର ମହମ୍ମଦ ଓ ଏୟାରଫୋର୍ସ ଅଫିସର୍ ଅରୁଣ ବାରିକ ଯୋଗ ଦେଇଥିଲେ। କାର୍ଗିଲ ବିଜୟ ଉତ୍ସବରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ପଠନ ପ୍ରତିଯୋଗିତା ହୋଇଥିଲା। ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ପୂଜାରୀ, ଡାଇରେକ୍ଟର ସମିତ ପ୍ରଧାନ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅନୁସୟା ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଏମ୍.ରଜିତା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରାରୋପଣ ମାଧ୍ୟମରେ ସବୁଜ ପରିବେଶ ସଙ୍କଳ୍ପ

**କୁଚିଣ୍ଡା, ୨୭ ।୭(ସମିସ) :** ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) କୁଚିଣ୍ଡା ମହାବିଦ୍ୟାଳୟର ଉଦ୍ୟୋଗରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ +୩ ବିଭାଗ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର୍ ଅଧ୍ୟାପିକା ବେଲମତି କୁମୁରାଙ୍କ ନେତୃତ୍ୱରେ ୩୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ମୁଖ୍ୟ ଅତିଥି ଓ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ମଞ୍ଜୁଶ୍ରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସଂଘର ଜିଲ୍ଲା ପ୍ରେମତରୁ ଅଧିକାରୀ ପ୍ରଦୀପ କୁମାର ମହାଣା, ଆବାହକ ଦିଲୀପ ପାର୍ମାର, ଦେବରାଜ ସ୍ୱାଇ, ଯୁବ ସଂଯୋଜକ ମାନସ ରଞ୍ଜନ ପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଇଂରାଜୀ ଅଧ୍ୟାପକ କାହ୍ନୁ ଚରଣ ମୁନ୍ନା ଓ ଧନ୍ୟବାଦ ଜଣାଇଥିଲେ ଏନଏସଏସ ଅଧିକାରୀ ବେଲମତି କୁମୁରା।



## ଶିଶୁ ମନ୍ଦିରରେ ସଂକୁଳ ଶିକ୍ଷା ପରିଷଦ କର୍ମଶାଳା



**ହୀରାକୁଦ, ୨୭।୭(ସମିସ):** ସଂକୁଳ ସଂଯୋଜକ ଦେବରାଜ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ହୀରାକୁଦରେ ସଂକୁଳ ଶିକ୍ଷା ପରିଷଦ କାର୍ଯ୍ୟଶାଳା ଓ ଆଇ. ଟି. ଆର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ଦୀପ ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବୁର୍ଲା ସଂକୁଳର ସାତୋଟି ବିଦ୍ୟାଳୟରୁ ପ୍ରଧାନ ଆଚାର୍ଯ୍ୟ, ସମ୍ପାଦକ, କାର୍ଯ୍ୟାଳୟ ପ୍ରମୁଖ, ଆଧାର, ପ୍ରସ୍ତୁତି ଓ ମଧ୍ୟ ସ୍ତରର ମାତୃଭାଷା, ଇଂରାଜୀ ଓ ଗଣିତ ବିଷୟ ପ୍ରମୁଖ ଗୁରୁଜୀ ଗୁରୁମା ଯୋଗଦେଇ ଥିଲେ। ପଶ୍ଚିମ ସମ୍ଭାଗ କାର୍ଯ୍ୟାଳୟ ସହାୟକ ବିକ୍ରାନ୍ତ ବେହେରା ଉପସ୍ଥିତ ରହି ଆଇଟିଆର୍ ବିଷୟରେ ଆଲୋଚନା କରିଥିଲେ। ଏଥିରେ ସର୍ବମୋଟ ୮୪ ଜଣ ଯୋଗଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଯୋଗଦାନ କରିଥିଲେ। ବୌଦ୍ଧିକ ପରିଚାଳନା ବିଶ୍ୱନାଥ ମିଶ୍ର, ବିଜୟଲକ୍ଷ୍ମୀ ଦେବୀ, ସଂଯୁକ୍ତା ମିଶ୍ର କରିଥିଲେ।

ସକାଳ THE SAKALA



## କେବେ ବଦଳିବ ଡେରାବିଶ ରେଳଯାତ୍ରୀଙ୍କ ଭାଗ୍ୟ

# ବାଜିପଡ଼ା ଷ୍ଟେସନରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ନାହିଁ ସୁବିଧା

ଡେରାବିଶ, ୨୭।୭ (ସମିସ):




ଦୀର୍ଘ ବର୍ଷ ପରେ କେନ୍ଦ୍ରାପଡ଼ାବାସୀ ରେଳ ଲାଇନ ଦେଖିଲେ। ସେତେବେଳେ ଆଶା ଥିଲା ଏହି ରେଳ ରାସ୍ତାରେ ଓଡ଼ିଶାର ଅନ୍ୟ ଷ୍ଟେସନ ଭଳି ଯାତ୍ରୀବାହୀ ରେଳ ଚାଲିବ। ତେବେ ସରକାରଙ୍କ ପକ୍ଷରୁ ଏହି ଉଚ୍ଚତମ ରେଳ ରାସ୍ତାରେ କେବଳ ପାରାଦୀପକୁ ମାଲ ପରିବହନ କରାଗଲା। ପରେ ଜିଲ୍ଲାବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ଲାଇନ୍‌ରେ ପ୍ରତ୍ୟେକ ଦିନ ଗୋଟିଏ ଯାତ୍ରୀବାହୀ ଟ୍ରେନ୍ ଚାଲୁଛି। ଏହି ଯାତ୍ରୀବାହୀ ଟ୍ରେନ୍‌ଟି ପାରାଦୀପରୁ କେନ୍ଦୁଝରକୁ ଯାଉଛି। ଏଥିରେ କିଛି ମାତ୍ରାରେ ଯାତ୍ରୀ ମଧ୍ୟ ଡେରାବିଶ ବ୍ଲକ୍‌ର ବାଜିପଡ଼ା ଷ୍ଟେସନରୁ ଯାଉଛନ୍ତି। ଦୁଃଖର ବିଷୟ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଏକୁଟିଆ ଏହି ରେଳ ଷ୍ଟେସନକୁ ଯାଇ ଟ୍ରେନ୍‌ରେ ବସି ଗନ୍ତବ୍ୟ ସ୍ଥଳକୁ ଯାଇପାରିବନାହିଁ। କାରଣ ରେଳ ଷ୍ଟେସନର ଘର ଭିତର ଦେଇ ଯିବାକୁ ହେଲେ ତିନିମହଲା ଶିଡ଼ି ଚଢ଼ିଲା ପରେ ଯାଇ ଟିକେଟ୍ କାଉଣ୍ଟରକୁ ଯାଇ ଟ୍ରେନ୍‌ରେ ବସି ଯିବାକୁ ହେବ। ତେବେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଅନ୍ୟର ସହଯୋଗରେ ସେ ନା ଟିକେଟ୍ କାଉଣ୍ଟରକୁ ଯାଇପାରିବ, ନା ଟ୍ରେନ୍‌ରେ ବସିପାରିବ।

ଅନ୍ୟପକ୍ଷରେ ଏହି ରେଳପଥର ଉଚ୍ଚତା ପାଖାପାଖି ୨୫ରୁ ୩୦ ଫୁଟ। ଏହି ଷ୍ଟେସନକୁ ଯିବାକୁ ହେଲେ ନିର୍ମିତ ହୋଇଥିବା ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ଓ ତୀକ୍ଷ୍ଣ। ଯେଉଁଥିରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଯିବା ତ ଦୂରର କଥା ସାଧାରଣ ଲୋକଟିଏ ସାମାନ୍ୟ ଅସାବଧାନ ହେଲେ ପଡ଼ି ଖଣ୍ଡିଆ ଖାବରା ହେବା ନିଶ୍ଚିତ। ଏଥିସହିତ ରେଳ ବିଭାଗ ପକ୍ଷରୁ ବାଜିପଡ଼ାର ଯେଉଁ ସ୍ଥାନରେ ଏହି ରେଳ ଷ୍ଟେସନଟି ନିର୍ମାଣ କରାଯାଇଛି, ତାହା ଏକ ନିକାଞ୍ଚନ ସ୍ଥାନ। ଏଠାରୁ କୌଣସି ଅଟୋ କିମ୍ବା ବସ୍ ଯାଉ ନ ଥିବା ଜଣାଯାଇଛି। ଏପରିକି ସନ୍ଧ୍ୟାରେ କୌଣସି ଯାତ୍ରୀ ଏହି ଷ୍ଟେସନ୍‌ରୁ ଓହ୍ଲାଇଲେ ନିକଟସ୍ଥ ବସ୍‌ଷ୍ଟାଣ୍ଡକୁ ଯିବା ପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଏଥିସହ ଏଠାରୁ ନିକଟସ୍ଥ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ତିନିମୁହାଣି ବସ୍‌ଷ୍ଟାଣ୍ଡ କିମ୍ବା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଛତା ବସ୍‌ଷ୍ଟାଣ୍ଡ ପାଖାପାଖି ୪ରୁ ୫ କିଲୋମିଟର ଦୂର ହୋଇଥିବାବେଳେ ଷ୍ଟେସନରୁ ସେଠାକୁ ଯିବା ପାଇଁ କୌଣସି ଗାଡ଼ିର ସୁବିଧା ନାହିଁ।

ନିକାଞ୍ଚନ ସ୍ଥାନ ହୋଇଥିବାରୁ ସନ୍ଧ୍ୟା ପରେ ଏହି ସ୍ଥାନରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଥିବା ଶୁଣିବାକୁ ମିଳିଛି। ଏପରିକି ବର୍ଷା କିମ୍ବା ଝଡ଼ ତୋଫାନ ହେଲେ ଏହି ଷ୍ଟେସନ୍ ଖୋଲା ସ୍ଥାନ ହୋଇଥିବାରୁ ଯାତ୍ରୀ ଖୁବ୍ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତୁରନ୍ତ ରେଳ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯାତ୍ରୀଙ୍କ ସୁବିଧା, ଷ୍ଟେସନରେ ଯାତ୍ରୀ ରହଣୀ ସ୍ଥଳ ନିର୍ମାଣ କରିବା ସହିତ ଅଧିକ ଯାତ୍ରୀବାହୀ ରେଳ ଚଳଚଳ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାନାମ୍ବର ଘାଟରୁ ପାଣି ଉଠାଇଲେ ୩୦ ହଜାର କାଉଡ଼ିଆ

ରଘୁନାଥପୁର,୨୭।୭(ସମିସ): ଶ୍ରାବଣ ମାସ ତୃତୀୟ ସୋମବାରରେ ପାଣି ଢାଳିବାକୁ ରଘୁନାଥପୁର ବ୍ଲକ୍ ତାରପୁର ମହାନଦୀ କୂଳସ୍ଥ ବାନାମ୍ବର ଘାଟରୁ ୩୦ ହଜାରରୁ ଅଧିକ କାଉଡ଼ିଆ ପାଣି ଉଠାଇ ବିଭିନ୍ନ ଶୈବ ପୀଠକୁ ଯାତ୍ରା କରିଛନ୍ତି। ଶନିବାରଠାରୁ ଘାଟକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା। ରବିବାର ଏହା କ୍ରମଶଃ ବୃଦ୍ଧି ପାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ କାଠିକର ପାଠ ହୋଇଥିଲା। କାଉଡିଆ ମହାନଦୀରେ ବୁଡ଼ି ପାଣି ଆଣିବା ପରେ ଏହାକୁ ପୂଜାର୍ଚ୍ଚନା କରିଥିଲେ। ପରେ ବାନାମ୍ବର ମହାଦେବଙ୍କ ଚତୁପାର୍ଶ୍ୱରେ ପ୍ରଦକ୍ଷିଣ କରି ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ। ଏଠାରୁ କାଉଡିଆମାନେ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର, ଇଶାଣେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ପାଣିଉଠା ସ୍ଥଳରେ ରଘୁନାଥପୁର ଥାନା ପୁଲିସ ଓ ଫାୟାର ଅଫିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏଥିସହ ତାରପୁର ବାଇପାସଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଲାଇନ ଲାଗିଥିବା ରାସ୍ତାରେ ପୁଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ଘାଟ କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ବିପିନ ଦାଶ, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟରେ କଉଡିଆଙ୍କୁ ସହଯୋଗ କରିଥିଲେ।



## ପୋଖରୀକୁ ଖସିପଡ଼ିଲା ସିମେଣ୍ଟ ବୋଝେଇ ମିନିଟ୍ରକ୍

ନାଉଗାଁ,୨୭।୭(ସମିସ): ଏକ ସିମେଣ୍ଟ ବୋଝେଇ ମିନିଟ୍ରକ ନାଉଗାଁ ବଜାରକୁ ଯାଉଥିବା ସମୟରେ ଭାରସ୍ୟାମ ହରାଇ ପଳସାହି ପୋଖରୀ ଭିତରକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଚାଳକଙ୍କୁ ଗାଡ଼ି ମଧ୍ୟରୁ ଉଦ୍ଧାର କରିଥିଲେ ମଧ୍ୟ ସିମେଣ୍ଟ ନଷ୍ଟ ହୋଇଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ନାଉଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଗାଡ଼ିକୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ।



## ଡେରାବିଶ କଲେଜରେ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ

ଡେରାବିଶ, ୨୭।୭ (ସମିସ): ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ 'ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତି ଓ ନୈତିକତାର ଗୁରୁତ୍ୱ' ବିଷୟବସ୍ତୁ ଉପରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଯୋଗଦେଇ ଛାତ୍ରଛାତ୍ରୀ କେବଳ ପ୍ରମାଣପତ୍ର ହାସଲ ପାଇଁ ଶିକ୍ଷାନୁଷ୍ଠାନରେ ପ୍ରବେଶ



କରି ନ ଥା'ନ୍ତି, ବରଂ ସେଠାରୁ ଶୃଙ୍ଖଳା ଜ୍ଞାନ ଆହରଣ, ଚରିତ୍ରଗଠନ, ଉତ୍ତମ ବ୍ୟବହାର ଶିକ୍ଷା, ବନ୍ଧୁତ୍ୱ ଓ ଭାତୃତ୍ୱ ଭାବରେ ବାନ୍ଧିହେବାର ଆତ୍ମୀୟତା ଲାଭ ପାଇଁ ସେମାନଙ୍କ ପ୍ରବେଶର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ନିହିତ ଥାଏ ବୋଲି କହିଥିଲେ। ଏଥିସହ ଭକ୍ତି, ଜ୍ଞାନ ସହିତ କର୍ମଯୋଗର ସମନ୍ୱୟରେ ବ୍ୟକ୍ତିର ଜୀବନ ସାର୍ଥକ ହୁଏ। ବ୍ୟକ୍ତି ସର୍ବଜନ ହିତାୟ ନୀତିରେ ଜଗତକୁ ଆପଣା କରିପାରେ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ, ଗୁରୁଚରଣ ସେଠୀ, ଷ୍ଟାଲିନ ଦିଗଲ, ଅଧ୍ୟାପିକା ଡଃ ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଡଃ ସନ୍ଦିପ ବଳ କାର୍ଯ୍ୟକ୍ରମର ସଂଯୋଜନା ସହିତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜନୀତି ବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର କଳ୍ପତରୁ ସାହୁ, ଅଭିଜିତ ମଲିକ, ଅଭିଜିତ ସିଂହ, ଜ୍ୟୋତିର୍ମୟୀ ରାଉତ, ପୁଷ୍ପିତା ମଣ୍ଡଳ, ସୌମ୍ୟରଞ୍ଜନ ଭୋଇ ଓ ପ୍ରକାଶ ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେସାହି ପଞ୍ଚାୟତରେ ୭ ମାସ ଧରି ଉନ୍ନୟନମୂଳକ କାମ ଠପ୍

ଗୋବିନ୍ଦପୁର, ୨୭।୭(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଦେସାହି ପଞ୍ଚାୟତରେ ୭ ମାସ ଧରି ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଗତ ଜାନୁଆରୀ ମାସଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ୫ ମାସ ଅନୁପସ୍ଥିତ ରହିଥିଲେ। ନୂତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ନୃସିଂହ ମିଶ୍ର ଏକ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଦେସାହି ପଞ୍ଚାୟତ ଦାୟିତ୍ୱ ନେଇଥିଲେ ମଧ୍ୟ ସେ ଅନ୍ୟ ପଞ୍ଚାୟତ କାର୍ଯ୍ୟ କରୁଥିବାରୁ ଦେସାହି ପଞ୍ଚାୟତ କାର୍ଯ୍ୟ ନିର୍ବାହ କରୁନାହାନ୍ତି। ଫଳରେ ଦେସାହି ପଞ୍ଚାୟତରେ ସମସ୍ତ କାର୍ଯ୍ୟ ୭ ମାସ ଧରି ଠପ୍ ହୋଇଯାଇଛି। ପଞ୍ଚାୟତର କୌଣସି ଉନ୍ନୟନମୂଳକ କାମ ହୋଇପାରୁନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଡିଓ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏଭଳି ନୀତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ସଭ୍ୟ, ପିଅନଙ୍କ ଦରମା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ସରପଞ୍ଚ ମୋନାଲିସା ଦାସ କହିଛନ୍ତି। ଏ ସମ୍ପର୍କରେ ମତାମତ ନେବାକୁ ଆଜି ବିଡିଓଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

■ ୧୫ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

## ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ ମାମଲା ରୁଜୁ; ଜେଲ୍ ଗଲେ ଶିକ୍ଷକ

ରାଜନଗର, ୨୭।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୫ ଜଣ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ ୯୧/୨୦୨୫, ଦଫା ୧୨୬ (୨), ୧୧୫ (୨), ୭୪, ୭୯, ୧୨ ପକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ଆଜି ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଳ ମଲ୍ଲିକ, ରାଜନଗର ଥାନା ଏସଆଇ ଚନ୍ଦ୍ରିକା ମହାପାତ୍ର ପୀଡ଼ିତା ଛାତ୍ରୀଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଛନ୍ତି। ପୁଲିସ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।



ଗତକାଲି ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକ ବିଦ୍ୟାଳୟର ଛାତ୍ରୀଙ୍କ ସହିତ ଦୀର୍ଘଦିନ ଧରି ଅସଦାଚରଣ କରିଆସୁଥିଲେ। ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିଥିଲେ। ଜଣେ ଛାତ୍ରୀ କାନ୍ଦି କାନ୍ଦି ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ଦୁଇ ପଞ୍ଚାୟତର ସରପଞ୍ଚଙ୍କ ସମ୍ମୁଖରେ ଅଭିଭାବକ ଉପସ୍ଥିତିରେ ଛାତ୍ରୀଙ୍କୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚରାଯାଇଥିଲା। ଛାତ୍ରୀମାନେ ବିଜ୍ଞାନ ଶିକ୍ଷକ ସେମାନଙ୍କ ସହିତ ଗତକାଲି ଓ ପୂର୍ବରୁ କିପରି ଅସଦାଚରଣ କରିଆସୁଥିଲେ, ତାହା କହିଥିଲେ। ଏପରିକି ଏ ସମ୍ପର୍କରେ କାହାରିକୁ ଅଭିଯୋଗ କଲେ ପରୀକ୍ଷାରେ ମାର୍କ କାଟିଦେବେ ବୋଲି ଧମକ ଦେଇ ଅସଦାଚରଣ କରୁଥିବା ଛାତ୍ରୀ ଗୁରୁତର ଅଭିଯୋଗ କରିଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ଏ ସମ୍ପର୍କରେ ପଚରାଯିବା ପରେ ଶିକ୍ଷକ ଘଟଣା ସ୍ୱୀକାର କରିବା ସହିତ ଆତ୍ମହତ୍ୟା କରିବାକୁ ଧମକ ଦେଇଥିବା ପ୍ରଧାନଶିକ୍ଷକ ଗଣମାଧ୍ୟମକୁ କହିଥିଲେ। ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଜଣ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ସମସ୍ତଙ୍କ ସମ୍ମୁଖରେ ପଚରାଉଚରା ସମୟରେ ୫୦ରୁ ଅଧିକ ଛାତ୍ରୀ ଏନେଇ ସମାନ ଅଭିଯୋଗ ଆଣିବା ସହିତ ପରୀକ୍ଷାରେ ସାର ମାର୍କ କାଟିଦେବେ ଓ ଲୋକ ଲଜ୍ଜା ଭୟରେ ସେମାନେ ପୂର୍ବରୁ ଲିଖିତ ଅଭିଯୋଗ କରି ନ ଥିବା ପ୍ରକାଶ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଳଚୁଆ ସାମୁଦ୍ରିକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ବିମଳ ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକ, ଅଭିଭାବକ, ପୀଡ଼ିତ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇଥିଲେ। ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

■ ଶୁଣିଲାନି ପ୍ରଶାସନ

## ରାସ୍ତା ନିର୍ମାଣ କଲେ ସମାଜସେବୀ



ଡେରାବିଶ,୨୭।୭(ସମିସ): ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାରୁ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଆଇନ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲକୁ ଦୈନିକ ହଜାର ହଜାର ଛାତ୍ରଛାତ୍ରୀ ଯାଉଥିବାବେଳେ ଡେରାବିଶ ବ୍ଲକ୍‌ର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ବ୍ଲକ୍ କାର୍ଯ୍ୟାଳୟ, ଡେରାବିଶ କୃଷି କାର୍ଯ୍ୟାଳୟ, ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ଯିବା ପାଇଁ ବ୍ୟବହାର କରିଥା'ନ୍ତି। ପାଖାପାଖି ୩୦୦ ମିଟର ରାସ୍ତାରେ ୩୦୦ରୁ ଊର୍ଦ୍ଧ୍ୱ ବଡ଼ ବଡ଼ ଗାଢ଼ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ନିର୍ମାଣ ପ୍ରତି ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିଲା। ଫଳରେ ଆଜି ସମାଜସେବୀ ପ୍ରାଧ୍ୟାପକ ଡକ୍ଟର ଅଜୟ କୁମାର ରାଉତ ଏହି ରାସ୍ତାକୁ ନିର୍ମାଣ କରାଇଛନ୍ତି। ଶ୍ରୀ ରାଉତ ନିଜେ ଉପସ୍ଥିତ ରହି ଡଷ୍ଟ ପକାଇ ରାସ୍ତାରେ ଥିବା ଖାଲଖମାକୁ ସମତୁଲ କରାଇଥିଲେ। ଶ୍ରୀ ରାଉତଙ୍କୁ ସମାଜସେବୀ ଡଃ ସ୍ମୃତିରଞ୍ଜନ ବେହେରା, ଶିକ୍ଷକ ସମୀର ମଲ୍ଲ ସହଯୋଗ କରିଥିଲେ।

■ ଅରୂପା ବାଣିଜ୍ୟ ମେଳା ଉଦ୍‌ଯାପିତ

## ଶେଷ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼, ୧ କୋଟିରୁ ଅଧିକ ବ୍ୟବସାୟ

ପାରାଦୀପ, ୨୭।୭ (ସମିସ): ଅରୂପା ପକ୍ଷରୁ ପାରାଦୀପ ବିଜୁ ମଇଦାନରେ ଚାଲିଥିବା ବାଣିଜ୍ୟ ମେଳା ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ସିଏମଇ ସୁଶୀଳ ଚନ୍ଦ୍ର ନାହକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ ଓ କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ ଉପସ୍ଥିତ ଥିଲେ। ସାଂସ୍କୃତିକ ସଭା ପରେ ମଞ୍ଚରେ ସ୍ଥାନୀୟ ଅଞ୍ଚଳର କଳାକାର ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରିଥିଲେ।




ଆଜି ରବିବାର ପାଇଁ ଉଦ୍‌ଯାପନୀ ସନ୍ଧ୍ୟାରେ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ୧୯ ଦିନ ଧରି ଚାଲିଥିବା ଏହି ବାଣିଜ୍ୟ ମେଳାର ପ୍ରତ୍ୟେକ ସାନ୍ଧ୍ୟରେ ବନ୍ଦର ସହର ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଆସି କିଛିନା କିଛି ଜିନିଷ କିଣିବା ସହିତ ମୀନାବଜାର ଷ୍ଟଲ, ବେଳାଭୂମି ବୁଲିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ପାଖାପାଖି ୧୫୦ଟି ବିଭିନ୍ନ ଷ୍ଟଲରେ ଆଶାତୀତ ବ୍ୟବସାୟ ହୋଇଥିଲା। ପ୍ରାୟତଃ ଓରମାସ, ହସ୍ତଶିଳ୍ପ ଓ ଟ୍ରାଇଫେଡ ଷ୍ଟଲ୍‌ରେ ଅଧିକ ବ୍ୟବସାୟ ହୋଇଥିଲା। ଏହାବ୍ୟତୀତ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଷ୍ଟଲରେ ମଧ୍ୟ ଭଲ ବ୍ୟବସାୟ ହୋଇଥିଲା। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଆୟୋଜକ ଅରୂପାର ସିଇଓ ଅଶୋକ ସାହୁ ସୂଚନା ଦେଇଛନ୍ତି। ଅରୂପା ହସ୍ତଶିଳ୍ପ ଓ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବାଣିଜ୍ୟ ମେଳା ଆୟୋଜନ କରି ସାରା ଓଡ଼ିଶାରେ ପ୍ରଶଂସିତ ହୋଇପାରିଛି ବୋଲି ମୁଖ୍ୟଅତିଥି ଶ୍ରୀ ନାହକ କହିଛନ୍ତି। ବିଶେଷକରି ଏହି ବାଣିଜ୍ୟ ମେଳାରେ ଚାନ୍ଦୁଆ କାମ, କଟା କାମ, ସମ୍ବଲପୁରୀ ଡ୍ରେସ, ମାଣିଆବନ୍ଧ ଶାଢୀ ଓ ଡ୍ରେସ, ଗୁଜୁରାଟି ବେଡ୍‌ସିଟ, ପଞ୍ଜାବୀ ସୁଟ, ରାଜସ୍ଥାନ ଜୋତା, କୋଲକାତା ଲାଖ ଚୁଡ଼ି, ବନାରସୀ ଶାଢୀ ଷ୍ଟଲ୍‌ର ଚାହିଦା ଥିଲା।

## ଜିଲ୍ଲାପାଳଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ମାର୍ଶାଘାଇ,୨୭।୭(ସମିସ): ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟାର ସମ୍ଭାବ୍ୟ ବନ୍ୟା ପରିସ୍ଥିତର ସମୀକ୍ଷା କରିଛନ୍ତି। ପରେ ଲୁଣାନଦୀରେ ବନ୍ୟା ସ୍ଥିତି ଓ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରିଥିଲେ। ମାର୍ଶାଘାଇ ଲକ୍ ଛକ ଡାକବଙ୍ଗଳା ଓ ଆୟତପୁର ପଞ୍ଚାୟତର ଡିହବଳରାମପୁର ନିକଟରେ ଦୁର୍ବଳ ଥିବା ଲୁଣାନଦୀ ଘେରୀବନ୍ଧ ପରିଦର୍ଶନ କରି ତୁରନ୍ତ ପ୍ରତିକାର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଜିଲ୍ଲାପାଳ ଶ୍ରୀ ଆୟାର ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଲାବ୍ରୋଟୋରୀ, କର୍ମଚାରୀ ଉପସ୍ଥାନ, ବୋର୍ଡ ସଂଖ୍ୟା, ନିରାମୟ ଔଷଧ କେନ୍ଦ୍ର ପରିଦର୍ଶନ କରିଥିଲେ। ମେଡିକାଲରେ ଓପିଡି ରେଜିଷ୍ଟରରେ ରୋଗୀଙ୍କ ନାମ ପଞ୍ଜୀକରଣ କରାଯାଉ ନ ଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ମେଡିକାଲ ପରିଦର୍ଶନ ସମୟରେ ଡାକ୍ତର ବରୋଦାକାନ୍ତ ମିଶ୍ର, ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମାର୍ଶାଘାଇ ବ୍ଲକ ଭିସି କେନ୍ଦ୍ରରେ ଜିଲ୍ଲାପାଳ ଶ୍ରୀ ଆୟାର ବନ୍ୟା ପରିସ୍ଥିତ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଏଡିଏମ୍ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଡିଏମ୍‌ଆର, ବ୍ଲକ୍ ସହକାରୀ ତହସିଲଦାର ଶ୍ରୀକାନ୍ତ ପରିଜା, ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟାଂଶୁ କର, ସିଡିପିଓ ଶୈଳବାଳା ଚାଷୀ, ଜିପିଡିଓ ସୋନାଲି ବେଉରା, ମୁଖ୍ୟ ଲିପିକ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ରେ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନରେ ଅଙ୍ଗନବାଡ଼ି ଶିଶୁଙ୍କୁ ଶିଶୁ ଖାଦ୍ୟ ଛତୁଆ ମାନ ଓ ମାସର କେଉଁ ତାରିଖରେ ବଣ୍ଟନ ସମ୍ପର୍କରେ ସିଡିପିଓ ଶୈଳବାଳ ଚାଷୀଙ୍କ ନିକଟରୁ ପଚାରି ବୁଝିଥିଲେ। କୃଷି ବିଭାଗ ଅଧିକାରୀ ପ୍ରଦୀପ୍ତ ଘୋଷଙ୍କୁ ବନ୍ୟା ସମୟରେ ଧାନଚାଷ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟା ସମୟରେ ବିଦ୍ୟୁତ୍ ସରବରାହ ନିଶ୍ଚିନ୍ତ କରାଯିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ସମ୍ପର୍କିତ କାର୍ଯ୍ୟ ସମୀକ୍ଷା କରିଥିଲେ। ସହକାରୀ ଯନ୍ତ୍ରୀ ପ୍ରଦୀପ ଝଙ୍କାର, ମାନସ ସାହୁ, କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ରାଜସ୍ୱ ସୁପରଭାଇଜର ଅଭିମନ୍ୟୁ ସେଠୀ, ପେଣ୍ଠ ସର୍କଲ ରାଜସ୍ୱ ନିରୀକ୍ଷକ ପ୍ରମୋଦ ରାଉତ, ମଞ୍ଜୁଲତା ମାଝି, ଆଶୀର୍ବାଦ ବେହେରା, ପାଉରାମ କିସ୍କୋଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ମଣ୍ଡିରେ ଖରିଫ ଧାନ ବିକ୍ରି ପାଇଁ ଫର୍ମ ବିତରଣ

ରାଜନଗର,୨୭।୭(ସମିସ): ବାଲିସାହିପାଟଣା ସାହିପାଟଣା ପ୍ରାଥମିକ କୃଷି ସମବାୟ ସମିତି ସମେତ ଭାଟପଡ଼ା, ନୁଧାବସନ୍ତ, କୋଇଲିପୁର, କୁରୁଣ୍ଟି, ତାଳଚୁଆ, ଚାନ୍ଦିବାଡ଼ଶମୂଳ, ରାଜନଗର, ନାଉକଣା ଅଧୀନ ଧାନମଣ୍ଡିରେ ଆଗାମୀ ୨୦୨୫-୨୬ ବର୍ଷ ଖରିଫ ଧାନ ବିକ୍ରି ପାଇଁ ଚାଷୀଙ୍କୁ ପଞ୍ଜୀକରଣ ଫର୍ମ ବିତରଣ କରାଯାଉଛି। ଚଳିତ ବର୍ଷ ଯେଉଁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକରଣ କରିବେ, ସେମାନଙ୍କ ପାଇଁ କେତେକ ନିୟମ ସରକାର କରିଛନ୍ତି। ପ୍ରଥମେ ସେମାନଙ୍କ ଜମି ପଟ୍ଟା, ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ ଆଣିବାକୁ ପଡ଼ିବ। ପରେ ସମବାୟ ସମିତିରେ ଇ-କେୱାଇସି ହେଲେ ଯାଇ ସେମାନେ ମଣ୍ଡିରେ ଧାନ ଦେଇପାରିବେ ବୋଲି ନିୟମ ଲାଗୁ ହୋଇଛି। ଏ ସମ୍ପର୍କରେ ନୁଧାବସନ୍ତ ସମିତିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା କହିଛନ୍ତି, ଅଗଷ୍ଟ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି ଫର୍ମ ଚାଷୀଙ୍କୁ ପ୍ରଦାନ କରାଯିବ। ଚାଷୀ ଅଗଷ୍ଟ ୨୦ ତାରିଖ ସୁଦ୍ଧା ଫର୍ମ ସହିତ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ, ଜମିର ପଟ୍ଟା ପରି ଆବଶ୍ୟକୀୟ କାଗଜପତ୍ର ଅବିକଳ ନକଲ ଚାଷୀ ସମିତିରେ ଦାଖଲ କରିବା ପାଇଁ ସମୟ ନିର୍ଦ୍ଧାରିତ ହୋଇଛି। ଗତବର୍ଷଠାରୁ ଖରିଫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସରକାର ୩୧୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ବ୍ଲକ୍‌ର ୧୫ଟି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀ ଆଗ୍ରହ ପ୍ରକାଶ କରିଥିବା ସମ୍ପାଦକ ଜ୍ଞାନରଞ୍ଜନ ନାୟକ ସୂଚନା ଦେଇଛନ୍ତି।



**ପୂର୍ତ୍ତ ବିଭାଗର ଅପରିଣାମଦର୍ଶିତା**

## ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ବଢୁଛି ଦୁର୍ଘଟଣା

ମାଳିପୁର,୨୭।୭(ସମିସ):

ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ମଦନପୁର ନିକଟରେ ଶନିବାର ଅପରାହ୍ନରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୂଲ୍ୟବାନ ଜୀବନ ଯାଇଛି। ଏହି ଦୁର୍ଘଟଣା ପାଇଁ ସ୍ଥାନୀୟ ବାସିନ୍ଦା ପୂର୍ତ୍ତ ବିଭାଗର ଉଦାସିନତାକୁ ଦାୟୀ କରିବା ସହିତ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ ଯେଉଁ ଜାଗାରେ ଦୁର୍ଘଟଣା ଘଟି ଦୁଇଜଣଙ୍କ ଜୀବନ ଚାଲିଗଲା, ସେହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିବା ସହିତ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ତଞ୍ଚକତା କରିବା ସହିତ କାମ ଠିକ୍ ନ ହେବାରୁ ରାସ୍ତାର ଏଭଳି ଦୁରାବସ୍ଥା ସୃଷ୍ଟି ହୋଇଛି। ସୌଭାଗ୍ୟବଶତଃ ବ୍ୟାରିକେଡ୍ ଯୋଗୁଁ ସେଥିରେ ଧକ୍କା ଖାଇ ବସ୍‌ଟି ବନ୍ଧ ତଳକୁ ଖସି ପଡ଼ିବାରୁ ବର୍ତ୍ତିଯାଇଥିଲା ଓ ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇଯାଇଥିଲା। ନଚେତ ଏକ ବଡ଼ ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ଯାଇଥା'ନ୍ତା।

ଦୁର୍ଘଟଣା ସ୍ଥଳରୁ ମାତ୍ର କିଛି ମିଟର ଦୂରରେ ରାସ୍ତାରୁ ପାଣି ଗଡି ରାସ୍ତା ଧାରରେ ଥିବା ପ୍ରାୟ ୩ ଶହ ମିଟର ଲମ୍ବର ପାଦଚଲା ପଥ ସମ୍ପୂର୍ଣ୍ଣ ଭାବେ ଧୋଇଯାଇ ଗଭୀର ଖାଲ ହେବା ସହିତ ରାସ୍ତା କଡ଼ରେ ଥିବା ବ୍ୟାରିକେଡ୍ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ବର୍ଷାଧିକ କାଳ ହେଲା ତଳେ ପଡିଛି। କେତେବେଳେ ଯଦି ସାମାନ୍ୟ ଅସାବଧାନତା କାରଣରୁ କୌଣସି ଭାରୀଯାନର ଚକ ପିଚୁଧାର ବାହାରକୁ ଚାଲିଯାଏ, ତେବେ ବଡ଼ଧରଣର ଦୁର୍ଘଟଣା ଘଟିପାରେ। ରାସ୍ତାରେ ପାଦଚଲା ରାସ୍ତା ସମ୍ପୂର୍ଣ୍ଣ ଧୋଇ ଯାଇଥିବାରୁ ପଦାଚାରୀ ମଧ୍ୟ ଦୁର୍ଘଟଣାର ଶିକାର ହୋଇପାରନ୍ତି। ଅନେକ ଅଭିଯୋଗ ପରେ କିଛିଦିନ ତଳେ ପଟ୍ଟାମୁଣ୍ଡାଇ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ ଓ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରି ଖୁବଶୀଘ୍ର ନଷ୍ଟ ହୋଇଥିବା ସ୍ଥାନକୁ ଖୁଣ୍ଟ ପୋତି ବାଲି ବସ୍ତା ପକାଇ ମରାମତି କରିବା ସହିତ ପଟ୍ଟାମୁଣ୍ଡାଇରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାର ଯେଉଁ ସବୁ ସ୍ଥାନରେ ଖାଲ ସୃଷ୍ଟି ହୋଇଛି, ତାକୁ ମଧ୍ୟ ବର୍ଷାଦିନ ପୂର୍ବରୁ ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାସାଧିକ କାଳ ବିତିଯାଇଥିଲେ ବି ମରାମତି କରା ନ ଯିବାରୁ ବନ୍ୟା ବନ୍ଧ ରାସ୍ତା ଅଲଭାରରୁ ମଦନପୁର ପର୍ଯ୍ୟନ୍ତ ମରଣଯନ୍ତାରେ ପରିଣତ ହୋଇଛି। ଯେଉଁଥିପାଇଁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଣୁ ରାସ୍ତାରେ ଥିବା ଖାଲଖମା ଯଥାଶୀଘ୍ର ମରାମତି କରିବାକୁ ଉତିକଣ ସଂଗ୍ରାମ ପରିଷଦର ସଭାପତି ରମାକାନ୍ତ ଦାଶ, ଆଶିଷ ମଲିକ, ରଞ୍ଜନ ରାଉତ, ଅଜୟ ସେନ, ଦିବାକର ବେହେରା, ଦେବାଶିଷ ରାଉଳ, ସର୍ବେଶ୍ୱର ସେଠୀ, ନିରଞ୍ଜନ ଦାସ, ବୁଟୁନା ପଣ୍ଡା, ଅର୍ଜୁନ ସାହୁ, ଅତନୁ ମଲିକ, ବୃନ୍ଦାବନ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।



# ରସାଳପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା



ବାଲେଶ୍ୱର,୨୭।୭(ସମିସ): ରସାଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ଡ଼ା. କୁମାର ଗୋପାଳ ପ୍ରଦୀପ ଉଦଘାଟନ କରି ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଶିଶୁଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ କହିଥିଲେ । ମିଲି ଗୁରୁମା'ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦେଇ ପିଲାମାନଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷଟିଏ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ଗୁରୁମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟସ୍ମିତା ଗୁରୁମା' କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରତିମା ଗୁରୁମା' ପ୍ରାରମ୍ଭିକ ଭାଷଣ ରଖିଥିବା ବେଳେ ମିତା ଗୁରୁମା' ପଞ୍ଚାଙ୍ଗ ବୋଲିଥିଲେ । ଜ୍ୟୋସ୍ନା ଗୁରୁମା' ଅମୃତ ବଚନ ପାଠ କରିବା ବେଳେ ମିଲି ଗୁରୁମା' ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ବିନୀତା ଗୁରୁମା,ଝୁନୀ ଗୁରୁମା', ମନୀଷା ଗୁରୁମା', ସରୋଜିନୀ ଗୁରୁମା', ଜ୍ୟୋତି ଗୁରୁମା', ପ୍ରଜ୍ଞାଶ୍ରୀ ଗୁରୁମା', ସୁକନ୍ୟା ଗୁରୁମା' ଓ ସେବୀକା ଅପା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାଆମାନେ ଅଂଶଗ୍ରହଣ କରିଥିଲେ ।

# ବାଲେଶ୍ୱର ରେଳଷ୍ଟେସନରୁ ୬ ଶିଶୁ ଶ୍ରମିକ ଉଦ୍ଧାର

ବାଲେଶ୍ୱର,୨୭।୭(ସମିସ): ଜେସିଡ଼ି (ଝାଡ଼ଖଣ୍ଡ)ରୁ ବେଙ୍ଗାଲୁରୁ ଯାଉଥିବା ସାପ୍ତାହିକ ଟ୍ରେନରୁ ଶିଶୁ ଶ୍ରମିକ ଚାଲାଣ ବେଳେ ବିଏଡିସି, ସରକାରୀ ରେଳବାଇ ପୁଲିସ ଓ ରେଳ ସୁରକ୍ଷା ବାହିନୀ ମିଳିତ ସହଯୋଗରେ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କୁ ଉଦ୍ଧାର କରାଯିବ ପରେ ଏହି ନାବାଳକ ମାନଙ୍କୁ ବିଏଡିସି ତରଫରୁ କାଉନସିଲର ଦ୍ୱାରା କାଉନସେଲିଂ କରାଯାଇଥିଲା ଓ ପରବର୍ତ୍ତୀ ଅବସ୍ଥାରେ ଏହି ୬ ଜଣଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନା କରାଯାଇଥିଲା । ଏହି ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନରେ ସରକାରୀ ରେଳବାଇ ପୁଲିସ ଗଣେଶରାମ ସା, ରେଳ ସୁରକ୍ଷା ବାହିନୀ ତୁଳସି ଶଙ୍ଖୁଆ, ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର, ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ବେହେରା ବିଏଡିସିର କାର୍ମଚାରୀ ବୃନ୍ଦ ଓ ଅନ୍ୟାନ୍ୟ କର୍ମୀ ସାମିଲ ଥିଲେ । ଏଠାରେ ପ୍ରକାଶ ଥାଉକି, ସମସ୍ତ ଶିଶୁ ଝାଡ଼ଖଣ୍ଡ ରାଜ୍ୟର ଏବଂ ଉକ୍ତ ଶିଶୁ ମାନଙ୍କ ସହିତ ଯାଉଥିବା ୫ ଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ଜିଆରପି ପୋଲିସ ଦ୍ୱାରା ସନ୍ଦେହରେ ଅଟକ ରଖାଯାଇଛି ।

# ଜିଲ୍ଲାସ୍ତରୀୟ ଚେକ୍ ବାଉନ୍ସ ସମ୍ବନ୍ଧିତ ଲୋକ ଅଦାଲତ



ବାଲେଶ୍ୱର,୨୭।୭(ସମିସ): ଚେକ୍ ବାଉନ୍ସ ସମ୍ବନ୍ଧିତ ଏକ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍‌କୋର୍ଟ, ବାଲେଶ୍ୱର ଏବଂ ତାଲୁକ୍ ଆଇନ୍ ସେବା ସମିତି ସରୋ ଏବଂ ନୀଳଗିରିଠାରେ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଲୋକ ଅଦାଲତରେ ୧୯୫୮ଟି ଚେକ୍ ବାଉନ୍ସ ସମ୍ବନ୍ଧିତ ମାମଲା ଚିହ୍ନଟ କରାଯାଇ ୧୮୭ ମାମଲାର ଫଇସଲା କରାଯାଇଥିଲା । ଏଥିସହିତ ୪,୪୭,୨୪,୫୧୨ ଟଙ୍କା (ଚାରି କୋଟି ସତଚାଳିଶ ଲକ୍ଷ ଚବିଶ ହଜାର ପାଞ୍ଚ ଶହ ବାର ଟଙ୍କା) ଫାଇନ୍ ଆଦାୟ କରାଯାଇଥିଲା । ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ଲୋକ ଅଦାଲତକୁ ପରିଚାଳନା କରିଥିଲେ ।

# ନାବାଳିକାଙ୍କୁ ଅପହରଣ ଓ ଯୌନ ନିର୍ଯାତନା

**ଯୁବକ ଗିରଫ**

ପାଲଲହଡ଼ା,୨୭।୭(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଯୌନ ସମ୍ପର୍କ ରଖିବା ଅଭିଯୋଗରେ ପାଲଲହଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଦେଓପୋଷ ଗାଁର ପଞ୍ଚାନନ ସାମଲଙ୍କ ପୁଅ ଟିକୁ ଓରଫ ବାଇଂଠୁ ସାମଲ (୨୧) । ଗତ ୨୪ ତାରିଖ ନାବାଳିକାଙ୍କ ମା' କାମ କରିବା ପାଇଁ ଅନ୍ୟ ଗାଁକୁ ଯାଇଥିବା ବେଳେ ବାପା ପାଲଲହଡ଼ା ଡାକ୍ତରଖାନା ଆସିଥିଲେ । ଏହି ସମୟରେ ନାବାଳିକା ଘରେ ଏକା ଥିବାର ସୁଯୋଗ ନେଇ ଟିକୁ ତାଙ୍କୁ ଅପହରଣ କରି ନେଇଥିଲେ । ସନ୍ଧ୍ୟାରେ ବାପା ମା' ଘରକୁ ଫେରି ଝିଅକୁ ନ ପାଇବାରୁ ଖୋଜାଖୋଜି କରିଥିଲେ । ୨୫ ତାରିଖ ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ପୁଲିସ ତଦନ୍ତ କରି ଶନିବାର ନାବାଳିକାଙ୍କୁ ଲହୁଣୀପଡ଼ା ଥାନା ଦେଓପୋଷ ଗାଁରୁ ଉଦ୍ଧାର କରିଥିଲା । ଟିକୁ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଜଣାପଡ଼ିବା ପରେ ଥାନା ଅଧିକାରୀ ପ୍ରଦୀପ ମହାନ୍ତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଏପିଜେ ଅବଦୁଲ କାଲାମ ଅବିସ୍ମରଣୀୟ ବ୍ୟକ୍ତିତ୍ୱ: ଓୟୁଜେ




ବାଲେଶ୍ୱର,୨୭।୭(ସମିସ): ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରି ବିଶ୍ୱର ପ୍ରତିରକ୍ଷା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଡ଼. ଏପିଜେ ଅବଦୁଲ କାଲାମ ଆମ ସମସ୍ତଙ୍କ ପ୍ରାତଃ ସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ୍ ଛକ ଠାରେ ଭାରତ ରତ୍ନ ଡ. ଏପିଜେ ଅବଦୁଲ କାଲାମଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କହିଲେ ଯେ,ଅବଦୁଲ କାଲାମ ଙ୍କ କର୍ମସ୍ଥଳ ଥିଲା ବାଲେଶ୍ୱରର ଚାନ୍ଦିପୁର । ସେ ଚାନ୍ଦିପୁର ରୁ ହିଁ ପ୍ରଥମେ ଉଚ୍ଚ କ୍ଷମତା ସମ୍ପନ୍ନ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରି ବିଶ୍ୱବାସୀଙ୍କ ହୃଦକମ୍ପ ବଢାଇ ଦେଇଥିଲେ । ସେ ଦିନ ଠାରୁ ଭାରତ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାରେ ଲାଗିଛି । ୟୁନିୟନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ଖବରର ସଂପାଦକ ଅମୀୟ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଲକ୍ଷ୍ମୀଧର ବାରିକ, ହାଇଦର ଖାନ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, ଅଜିତ କୁମାର ମହାନ୍ତି, ଆଜୀମ ବାଲେଶ୍ୱରୀ, ସେକ ନଜିମ, ଗୋପୀକୃଷ୍ଣ ମହାନ୍ତି, ଅଧିପ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ୟୁନିଅନର ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ ।

# ଉକ୍ରଳାରେ ୫୫ତମ ଫେସ୍‌ବୁକ୍ କବିତା ଆସର



ବାଲେଶ୍ୱର,୨୭।୭(ସମିସ): ନୋସି କଲଚୁରାଲ ଏକାଡେମି ଦ୍ୱାରା ମାସର ୪ର୍ଥ ରବିବାରରେ ୫୫ତମ ଫେସବୁକ କବିତା ଆସର ଆୟୋଜିତ ହୋଇଯାଇଛି । ଉକ୍ରଳା ମୁକ୍ତ ମଞ୍ଚରେ ଆୟୋଜିତ ଏହି କବିତା ଆସରରେ ସାମ୍ପ୍ରତିକ ସମାଜ ଓ ପରିବେଶ ଆଧାରିତ ସୁନ୍ଦର ସୁନ୍ଦର ସ୍ୱରଚିତ କବିତା ଆସରରେ କବି କବୟିତ୍ରୀ ମାନେ ପାଠ କରିଥିଲେ । ଫେସବୁକ କବିତା ଆସରର ଆବାହକ ଶିଳ୍ପୀ କେଶୁଦାସ ପୌରୋହିତ୍ୱ କରିଥିବାବେଳେ କବି ଗଗନ ସେଠୀ ଓ ମଧୁସୂଦନ ଦାଶ କବିତା ପାଠୋତ୍ସବ ସଞ୍ଚାଳନ କରିଥିଲେ । ଏହି କବିତା ଆସରରେ ରତିକାନ୍ତ ଦାସ, ପ୍ରବୀର କାମିଲା, ତୃପ୍ତି ପାତ୍ର, ଦେବାଶିଷ ସିଂହ, ଜୟନ୍ତ ହଂସରାଜ, ମଧୁସୂଦନ ମାଝୀ, ଅଜିମ୍ ବାଲେଶ୍ୱରୀ, ସେଖ ଇର୍ସାତ, ପ୍ରଭାକର ସାହୁ, ସଞ୍ଜିବ ଜେନା, ତାପସ ସାହୁ କବିତା ପାଠ କରିଥିଲେ । ଉକ୍ରଳାର କଣ୍ଠଶିଳ୍ପୀ ରଶ୍ମିରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ, କୁମାର ଜୀବନ, ପ୍ରବୀର କୁମାର କମିଳା ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭାରତ ବୁଦ୍ଧିଜୀବୀ ସମ୍ମିଳନୀରେ ସରକାରୀ ଓକିଲ ପରମାନନ୍ଦ ମିଶ୍ର ସମ୍ମାନିତ



ଅନୁଗୋଳ,୨୭।୭(ସମିସ): ଗଭୀର ବୈଶ୍ୱିକ ଶିକ୍ଷା ଅନୁସନ୍ଧାନ ଓ ସାହିତ୍ୟ ପ୍ରତି ଅବଦାନ ପାଇଁ ବରିଷ୍ଠ ଆଇନ ବିଶେଷଜ୍ଞ ସରକାରୀ ଓକିଲ ଓ ଗବେଷକ ଡ. ପରମାନନ୍ଦ ମିଶ୍ରଙ୍କୁ ଇଣ୍ଡିଆ ଇଣ୍ଟେଲେକଚୁଆଲ କନକ୍ଲେଭ (ଭାରତ ବୁଦ୍ଧିଜୀବୀ ସମ୍ମିଳନୀ)-୨୦୨୫ରେ ସମ୍ମାନିତ କରାଯାଇଛି । ଏହି ସମ୍ମାନ ସମାରୋହ ନୂଆଦିଲ୍ଲୀର ହ୍ୟାବିଟାଣ୍ଟ ସେଣ୍ଟରରେ ଆୟୋଜିତ ହୋଇଥିଲା । ରବିବାର ଡ. ମିଶ୍ର ବର୍ଲିଂଟନ ଷ୍ଟେଟ ୟୁନିଭର୍ସିଟି ଓ ଯୁକ୍ତରାଷ୍ଟ୍ର ଆମେରିକାର ମେରିଲ୍ୟାଣ୍ଡ ଷ୍ଟେଟ ୟୁନିଭର୍ସିଟିରୁ ତାଙ୍କ ଡିଲିଟ ଓ ଡକ୍ଟରେଟ ଉପାଧି ମୁଖ୍ୟଅତିଥି ପ୍ରଫେସର ଡ. ଦୀନେଶ ଶର୍ମା ଓ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ଗହଣରେ ଅର୍ଜନ କରିଛନ୍ତି । ସେ ଓଡ଼ିଆ ଓ ଇଂରାଜୀ ଭାଷାରେ ଗଭୀର ଗବେଷଣା କାର୍ଯ୍ୟ କରି "ମଧୁମେହ' ଓ ଏବେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଗବେଷଣା ମୂଳକ ପୁସ୍ତକ "ନ୍ୟାରିଗେଟିଂ ମାଟ୍ରିମୋନିଆଲ ଲ' ବର୍ତ୍ତମାନ ସମ୍ମାନିତ ହୋଇଛି । ଏହି ପୁସ୍ତକରେ ଭାରତୀୟ ବିବାହ ଆଇନ ଓ ଅଦାଲତର ପ୍ରକୃତ ଚିତ୍ର ଓ କାରଣ ଉଭାସିତ ହୋଇଛି । ଏହି ଦୁଇ ସମ୍ମାନ ଡ. ମିଶ୍ରଙ୍କ ଦୀର୍ଘଦିନୀୟ ବୈଶ୍ୱିକ ଅନୁଭବ ଜ୍ଞାନ ଓ ନ୍ୟାୟ ଶ୍ରେଣୀରେ ତାଙ୍କ ଅପରିମିତ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଅଷ୍ଟ୍ରେଲିଆର ଭିସ ଗାଫନି ଓ ରଷିଆର ଆମ୍ବାସି ମେଡାଲ ଦେଇ ଡ. ମିଶ୍ରଙ୍କୁ ସମ୍ମାନିତ କରିଥିଲେ ।

● ଅଲ୍‌ଓଡ଼ିଶା ସବ୍‌ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ଡବଲ୍ସ ଫାଇନାଲରେ ଅର୍ଣ୍ଣବ ଓ ଆୟଙ୍କ ବିଜୟୀ

ବାଲେଶ୍ୱର,୨୭।୭(ସମିସ): ଜଟଣୀ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ ଓଡ଼ିଶା ସବ୍ ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ୧୩ ବର୍ଷରୁ କମ୍ ଜିଲ୍ଲା ଖେଳାଳି ଅର୍ଣ୍ଣବ ଦାସ ତାଙ୍କ ସାଥୀ ଆୟଙ୍କ ସାହୁଙ୍କ ସହ ୧୩ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ବିଜୟୀ ହୋଇଛନ୍ତି । ସେମାନେ ପାନସୁଏଲ ସେଠୀଙ୍କୁ



ପରାସ୍ତ କଲେ ଏବଂ ଫିନଲା ଇଭେଣ୍ଟରେ ଭୁବନେଶ୍ୱରର ଅନୁରୂପ ସାହୁ । ଅର୍ଣ୍ଣବ ଦାସ ମଧ୍ୟ ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ତାଙ୍କୁ ଅଭିନନ୍ଦନ ଜଣାଉଛି । ଏହି ବିଜୟ ସହିତ ସେ ତାଙ୍କର ଜାତୀୟ ଚୟନ ଆଶାକୁ ଉଜ୍ଜୀବିତ ରଖିଛନ୍ତି । ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ଶ୍ରୀଯୁକ୍ତ ନିଳୀନ କୁମାର, ଉପାଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ବିଜୟ ଯୋଗୁଁ ବାଲେଶ୍ୱରର ସମସ୍ତ ବ୍ୟାଡମିଣ୍ଟନ ଖେଳାଳି ବହୁତ ଖୁସି ଏବଂ ଭବିଷ୍ୟତରେ ତାଙ୍କର ଆହୁରି ସଫଳତା କାମନା କରୁଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ୨୫ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

# ବାଲେଶ୍ୱର ହୋଟେଲ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୭।୭(ସମିସ): ବାଲେଶ୍ୱର ହୋଟେଲ ଆସୋସିଏସର ପଚିଶ ବର୍ଷ ପୂର୍ତ୍ତି ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ହୋଟେଲ ହରିପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ରାଜ୍ୟ ଆସୋସିଏସନର ସଭାପତି ସରୋଜ ବୋଦନୱାଲା ପୌରହିତ୍ୟ କରି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଶିବିରରେ ସଂଖ୍ୟାଧିକ ହୋଟେଲ ମାଲିକ, ସେମାନଙ୍କ ପରିବାରବର୍ଗ ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ । ୧୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସମ୍ପାଦକ ଆଦର୍ଶ



ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହି ଶିବିରରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ରକ୍ତର ଅଭାବ ପୂରଣ ପାଇଁ ଆସୋସିଏସନର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ସଦର ବିଧାୟକ ମାନସ କୁମାର ଦତ୍ତ ଏବଂ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଭଟ୍ଟର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଆଜୀବନ ଅଧ୍ୟକ୍ଷ ସଂଜୀବ ଦାସ, ଉପସଭାପତି ସଂଗ୍ରାମ ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ, ଆବାହକ କେକେ ମହାରାଜଙ୍କ ସମେତ ବିପ୍ଳବ ମହାନ୍ତି, ଇଂ ବିଭୂପଦ ଦାସ, ରଞ୍ଜନ ସାହୁ, ସୁମନ ପାଣିଗ୍ରାହୀ, ଉଜ୍ଜଳ କୁମାର ମହାନ୍ତି, ହାଇଦର ଖାଁ ପ୍ରମୁଖ ଆସୋସିଏସନର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଅନୁଗୋଳ,୨୭।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ଏକ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା କରିବା ପାଇଁ ଶନିବାର ବରିଷ୍ଠ ବିଜେପି ନେତା ଅରବିନ୍ଦ ସାହୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ବଇଣ୍ଡା ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ । ଏଠାରେ ପୂର୍ବରୁ ପ୍ରାଣୀ ଚିକିତ୍ସାଳୟ ଥିଲେ ମଧ୍ୟ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ୨୦୧୮ରେ ଏହାକୁ ଭାଙ୍ଗି ଦିଆଯାଇଥିଲା । ଇତିମଧ୍ୟରେ ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ନୂଆ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ପ୍ରଶାସନ କିମ୍ବା ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହି ପ୍ରାଣୀ ଚିକିତ୍ସାଳୟ ଉପରେ ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳି ଆଦି ପଞ୍ଚାୟତବାସୀ ନିର୍ଭର କରନ୍ତି । ହେଲେ ଏବେ ସେମାନଙ୍କୁ ସେବା ମିଳିପାରୁ ନାହିଁ । ତୁରନ୍ତ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

# ନିଆଁ ଦାଉରୁ ରକ୍ଷା ସମ୍ପର୍କିତ ସଚେତନତା



କିଶୋରନଗର,୨୭।୭(ସମିସ): କିଶୋରନଗର ବ୍ଲକ ପରିସରରେ ବାମୁର ଅଗ୍ନିଶମ ବିଭାଗ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କୁ ନିଆଁ ଦାଉରୁ କିପରି ନିଜକୁ ରକ୍ଷା କରାଯିବ ସେ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସୁଶୀଲ ହେମ୍ବ୍ରମ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ ସୁବ୍ରତ କୁମାର ବେହେରା, ସିଡିପିଓ ଆରତୀ ସିଂହ, ଆଇସିଡିଏସର ସଞ୍ଜୀବ ସାହୁ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ସଦାନନ୍ଦଜୀଙ୍କ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,୨୭।୭(ସମିସ): ହଳଦୀପଦାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ରାଷ୍ଟ୍ର ଭକ୍ତ ସଦାନନ୍ଦଜୀଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ କ୍ଷୀତିଶ କୁମାର ଜେନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ଚୌଧୁରୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଂଚ ରାଧାକୃଷ୍ଣ ଜେନା, ମୁଖ୍ୟବକ୍ତା ଭାବେ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର କୁମର ପ୍ରଧାନ, ଶିବଚରଣ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ସଦାନନ୍ଦଜୀଙ୍କର ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଜ୍ୟୋସ୍ନାମଣୀ ରଣା ଧନ୍ୟବାଦ ଦେଇଥିଲେ ।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ସୁବର୍ଣ୍ଣରେଖାରେ ଚଳିତବର୍ଷର ପଞ୍ଚମ ବନ୍ୟା







## ଭୋଗରାଇର ବହୁ ଗାଁରେ ସ୍ଥିତି ସଙ୍ଗୀନ

ଭୋଗରାଇ, ୨୭।୭ (ସମିସ) : ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଘୁଚାପଜନିତ ବର୍ଷା ଯୋଗୁଁ ଗାଲୁଡ଼ିହି ଜଳାଧାରରୁ ଉଦ୍‌ବୃତ୍ତ ବର୍ଷାଜଳ ୧୩ଟି ଗେଟ ଖୋଲାଯାଇ ଘଣ୍ଟାକୁ ୫୧୬୯.୦୯ କୁମେକ୍ସ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ରାଜଘାଟ ଗେଜଠାରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ସୁବର୍ଣରେଖା ସତର୍କ ସୂଚନା ୯.୪୫ ମି ଓ ବିପଦ ସଂକେତ ୧୦.୩୬ ମି ରହିଥିବାବେଳେ ରବିବାର ଦିନ ୩ ଘଟିକା ସମୟ ସୁଦ୍ଧା ରାଜଘାଟ ୧୦.୯୬ ବନ୍ୟା ଜଳବୃଦ୍ଧି ପାଇଥିଲା। ସୁବର୍ଣ୍ଣରେଖା ଉପରମୁଣ୍ଡ ଜାମସେଦପୁର, ଘାଟଶିଳା, ଫେକଘାଟ ଓ ଜାମଶୂଳାରେ ବର୍ଷା ପରିମାଣ କମ୍ ହୋଇଥିବାର କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି । ବନ୍ୟାଜଳ ବୃଦ୍ଧି ପାଉଥିବାରୁ ଉତ୍ତର ବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ଗାଁ ଗୁଡିକ ଜଳାର୍ଣ୍ଣବ ଦେଖାଦେଇଛି। ଗତମାସ ୨୦ ତାରିଖରୁ ଅଦ୍ୟାବଧି ସୁବର୍ଣ୍ଣରେଖାରେ ୫ ମ ଥର ବନ୍ୟା ଆସିବାକୁ ଯାଉଥିବାବେଳେ ବନ୍ୟା ଅଞ୍ଚଳର ଲୋକଙ୍କ ଜନଜୀବନକୁ ଶୋଚନୀୟ ହେବାକୁ ଲାଗିଛି । ଭୋଗରାଇ ଓ ବାଲିଆପାଳ ବ୍ଲକ ତଳିଆ ଅଞ୍ଚଳରେ ବନ୍ୟାଜଳ ଛାଡି ନ ଥିବା ବେଳେ ପୁଣି ଏକ ବନ୍ୟା ସାମ୍ନା କରିବାକୁ ଉତ୍ତର ବାଲେଶ୍ୱର ବନ୍ୟାଞ୍ଚଳ ଲୋକେ ଭୟଭୀତ ହୋଇଛନ୍ତି । ପୂର୍ବବନ୍ୟା ରେ ଧାନ ତଳି ପଚି ନଷ୍ଟ ହୋଇଥିବାବେଳେ ଅନ୍ୟ ସ୍ଥାନରୁ ବଳକା ଧାନ ବିହନ କିଣି ଆଣି ନିଜଜମିରେ ଚାଷୀ ଧାନ ରୋଇବାକୁ ସଜବାଜ ହେଉଥିବାବେଳେ ପୁଣି ବନ୍ୟା ଚାଷୀକୁଳକୁ ହନ୍ତସନ୍ତ କରୁଛି । ସୁବର୍ଣ୍ଣରେଖାର ଦୁର୍ବଳଥିବା ଉଭୟ ପାଶ୍ୱର୍ର ନଦୀବନ୍ଧରେ ବାଲିବସ୍ତା ପକାଯିବା ଓ ଜଗିବାକୁ ଜିଲା ସେଚ ବିଭାଗର ଅଧୀକ୍ଷଣଯନ୍ତ୍ରୀ ନବକୁମାର ମହାଳିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିବାବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତରସିଂ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଲ ସହ ସେଚ କର୍ମଚାରୀ ନଦୀ ବନ୍ଧରେ ୨୪ ଘଣ୍ଟିଆ ପହରା ଦେଉଥିବାର ସୂଚନା ମିଳିଛି । ଏଥି ସହିତ ଜିଲାପ୍ରଶାସନ ବନ୍ୟା ମୁକାବିଲା ନିମନ୍ତେ ସଜାଗ ରହି ଉଦ୍ଧାରକାରୀ ଦେଶୀ ଡ଼ଙ୍ଗା, ଓଡ୍ରାଫ, ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗକୁ ନିୟୋଜିତ କରିଛନ୍ତି । ବନ୍ୟା ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସମସ୍ତ ବିଭାଗକୁ ସଜାଗ ହୋଇ ରହିବାକୁ ପରାମର୍ଶ ଦେଇଛନ୍ତି।

## ବାଲେଶ୍ୱରରେ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ

ବାଲେଶ୍ୱର: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅତିରିକ୍ତ ମୁଖ୍ୟ ସଚିବ ତଥା ଏସ୍ଆରସି ଡି.କେ. ସିଂ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ଜଳକା ନଦୀର ଜଳସ୍ତର ହ୍ରାସ ପାଉଥିବା ବେଳେ ସୁବର୍ଣ୍ଣରେଖା ନଦୀ ବିପଦ ସଙ୍କେତ ଉପରେ ରହିଛି ଏବଂ ୧୧.୪୦ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପ୍ରସ୍ତୁତିକୁ ତୀବ୍ର କରିଛି । ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ଭଳି ବିପଦସଙ୍କୁଳ ବ୍ଲକରେ ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ, ଆରଡବ୍ଲ୍ୟୁଏସଏସ ଓ ପଶୁଚିକିତ୍ସା ଦଳ ମୁତୟନ ହୋଇଛନ୍ତି । ପଶୁ ଖାଦ୍ୟ, ଶୁଷ୍କ ରାସନ ଓ ପିଇବା ପାଣି ଯୋଗାଣ କରାଯାଇ ଅଛି । ୧୫ଟି ଓଡ୍ରାଫ ଉପଦଳ, ୨୬ଟି ଅଗ୍ନିଶମ ଦଳ ମୁତୟନ ଥିଲାବେଳେ ୨୫ଟି ଏସଆରସି ଡଙ୍ଗା ଡଙ୍ଗା ମଧ୍ୟ ରହିଛି । ଅନେକ ଜାଗାରେ ମାଗଣା ରୋଷେଇ ଆରମ୍ଭ ହୋଇଛି । ମନ୍ତ୍ରୀ ରନ୍ଧା ଖାଦ୍ୟ, ଶିଶୁ ଖାଦ୍ୟ ଓ ସ୍ୱାସ୍ଥ୍ୟ ଦଳର ପ୍ରସ୍ତୁତି ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସାପ ବିଷ ନିରୋଧୀ ଇଞ୍ଜେକସନର ଯଥେଷ୍ଟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ, ଭୋଗରାଇରେ ସନ୍ଧ୍ୟା ପୂର୍ବରୁ ଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏସ.ଆର.ସି. ଶ୍ରୀ ସିଂ, ବିଭାଗୀୟ ସମନ୍ୱୟ ଓ ସମୟୋପଯୋଗୀ ପଦକ୍ଷେପର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ଅତିରିକ୍ତ ଏସ.ଆର.ସି ଶ୍ରାବଣ ମାସ ହେତୁ ବୋଲବମ ଭକ୍ତଙ୍କ ନିକଟବର୍ତ୍ତୀ ନଦୀକୂଳରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି ।

## ଜଳେଶ୍ୱରର ୮ ପଞ୍ଚାୟତରେ ପଶିଲା ବନ୍ୟାପାଣି

ଜଳେଶ୍ୱର: ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ପଂଚମ ବନ୍ୟା ଦେଖା ଦେଇଛି । ଆଜି ସଂଧ୍ୟାରେ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ୧୧.୨୨ ରେ ପ୍ରବାହିତ ହେଉଛି । ଏହା ୧୧.୭୦ ଛୁଇଁବ ବୋଲି ସିଡବ୍ଲୁସି ଆକଳନ କରିଛି । ୮ଟି ପଂଚାୟତକୁ ବନ୍ୟାପାଣି ପ୍ରବେଶ କରୁଥିବାରୁ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ପିଡି ସଂଜୟ କୁମାର ରାଉତ ବନ୍ୟା ପରିସ୍ଥିତି ସମୀକ୍ଷା କରିଥିବା ବେଳେ ବିଡିଓ ଗୌରାଙ୍ଗ ଘୋଷ ଓ ପୌର ଅଧିକାରୀ ହେମନ୍ତ କୁମାର ସିଂ, ଜଳସଂପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, କନିଷ୍ଠ ଯନ୍ତ୍ରୀ ଗଣେଶ ବେହେରା ପ୍ରମୁଖ ଏହି ତଳିଆ ଅଂଚଳରେ ରହି ପରିସ୍ଥିତି ସଂପର୍କରେ ସତର୍କ ଦୃଷ୍ଟି ରଖିଛନ୍ତି । ମେଳକ ଓ ଖାନପୁର ଗାଁ ପରିସ୍ଥିତି ଜଟିଳ ଥିବାରୁ ସେଠାରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ଯିବାପାଇଁ କୁହାଯାଇଛି । ୨୪ ଘଣ୍ଟା ଧରି ରାଜଘାଟଠାରେ ଜଳପତ୍ତନ ଉଦ୍ଧ୍ୱର୍ରେ ପ୍ରବାହିତ ହେଉଥିବାରୁ ଆଜି ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ, ଖଡପିମ୍ପଳ, ପଶ୍ଚିମବାର୍ଡ, ପାଇକସିଦା, ଗଡସାହିବାଲିଆପାଳ, କୋଟସାହି, ମହମ୍ମଦନଗରପାଟଣା ଓ ଆରଆରପୁର ପଂଚାୟତର କେତେକ ଗ୍ରାମ ବନ୍ୟାପାଣି ଘେରରେ ରହିଛି । ତଳିଆ ଅଂଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ଆଣିବାଲାଗି ପ୍ରଶାସନ ବ୍ୟବସ୍ଥା କରିଛି । ଖୁଦିଆ ମାଝିସାହି, ପଶ୍ଚିମବାଡ, ଛାଡପିମ୍ପଳ ପଂଚାୟତର କେତେକ ଲୋକଙ୍କୁ ଅଣାଯାଇ ନିରାପଦ ସ୍ଥାନରେ ରଖିବା ସହିତ ରାତିରେ ରନ୍ଧାଖାଦ୍ୟ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଗଡସାହିବାଲିଆପାଳ ପଂଚାୟତ ଓ ଚଡନମକନା ଗାଁଟି ସୁବର୍ଣ୍ଣରେଖା ନଦୀର ଓପରପାଶ୍ୱର୍ରେ ଥିବାରୁ ସେଥିପ୍ରତି ବ୍ଲକ ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଖାନପୁର ଓ ମେଳକ ଗାଁ ନଦୀବନ୍ଧର ଅପର ପଟେ ରହିଥିବାରୁ ଏଥିପ୍ରତି ଅଧିକ ବିପଦ ରହିଥିବାରୁ ପ୍ରଶାସନ ସତର୍କ ଦୃଷ୍ଟି ରଖିଛି । ନଦୀବନ୍ଧକୁ କୌଣସି ବିପଦ ନ ଥିବା ବେଳେ ବିଭିନ୍ନ ସ୍ଥାନରେ ବାଲିବସ୍ତା ମହଜୁଦ ରଖାଯାଇଥିବା ସହକାରୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ ସୂଚନା ଦେଇଛନ୍ତି । ଉଲୁଡା ଠାରେ ଖାଲଯୋଡି ନିକଟରେ ନଦୀବନ୍ଧର ସୁରକ୍ଷା ଓ ସେଠାରେ ଥିବା ସ୍ଲୁଇସ୍ ଗୁଡିକ ମଧ୍ୟରୁ ୩ଟି ଅକାମୀ ଥିବାରୁ ବାଲିବସ୍ତା ଦ୍ୱାରା ସୁରକ୍ଷା ଦେବାର ବ୍ୟବସ୍ଥା ହୋଇଛି । ସୁବର୍ଣ୍ଣରେଖାରେ ଏପରି ବାରମ୍ବାର ବନ୍ୟା ଆସିବା ଦ୍ୱାରା ଫସଲ ଓ ପରିବାଚାଷ ନଷ୍ଟ ହେବାକୁ ବସିଥିବାରୁ କୃଷକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାର ଚାଷୀ ମାନଙ୍କୁ ଓ ଦୁର୍ଗତ ମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି ହେଉଛି ।

## ବାଲିଆପାଳବାସୀଙ୍କ ପିଛା ଛାଡୁନି ଦୁର୍ଦ୍ଦଶା

ବାଲିଆପାଳ/କାଳିପଦା: ଦେଢ ମାସ ଭିତରେ ସୁବର୍ଣ୍ଣରେଖା ନଦୀରେ ପୁଣି ଥରେ ପଂଚମ ଥର ପାଇଁ ବନ୍ୟା ଆସିଛି । ସତେ ଯେମିତି ବନ୍ୟା ଦୁର୍ଦ୍ଦଶା ବାଲିଆପାଳ ବାସୀଙ୍କ ପିଛା ଛାଡ଼ିବାର ନାଁ ନେଉନାହିଁ । ଗାଲୁଡିହ ବ୍ୟାରେଜରୁ ୩୭୩୭.୮୩ କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀର ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ବନ୍ୟା ବିପ୍ଳାତ ଦେଖିବାକୁ ମିଳିଛି । ରାଜଘାଟ ଠାରେ ଏହି ନଦୀର ଜଳ ପତ୍ତନ ଏହାର ବିପଦ ସଙ୍କେତ୧୦.୩୬ ମିଟର ଉପରେ ପ୍ରବାହିତ ହୋଇ ସଂଦ୍ଧ୍ୟା ୭ଟା ସୁଦ୍ଧା ୧୧.୨୨ ମିଟରରେ ପ୍ରବାହିତ ହେଉଛି । ତେବେ ଜଳ ପତ୍ତନ କ୍ରମାଗତ ବୃଦ୍ଧି ପାଉଥିବାରୁ ଏହା ଚଳିତ ବର୍ଷର ସବୁଠାରୁ ବଡ ବନ୍ୟା ହୋଇପାରେ ବୋଲି ପୂର୍ବନୁମାନ କରାଯାଉଛି । ଆଜି ସକାଳ ଠାରୁ ବନ୍ୟା ଜଳ କୂଳ ଲଂଘି ଗାଁ ଗଣ୍ଡା ରାସ୍ତା ଘାଟରେ ପ୍ରବେଶ କରିଛି । ଏହାର ପ୍ରଭାବରେ ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୩୦ରୁ ଉର୍ଦ୍ଧ ଗ୍ରାମରେ ପ୍ରବେଶ କରିଛି ।ଅସ୍ତି, ନିଖିରା, ବିଷ୍ଣୁପୁର, ବାଲିଆପାଳ, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ, ଘଣ୍ଟୁଆ ପ୍ରଭୃତି ପଂଚାୟତର ଚଡପାଳ ପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ଫଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ତେବେ ବୋଟ ଚାଲିବା ଭଳି ପାଣି ହୋଇନଥିବାରୁ ଆଜି ସନ୍ଧ୍ୟା ସୁଦ୍ଧା ଏହିସବୁ ସ୍ଥାନରେ ଲୋକମାନେ ବିପଦ ଶଙ୍କୁଳ ଅବସ୍ଥାରେ ପାଣିରେ ପ୍ରବେଶ କରି ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ଏସଆରସିର ୧ଟି ବଟ ସହ ୮ଟି ଦେଶୀ ଡଙ୍ଗା ମୁତୟନ କରାଯାଇଛି । ସେହିପରି ୨୫୦ ଜଣ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ବିଭିନ୍ନ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା ବେଳେ ସେମାନଙ୍କୁ ଆଜି ରାତ୍ରିରେ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା କରାଯାଉଥିବା ବିଡିଓ ରାଧାରଞ୍ଜନ ଦାସ ସୂଚନା ଦେଇଛନ୍ତି । ସେହିପରି ଉଦ୍ଧାର କାର୍ଯ୍ୟ ପାଇଁ ବାଲିଆପାଳରେ ୨ଟି ଓଡ୍ରାଫ ଟିମ ପହଂଚିଛି । ଆଜି ଏଡିଏମ ରେଭେନ୍ୟୁ ହେମନ୍ତ କୁମାର ସିଂ, ଜଳ ସମ୍ପଦ ବିଭାଗର ସୁବର୍ଣ୍ଣରେଖା ବେସିନର ମୁଖ୍ୟ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ପ୍ରମୁଖ ବନ୍ୟା ଅଂଚଳ ପରିଦର୍ଶନ କରିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରଶାସନ ପକ୍ଷରୁ ବନ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ଥିବା କହିବା ସହ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ବନ୍ଧରେ ରାତ୍ରୀ ପାଟ୍ରୋଲିଙ୍ଗ ସହ ବାଉଁଶ, ବାଲିବସ୍ତା ମହଜୁଦ ରଖାଯାଇଥିବା ସୂଚନା ଦିଆଯାଇଛି । ବନ୍ୟା ସମୟରେ ପାନୀୟ ଜଳ ଲୋକଙ୍କ ପ୍ରମୁଖ ସମସ୍ୟା ପାଲଟିଥିବା ବେଳେ ବିଦ୍ୟୁତ କାଟ ଯୋଗୁଁ ଲୋକେ ପିଇବା ପାଣି ପାଇ ପାରୁନାହାନ୍ତି । ପ୍ରଶାସନ ପକ୍ଷରୁ ବିଭିନ୍ନ ପଂଚାୟତରେ ଡିଜି ସେଟ ଲଗାଇ ଲୋକଙ୍କୁ ପାଇପ ପାଣି ଯୋଗାଇବା ପାଇଁ ଦାବି ହୋଇଛି । ଲଗାତାର ଦେଢମାସ ଧରି ବନ୍ୟା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଘୋଷଣା ହୋଇଥିବା ୭ ଦିନର ରିଲିଫ ମଧ୍ୟ ଅଦ୍ୟାବଧି ପହଞ୍ଚିନାହିଁ।

## ନିଖୋଜ ଛାତ୍ରୀ ଭଦ୍ରକରୁ ଉଦ୍ଧାର

ନୀଳଗିରି, ୨୭।୭ (ସମିସ): ଗତ ଅପ୍ରେଲ ୨୩ତାରିଖରେ ନୀଳଗିରି ହସ୍ପିଟାଲରେ ଚିକିତ୍ସାଧିନ ଥିବା ଜଣେ ଛାତ୍ରୀ ନିଖୋଜ ହେବାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ, ହସ୍ପିଟାଲ୍ କର୍ତ୍ତୃପକ୍ଷ ଏବଂ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଥିଲା । ଶେଷରେ ରବିବାର ନୀଳଗିରି ପୁଲିସ ବିଶେଷ ସୂତ୍ରରୁ ଖବରପାଇ ଭଦ୍ରକ ଜିଲ୍ଲା ରାଣୀତାଲ ଗ୍ରାମାଞ୍ଚଳ ଥାନା କିଆଗଡିଆ ଅଞ୍ଚଳରୁ ଉଦ୍ଧାରକରିଥିବା ଜଣାପଡ଼ିଛି । ନୀଳଗିରି ବ୍ଲକ ବଣଭୂଇଁ ଏସଏସଡି ବିଦ୍ୟାଳୟରେ ଅନ୍ତେବାସୀ ଭାବେ ନବମ ଶ୍ରେଣୀରେ ପଢୁଥିବା ଜୈନିକ ଛାତ୍ରୀ ଗତ ୨୧ତାରିଖରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ହଠାତ୍ ୨୩ତାରିଖ ଶୌଚଯିବା ବାହାନାରେ କେଉଁଆଡେ ନିଖୋଜ ହୋଇଯାଇଥିଲା । ଏ ନେଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ୨୪ତାରିଖ ନୀଳଗିରି ଥାନାରେ ଛାତ୍ରୀ ନିଖୋଜ ନେଇ ଲିଖିତ ଅଭିଯୋଗ ପରେ ପୁଲିସ ଛାତ୍ରୀ ସନ୍ଧାନରେ ଥିଲା । ଶେଷରେ ଆଜି ଛାତ୍ରୀଙ୍କୁ ଉଦ୍ଧାରକରି ନୀଳଗିରି ଆଣୁଥିବା ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶ୍ରୀନିବାସ ରାଉତ ସୂଚନା ଦେଇଛନ୍ତି ।

## ନୀଳଗିରି ଗଡ଼ଜାତ ସେନା ପକ୍ଷରୁ ରକ୍ତଦାନ ଶିବିର

ନୀଳଗିରି, ୨୭।୭ (ସମିସ): ନୀଳଗିରି ଗଡ଼ଜାତ ସେନା ଏବଂ ବାଲେଶ୍ୱର ମାରୁଆଡି ଯୁବମଞ୍ଚ ତରଫରୁ ରବିବାର ନୀଳଗିରି ନିଜଗଡସ୍ଥିତ ଆଦିବାସୀ ଶିକ୍ଷଣ ସାଧନକେନ୍ଦ୍ର ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରୁ ମୋଟ ୧୦୫ ୟୁନିଟ ରକ୍ତସଂଗ୍ରହ କରାଯାଇଥିବା ସୂଚନା ମିଳିଛି । ପୂର୍ବାହ୍ନ ୯ଘଟିକା ସମୟରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ । ନୀଳଗିରି ଅଞ୍ଚଳରୁ ବହୁଯୁବକ ଉପସ୍ଥିତ ରହି ରକ୍ତଦାନ କରିଥିବା ବେଳେ ଡ଼ାକ୍ତର ତ୍ରିନାଥ ପାଲଙ୍କ ତତ୍ତ୍ୱାବଧାନରେ ଟେକନିସିଆନ ସରୋଜ ପଣ୍ଡା, ରାଜେଶ ଦାସ, ନର୍ସିଂଷ୍ଟାପ ମଞ୍ଜରୀ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରେ ନୀଳଗିରି ଗଡ଼ଜାତ ସେନାର ସଭାପତି ନିଗମ ମହାପାତ୍ର, ଉପସଭାପତି ଜୟନ୍ତ ପାତ୍ର, ସମ୍ପାଦକ ହିମାଂଶୁ ପୃଷ୍ଟି, ଆଇନ ଉପଦେଷ୍ଟା ସଞ୍ଜୟ ଜେନା, ଉପସ୍ଥିତ ଥିଲେ ।

## ଚୋରି ଉଦ୍ୟମ, ଯୁବକଙ୍କୁ ଧରି ପୁଲିସ ଜିମା

ସୋର,୨୭।୭(ସମିସ): ଗତକାଲି ବିଳମ୍ବିତ ରାତିରେ ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରୁ ଚୋରି ଉଦ୍ୟମ ବେଳେ ମାରଣାସ୍ତ୍ର ସହିତ ଏକ ଗାଡି ଓ ଜଣେ ଚୋରକୁ ଗ୍ରାମବାସୀ ଅଟକାଇ ପୁଲିସକୁ ଜିମା ଦେଇଥିବା ବେଳେ ଚାରିଜଣ ଫେରାର ଥିବା ଜଣାପଡିଛି । ଗତକାଲି ରାତିରେ ଏକ ଅଟୋରେ ୫ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ସାଙ୍ଗରେ ନେଇ ଗାଁ ଭିତରକୁ ପଶିଥିଲେ । ଦୟାନିଧିପୁର ଛକ ନିକଟରେ ଏକ ଘରୁ ଚୋରି ପାଇଁ ଉଦ୍ୟମ କରୁଥିବା ବେଳେ ଗାଁ ଜଗୁଥିବା ଗ୍ରାମବାସୀ ତାଙ୍କୁ ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ । ପରେ ଗ୍ରାମବାସୀ ଜଣେ ଚୋରକୁ କାବୁ କରିଥିବା ବେଳେ ଅନ୍ୟ ଚାରିଜଣ ବିଲ ମଧ୍ୟଦେଇ ଫେରାର ହୋଇଯାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡି ଓ ଯୁବକଙ୍କୁ ଥାନାକୁ ନେଇଥିବା ବେଳେ ଯୁବକ ଜଣଙ୍କ ଚୋରି କରିବାକୁ ଆସିଥିବା ସ୍ୱୀକାର କରିଛି । ପୁଲିସ ଅନ୍ୟମାନଙ୍କୁ ଖୋଜୁଥିବା ଜଣାପଡିଛି ।

## ଦୋକାନରୁ ଚୋରି ଘଟଣାରେ ୩ ଗିରଫ

ସୋର,୨୭।୭ (ସମିସ): ସୋର ଥାନା ମଙ୍ଗଳପୁର ବଜାରରେ ଥିବା ଏକ ଗ୍ରୋସେରୀ ଦୋକାନରୁ ଚୋରୀ ଘଟଣାରେ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୋର ପୁଲିସ । ସୁଚନା ଅନୁସାରେ ଗତ ୨୨ ତାରିଖ ରାତିରେ ମଙ୍ଗଳପୁର ବଜାରରେ ଥିବା ତାପସ କୁମାର ଦାସଙ୍କ ଗ୍ରୋସେରୀ ଦୋକନରୁ ଦେଢ଼ ଲକ୍ଷ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କା ସାମଗ୍ରୀ ଚୋରୀ ହୋଇଥିଲା । ଏନେଇ ତାପସ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଗତକାଲି ରାତିରେ ପୁଲିସ ବାଗୁଡି ଗ୍ରାମର ହରେକୃଷ୍ଣ ମଳିକ, ଭାଗୀରଥି ବେହେରା ଓ ସିନ୍ଧୁଆ ଗ୍ରାମର ବନବିହାରୀ ସିଂକୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି ।

## ଯାତ୍ରା ମାଲିକଙ୍କ ଅହେତୁକ ଦର ବୃଦ୍ଧି ନେଇ ଅସନ୍ତୋଷ

ନୀଳଗିରି, ୨୭।୭ (ସମିସ): ନୀଳଗିରି ଉପଖଣ୍ଡ ଯାତ୍ରା କମିଟି ସଂଘ ଏକ ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀ ନୀଳଗିରି ଏନ.ଏ.ସି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ନୀଳଗିରି ଯାତ୍ରା କମିଟି ସଂଘ କିଛି ଯାତ୍ରା ମାଲିକମାନେ ରାତି ପିଛା ଅହେତୁକ ଦର ବୃଦ୍ଧି ପାଇଁ ଯାତ୍ରା ବନ୍ଦ କରିବାକୁ ନିଷ୍ପତ୍ତି ନେଉଛନ୍ତି । କାରଣ ଅହେତୁକ ଦର ବୃଦ୍ଧି ଯୋଗୁଁ କଳା ପ୍ରେମୀ ଦର୍ଶକ ଯାତ୍ରା ଦେଖିବାରୁ ବଞ୍ଚିତ ହେଉଛନ୍ତି । କିଭଳି ଭାବେ ଯାତ୍ରା ଟିକଟ ଦର କମେଇ ହେବ ସେ ନେଇ ଆଜିର ବୈଠକରେ ନୀଳଗିରି ଉପଖଣ୍ଡର ସ୍ୱର୍ଣ୍ଣଚୂଡ଼ ଯାତ୍ରା କମିଟିର ସମ୍ପାଦକ ରଶ୍ମିରଞ୍ଜନ ରାଉତ ଅତିଥି ପରିଚୟପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲା ବେଳେ ଅଗଣି ଚରଣ ସାହୁ ସଭାପତିତ୍ୱ କରିଥିଲେ । ମଞ୍ଚାସିନ ଅତିଥିମାନଙ୍କ ମଧ୍ୟରେ କୁରୁଡ଼ା ଯାତ୍ରା କମିଟିର ସଭାପତି ରାଜେନ୍ଦ୍ର କୁମାର ରାଉତ, ଅଜୟ କୁମାର ମହାପାତ୍ର, ପୋଡ଼ଶୁଳ ଯାତ୍ରା କମିଟି ସଭାପତି କୈଳାଶ ଚନ୍ଦ୍ର ମହାନ୍ତି, ପଞ୍ଚଲିଙ୍ଗେଶ୍ୱର ଯାତ୍ରା କମିଟିର ସଭାପତି ବସନ୍ତ କୁମାର ରାଉଳ, ମିତ୍ରପୁର ଯାତ୍ରା କମିଟିର ସଭାପତି ଅଗଣି ଚରଣ ସାହୁ ମଞ୍ଚାସିନ ଥାଇ ଯାତ୍ରା ମାଲିକ ଏବଂ ଦର୍ଶକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ସ୍ୱର୍ଣ୍ଣଚୂଡ଼ ଯାତ୍ରା କମିଟି, ଅଯୋଧ୍ୟା ଯାତ୍ରା କମିଟି, ସନ୍ତରାଗଡିଆ ଯାତ୍ରା କମିଟି, ପଞ୍ଚଲିଙ୍ଗେଶ୍ୱର ଯାତ୍ରା କମିଟି, କୁରୁଡ଼ା ଯାତ୍ରା କମିଟି, ମିତ୍ରପୁର ଯାତ୍ରା କମିଟି, ପୋଡ଼ାଶୁଳ ଯାତ୍ରା କମିଟି, ଅଯୋଧ୍ୟା ଯାତ୍ରା କମିଟିର ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ୨୦ ଲକ୍ଷ ଟଙ୍କା ସହ ଅଭିଯୁକ୍ତକୁ ଗିରଫକଲା ଦିଲ୍ଲୀ ପୁଲିସ

ନୀଳଗିରି, ୨୭।୭ (ସମିସ)



ନୀଳଗିରି ଥାନା ଅଧିନ ଈଶ୍ୱରପୁର ପଞ୍ଚାୟତ ଭୀମେଇ ଗ୍ରାମର କାଶୀନାଥ ମଲ୍ଲିକ (୩୦) ଦିଲ୍ଲୀର ଏକ ବିଲଡରଙ୍କ ଘରେ ରୋଷେୟା ଭାବେ କାମ କରିଆସୁଥିଲେ । ଘର ମାଲିକ କାଶୀନାଥଙ୍କୁ ପରିବାରର ଜଣେ ସଦସ୍ୟ ଭାବେ ବିଶ୍ୱାସ କରିଥିଲେ । ମାତ୍ର କାଶୀନାଥ ବିଶ୍ୱାସରେ ବିଷ ଦେଇଥିଲା । ଘରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଲୋଭ ସମ୍ବରଣ କରିପାରିନଥିଲେ କାଶୀନାଥ । ମାଷ୍ଟର ପ୍ଲାନ କରିଥିଲା କାଶୀନାଥ । ଏତେ ଗୋଡ଼ାଏ ଟଙ୍କା ଲୁଟିବା ପାଇଁ ସାହସ କରିପାରୁନଥିଲା ସେ । ଶେଷରେ ନିଜ ଗ୍ରାମର ଦୁଇ ବନ୍ଧୁ ଆଶୁତୋଷ ଓ ଜଗବନ୍ଧୁ ର ସହଯୋଗ ଲୋଡ଼ିଥିଲା । ଏ ଦୁଇ ବନ୍ଧୁ ଦିଲ୍ଲୀରେ ପହଞ୍ଚିଥିଲେ । ସେଠାରେ ପହଞ୍ଚିବା ପରେ ମାଷ୍ଟର ପ୍ଲାନ କରିଥିଲେ । ଗତ ୭ ଦିନ ପୂର୍ବରୁ ଘରର ସପରିବାର ରାତିରେ ଶୋଇଥିବା ବେଳେ କାଶୀନାଥ ମଲ୍ଲିକ ଏହି ଦୁଇ ବନ୍ଧୁଙ୍କୁ ଡାକି ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଯେଉଁ ଘର ଆଲମିରାରେ ଟଙ୍କା ଗଚ୍ଛିତ ଥିଲା ସେହି ଘରର ଝରକା ଭାଙ୍ଗି ଏହି ୩ ଜଣ ଗଡ଼ରେଜ ର ତାଲା ଭାଙ୍ଗି ୮୬ ଲକ୍ଷ ଟଙ୍କା ଚୋରି କରି ପଳାଇ ଆସିଥିଲେ । ଉକ୍ତ ଚୋରି ଟଙ୍କା ମଧ୍ୟରୁ ୨୨ ଲକ୍ଷ ଆଶୁତୋଷ, ୨୩ ଲକ୍ଷ ଜଗବନ୍ଧୁ, ଏବଂ ୪୧ ଲକ୍ଷ ଟଙ୍କା କାଶୀନାଥ ମଲ୍ଲିକ ବାଣ୍ଟି ନେଇଥିଲେ । ଏହି ୩ ବନ୍ଧୁ ଏକ ସାଙ୍ଗରେ ନ ଆସି ଟ୍ରେନ ରେ ଆଶୁତୋଷ, ଦିଲ୍ଲୀରୁ ପାଟଣା କୁ ବସ ଯୋଗେ ଜଗବନ୍ଧୁ, ବାଇକରେ କାଶୀନାଥ ନିଜ ଘର ଭୀମେଇ ଗ୍ରାମ କୁ ପଳାଇ ଆସିଥିଲା । ଯୋଜନା ମୁତାବକ ଯିଏ ପ୍ରଥମେ ପୋଲିସ ହାତରେ ଧରା ପଡ଼ିବ ସେ ଅନ୍ୟ ଦୁଇ ଜଣତାଙ୍କୁ ବେଲ ରେ ଆଣିବାକୁ ନିଷ୍ପତ୍ତି ମଧ୍ୟ ହୋଇ ଥିଲା । ମାତ୍ର ଦିଲ୍ଲୀ ପୁଲିସ ଆଶୁତୋଷ କୁ ଦିଲ୍ଲୀ ରେଲୱେ ଷ୍ଟେସନରୁ ଗିରଫ କରିଥିଲେ । ସେହିପରି ଦିଲ୍ଲୀ ପୁଲିସ ପ୍ଲେନ ଯୋଗେ ଆସି ପାଟଣା ବସ ଷ୍ଟାଣ୍ଡ ରୁ ଜଗବନ୍ଧୁ କୁ ଗିରଫ କରିବାରେ ସଫଳ ହୋଇ ଥିଲେ । ମାତ୍ର କାଶୀନାଥ ର ସନ୍ଧାନ ପାଇ ନଥିଲା ପୁଲିସ । ବିଶେଷ ସୂତ୍ରରୁ ଦିଲ୍ଲୀ ପୋଲିସ ଖବର ପାଇ ଜଗବନ୍ଧୁ ନୀଳଗିରିରେ ଥିବା କଥା ଜାଣିବାକୁ ପାଇଥିଲା । ଗତକାଲି ଦିଲ୍ଲୀ ପୁଲିସ ନୀଳଗିରି ପୋଲିସ ଷ୍ଟେସନ ରେ ପହଞ୍ଚି ଆଇଆଇସି ଗୋବର୍ଦ୍ଧନ ନାୟକ ଏବଂ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇଙ୍କ ସହଯୋଗରେ ଭୀମେଇ ଗ୍ରାମରେ ଚଢ଼ାଉ କରିଥିଲେ । ମାତ୍ର କାଶୀନାଥ ମଲ୍ଲିକ ର ସନ୍ଧାନ ପାଇ ନଥିଲେ । ମାତ୍ର ରବିବାର ଦିନ ଭୋର ସମୟରେ ନୀଳଗିରି ପୋଲିସ ସହଯୋଗ ରେ ଦିଲ୍ଲୀ ପୋଲିସ କାଶୀନାଥକୁ ତାଙ୍କ ଘରୁ ଗିରଫ କରିବା ସହିତ ନଗଦ ୨୦ ଲକ୍ଷ ଟଙ୍କା ଜବତ କରି ଦିଲ୍ଲୀ ନେଇ ଯାଇଥିଲେ । ଅଭିଯୋଗକାରୀ ନୂଆଦିଲ୍ଲୀର ସିଆର ପାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ଏ ନେଇ ଏକ ମାମଲା ରୁଜୁ କରାଯାଇଛି ।



## ରସାଳପୁର ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା



ବାଲେଶ୍ୱର,୨୭।୭(ସମିସ): ରସାଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ଡ଼ା. କୁମାର ଗୋପାଳ ପ୍ରଦୀପ ଉଦଘାଟନ କରି ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଶିଶୁଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ କହିଥିଲେ। ମିଲି ଗୁରୁମା'ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗୀତାଞ୍ଜଳି ପାଣିଗ୍ରାହୀ ଯୋଗଦେଇ ପିଲାମାନଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷଟିଏ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ ଓ ସଂପାଦକ ଶମ୍ଭୁନାଥ ଯାଦବ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ଗୁରୁମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟସ୍ମିତା ଗୁରୁମା' କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିମା ଗୁରୁମା' ପ୍ରାରମ୍ଭିକ ଭାଷଣ ରଖିଥିବା ବେଳେ ମିତା ଗୁରୁମା' ପଞ୍ଚାଙ୍ଗ ବୋଲିଥିଲେ। ଜ୍ୟୋତ୍ସ୍ନା ଗୁରୁମା' ଅମୃତ ବଚନ ପାଠ କରିବା ବେଳେ ମିଲି ଗୁରୁମା' ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ବିନୀତା ଗୁରୁମା,ଝୁନୀ ଗୁରୁମା', ମନୀଷା ଗୁରୁମା', ସରୋଜିନୀ ଗୁରୁମା', ଜ୍ୟୋତି ଗୁରୁମା', ପ୍ରଜ୍ଞାଶ୍ରୀ ଗୁରୁମା', ସୁକନ୍ୟା ଗୁରୁମା' ଓ ସେବୀକା ଅପା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାଆମାନେ ଅଂଶଗ୍ରହଣ କରିଥିଲେ।

## ବାଲେଶ୍ୱର ରେଳଷ୍ଟେସନରୁ ୬ ଶିଶୁ ଶ୍ରମିକ ଉଦ୍ଧାର

ବାଲେଶ୍ୱର,୨୭।୭(ସମିସ): ଜେସିଡ଼ି (ଝାଡ଼ଖଣ୍ଡ)ରୁ ବେଙ୍ଗାଲୁରୁ ଯାଉଥିବା ସାପ୍ତାହିକ ଟ୍ରେନରୁ ଶିଶୁ ଶ୍ରମିକ ଚାଲାଣ ବେଳେ ବିଏଡିସି, ସରକାରୀ ରେଳବାଇ ପୁଲିସ ଓ ରେଳ ସୁରକ୍ଷା ବାହିନୀ ମିଳିତ ସହଯୋଗରେ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଉଦ୍ଧାର କରାଯିବ ପରେ ଏହି ନାବାଳକ ମାନଙ୍କୁ ବିଏଡିସି ତରଫରୁ କାଉନସିଲର ଦ୍ୱାରା କାଉନସେଲିଂ କରାଯାଇଥିଲା ଓ ପରବର୍ତ୍ତୀ ଅବସ୍ଥାରେ ଏହି ୬ ଜଣଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନା କରାଯାଇଥିଲା। ଏହି ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନରେ ସରକାରୀ ରେଳବାଇ ପୁଲିସ ଗଣେଶରାମ ସା, ରେଳ ସୁରକ୍ଷା ବାହିନୀ ତୁଳସି ଶଙ୍ଖୁଆ, ବିଏଡିସିର ସମ୍ପାଦକ ଗୋପାଳକୃଷ୍ଣ କର, ପ୍ରକଳ୍ପ ଅଧିକାରୀ ରାଜଶ୍ରୀ ବେହେରା ବିଏଡିସିର କାର୍ମଚାରୀ ବୃନ୍ଦ ଓ ଅନ୍ୟାନ୍ୟ କର୍ମୀ ସାମିଲ ଥିଲେ। ଏଠାରେ ପ୍ରକାଶ ଥାଉକି, ସମସ୍ତ ଶିଶୁ ଝାଡ଼ଖଣ୍ଡ ରାଜ୍ୟର ଏବଂ ଉକ୍ତ ଶିଶୁ ମାନଙ୍କ ସହିତ ଯାଉଥିବା ୫ ଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ଜିଆରପି ପୋଲିସ ଦ୍ୱାରା ସନ୍ଦେହରେ ଅଟକ ରଖାଯାଇଛି।

## ଜିଲ୍ଲାସ୍ତରୀୟ ଚେକ୍ ବାଉନ୍ସ ସମ୍ବନ୍ଧିତ ଲୋକ ଅଦାଲତ



ବାଲେଶ୍ୱର,୨୭।୭(ସମିସ): ଚେକ୍ ବାଉନ୍ସ ସମ୍ବନ୍ଧିତ ଏକ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍‌କୋର୍ଟ, ବାଲେଶ୍ୱର ଏବଂ ତାଲୁକ୍ ଆଇନ୍ ସେବା ସମିତି ସରୋ ଏବଂ ନୀଳଗିରିଠାରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେଜିଲ୍ଲା ଏବଂ ଦୌରାଜଜ୍‌ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ୧୯୫୮ଟି ଚେକ୍ ବାଉନ୍ସ ସମ୍ବନ୍ଧିତ ମାମଲା ଚିହ୍ନଟ କରାଯାଇ ୧୮୭ ମାମଲାର ଫଇସଲା କରାଯାଇଥିଲା। ଏଥିସହିତ ୪,୪୭,୨୪,୫୧୨ ଟଙ୍କା (ଚାରି କୋଟି ସତଚାଳିଶ ଲକ୍ଷ ଚବିଶ ହଜାର ପାଞ୍ଚ ଶହ ବାର ଟଙ୍କା) ଫାଇନ୍ ଆଦାୟ କରାଯାଇଥିଲା। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ଲୋକ ଅଦାଲତକୁ ପରିଚାଳନା କରିଥିଲେ।

## ସଦାନନ୍ଦଜୀଙ୍କ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,୨୭।୭(ସମିସ): ହଳଦୀପଦାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ରାଷ୍ଟ୍ର ଭକ୍ତ ସଦାନନ୍ଦଜୀଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ କ୍ଷୀତିଶ କୁମାର ଜେନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ଚୌଧୁରୀ ଅତିଥିଙ୍କ ପରିଚୟପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଂଚ ରାଧାକୃଷ୍ଣ ଜେନା, ମୁଖ୍ୟବକ୍ତା ଭାବେ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର କୁମର ପ୍ରଧାନ, ଶିବଚରଣ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ସଦାନନ୍ଦଜୀଙ୍କର ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ,ଗୁରୁଜୀ,ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣୀ ରଣା ଧନ୍ୟବାଦ ଦେଇଥିଲେ।

### ଏଫ୍‌ଏମ୍‌ୟୁରେ ସହକାରୀ ପ୍ରଫେସରଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା

# ସୁରକ୍ଷା କର୍ମୀ ବହିଷ୍କୃତ, କ୍ୟାମ୍ପସ୍‌ରେ ପୁଲିସର ତନାଘନା

ବାଲେଶ୍ୱର,୨୭।୭(ସମିସ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ତାଙ୍କ ବିଭାଗର ଏଚଓଡ଼ିଙ୍କ ଠାରୁ ନିର୍ଯାତନାର ଶିକାର ହୋଇ ଆତ୍ମଦାହ କରିବା ଘଟଣା ମନରୁ ନ ଯାଉଣୁ ଏବେ ପୁଣି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜଣେ ସହକାରୀ ଅଧ୍ୟାପକଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା ଘଟିଛି।

ଦୁଷ୍କର୍ମ ଉଦ୍ୟମ କରିଥିବା ଯୁବକକୁ ରେମୁଣା ପୁଲିସ ଗିରଫ କରିଥିବା ଏହି ଘଟଣାର ଅଧିକ ଖୋଳତାଡ ଚଳାଇଛି। ଗିରଫ ଯୁବକ ଜଣକ ହେଉଛି ନୀଳଗିରି ଥାନା ଅର୍ନ୍ତଗତ ମର୍ଦ୍ଦରାଜପୁର ଅଂଚଳର ହରିହର ପାତ୍ର। ଫକୀରମୋହନ ବିଶ୍ୱବିଦ୍ୟାଳୟର କେମେଷ୍ଟ୍ରୀ ବିଭାଗର ଜଣେ ସହକାରୀ ପ୍ରଫେସର ବିଶ୍ୱବିଦ୍ୟାଳୟ ପରିସରରେ ସପରିବାର କ୍ୱାର୍ଟରରେ ରୁହନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲୁଛି। ନୀଳଗିରି ଅଂଚଳର ହରିହର ବିଶ୍ୱବିଦ୍ୟାଳୟର ଗେଟ ଠାରେ ଥିବା ସିକ୍ୟୁରିଟି ଗାର୍ଡକୁ ସେ ଜଣେ ଶ୍ରମିକ ଏବଂ ଏଠାକୁ କାମ କରିବାକୁ ଆସିଛନ୍ତି ବୋଲି କହି ବିଶ୍ୱବିଦ୍ୟାଳୟ ମଧ୍ୟକୁ ପଶିଯାଇଥିଲେ। ଉକ୍ତ ପ୍ରଫେସରଙ୍କ ଘରେ ଗ୍ୟାସ ଚୁଲାଟି ଖରାପ ହୋଇଯାଇଥିଲା। ତେବେ ତାଙ୍କ ପତ୍ନୀ ଫୋନ ଯୋଗେ କାହାକୁ ଗ୍ୟାସ ଚୁଲା ମରାମତି ପାଇଁ କହିଥିଲେ। ଏହି ସମୟରେ ହରିହର ତାଙ୍କ ଘରର କବାଟ ବାଡେ଼ଇଥିଲା। ତେବେ ପ୍ରଫେସରଙ୍କ ପତ୍ନୀ କେହି ଗ୍ୟାସ ଠିକ କରିବାକୁ ଆସିଥିବା ଭାବି କବାଟ ଖୋଲି ଥିଲେ। ହରିହର ମଧ ଗ୍ୟାସ ଠିକ କରିବାକୁ ଆସିଛି ବୋଲି କହି ଘର ମଧ୍ୟକୁ ପଶିଥିଲା।



ହେଲେ ସେ ଘରର କବାଟ ବନ୍ଦ କରି ଉକ୍ତ ମହିଳାଙ୍କ ତଂଟି ଚିପି ଧରି ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବାବେଳେ ମହିଳା ଜଣଙ୍କ ଚାଲାକି କରି କେତେ ଟଙ୍କା ନେଲେ ତାଙ୍କୁ ଛାଡିଦେବୁ ବୋଲି ପ୍ରଶ୍ନ କରିଥିଲେ। ଏଥିରେ ନିଶାସକ୍ତ ହରିହର ଚିନ୍ତା କରୁଥିବାବେଳେ ମହିଳାଜଣଙ୍କ ପାଟି କରିବା ସହ ତାଙ୍କ ସ୍ୱାମୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଅନ୍ୟପଟେ ମହିଳାଙ୍କ ପାଟି ଶୁଣି ନିକଟରେ ଥିବା ଜଣେ ସିକ୍ୟୁରିଟି ଗାର୍ଡ ସେଠାକୁ ଦୌଡି ଆସିବା ଫଳରେ ସେମାନେ ଅଭିଯୁକ୍ତକୁ କାବୁ କରି ରେମୁଣା ପୁଲିସକୁ ଖବର ଦେଇଥିଲେ। ତୁରନ୍ତ ପୁଲିସ ପହଁଚି ହରିହରକୁ ନେଇଯାଇଥିଲେ। ପରେ ମହିଳାଙ୍କ ଅଭିଯୋଗ କ୍ରମେ ପୁଲିସ ୧୩୧/୨୫ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ବିଶ୍ୱବିଦ୍ୟାଳୟକୁ ଏସଡିପିଓଙ୍କ ସମେତ ସାଇଣ୍ଟିଫିକ ଟିମ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏହି ଘଟଣାରେ ଗିରଫ ହୋଇଥିବା ହରିହରଙ୍କ ବାପା ବୁଧିଆ କହିଛନ୍ତି ଯେ, ତାଙ୍କ ପୁଅର ମୁଣ୍ଡ ଦୋଷ ରହିଛି। ଅନ୍ୟପଟେ ଏହି ଘଟଣାକୁ ନେଇ କୁଳପତି ଡ. ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି ଯେ, ଏବେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ସିକ୍ୟୁରିଟିକୁ ବାହାର କରିଦିଆ ଯାଇଥିବା ବେଳେ ଅନ୍ୟ ସିକ୍ୟୁରିଟି ଗାର୍ଡକୁ ରଖାଯିବା ସହ ଅଧିକ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଏହି ମାମଲାର ତଦନ୍ତ ଚାଲିଥିବା ରେମୁଣା ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି।

## ଏପିଜେ ଅବଦୁଲ କାଲାମ ଅବିସ୍ମରଣୀୟ ବ୍ୟକ୍ତିତ୍ୱ: ଓୟୁଜେ




ବାଲେଶ୍ୱର,୨୭।୭(ସମିସ): ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରି ବିଶ୍ୱର ପ୍ରତିରକ୍ଷା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଡ଼. ଏପିଜେ ଅବଦୁଲ କାଲାମ ଆମ ସମସ୍ତଙ୍କ ପ୍ରାତଃ ସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ୍ ଛକ ଠାରେ ଭାରତ ରତ୍ନ ଡ. ଏପିଜେ ଅବଦୁଲ କାଲାମଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ପ୍ରାପ୍ତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କହିଲେ ଯେ,ଅବଦୁଲ କାଲାମ ଙ୍କ କର୍ମସ୍ଥଳ ଥିଲା ବାଲେଶ୍ୱରର ଚାନ୍ଦିପୁର। ସେ ଚାନ୍ଦିପୁର ରୁ ହିଁ ପ୍ରଥମେ ଉଚ୍ଚ କ୍ଷମତା ସମ୍ପନ୍ନ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରି ବିଶ୍ୱବାସୀଙ୍କ ହୃଦକମ୍ପ ବଢାଇ ଦେଇଥିଲେ। ସେ ଦିନ ଠାରୁ ଭାରତ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବାରେ ଲାଗିଛି। ୟୁନିୟନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ଖବରର ସଂପାଦକ ଅମୀୟ କୁମାର ମହାନ୍ତି, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଲକ୍ଷ୍ମୀଧର ବାରିକ, ହାଇଦର ଖାନ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, ଅଜିତ କୁମାର ମହାନ୍ତି, ଆଜୀମ ବାଲେଶ୍ୱରୀ, ସେକ ନଜିମ, ଗୋପୀକୃଷ୍ଣ ମହାନ୍ତି, ଅଧିପ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଅନର ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

## ଉତ୍କଳାରେ ୫୫ତମ ଫେସ୍‌ବୁକ୍ କବିତା ଆସର



ବାଲେଶ୍ୱର,୨୭।୭(ସମିସ): ନୋସି କଲଚୁରାଲ ଏକାଡେମି ଦ୍ୱାରା ମାସର ୪ର୍ଥ ରବିବାରରେ ୫୫ତମ ଫେସବୁକ କବିତା ଆସର ଆୟୋଜିତ ହୋଇଯାଇଛି। ଉତ୍କଳା ମୁକ୍ତ ମଞ୍ଚରେ ଆୟୋଜିତ ଏହି କବିତା ଆସରରେ ସାମ୍ପ୍ରତିକ ସମାଜ ଓ ପରିବେଶ ଆଧାରିତ ସୁନ୍ଦର ସୁନ୍ଦର ସ୍ୱରଚିତ କବିତା ଆସରରେ କବି କବୟିତ୍ରୀ ମାନେ ପାଠ କରିଥିଲେ। ଫେସବୁକ କବିତା ଆସରର ଆବାହକ ଶିଳ୍ପୀ କେଶୁଦାସ ପୌରୋହିତ୍ୱ କରିଥିବାବେଳେ କବି ଗଗନ ସେଠୀ ଓ ମଧୁସୂଦନ ଦାଶ କବିତା ପାଠୋତ୍ସବ ସଞ୍ଚାଳନ କରିଥିଲେ। ଏହି କବିତା ଆସରରେ ରତିକାନ୍ତ ଦାସ, ପ୍ରବୀର କାମିଲା, ତୃପ୍ତି ପାତ୍ର, ଦେବାଶିଷ ସିଂହ, ଜୟନ୍ତ ହଂସରାଜ, ମଧୁସୁଦନ ମାଝୀ, ଅଜିମ୍ ବାଲେଶ୍ୱରୀ, ସେଖ ଇର୍ସାଦ, ପ୍ରଭାକର ସାହୁ, ସଞ୍ଜିବ ଜେନା, ତାପସ ସାହୁ କବିତା ପାଠ କରିଥିଲେ। ଉତ୍କଳାର କଣ୍ଠଶିଳ୍ପୀ ରଶ୍ମିରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ, କୁମାର ଜୀବନ, ପ୍ରବୀର କୁମାର କମିଳା ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

### ● ଅଲ୍‌ଓଡ଼ିଶା ସବ୍‌ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

## ଡବଲ୍ସ ଫାଇନାଲରେ ଅର୍ଣ୍ଣବ ଓ ଆୟଙ୍କ ବିଜୟୀ

ବାଲେଶ୍ୱର,୨୭।୭(ସମିସ): ଜଟଣୀ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍ ଓଡ଼ିଶା ସବ୍ ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ୧୩ ବର୍ଷରୁ କମ୍ ଜିଲ୍ଲା ଖେଳାଳି ଅର୍ଣ୍ଣବ ଦାସ ତାଙ୍କ ସାଥୀ ଆୟଙ୍କ ସାହୁଙ୍କ ସହ ୧୩ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ବିଜୟୀ ହୋଇଛନ୍ତି। ସେମାନେ ପାନସୁଏଲ ସେଠୀଙ୍କୁ ପରାସ୍ତ କଲେ ଏବଂ ଫିନଲା



ଇଭେଣ୍ଟରେ ଭୁବନେଶ୍ୱରର ଅନୁରୂପ ସାହୁ। ଅର୍ଣ୍ଣବ ଦାସ ମଧ ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ତାଙ୍କୁ ଅଭିନନ୍ଦନ ଜଣାଉଛି। ଏହି ବିଜୟ ସହିତ ସେ ତାଙ୍କର ଜାତୀୟ ଚୟନ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ଶ୍ରୀଯୁକ୍ତ ନିଳୀନ କୁମାର, ଉପାଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବିଜୟ ଯୋଗୁଁ ବାଲେଶ୍ୱରର ସମସ୍ତ ବ୍ୟାଡମିଣ୍ଟନ ଖେଳାଳି ବହୁତ ଖୁସି ଏବଂ ଭବିଷ୍ୟତରେ ତାଙ୍କର ଆହୁରି ସଫଳତା କାମନା କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ୨୫ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

## ବାଲେଶ୍ୱର ହୋଟେଲ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୭।୭(ସମିସ): ବାଲେଶ୍ୱର ହୋଟେଲ ଆସୋସିଏସର ପଚିଶ ବର୍ଷ ପୂର୍ତ୍ତି ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ହୋଟେଲ ହରିପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ରାଜ୍ୟ ଆସୋସିଏସନର ସଭାପତି ସରୋଜ ବୋଦନୱାଲା ପୌରହିତ୍ୟ କରି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ସଂଖ୍ୟାଧିକ ହୋଟେଲ ମାଲିକ, ସେମାନଙ୍କ ପରିବାରବର୍ଗ ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ। ୧୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସମ୍ପାଦକ ଆଦର୍ଶ



ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହି ଶିବିରରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ରକ୍ତର ଅଭାବ ପୂରଣ ପାଇଁ ଆସୋସିଏସନର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ଏବଂ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଟ୍ଟର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଜୀବନ ଅଧ୍ୟକ୍ଷ ସଂଜୀବ ଦାସ, ଉପସଭାପତି ସଂଗ୍ରାମ ଦାସ, କୋଷାଧକ୍ଷ ମନୋରଞ୍ଜନ ସାହୁ, ଆବାହକ କେକେ ମହାରାଜଙ୍କ ସମେତ ବିପ୍ଳବ ମହାନ୍ତି, ଇଂ ବିଭୂପଦ ଦାସ, ରଞ୍ଜନ ସାହୁ, ସୁମନ ପାଣିଗ୍ରାହୀ, ଉଜ୍ଜଳ କୁମାର ମହାନ୍ତି, ହାଇଦର ଖାଁ ପ୍ରମୁଖ ଆସୋସିଏସନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜଳବନ୍ଦୀଙ୍କ ପାଖରେ ପହଞ୍ଚିଲା କଂଗ୍ରେସ



ରାଜଘାଟ, ୨୭।୭ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଇଡିଦା ପଂଚାୟତ ଭିତର ବ୍ରହ୍ମତ ଓ କାଲୁ ଖାଁ ଦୁଇଟି ଗ୍ରାମର ପାଖାପାଖି ଏକ ହଜାରରୁ ଅଧିକ ଲୋକ ଜଳବନ୍ଦୀ । ସେମାନଙ୍କ ପାଖରେ ପ୍ରଶାସନ ତରଫରୁ ଶୁଖିଲା ଖାଦ୍ୟ କିମ୍ବା ପିଇବା ପାଣି କିଛି ପହଂଚି ପାରିଲା ନାହିଁ। ଏହି ଖବର ପାଇ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ସ୍ଥାନୀୟ ବିଡ଼ିଓଙ୍କ ସହିତ ଆଲୋଚନା କରିଥିଲେ। ବିଡ଼ିଓ ସମସ୍ତ ବ୍ୟବସ୍ଥା କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ଶେଷ ମୁହୁର୍ତ୍ତ ରେ ମନା କରି ଥିଲେ। ଯାହା ଫଳରେ କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ, ଅରୁଣ ମଣ୍ଡଳ, ଛାତ୍ର କଂଗ୍ରେସ ନେତା ସନ୍ତୋଷ ଗୋଛୟତ, ଦରଡା ପଂଚାୟତ କଂଗ୍ରେସ ସଭାପତି ନରହରି ଘଡାଇ, ଯୁବ ନେତା ରମ୍ୟ ରଞ୍ଜନ ସାହୁ, ଇଡିଦା ପଂଚାୟତ ଯୁବ କଂଗ୍ରେସ ସଭାପତି ପ୍ରାଣକୃଷ୍ଣ ଆଦେଖ ସେମାନଙ୍କ ପାଖରେ ପହଁଚି ଦୁଃଖ ଦୁର୍ଦ୍ଦଶା ଶୁଣି ଶୁଖିଲା ଖାଦ୍ୟ ବ୍ୟବସ୍ଥା କରିଥିଲେ। ପ୍ରଶାସନର ଏହି ଖାମଖିଆଲି ମନୋଭାବକୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

### ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସାମ୍ବାଦିକ ସମ୍ମିଳନୀ

# ଦାବି ପୂରଣ କରୁନାହାନ୍ତି ସରକାର, ଆନ୍ଦୋଳନ ଚେତାବନୀ

ବାଲେଶ୍ୱର,୨୭।୭(ସମିସ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କର କୌଣସି ଦାବିକୁ ସରକାର ପୂରଣ କରୁ ନାହାନ୍ତି। ଏପରିକି ସେମାନଙ୍କର ଧୈର୍ଯ୍ୟର ପରୀକ୍ଷା ମଧ୍ୟ ନ କରନ୍ତୁ ଏହାଫଳରେ ଏକ ବ୍ୟାପକ ଆନ୍ଦୋଳନ ହେବ ବୋଲି ଆଜି ଓଷ୍ଟା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମିତି ପକ୍ଷରୁ କୁହାଯାଇଛି।




ସରକାରକୁ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ହେଲେ ସରକାର ଦାବିଗୁଡିକୁ ଅଣଦେଖା କରିଚାଲିଛନ୍ତି। ଫଳରେ ଶିକ୍ଷକ ଓ କର୍ମଚାରୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏଣୁ ବାଧ୍ୟ ହୋଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ। ଏ ନେଇ ସମସ୍ତ ବ୍ଲକରେ ଜୋରଦାର ପ୍ରସ୍ତୁତି ଚାଲିଛି ବୋଲି କୁହାଯାଇଛି। ବିଶେଷ କରି ସେମାନେ ସରକାରଙ୍କଠାରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସରନେଇଥିବା ଓ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ୧୯୮୧ପେନସନ ନିୟମ ଲାଗୁ କରିବା ସହିତ ଅବସର କାଳୀନ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବା, ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା କରିବା, ଗ୍ରେଡ ପେରେ ଥିବା ଅସଂଗତି ଦୂର କରିବା, ପୁରୁଣା ପେନସନ ପୁନଃ ପ୍ରଚଳନ କରିବା, ଚୁକ୍ତି ଭିତ୍ତିକ ଶିକ୍ଷକମାନଙ୍କର ୬ବର୍ଷର ଚାକିରି କାଳକୁ ବରିଷ୍ଠତା କ୍ଷେତ୍ରରେ ହିସାବକୁ ନେବା, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବା,୧୧୦ବାଳିକା ବିଦ୍ୟାଳୟକୁ ୬୧୦ସହ ସମାନ କରିବା ପାଇଁ ରହିଥିବା କୋର୍ଟ ନିର୍ଦ୍ଦେଶକୁ ପାଳନ କରିବା,ସ୍କୁଲ ଓ କଲେଜରେ ଶୂନ ପଡିଥିବା ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ପୂରଣ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ହେଲେ ଏହି ଦାବି ଗୁଡିକୁ ଆଜି ପର୍ଯ୍ୟନ୍ତ ସରକାର ବିଚାରକୁ ନେଇ ନାହାନ୍ତି କି ସେଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିନାହାନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ,ରାଜ୍ୟରେ କିଛି ସ୍କୁଲ ଓ କଲେଜ ଦୀର୍ଘ ଦିନ ଧରି ଅନୁଦାନରୁ ବଂଚିତ ହେବା ଯୋଗୁଁ ଏଠାରେ ଅଧ୍ୟୟନ ଛାତ୍ରଛାତ୍ରୀମାନେ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି। ଏହାଛଡା ସେଇ ସ୍କୁଲ ଗୁଡିକରେ କାର୍ଯ୍ୟରତ ଶିକ୍ଷକ,ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ୨୫ରୁ୩୦ବର୍ଷ ହେଲା ବିନା ଦରମାରେ କାର୍ଯ୍ୟ କରୁଛନ୍ତି। ସମାନ ଭାବେ ସରକାର ଏକ ନୂତନ ଅନୁଦାନ ନାମରେ ଏକ ଶ୍ରେଣୀ ସୃଷ୍ଟି କରିଛନ୍ତି। ଏଥିରେ ଅର୍ନ୍ତଭୁକ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ଅବସର ଗ୍ରହଣ କରିବା ଦିନ ଖାଲି ହାତରେ ଘରକୁ ଫେରୁଛନ୍ତି। ଜଣେ ସରକାରୀ କର୍ମଚାରୀ ପେନସନ ପାଇବା ଏକ ସାମ୍ବିଧାନିକ ଅଧିକାର ହୋଇଥିବା ବେଳେ ଏ ନେଇ ସରକାର କୌଣସି କର୍ଣ୍ଣପାତ କରୁ ନାହାନ୍ତି। ଏହାରି ମଧ୍ୟରେ ଅନେକ ଅବସର ନେଇ ସାରିଥିଲେ ସେମାନେ ଟଙ୍କା ଟିଏ ପାଇନାହାନ୍ତି। ଫଳରେ ସେମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଏହାଛଡା ବିଦ୍ୟାଳୟ ଗୁଡିକର ଅବସ୍ଥା ମଧ୍ୟ ଦୟନୀୟ ହେବାରେ ଲାଗିଛି। ଏଣୁ ଏହି ସବୁ ସମସ୍ୟାକୁ ସରକାର ତୁରନ୍ତ ସମାଧାନ ନ କଲେ ଆସନ୍ତା ମାସ ୨ତାରିଖରେ ସମସ୍ତ ବ୍ଲକରେ ଏହାର ପ୍ରତିବାଦ କରାଯିବା ସହ ୮ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହୁଏ ତେବେ ଆସନ୍ତା ୧୬ତାରିଖରେ ଭୁବନେଶ୍ୱର ଠାରେ ମହାସମାବେଶ ହେବା ସହ ପ୍ରତିବାଦ କରାଯିବ ବୋଲି ସଷ୍ଟର ସଭାପତି ମନୋରଞ୍ଜନ ଦାସ ସୂଚନା ଦେଇଛନ୍ତି।

ଓଷ୍ଟାର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, ପ୍ରତିଭା ଚାନ୍ଦ, ଶିବଶଙ୍କର ମିଶ୍ର, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ରଶ୍ମିରଞ୍ଜନ ଶତପଥି, ପ୍ରମୋଦ କୁମାର ସାହୁ, ଜଗବନ୍ଧୁ ପଣ୍ଡା, ନିରଞ୍ଜନ ନାଦ, ଅଞ୍ଜନ କୁମାର ଚାନ୍ଦ, ଦୁର୍ଗାଶଙ୍କର ପର୍ଡା, ନବକିଶୋର ବାରିକ, ଅତନୁ ପ୍ରଧାନ, ମାନସ ସ୍ୱାଇଁ, ଜିଲ୍ଲା ଓଷ୍ଟା ପ୍ରଭାରୀ ପ୍ରଣବ କୁମାର ଜେନା, କୁମୁଦ ବନ୍ଧୁ ନାୟକ, ଅଲଓଷ୍ଟା ବାଲେଶ୍ୱର ଜିଲ୍ଲା ସଭାପତି ସୁଶାନ୍ତ କୁମାର ଦାସ, ସମ୍ପାଦକ ରବିନାରାୟଣ ପଣ୍ଡା, ସଂସ୍କୃତ ମହାମଣ୍ଡଳ ସଭାପତି ସଞ୍ଜୟ କୁମାର ଘଡାଇ,ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ୬୬୨କଲେଜ ଅଣଶିକ୍ଷକ କର୍ମଚାରୀ ସଂଘ ସଭାପତି ପରେଶ ଚନ୍ଦ୍ର କାମିଲା,ସମ୍ପାଦକ ଭବେନ୍ଦ୍ର କୁମାର ମହାନ୍ତି, ମାଦ୍ରାସା ସଂଘର ସଭାପତି ମକସୁଦ ଆଲାମ ଖାନ, ସମ୍ପାଦକ ତାଲିପ ଶାହା, ଜିଲ୍ଲା ଓଷ୍ଟାର ପୂର୍ବତନ ସଭାପତି ବାଦଲ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଛନ୍ତି।

### ଗୋଟିଏ ପାର୍ଶ୍ୱରେ ଚାଲିଛି ମଙ୍ଗୁଳି ଛକର ଫୁଟ୍ ଓଭରବ୍ରିଜ୍

# ଫାଣ୍ଡି ପୋଷ୍ଟ ପାଇଁ ବନ୍ଦ ରହିଛି ଅପରପାର୍ଶ୍ୱରେ ନିର୍ମାଣ

ମଙ୍ଗୁଳି, ୨୭ ।୭ (ସମିସ)



୫୫ ଓ ୧୬ନଂ ଜାତୀୟ ରାଜପଥର ସଂଯୋଗସ୍ଥଳ ତଥା ରାଜ୍ୟର ପ୍ରମୁଖ ବ୍ୟବସାୟିକ ପେଣ୍ଠ ମଙ୍ଗୁଳି ଛକରେ ବହୁଦିନ ଧରି ଲାଗି ରହିଥିବା ଏକ ମୁଖ୍ୟ ସମସ୍ୟା ଥିଲା ଫୁଟ୍ ଓଭରବ୍ରିଜ୍। ଏହାକୁ ନେଇ ଜାତୀୟ ରାଜପଥ ଅଧିଗ୍ରହଣ ପ୍ରାୟ ୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳରେ ଏକ ଟେଣ୍ଡର ଜରିଆରେ ମଙ୍ଗୁଳି ଛକରେ ନିର୍ମିତ ପୋଲର ଦୁଇପାର୍ଶ୍ୱରେ ଦୁଇଟି ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ମଙ୍ଗୁଳି ଛକରୁ ଟାଙ୍ଗୀ ଅଭିମୁଖେ ଯିବା ଫୁଟ୍ ଓଭରବ୍ରିଜ୍‌ର କାମ ବହୁ ବାଦବିବାଦ ଭିତରେ ପୂର୍ଣ୍ଣାଙ୍ଗ ହୋଇଥିବା ବେଳେ ପ୍ରାୟ ଦୁଇପାର୍ଶ୍ୱର ଯାତ୍ରୀ ଏବେ ଏହି ଗୋଟିଏ ଫୁଟ୍ ଓଭର ବ୍ରିଜ୍ ଉପରେ ବିପଦପୂର୍ଣ୍ଣ ଭାବେ ରାସ୍ତା ଅତିକ୍ରମ କରୁଛନ୍ତି ଯାହାକୁ ନେଇ ଯାତ୍ରୀଙ୍କ ମନରେ ଦେଖାଦେଇଛି ଘୋର ଅସନ୍ତୋଷ। ହେଲେ ବର୍ତ୍ତମାନ ମଙ୍ଗୁଳିରୁ କଟକ ଯିବା ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଫୁଟ୍ ଓଭରବ୍ରିଜ୍‌ଟି ସମସ୍ୟା ଘେରରେ। ଛକ ପାର୍ଶ୍ୱରେ ପୁଲିସ୍ ଆଉଟପୋଷ୍ଟଟି ଥିବାରୁ ଓଭରବ୍ରିଜ୍ କାମଟି ଆରମ୍ଭ ହୋଇପାରୁନାହିଁ। ଛକରେ ଥିବା ଏହି ଆଉଟପୋଷ୍ଟଟିକୁ ଭଙ୍ଗା ଯାଇ ଅନ୍ୟତ୍ର କେଉଁଠାରେ କରାଗଲେ ହିଁ ଏଠାରେ ଫୁଟ୍ ଓଭରବ୍ରିଜ୍ ହୋଇପାରିବ ବୋଲି କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ପ୍ରକାଶ କରିଛି। ଉକ୍ତ ଠିକାସଂସ୍ଥାକୁ ମାର୍ଚ୍ଚ ମାସ ସୁଦ୍ଧା ଦୁଇଟି ଫୁଟ୍ ଓଭରବ୍ରିଜ୍‌ର କାର୍ଯ୍ୟକୁ ଶେଷ କରିବା ପାଇଁ କାର୍ଯ୍ୟାଦେଶ ମିଳିଥିବା ବେଳେ ଏପର୍ଯ୍ୟନ୍ତ ଆଉଟପୋଷ୍ଟଟିକୁ ଭଙ୍ଗାଯାଇ ଅନ୍ୟତ୍ର କେଉଁଠାରେ ତିଆରି କରାନଯିବା ଫଳରେ ସେଠାରେ ଓଭରବ୍ରିଜ୍ କାମ ବନ୍ଦ ରହିଛି। ଯେଉଁଥିପାଇଁ ଏହି ଓଭରବ୍ରିଜ୍ ଉପରେ ନିର୍ଭର କରୁଥିବା ବହୁ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିପଦପୂର୍ଣ୍ଣ ଭାବରେ ରାସ୍ତାର ଡିଭାଇଡରକୁ ଡେଇଁ ବହୁ ଯାତ୍ରୀ ପାର ହେଉଥିବାବେଳେ ବିଭିନ୍ନ ସମୟରେ ଦ୍ରୁତ ଗତିରେ ଆସୁଥିବା ଗାଡ଼ିର ସମ୍ମୁଖକୁ ଆସି ଦୁର୍ଘଟଣାରେ ତାଙ୍କର ଜୀବନ ଚାଲିଯାଉଥିବା ଦେଖିବାକୁ ମିଳିଥାଏ। ତେବେ ଜାତୀୟ ରାଜପଥ ପ୍ରାଧିକରଣ ଏଥିପ୍ରତି କି ପ୍ରକାର ପଦକ୍ଷେପ ନେଇ ଏହି ସମସ୍ୟାକୁ ଦୂର କରାଇପାରିବ ତାହା ଏବେ ଦେଖିବାକୁ ବାକି ରହିଲା।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର




କନ୍ଦରପୁର, ୨୭ ।୭ (ସମିସ): ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ବାଲିସାହିସ୍ଥିତ ସାବିତ୍ରୀ ଜନସେବା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛିଙ ଅଭିଜ୍ଞ ଡାକ୍ତର ମୃଣ୍ମୟ ମହାନ୍ତି (ମେଡିସିନ), ଡାକ୍ତର ସମ୍ବିତ ସୁବାସ (ଦାନ୍ତ ଚିକିତ୍ସକ) ସମସ୍ତ ରୋଗୀଙ୍କୁ ସେବା ଯୋଗାଇ ଦେବା ସହ ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଔଷଧ ବିତରଣ କରାଯାଇଥିଲା। ମଧୁପାଟଣା ଥାନାଧିକାରୀ ଚିତ୍ତରଞ୍ଜନ ରାଉତ ଶିବିର ଉଦ୍‌ଘାଟନ କରିଥିଲେ। ତପସ୍ୱିନୀ ରାଉତ, ୨ୟ ଅଫିସର ମଧୁପାଟଣା ଥାନା ଆସିଷ୍ଟାଣ୍ଟ ନୋଡାଲ ଅଫିସର, ପ୍ରଫେସର ମନୋଜ କୁମାର ନାୟକ, ସମାଜ ସେବକ ବିଭୂତି ଭୂଷଣ ରାୟ, ସାବିତ୍ରୀ ଜନ ସେବା ଏବଂ ବାଲିସାହି ବରିଷ୍ଠ ନାଗରିକ ମଞ୍ଚ ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।ଶିବିର ରେ ୯୧ ଜଣ ରୋଗୀ ସ୍ୱାସ୍ଥ୍ୟ ଓ ଦାନ୍ତ ପରୀକ୍ଷା କରି ଔଷଧ ନେଇଥିଲେ। ସାହିର ଯୁବ ଉଦ୍ୟୋଗୀ ସାଗର ଦାସ, ଭରତ ଦାସ, ନିରତମ ଦାସ ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚର ସଭାପତି ଦୁଃଶାସନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଭଟ୍ଟାରିକାଙ୍କ ପୀଠରେ ମହାନଦୀର ଦ୍ୱିତୀୟ ବନ୍ୟାଜଳ



ବଡମ୍ବା, ୨୭।୭ (ସମିସ): ବଡମ୍ବା ଅଧିଷ୍ଠାତ୍ରୀ ଦେବୀ ତ୍ରିପୁରା ସୁନ୍ଦରୀ ମା' ଭଟ୍ଟାରିକା ମନ୍ଦିରରେ ପଶିଛି ଚଳିତ ବର୍ଷ ମହାନଦୀର ଦ୍ୱିତୀୟ ବନ୍ୟାଜଳ। ହୀରାକୁଦର ୨୦ଟି ଗେଟ ଖୋଲିବା ପରେ ମହାନଦୀର ତଳ ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ପୀଠ ବେଢ଼ାରେ ପଶିଛି ବନ୍ୟା ପାଣି। ଗତକାଲି ରାତିରୁ ମହାନଦୀର ଜଳସ୍ତର ଧିରେ ଧିରେ ବଢ଼ିବାରେ ଲାଗିଛି। ବଢୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପୁଲିସ ସୁରକ୍ଷା ପ୍ରଦାନ କରାଯାଇଛି। ମନ୍ଦିର ପରିସରରେ ନଦୀକୁ ନଯିବା ପାଇଁ ଦେବୋତ୍ତର ବିଭାଗ ତରଫରୁ ସୂଚନା ଫଳକ ଲଗାଯାଇଛି। ଏଥିସହ ମନ୍ଦିର ସେବାୟତମାନେ ସଜାଗ ଅଛନ୍ତି। ଯଦି ନଦୀରେ ୪ରୁ ୫ଫୁଟ ଜଳ ବୃଦ୍ଧି ହୁଏ, ତେବେ ମା' ଭଟ୍ଟାରିକା ଦେବୀଙ୍କୁ ସ୍ଥାନାନ୍ତରିତ କରାଯିବ ନେଇ ପୂଜକ ସୂଚନା ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବଡମ୍ବା ତହସିଲଦାର ଦେବୋତ୍ତର ବିଭାଗ ଅଧିକାରୀ ଶାଶ୍ୱତ ରଞ୍ଜନ ଦାସ ଓ ବଡମ୍ବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ବିଭାଗୀୟ ଯନ୍ତ୍ରୀ ବନ୍ୟାର ସ୍ଥିତି ଅନୁଧ୍ୟାନ କରିଛନ୍ତି।

## କୁଣ୍ଡରୁ ଉଠୁନି ଅଳିଆ; ପରିବେଶ ଅସ୍ୱାସ୍ଥ୍ୟକର



ବଡମ୍ବା, ୨୭।୭ (ସମିସ): ଗତ ସରକାର ସମୟରେ ବଡମ୍ବା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଆବର୍ଜନା କୁଣ୍ଡ ନିର୍ମାଣ କରାଯାଇଥିଲା। ଏଥିପାଇଁ ସରକାର ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ତାହାର ରକ୍ଷଣାବେକ୍ଷଣ ଅଭାବରୁ ଆବର୍ଜନା କୁଣ୍ଡ ପରିବେଶକୁ ଦୂଷିତ କରିବାରେ ଲାଗିଛି। ଆବର୍ଜନା କୁଣ୍ଡରୁ ଅଳିଆ ନ ଉଠିବାରୁ ଏହା ଏବେ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ଫଟୋରେ ଥିବା ଦୃଶ୍ୟଟି ହେଉଛି ବଡମ୍ବା ବ୍ଲକ ଗୋପୀନାଥପୁର ପଞ୍ଚାୟତ ମହାବୀର ବଜାର ମୁଖ୍ୟରାସ୍ତା ଉପରେ ନିର୍ମାଣ କରାଯାଇଥିବା ଆବର୍ଜନା କୁଣ୍ଡର ଦୃଶ୍ୟ। ବଜାରର ବ୍ୟବସାୟୀମାନେ ଏଥିରେ ଅଳିଆ ଅବର୍ଜନା ପକାଇ ପୂର୍ଣ କରିବା ପରେ ମଧ ପ୍ରଶାସନ ପକ୍ଷରୁ ଏହି ଅବର୍ଜନା କୁଣ୍ଡରୁ ଅଳିଆ କଢାଯାଉ ନଥିବାରୁ ବ୍ୟବସାୟୀମାନେ ବାଧ ହୋଇ ଅଳିଆ ଉପରେ ଅଳିଆ ପକାଇବାକୁ ବାଧ ହେଉଛନ୍ତି। ଯାହାଫଳରେ ଆବର୍ଜନା କୁଣ୍ଡରୁ ଅଳିଆ ରାସ୍ତାକଡ଼ରେ ଗଦା ହେଉଛି। ସେଥିରୁ ବିଷାକ୍ତ ଗନ୍ଧ ସୃଷ୍ଟି କରୁଛି। ପବନ ହେଲେ ଅଳିଆ ସବୁ ରାସ୍ତା ଉପରକୁ ଚାଲିଆସୁଛି। ସାଧାରଣ ଲୋକ ହେଉ ଅବା ସ୍କୁଲ ପିଲା ବିଦ୍ୟାଳୟକୁ ଯିବା ସମୟରେ ନାକ ଟେକୁଛନ୍ତି। କେବେ ଆବର୍ଜନା କୁଣ୍ଡରୁ ଅଳିହା ଉଠିବା ତାହା ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ସରକାର ପଞ୍ଚାୟତର ଉନ୍ନତି କରଣ ନିମନ୍ତେ କୋଟି କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ କାହିଁକି ଆବର୍ଜନା କୁଣ୍ଡରୁ ପଞ୍ଚାୟତ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ଆବର୍ଜନ କୁଣ୍ଡକୁ ପରିଷ୍କାର କରାଯାଉନି ସେନେଇ ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତା ବ୍ୟକ୍ତ କରିଛନ୍ତି।

## ଅବଦୁଲ କଲାମଙ୍କ ତିରୋଧାନ ଦିବସ



କଟକ, ୨୭ ।୭ (ସମିସ): ସମ୍ବାଦପତ୍ର ବିକ୍ରେତା ସଙ୍ଘ ତରଫରୁ ବକ୍ସିବଜାରଠାରେ ଭାରତର ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ ଅଧକ୍ଷ ପ୍ରଭାଷ ପ୍ରଧାନ, କେ ବେଣୁ ରାଓ, ଦୁର୍ଗାପ୍ରସାଦ ଛାଟୋଇ, ଉମେଶ ସାହୁ ଓ ହେମନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ।

## କାଉଡ଼ିଆଙ୍କ ପାଇଁ ଯୁବକ ସଂଘର ସେବାକାର୍ଯ୍ୟ



ଚୌଦ୍ୱାର, ୨୭।୭ (ସମିସ): ପବିତ୍ର ଶ୍ରାବଣ ମାସରେ ବିଭିନ୍ନ ନଦୀରୁ ପବିତ୍ର ଜଳ ନେଇ ମହାଦେବଙ୍କୁ ଜଳଲାଗି କରିବାପାଇଁ ପାଦରେ ଚାଲିଚାଲି ଦୀର୍ଘ ରାସ୍ତା ଯାଉଥିବା କାଉଡ଼ିଆଙ୍କ ପାଇଁ ସ୍ଥାନୀୟ ରାସବିହାରୀଜୀଉ ଯୁବକ ସଂଘ ତରଫରୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଛି।

ବିରୂପା ଘାଟରୁ ପବିତ୍ର ଜଳ ଉଠାଉଥିବା ଓ କଟକରୁ ଚୌଦ୍ୱାର ଦେଇ ଧବଳେଶ୍ୱର, ସର୍ପେଶ୍ୱର, କପିଳାସ ଆଦି ଶୈବପୀଠକୁ ଯାଉଥିବା ହଜାର ହଜାର ସଂଖ୍ୟାରେ କାଉଡ଼ିଆଙ୍କୁ ଜଳଖିଆ ପ୍ରଦାନ, ଜଳପୂର୍ଣ୍ଣ ଭାର ସୁରକ୍ଷା, ଆତିଥ୍ୟ ସେବା ଆଦି ପ୍ରଦାନ କରାଯାଉଛି। ଯୁବକ ସଂଘର ସଦସ୍ୟ ଗିରିଶଚନ୍ଦ୍ର ସାହୁ, ସୌମ୍ୟରଞ୍ଜନ ସାହୁ, ସ୍ମୃତିରଞ୍ଜନ ସ୍ୱାଇଁ, ରାଜେଶ ସ୍ୱାଇଁ, ସନ୍ତୋଷ ସାହୁ, ଟୁଲନ ସାହୁଙ୍କ ସମେତ ସ୍ଥାନୀୟ ଯୁବକ ସେବାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

## ରାଇସିନା ମଣ୍ଡପରେ ମନ୍ କି ବାତ୍ କାର୍ଯ୍ୟକ୍ରମ

କଟକ, ୨୭।୭ (ସମିସ): ମର୍କତନଗର ମଣ୍ଡଳ ପକ୍ଷରୁ ବିଜେପି ବରିଷ୍ଠ ନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ସିଡିଏ ସେକ୍ଟର-୯ସ୍ଥିତ ରାଇସିନା ମଣ୍ଡପରେ ୧୨୯ତମ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେଇଥିଲେ। ମହିଳାମାନେ ସଂକୀର୍ତ୍ତନ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଓ ବନାଗ୍ନି ପରି ସାମାଜିକ ବାର୍ତ୍ତା ଦେଉଥିବାରୁ କେନ୍ଦୁଝରର ମହିଳାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଥିଲେ। ଏହାସହ ଅରୁଣାଞ୍ଚଳ ଠାରୁ ଆରମ୍ଭ କରି ଗୋଆ ପାଣାଜି ଯାଏ ଥିବା ବିଭିନ୍ନ ସହରର ସ୍ୱଚ୍ଛତା ନେଇ ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ, ନଗର ଜିଲା ଉପସଭାପତି ଦେବାଶିଷ ରାଏ, ଦେବାଶିଷ ସାମନ୍ତରାୟ, ସୁମିତ୍ରା ସ୍ୱାଇଁ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସନ୍ତୋଷ ରାଉତ ଯୋଗ ଦେଇଥିଲେ। ସଭାପତି ସନ୍ଦୀପ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ରାଉତ, ରବି ମୁଦୁଲି, ରଜନୀକାନ୍ତ ଦାସ, ଶର୍ମିଳା ରାଉତରାୟ, ସୁଜାତା ଭରଦ୍ୱାଜ, ସଞ୍ଜୁବାଳା ଦାସ, ବିଜୟଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ପାଇଁ ନିବେଦନ କଲେ ଗ୍ରାମବାସୀ

କନ୍ଦରପୁର, ୨୭।୭ (ସମିସ): ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ। ଗାଁକୁ ଖଣ୍ଡିଏ ଭଲ ରାସ୍ତା ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତସ୍ଥିତ କେସପୁର ଗାଁର ବାସିନ୍ଦାମାନେ ଭଲ ରାସ୍ତାଟିଏ ନିର୍ମାଣ କରିବା ପାଇଁ ପ୍ରଶାସନ ଉଦ୍ଦେଶ୍ୟରେ ଗୁହାରି ଜଣାଇଛନ୍ତି। ପୂର୍ବରୁ ବହୁ ବାର ବିଭିନ୍ନ ଜନପ୍ରତିନିଧି, ଅଧିକାରୀଙ୍କୁ ଗୁହାରି କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାହାର କୌଣସି ସମାଧାନ ହୋଇପାରିନାହିଁ। ନିର୍ବାଚନ ବେଳେ କେତେ ନେତା ଏହି ଗାଁ ର କାଦୁଅ ରାସ୍ତାରେ ଗୋଡ଼ ଟେକି ଟେକି ଆସନ୍ତି ଆଉ ଗଦାଏ ପ୍ରତିଶ୍ରୁତି ଦିଅନ୍ତି, 'ଆମେ ଜିତିଲେ ତୁରନ୍ତ ତୁମ ଗାଁ ରାସ୍ତା ପକ୍କା ସଡ଼କ ରେ ପରିଣତ କରିଦେବୁ। ହେଲେ ପ୍ରତିଶ୍ରୁତି ପାଣିର ଗାର। ଏହି ଗାଁରେ ୫୦-୭୦ ପରିବାର ରହୁଥିବା ବେଳେ ବର୍ଷା ଦିନେ ଯିବାଆସିବା ବେହାଲ୍ ହୋଇପଡୁଛି। ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ବହି ବସ୍ତାନିରେ ଡୋରି ବନ୍ଧା ହୁଏ ଏହି ବର୍ଷା ଦିନରେ। କାଦୁଆ ପଚପଚ ପାଣିରେ ଯିବାରୁ ଅନେକ ରୋଗ ବୈରାଗରେ ପଡନ୍ତି। ଅସୁବିଧା ବେଳେ ଗାଁକୁ ଆସିପାରେନି ଦମକଳ କିମ୍ବା ଆମ୍ବୁଲାନ୍ସ ଗାଡ଼ି। ଏହି ଗାଁକୁ ଏକ ନୂତନ ପକ୍କା ରାସ୍ତା ନିର୍ମାଣ ପାଇଁ କଟକ ସଦର ବିଧାୟକଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।



## ଟାଉନ୍ କ୍ଲବ୍ ପକ୍ଷରୁ ଚାରା ରୋପଣ




ଆଠଗଡ଼ ୨୭।୭ (ସମିସ): ଆଠଗଡ଼ ଟାଉନ କ୍ଲବ ଆନୁକୂଲ୍ୟରେ ରବିବାର ବନ ମହୋତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଯୋଗ ଦେଇ ବୃକ୍ଷ ରୋପଣ ଏକ ମହତ କାର୍ଯ୍ୟ ଏବଂ ଏକ ଉତ୍ତମ ପରିବେଶ ଓ ସୁସ୍ଥ ପରିବେଶ ପାଇଁ ଏହା ନିତ୍ୟାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। କ୍ଲବର ସଭାପତି ରାମନାରାୟଣ ମହାନ୍ତି ଧନ୍ୟବାଦ ଜଣାଇଥିଲେ। ସମ୍ପାଦକ ରଞ୍ଜନ କୁମାର ଦାସ ସହ କ୍ଲବର ଅନ୍ୟାନ୍ୟ ସଭ୍ୟ ଶ୍ରୀଧର ରଥ, ଦାଶରଥି ସାହୁ, ଗୋକୁଳାନନ୍ଦ ପାତ୍ରୀ, ସୋମନାଥ ଭକ୍ତା, ମନୋରଞ୍ଜନ ସ୍ୱାଇଁ, ନୀଳକଣ୍ଠ ଦୋରା, ପସନ୍ନ ଭକ୍ତା, ରମେଶଚନ୍ଦ୍ର ସାହାଣୀ, ଜିତେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ପଞ୍ଚମୁଖୀ ଛକ ବିଶ୍ରାମାଗାର

● ଖରାରେ ସିଝୁଛନ୍ତି, ବର୍ଷାରେ ଭିଜୁଛନ୍ତି ଯାତ୍ରୀ

● ବର୍ଷ ବର୍ଷ ଧରି ଭାଙ୍ଗି ରୁଜି ପଡ଼ିଛି






ନରସିଂହପୁର, ୨୭।୭ (ସମିସ)

ନରସିଂହପୁର ବ୍ଲକ ମୁଖ୍ୟାଳୟ ପାଇକପଡ଼ା ପାଟଣା ପଞ୍ଚମୁଖୀ ଛକରେ ବର୍ଷ ବର୍ଷ ଧରି ଭାଙ୍ଗିରୁଜି ପଡ଼ିଛି ଯାତ୍ରୀ ବିଶ୍ରାମାଗାର। ଏଠାରେ ଯାତ୍ରୀ ବିଶ୍ରାମାଗାରଟିଏ ନଥିବାରୁ ହନ୍ତସନ୍ତ ହେଉଛନ୍ତି। ଯାତ୍ରୀ ବିଶେଷ କରି କଲେଜ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଖରାଦିନେ ଖରାରେ ସିଝିବା ସହ ବର୍ଷାରେ ଭିଜୁଛନ୍ତି। ଖରା, ବର୍ଷା, ଶୀତ କାକରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାରୁ ପ୍ରକାଶ ଯେ ପଞ୍ଚମୁଖୀ ଛକ ନିକଟରେ ଥିବା ଆଜବେଷ୍ଟସ ଛପର ଯାତ୍ରୀ ବିଶ୍ରାମଗାରଟି ଅଳିଆ ଆବର୍ଜନା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରି ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ପରିତ୍ୟକ୍ତ ଅବସ୍ଥାରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ଏହି ଯାତ୍ରୀ ବିଶ୍ରାମାଗାରଟିର ପୁନରୁଦ୍ଧାର ପାଇଁ ଗତ ବର୍ଷ ଏଠାରେ ଥିବା ଏକ ବଉଳ ଗଛକୁ ହାଣିବା ସହ ପୁରୁଣା ଯାତ୍ରୀ ବିଶ୍ରାମଗାର ଗୃହଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ମାତ୍ର ଭାଙ୍ଗିବାର ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହି ଯାତ୍ରୀ ବିଶ୍ରାମଗାରଟିର ପାଦେ ଆଗେଇଲାନି। ନିର୍ମାଣ କାର୍ଯ୍ୟ ଖୋଲା ଆକାଶ ତଳେ ଯାତ୍ରୀମାନେ ଅତି ଦୟନୀୟ ଅବସ୍ଥାରେ ରାସ୍ତାର ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଛି। ବିକଳ୍ପ ସୁବିଧା ନଥିବାରୁ ଯାହାଫଳରେ ଯାତ୍ରୀମାନେ ରାସ୍ତା କଡରେ କେଉଁଠି ଗଛ ମୂଳେ ତ ଆଉ କେଉଁଠି ରାସ୍ତାକଡରେ ଅତି ଦୟନୀୟ ଅବସ୍ଥାରେ ଯାତ୍ରୀମାନେ ଠିଆ ହେଉଛନ୍ତି। ଏହି ରାସ୍ତା ଦେଇ କଟକ, ଭୁବନେଶ୍ୱର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ଦଶପଲ୍ଲା, କମଳାଡିହ ଆଦି ସ୍ଥାନକୁ ଯାତାୟାତ କରିବାର ମୁଖ୍ୟରାସ୍ତା ହୋଇଥିବାରୁ ପ୍ରତିଦିନ ଶହ ଶହ ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ଏହି ଛକରେ ଅପେକ୍ଷା କରିଥାନ୍ତି। ବିଶେଷ କରି ନରସିଂହପୁରର ବିଭିନ୍ନ ସରକାରୀ ବେସରକାରୀ କଲେଜ ଓ କୋଚିଂକୁ ଆସୁଥିବା ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ବିକଳ୍ପ ବ୍ୟବସ୍ଥା ନଥିବାରୁ ଯାତ୍ରୀ ଓ ଛାତ୍ରଛାତ୍ରୀମାନେ କେଉଁଠି ଗଛ ମୂଳେ ତ ଆଉ କେଉଁଠି ପାନ ଓ ଅନ୍ୟାନ୍ୟ ଦୋକାନ ସମ୍ମୁଖରେ ଅତି ଦୟନୀୟ ଅବସ୍ଥାରେ ଠିଆ ହେଉଛନ୍ତି। ସେହିପରି ନରସିଂହପୁର କ୍ଲବ ଛକରେ ଥିବା ସର୍ବପୁରାତନ ଯାତ୍ରୀ ବିଶ୍ରାମ ଗାର ଟି ଅତି ଦୟମୟ ଅବସ୍ଥାରେ ପଡ଼ି ରହିଛି। ଲୋକଙ୍କ ବସିବା ସ୍ଥାନରେ ଅଳିଆ ଆବର୍ଜନା ଜମି ରହିବା ରହିବା ସହ ଜଣେ ବୃଦ୍ଧା ଏଠାରେ ଦୀର୍ଘ ବର୍ଷ ଧରି ରହିଛନ୍ତି। ଏହି ଯାତ୍ରୀ ବିଶ୍ରାମ ଘରଟି ଅସ୍ୱାସ୍ଥ୍ୟକାର ପରିବେଶ ମଧ୍ୟରେ ରହିଥିବାରୁ ଏଠାକୁ ଯିବାକୁ ଲୋକେ ନାକ ଟେକୁଛନ୍ତି। ସେହିପରି ନରସିଂହପୁର ମହାବିଦ୍ୟାଳୟରେ ଥିବା ପୁରୁଣା ଯାତ୍ରୀ ବିଶ୍ରାମଗାରଟି ଉଈହୁଙ୍କା ହେବା ସହ ମଦ ବୋତଲ ଆଦି ବିଭିନ୍ନ ବର୍ଜ୍ୟବସ୍ତୁ ପଡ଼ି ଅସ୍ୱାସ୍ଥ୍ୟକାର ପରିବେଶ ସୃଷ୍ଟି କରୁଛି। ଏହି ଯାତ୍ରୀ ବିଶ୍ରାମଗାରର ଶିଳାନ୍ୟାସ ସରିଥିଲେ ମଧ ଆଜି ପର୍ଯ୍ୟନ୍ତ ନୂତନ ଯାତ୍ରୀ ବିଶ୍ରାମଗାରଟି ଆରମ୍ଭ ହୋଇନାହିଁ। ଯାହାଫଳରେ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ସମସ୍ତ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବା ସହ ଏହାର ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି ହେଉଛି।

# କଟକ ସିଟି



## ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ ଉଦ୍‌ଯାପିତ

# ଓଡ଼ିଆ ଭାଷାକୁ ବଞ୍ଚାଇବା ଆଜିର ସଂକଳ୍ପ ହେଉ: ଜଷ୍ଟିସ୍ ରଥ

କଟକ, ୨୭ ।୭ (ସମିସ)



ଉତ୍କଳ ସାହିତ୍ୟ ସମାଜର ୧୨୩ ବର୍ଷର ସୁଦୀର୍ଘ ଯାତ୍ରା ଇତିହାସର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଯେଉଁ ମହାମନିଷୀମାନେ ଏହି ଅନୁଷ୍ଠାନର ମଙ୍ଗୁଆଳ ହୋଇଥିଲେ, ସେମାନେ ଏ ଭାଷାର ସେବା କରିବାର ବ୍ରତ କରିଥିଲେ ବୋଲି ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମନ୍ଦିର ରତ୍ନଭଣ୍ଡାର ସଂଶୋଧନ ପ୍ରକ୍ରିୟା ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଓଡ଼ିଶା ଆଇନ୍ କମିଶନର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପ୍ରକାଶ କରିଛନ୍ତି।

'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ରଥ କହିଲେ, ଓଡ଼ିଆ ଭାଷାକୁ ବଞ୍ଚାଇ ଆଜିର ୧୨୩ତମ ସମାବର୍ତ୍ତନ ଉତ୍ସବର ସଂକଳ୍ପ ହେଉ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କହିଲେ ଯେ ଓଡ଼ିଆ ସାହିତ୍ୟକୁ ଦିଶା-ନିର୍ଦ୍ଦେଶ କରିବା କ୍ଷେତ୍ରରେ ଏହାର ପ୍ରତିଷ୍ଠାତାମାନଙ୍କ ଦୂରଦୃଷ୍ଟି ଓ ଅବଦାନ ଉଲ୍ଲେଖଯୋଗ୍ୟ। ସେମାନଙ୍କ ତ୍ୟାଗରେ ଗଠିତ ଏହି ଅନୁଷ୍ଠାନ ଆଜି ଓଡ଼ିଶାର ଆଦର୍ଶ ହୋଇରହିଛି।

ସମାବର୍ତ୍ତନ ଉତ୍ସବରେ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ ରଶ୍ମୀ ରାଉଳ, ଫକୀର ମୋହନ କ୍ଷୁଦ୍ରଗଳ୍ପ ସମ୍ମାନ ରଜନୀକାନ୍ତ ମହାନ୍ତି, ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ ପୁରୁଷୋତ୍ତମ ମିଶ୍ର, ଗଙ୍ଗାଧର ମେହେର କବିତା ସମ୍ମାନ ମମତା ଦାଶ, ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସମ୍ମାନ ଡକ୍ଟର କୈଳାସ ଚନ୍ଦ୍ର ଦାଶ, ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ ସରଳା ପତ୍ରୀ, ବୈଷ୍ଣବ ପାଣି କଳା ସମ୍ମାନ ହିମାଂଶୁ ଶେଖର ଖଟୁଆ, ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାର ବିଜୟ କୁମାର ପ୍ରଧାନ, ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ ପଞ୍ଚାନନ୍ଦ କାନୁନ୍‌ଗୋ, ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ କୃଷ୍ଣଚନ୍ଦ୍ର ମିଶ୍ର, ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ ଡକ୍ଟର କବିତା ବାରିକ, ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ ରମାକାନ୍ତ ସିଂହ, ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ ମୁରଲୀଧର ସାମଲ, ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ ସୁବାସ ପାତ୍ର, ନବରୂପା ରାଜ ଗୀତିକବିତା ସମ୍ମାନ ଡକ୍ଟର ସତ୍ୟ ପଟ୍ଟନାୟକ, ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ ଚନ୍ଦ୍ରଶେଖର ଦାଶ, କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ ଚିତ୍ତରଞ୍ଜନ ପାଣି, ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ ଗୀତା ଦାସ, ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ ନିତ୍ୟାନନ୍ଦ ସାହୁ, ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠକ ସମ୍ମାନ ହଳଧର ଧୀର, ଦେବବ୍ରତ କର ପ୍ରକାଶକ ସମ୍ମାନ ବିନୋଦ ବିହାରୀ ବିଶୋଇ, ନିରଞ୍ଜନ ଦାସ ଭାଷା ସମ୍ମାନ ଡକ୍ଟର ସନ୍ତୋଷ କୁମାର ରଥ, ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ କୃପାସିନ୍ଧୁ ବିଶ୍ୱାଳ ଓ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଭାତ ରାଉତରାୟଙ୍କୁ ପ୍ରଦାନ କରାଯାଇଥିଲା। ଶୁଭଶ୍ରୀ ପ୍ରିୟଦର୍ଶିନୀ, ଦିବ୍ୟଜ୍ୟୋତି ପାଣି, ବିଶ୍ୱମିତ୍ରା ମିଶ୍ର, ଡକ୍ଟର ଶାରଦା ପ୍ରସାଦ ମହାନ୍ତି, ଆଦିତ୍ୟ ପ୍ରସାଦ ଦାସ, ଡକ୍ଟର ସୁରଞ୍ଜନ ଲେଙ୍କା, ଅମିତା ମହାନ୍ତି, ବ୍ରହ୍ମାନନ୍ଦ ବିଶ୍ୱାଳ, ରାଧାଶ୍ୟାମ ରାଉଳ, ସ୍ମିତା ରାୟ, ସାରସ୍ୱତ ପାତ୍ର, ରାଜୀବ କୁମାର ଷଡ଼ଙ୍ଗୀ ଦିଲ୍ଲୀପ ଦାସ ମାନପତ୍ର ପାଠ କରିଥିଲେ।

ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଂଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚକୁ ଆମନ୍ତ୍ରଣ କରିଥିଲେ ସୁକାନ୍ତ ପ୍ରସାଦ ଓ ଧନ୍ୟବାଦ ଦେଇଥିଲେ ସରୋଜିନୀ ମିଶ୍ର। ଉପସଭାପତି ମନୋଜ ପଟ୍ଟନାୟକ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡକ୍ଟର ଗାୟତ୍ରୀ ଦେବୀ, ଆଦିତ୍ୟ ପ୍ରତାପ ବାଘସିଂହ, ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ଡକ୍ଟର ସୁଶୀଳ କୁମାର ବାଗ୍, ସରୋଜ କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଯୋଗ ଦେଇଥିଲେ।

## ବନ୍ଦେ ଉତ୍କଳ ପକ୍ଷରୁ ପୂଜ୍ୟପୂଜା ଉତ୍ସବ




**କଟକ, ୨୭ ।୭ (ସମିସ):** ବନ୍ଦେ ଉତ୍କଳ ପକ୍ଷରୁ ପୂଜ୍ୟପୂଜା ଉତ୍ସବ ପାଳିତ ହୋଇଯାଇଛି। ପୂଜ୍ୟପୂଜା ଓଡ଼ିଆ ସାଂସ୍କୃତିର ଏକ ସମୃଦ୍ଧ ପରମ୍ପରା ବୋଲି ବନ୍ଦେ ଉତ୍କଳ ପକ୍ଷରୁ ଆଜି ସକାଳେ ସମୟରେ ବଙ୍ଗାଳି ସାହିସ୍ଥିତ ମା' ଶାରଳା ସଦନଠାରେ ଓଡ଼ିଆ ଜାତିର କୃତୀସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ମାଳତୀ ଚୌଧୁରୀ, ଜଷ୍ଟିସ ବୀର କିଶୋର ରାୟ, ପ୍ରଫେସର ହୃଦାନନ୍ଦ ରାୟଙ୍କ ସ୍ମୃତି ଉତ୍ସବରେ ମତ ପ୍ରକାଶ ପାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ ଉତ୍ସବରେ ଅଧ୍ୟକ୍ଷତା କରି ନବ ଉତ୍କଳ ନିର୍ମାଣ ଓ ଏହାର ବିକାଶ କ୍ଷେତ୍ରରେ ଏହି କୃତୀସନ୍ତାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଓଡ଼ିଶା ହାଇ କୋର୍ଟ ବାର ଆଶ୍ୱୋସିଏସନର ପ୍ରାକ୍ତନ ସମ୍ପାଦକ ବିଜୟ କୁମାର ରଗଡ଼, କଟକ ବାର ଆସୋସିଏସନର ପୂର୍ବତନ ସମ୍ପାଦକ ଜ୍ୟୋତିନ୍ଦ୍ରିୟ ମହାନ୍ତି, ଶ୍ରୀ ଭୁବନାନନ୍ଦ ମହାନ୍ତି, ସ୍ତମ୍ଭକାର ପ୍ରତାପ ଚନ୍ଦ୍ର ସାମଲ, ଆଇନଜୀବୀ ବ୍ରଜଭୂଷଣ ସାହୁ, ଆଦ୍ୟାଶକ୍ତି ପ୍ରିୟା, ବେଦାନ୍ତ ବିଶାଳ ପ୍ରଧାନ, ଆନନ୍ଦ ସାଗର ପାତ୍ର, ରମେଶ ଚନ୍ଦ୍ର ରାଉତରାୟ, ଶ୍ରୀଧର କୁମାର ସାହୁ, ଲୁନା ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ପାଞ୍ଚ ଜଣ କୃତୀ ସନ୍ତାନଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

## ରାଜେନ୍ଦ୍ର ପ୍ରସାଦ ସିଂଙ୍କୁ ଶ୍ରଦ୍ଧାଞ୍ଜଳି




କଟକ, ୨୭ ।୭ (ସମିସ): ସାରଳା ଭବନଠାରେ ବିଶିଷ୍ଟ ଶ୍ରମିକ ନେତା, ରାଜନେତା ତଥା ଜଣେ ଆଗଧାଡ଼ିର ପରିବେଶବିତ୍ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ତୃତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବକ୍ତାମାନେ ଯୋଗ ଦେଇ ସେମାନଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଲେ ଯେ ଆଗାମୀ ପିଢ଼ି ପାଇଁ ଶ୍ର ସିଂ ଆଲୋକବର୍ତ୍ତିକା ସଦୃଶ। ତାଙ୍କର ସେବା ମନୋଭାବ ଓ ଦୃଢ଼ କର୍ତ୍ତବ୍ୟନିଷ୍ଠା ଗୁଣ ଆଗାମୀ ଦିନରେ ଉଦାହରଣ ହୋଇ ରହିବ।

ପୂର୍ବତନ ବିଧାୟକ ତଥା ସ୍ମୃତି ସଂସଦର ସଭାପତି ପ୍ରଭାତରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ମୃତି ସଂସଦର ସମ୍ପାଦକ କିଶୋର ଜେନା ପ୍ରାରମ୍ଭିକ ସୂଚନା

**ଆଗାମୀ ପିଢ଼ି ପାଇଁ ଆଲୋକ ବର୍ତ୍ତିକା**

ଦେଇଥିଲେ। ସ୍ମୃତି ସଂସଦ ପକ୍ଷରୁ ରାଜ୍ୟର ୩ଜଣ ଉତ୍ସର୍ଗୀକୃତ ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ରତ୍ନାକର ମୁଖି ଓ ଲକ୍ଷ୍ମୀଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଜିଲ୍ଲାର ୩ କୃତୀ ଛାତ୍ରଛାତ୍ରୀ ଚନ୍ଦନ କୁମାର ମହନ୍ତ, ରୁଦ୍ରଚରଣ ମହାନ୍ତି, ସ୍ୱଙ୍ଗଜିତ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମେୟର ସୁବାସ ସିଂହ, ବିଧାୟିକା ସୋଫିଆ ଫିର୍‌ଦୋଷ, ଏନ୍‌ଏମ୍‌ଏସ୍ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ, ପ୍ରଫୁଲ ମଲ୍ଲିକ, ଅମରପ୍ରସାଦ ଶତପଥୀ, ଶଶିଭୂଷଣ ବେହେରା, ଡାକ୍ତର ଆଶୁତୋଷ ଦେବତା, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡି, ରାଧାକାନ୍ତ ସେଠୀ, କିଶୋର ଜେନା, ବସନ୍ତ କୁମାର ସାହୁ, ଅମରେନ୍ଦୁ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଶିବିର

**କଟକ, ୨୭ ।୭ (ସମିସ):** ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଦାସ ସାହି, ନୂଆପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ରାକେଶ ସ୍ୱାଇଁ, କର୍ପୋରେଟର ସନ୍ତୋଷ କୁମାର ଭୋଳ, କର୍ପୋରେଟର ଶୁଭାଶିଷ ପଟ୍ଟନାୟକଙ୍କ ସହ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ଉପାଧ୍ୟାୟ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ଶହେରୁ ଅଧିକ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ। ଅନୁଷ୍ଠିତ ଶିବିରରେ ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନିଲ ଦାସ, ଅଭିଷେକ ପରିଡ଼ା, ଡ. ଓଁକାର ରାଉତ, ବିମଳ ପ୍ରସାଦ ଜେନା, ପ୍ରଶାନ୍ତ କୁମାର କାନୁନଗୋ, ଅଜୟ ମହାନ୍ତି, କିଶୋର ମିଶ୍ର, ସୁଜାତା ଦାସ, ରାଧା ଦାସ, ରାଜଲକ୍ଷ୍ମୀ ଦାଶ, ବିକ୍ରମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ସମ୍ପାଦକ ରାକେଶ ଶତପଥୀ ଧନ୍ୟବାଦ ଦେଇଥିଲେ।




## ଶ୍ରାବଣରେ ମହାଦେବଙ୍କୁ ଜଳଲାଗି ପାଇଁ ଚଳଚଞ୍ଚଳ ଗଡ଼ଗଡ଼ିଆ ଘାଟ







### ସ୍ୱାଭିମାନ ସାମ୍ନାରେ ହାରିଗଲା ଜୀବନ

# ଅସହାୟତା ପାଇଁ ଆତ୍ମହତ୍ୟା କଲେ ବୃଦ୍ଧ

କଟକ, ୨୭ ।୭ (ସମିସ)

ବାଦାମବାଡ଼ି ଥାନା ଅନ୍ତର୍ଗତ ଝାଞ୍ଜିରୀମଙ୍ଗଳା ବସ୍ତିଆ ସାହିରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା। ନିଜର ଅସହାୟତା ଯୋଗୁଁ ଭଡ଼ାଘର ସମ୍ମୁଖସ୍ଥ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୃଦ୍ଧ ଶଶିକାନ୍ତ ସାହୁ(୮୦)। ଗୋପାଳପୁରର ମୂଳବାସିନ୍ଦା ଶିଶିକାନ୍ତଙ୍କ ପତ୍ନୀ ବିୟୋଗ ପରେ ଏକା ହୋଇଯାଇଥିଲେ। ୨ପୁଅ ପଚାରୁ ନଥିବାରୁ ନିଃସଙ୍ଗ ଜୀବନ ବିତାଉଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ ଶଶିକାନ୍ତ ଦୁଇ ଓଳି ଖାଇବାକୁ ଯୋଗାଡ଼ କରି ପାରୁ ନଥିଲେ। ଘର ମାଲିକର ମାନବିକତା ଯୋଗୁଁ ତାଙ୍କୁ ଖାଇବାକୁ ମିଳୁଥିଲା। ତେବେ ସେ ସ୍ୱାଭିମାନୀ ହୋଇଥିବାରୁ ମାଗିକରି ଖାଇବାକୁ ଚାହୁଁ ନଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଛି। ଜୀବନ ବଞ୍ଚାଇବାକୁ ସେ ଘର ମାଲିକ ଦେଉଥିବା ଖାଦ୍ୟ ଖାଉଥିଲେ କିନ୍ତୁ ଧିରେ ଧିରେ ମାନସିକ ଭାବେ ଦୁର୍ବଳ ହୋଇଯାଇଥିଲେ। ଘରୁ ବାହାରକୁ ବାହାରୁନଥିଲେ। କାମ କରିବାକୁ ମଧ ବାର୍ଦ୍ଧକ୍ୟ ଦାଉ ସାଧୁଥିଲା। ଶେଷରେ ସ୍ୱାଭିମାନ ସାମ୍ନାରେ ହାରିଯାଇଥିଲା ଜୀବନ। ଘର ମାଲିକଙ୍କଠାରୁ ଖାଇବା ମାଗି ନଖାଇବାକୁ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇ ଏକ ଦଉଡ଼ିରେ ଘର ସାମ୍ନା ଗଛରେ ଝୁଲି ପଡ଼ିଥିଲେ। ପରିବାର ଲୋକ କେହି ନଆସିବାରୁ ବାଦାମବାଡ଼ି ଥାନା ଆଇଆଇସି ଅଜୟ କୁମାର ରାଉଳ ମୃତଦେହକୁ ବ୍ୟବଚ୍ଛେଦ କରାଇ ଖାନ୍‌ନଗର

**ଆସିଲେନି ୨ ପୁଅ: ଆଇଆଇସି କରାଇଲେ ଶେଷକୃତ୍ୟ**
**ପତ୍ନୀଙ୍କ ଦେହାନ୍ତ ପରେ ନଥିଲା ରୋଜଗାର**
**ଘର ମାଲିକଙ୍କ ମାନବିକତା ଯୋଗୁଁ ବଞ୍ଚିଥିଲେ ବୃଦ୍ଧ**

ଗ୍ୟାସ୍ ଚୁଲାରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ୨ପୁଅ ନଆସିବାରୁ ଆଇଆଇସି ଶ୍ରୀ ରାଉଳ ମାନବିକତା ଦେଖାଇ ପୁଅର କର୍ତ୍ତବ୍ୟ କରିଥିବା ବେଳେ ତାଙ୍କୁ ବିଭାଗ ପକ୍ଷରୁ ପ୍ରଶଂସା ମିଳିଛି।

ପୁଲିସ ସୂଚନା ଅନୁସାରେ, ଶଶିକାନ୍ତ ସାହୁ ଓ ପତ୍ନୀ ରାଧାରାଣୀ ସାହୁ ପ୍ରାୟ ୩୦ ବର୍ଷ ପୂର୍ବେ ଘରୁ ଆସି ଝାଞ୍ଜିରୀମଙ୍ଗଳା ଅଞ୍ଚଳରେ ଏକ ଛୋଟ ଘର ଭଡ଼ା ନେଇ ରହିଥିଲେ। ପାରିବାରିକ ସମସ୍ୟା ପାଇଁ ଦୁହେଁ ଏଠାକୁ ଆସିଥିବା କୁହାଯାଉଛି। ବାର୍ଦ୍ଧକ୍ୟ ଆସିବା ପୂର୍ବରୁ ଶଶିକାନ୍ତ କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଥିଲେ। ବାର୍ଦ୍ଧକ୍ୟ ହେବାରୁ କାମ ନକରିପାରିବାରୁ ଘର ଚଳିବା ଅସୁବିଧା ହୋଇଥିଲା। ବାଧହୋଇ ପତ୍ନୀ ପର ଘରେ କାମଧନ୍ଦା କରି ପରିବାର ଚଳାଉଥିଲେ। ଏହି ସମୟରେ ପରିବାର ଲୋକ କିମ୍ବା ସମ୍ପର୍କୀୟ କୌଣସି ପ୍ରକାର ସହଯୋଗ କରି ନଥିଲେ। ଗତ ୩ ମାସ ପୂର୍ବେ ହଠାତ୍ ପତ୍ନୀ ରାଧାରାଣୀଙ୍କ ଦେହାନ୍ତ ହୋଇଯାଇଥିଲା। ଶଶି ଏକୁଟିଆ ହୋଇଯାଇଥିଲେ। କୌଣସି ଉପାୟ ନଥିବାରୁ ଘର ମାଲିକ ମଧ ଆଉ ଘର ଭଡ଼ା ପଇସା ନେଉ ନଥିଲେ। ମାନବିକତା ଦେଖାଇ ୨ ଓଳି ଖାଇବାକୁ ଦେଉଥିଲେ। ସମସ୍ତ ଭଲମନ୍ଦ ବୁଝୁଥିଲେ। ଏତେସବୁ ପରେ ବି ପରିବାର କି ସମ୍ପର୍କୀୟ ଆସି ଶଶିଙ୍କୁ ପଚାରୁନ ଥିଲେ। ଦିନକୁ ଦିନ ସେ ନିଜକୁ ଅସହାୟ ମଣିବାକୁ ଲାଗିଥିଲେ। ଆଜି ସକାଳେ ଘର ମାଲିକ ପ୍ରାୟ ସାଢ଼େ ଆଠଟା ବେଳେ ଜଳଖିଆ ଖାଇବାକୁ ଦେଇଥିଲେ। ସେ ସେହି ଖାଦ୍ୟ ଖାଇ ନଥିଲେ।



ଏହାର କିଛି ସମୟ ପରେ ପଡ଼ୋଶୀ ଛାତି ଥରାଇବା ଭଳି ଦୃଶ୍ୟ ଦେଖିବାକୁ ପାଇଥିଲେ। ଘର ସମ୍ମୁଖରେ ଥିବା ଏକ ଗଛରେ ଦଉଡ଼ି ବେକରେ ଲଗାଇ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଓ ପୁଲିସ ଆସି ପହଞ୍ଚିଥିଲେ। ପୁଲିସ ଖୋଜଖବର ନେଇ ଗୋପାଳପୁରରେ ରହୁଥିବା ପରିବାରକୁ ଜଣାଇଥିଲା। ସେଠାରେ ରହୁଥିବା ପୁଅ ଆସି ନଥିଲେ। ଆଉ ଜଣେ ପୁଅ ଦିଲ୍ଲୀରେ ରହୁଥିବା ବେଳେ ତାଙ୍କର ବାପା ଓ ମା'ଙ୍କ ସହିତ ସମ୍ପର୍କ ନଥିଲା। ପରିବାରର ଆର୍ଥିକ ସ୍ଥିତ ଭଲ ନଥିବାରୁ ଅନ୍ୟ କେହି ଆସିବା ସମ୍ଭବ ହୋଇ ନଥିଲା। ଖାନ୍‌ନଗରସ୍ଥିତ ଗ୍ୟାସ୍ ଚୁଲାରେ ପୁଲିସ ଓ ସମ୍ପର୍କୀୟ ଭଣଜା ଉପସ୍ଥିତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ଶିବା ହତ୍ୟା ଘଟଣା; ମାଷ୍ଟରମାଇଣ୍ଡ ମଣ୍ଟୁ ଗିରଫ

ବ୍ରହ୍ମପୁର, ୨୭ ।୭ (ସମିସ)

ଗତବର୍ଷ ସେପ୍ଟେମ୍ବର ୧୬ରେ ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀ ଓରଫ ଶିବାଙ୍କୁ ହତ୍ୟା ପରେ ଡେଙ୍ଗାପଦର ବଜାର ଛକରେ ଥିବା ପୋଖରୀରେ ମୃତଦେହ ଫିଙ୍ଗି ଦିଆଯାଇଥିଲା । ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଦୀପକ କୁମାର ସାହୁ (୩୨) ଓରଫ ମଣ୍ଟୁଙ୍କୁ ଦୀର୍ଘ ୧୦ମାସ ପରେ ପୁଲିସ ଗିରଫ କରିଛି । ଗିରଫ ମଣ୍ଟୁର ଘର ଦକ୍ଷିଣପୁର ବଡ଼ସାହିରେ । ଥାନା ଅଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ଓ ତାଙ୍କ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶନିବାର ରାତିରେ ମଣ୍ଟୁକୁ ଗିରଫ କରିଛି । ପୂର୍ବରୁ ପୁଲିସ ଏହି ଘଟଣାରେ ଦକ୍ଷିଣପୁର ଗ୍ରାମର ଦୁର୍ଦ୍ଧାନ୍ତ ଅପରାଧୀ ସନ୍ତୋଷ ଗୌଡ଼, ଆସିକା ରୋଡ଼ ସୀତାରାମ ସାହିର ଅମିତ ଗୌଡ଼ ଓ ପାଣିଗ୍ରାହୀପେଣ୍ଠ ସାହି ଆନନ୍ଦ ନଗରର କାହ୍ନା ସେଠୀ, ଲାଞ୍ଜିଆ ଗ୍ରାମର ସନ୍ତୋଷ ଗୌଡ଼ ଓରଫ ବାବୁ, ସୁକାନ୍ତ ନାୟକ ଓ ତାଙ୍କ ସାନଭାଇ ଶିବା ନାୟକଙ୍କୁ ଗିରଫ କରିଥିବା ବେଳେ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁଙ୍କୁ ପୁଲିସ ଶିବା ହତ୍ୟା ମାମଲାରେ ଯୋଡ଼ିଥିଲା । ବୁଲୁ ଜାମିନରେ ଆସି ପୁଣି ସାକ୍ଷୀଙ୍କୁ ଧମକ ଦେବା ଓ କୋର୍ଟର ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ରବିବାର ପୁଣି ଗିରଫ ହୋଇଛି ।



ସୂଚନାଯୋଗ୍ୟ ଯେ, ଦକ୍ଷିଣପୁରର ନିବାସୀ ତଥା କଂଗ୍ରେସ କର୍ମୀ ନୀଳମାଧବ ସାହୁ ଓରଫ ଭବାନୀ ଓ ଅଭିଯୁକ୍ତ ଦୀପକ ସାହୁ ଓରଫ ମଣ୍ଟୁଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ଗତ ଏପ୍ରିଲ ୨୮ ରାତିରେ ଦକ୍ଷିଣପୁରର ଦୀପକ କୁମାର ସାହୁ ଓରଫ ମଣ୍ଟୁଙ୍କୁ ଭବାନୀ ଓରଫ ନୀଳମାଧବ ସାହୁ, ତାଙ୍କ ବାପା ଓ କିଛି ସହଯୋଗୀ ହତ୍ୟା ଉଦ୍ୟମ କରିଥିଲେ । ଏନେଇ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ଭବାନୀଙ୍କ ବାପା ସତ୍ୟନାରାୟଣ ସାହୁ, ଜଗନ୍ନାଥ ପାତ୍ର ଓ ସାଗର ମହାକୁଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଗତବର୍ଷ ସେପ୍ଟେମ୍ବର ୧୬ରେ ଭବାନୀ ଓ ସୀତାରାମ ଗୌଡ଼ ହାଇକୋର୍ଟରୁ ଜାମିନ ପାଇଥିବା ଅଭିଯୁକ୍ତ ଦୀପକ ସାହୁ ଜାଣିବାକୁ ପାଇଥିଲେ । ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ସେ ତାଙ୍କ ଉପରୋକ୍ତ ଅଭିଯୁକ୍ତଙ୍କୁ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଗତବର୍ଷ ସେପ୍ଟେମ୍ବର ୧୬ ରାତିରେ ସନ୍ତୋଷ ଗୌଡ଼, କାହ୍ନା ସେଠୀ ଏବଂ ଅନ୍ୟମାନେ ବାଇକ୍‌ରେ କଂଗ୍ରେସ କର୍ମୀ ନୀଳମାଧବ ସାହୁ ଓରଫ ଭବାନୀଙ୍କ ଘରକୁ ଯାଇ ତାଙ୍କୁ ଖୋଜି ନିରାଶ ହୋଇ ତାଙ୍କ ଘର କବାଟ ଭଙ୍ଗାରୁଜା କରିଥିଲେ । ସେଠାରୁ କ୍ରୋଧରେ ଭବାନୀଙ୍କ ସାଙ୍ଗ ଶିବାଙ୍କ ଘରକୁ ଯାଇ ଘର ଭିତରୁ ତାଙ୍କୁ ବଳପୂର୍ବକ ବାଇକରେ ବସାଇ ନେଇ ବାଲିପଡ଼ା ଓ ଡେଙ୍ଗାପଦର ମଧ୍ୟରେ ଥିବା ଏକ ଖୋଲା ସ୍ଥାନରେ ସନ୍ତୋଷ ଗୌଡ଼, କାହ୍ନା ସେଠୀ, ଶିବା ନାୟକ ଏବଂ ଅନ୍ୟମାନେ ଦୁଇଟି ଖଣ୍ଡାରେ ହାଣି ହତ୍ୟା କରିଥିଲେ । ପରେ ଏକ ବସ୍ତା ଭିତରେ ଶିବାଙ୍କ ମୃତଦେହ ରଖି ଡେଙ୍ଗାପଦର କଡ଼ରେ ଥିବା ଏକ ପୋଖରୀରେ ଫୋପାଡି ଚମ୍ପଟ ମାରିଥିଲେ ।

## ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର, ୨୭ ।୭ (ସମିସ): ସଦର ଥାନା ଅନ୍ତର୍ଗତ କୁମାରପୁର ମଝିସାହିରେ ଜନୈକା ବିବାହିତ ମହିଳାଙ୍କୁ ଶଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗରେ ପୁଲିସ ରବିବାର ମୃତ ମହିଳାଙ୍କ ସ୍ୱାମୀ ମନୋଜ ପ୍ରଧାନ(୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ପ୍ରଫୁଲ୍ଲ କୁମାର ସାହୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଡାକ୍ତରଖାନାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର କାରଣର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ଯେ, ସଦର ଥାନା ଅନ୍ତର୍ଗତ ମଝି ସାହିର ତୁଳସୀ ପ୍ରଧାନ(୨୦)ଙ୍କୁ ୨୦୨୩ ମସିହାରେ ମନୋଜ ବିବାହ କରିଥିଲେ । ବିବାହର କିଛିମାସ ପରେ କୌଣସି କାରଣରୁ ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା । ଫଳରେ ମନୋଜ କାମକୁ ନଯାଇ ଦିନରାତି ମଦ୍ୟପାନ କରି ଘରେ ସ୍ତ୍ରୀ ତୁଳସୀଙ୍କ ସହ ଝଗଡ଼ା କରୁଥିଲେ । ଉଭୟଙ୍କର ୧୫ମାସର ଗୋଟିଏ ଶିଶୁପୁତ୍ର ରହିଛି । ଗତ ୨୫ତାରିଖ ପୂର୍ବାହ୍ନରେ ତୁଳସୀ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ନେଇ ତୁଳସୀଙ୍କ ବାପଘର ଲୋକେ ଖବର ପାଇଥିଲେ । ପରେ ସ୍ଥାନୀୟ ଲୋକ ଓ ତୁଳସୀଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ ମେଡ଼ିକାଲ ନେଇଥିଲେ । ସେଠାରେ ଡାକ୍ତର ତୁଳସୀଙ୍କୁ ମୃତ ଘୋଷଣା କରିଥିଲେ । ସଦର ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ତେବେ ଗତ କିଛିବର୍ଷ ଧରି ତୁଳସୀଙ୍କ ଶାଶୂଘର ଲୋକେ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ ସେମାନେ ହିଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ତୁଳସୀଙ୍କ ଭାଇ ପୁଲିସ ନିକଟରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ମନୋଜକୁ ଗିରଫ କରି କୋର୍ଟଚାଲାଣ କରିଛି ।



# ଚାରାରୋପଣ କଲେ ପୂର୍ବତନ ବାଚସ୍ପତି

ପାତ୍ରପୁର, ୨୭ ।୭ (ସମିସ): ତୁରୁବୁଡି ପଞ୍ଚାୟତ ନୂଆଁଗଡ଼ ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜାପାଠ ପରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ଯୋଗ ଦେଇ ନଡ଼ିଆ ଭାଙ୍ଗି ପ୍ରଥମେ କଦମ୍ବ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହୋଇ ଥିବା ପରିସ୍ଥିତିରୁ ରକ୍ଷା ପାଇବା ସହ ଆଗାମୀ ପିଢ଼ି ନିମନ୍ତେ ବୃକ୍ଷ ରୋପଣ ଜରୁରୀ ହୋଇପଡ଼ିଥିବାବେଳେ ସମସ୍ତେ ଚାରାରୋପଣ କରିବାକୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ଜଳସେଚନ ବିଭାଗ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ ସଞ୍ଜୀବ କୁମାର ଦାସଶର୍ମା, ସମାଜସେବୀ ମୋହନ ରାଓ, ସମିତିସଭ୍ୟ ଭରତ ଭୂଷଣ ସାହୁ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ରବୀନ୍ଦ୍ର କୁମାର ଦ୍ୟାନ ସାମନ୍ତରା, ଭୁଲେଶ୍ୱର୍ ସାହୁ, ହରିଶ୍ଚନ୍ଦ୍ର ପ୍ରଧାନ, ମାରୁତି ଦ୍ୟାନ ସାମନ୍ତରା, ପ୍ରଦୀପ କୁମାର ସାହୁ, ଉମାକାନ୍ତ ସାହୁ, ସ୍ଥାନୀୟ ଫରେଷ୍ଟରଙ୍କ ସମେତ ପାତ୍ରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଉପସ୍ଥିତ ରହିଥିବାବେଳେ ସନ୍ତୋଷ କୁମାର ଦାସ ପୂଜା ପାଠ କରିଥିଲେ ।



# ବିଜୁ ପଟ୍ଟନାୟକ ସିନିଅର୍ ସିଟିଜେନ୍ସ ଫୋରମ୍‌ର ବୈଠକ

ବ୍ରହ୍ମପୁର, ୨୭ ।୭ (ସମିସ): ସ୍ଥାନୀୟ ସନ୍ତୋଷୀ ମା'କଲ୍ୟାଣ ମଣ୍ଡପରେ ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମର ମାସିକ ସାଧାରଣ ପରିଷଦ ବୈଠକ ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସ୍ୱାଗତ ଭାଷଣ ସହ ଗତ ବୈଠକ ବିବରଣୀ ପ୍ରଦାନ କରିଥିଲେ । ସଭାପତି ଶ୍ରୀ ମହାପାତ୍ର, ଉପସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟ୍ଟନାୟକ ଫୋରମର ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସର୍ବ ଭାରତୀୟ ବରିଷ୍ଠ ନାଗରିକ ମହାସଂଘ ଓ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଆହ୍ୱାନକ୍ରମେ ରେଳଯାତ୍ରା ରିହାତି ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୋଷ୍ଟ କାର୍ଡ ଜରିଆରେ ତୁରନ୍ତ ବିଚାର କରିବା ନିମନ୍ତେ ପ୍ରେରଣ କରାଯାଇଥିବା ଦାବିପତ୍ର ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା, ମହେଶ୍ୱର ପୃଷ୍ଟି, ସମୀକ୍ଷକ ନାରାୟଣ କର, କାର୍ଯ୍ୟକାରିଣୀ ସଦସ୍ୟ ଡି ଆପ୍ପା ରାଓ, ପ୍ରଶାନ୍ତ କୁମାର ମହାପାତ୍ର, ଦେବରାଜ କୋଠିଆ, ଏ ସୁବାସ ଚନ୍ଦ୍ର ନାୟକ, ନୀଳମାଧବ ପାତ୍ରଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ ।




# ଖଟୁଆକୁଦା ଗାଁରୁ ବାଇକ୍ ଚୋରି

ଗଞ୍ଜାମ, ୨୭ ।୭ (ସମିସ): ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ ତଥା ରମ୍ଭା ଥାନା ହୁମ୍ମା ଫାଣ୍ଡି ଅନ୍ତର୍ଗତ ଖଟୁଆକୁଦା ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ବାଇକ୍ ଚୋରି ହୋଇଛି । ଏନେଇ ଗାଡି ମାଲିକ ଆଲୋକ ନାହାକ ରବିବାର ହୁମ୍ମା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଘର ଆଗରେ ବାଇକ୍ (ନଂ.ଓଡ଼ି୦୭ଟି ୨୨୮୭) ରଖିଥିବାବେଳେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ସେ କହିଛନ୍ତି । ଗାଁରୁ ପ୍ରଥମ ଥର ପାଇଁ ବାଇକ ଚୋରି ହୋଇଛି ବୋଲି ଖଟୁଆକୁଦା ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ବୃନ୍ଦାବନ ଖଟୁଆ କହିଛନ୍ତି ।

# ୬ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡା, ୨୭ ।୭ (ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ହାଇସ୍କୁଲର ଅବସରପ୍ରାପ୍ତ ୬ ଜଣ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ପଙ୍କଲବାଡି ଗ୍ରାମ ଆର.ଏ.ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ସଭାପତି ଦ୍ୱିତୀକୃଷ୍ଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବେଗୁନିଆପଡ଼ା ବ୍ଲକ କ୍ରୀଡ଼ା ସମ୍ପାଦକ ଭଗବାନ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ପୋଲସରା ବ୍ଲକ କ୍ରୀଡ଼ା ସମ୍ପାଦକ ଜ୍ଞାନ ରଞ୍ଜନ ଜାଲି, ପିପୁଲ୍ସ କଲେଜ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର, ପଙ୍କଲବାଡି ଏସଏମ୍‌ସି ସଭାପତି ରିତା ଜେନା ଓ ପ୍ରଧାନ ଶିକ୍ଷକ ନାକା ରମଣ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କରଚୁଲି ହାଇସ୍କୁଲର ବେଣୁଧର ପ୍ରଧାନ, ପୋଚାଲୁଣ୍ଡି ହାଇସ୍କୁଲର ଭଗବାନ ପ୍ରଧାନ, ଅନ୍ତରପଡ଼ା ହାଇସ୍କୁଲର ଭାସ୍କର ବେହେରା, ଖୋଲଖାଲି ହାଇସ୍କୁଲର ସୁଦର୍ଶନ ଖଟୁଆ, ତାଳସାକର ହାଇସ୍କୁଲର ବି.ଗୋପାଳ ପାତ୍ର ଓ ମୋଟାବାଡି ହାଇସ୍କୁଲର ପ୍ରଦୀପ କୁମାର ନାୟକ ପ୍ରମୁଖ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ବୁଦ୍ଧଗିରି ବିଦ୍ୟାପୀଠ କ୍ରୀଡ଼ା ଶିକ୍ଷକ ବିନୋଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବୁଗୁଡା ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ବିଶ୍ୱେଶ୍ୱର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।



# ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ ବୈଠକ

ଗଞ୍ଜାମ, ୨୭ ।୭ (ସମିସ): ଗଞ୍ଜାମ ସହର ବଡ଼ ବଜାର ଠାରେ ଅବସ୍ଥିତ ବହୁ ପୁରାତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ନେଇ ଜଗନ୍ନାଥ ମନ୍ଦିର ନିର୍ମାଣ ସମିତି ଓ ପୁରୁଣା କମିଟିର ମିଳିତରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ ବଜାର ବଣିକ ସଙ୍ଘ ସଭାପତି ଗୌରୀ ଶଙ୍କର ବାରିକ ସଭାପତିତ୍ୱ କରିଥିଲେ । ବରିଷ୍ଠ ଆଇନଜୀବୀ କୈଳାଶ ଚନ୍ଦ୍ର ପଲେଇ, ଦଇତାପତି ପ୍ରଭାକର ପାଣିଗ୍ରାହୀ, ଯୁଧିଷ୍ଠିର ମହାନ୍ତି, ଗୋପାଳ ବେହେରା, ଭିକାରୀ ବେହେରା, ସୁଦାମ ଚରଣ ଜେନା, ସୁଧୀର କୁମାର ପାଢ଼ୀ, ପ୍ରଣବ ପ୍ରଧାନ, ବଟକୃଷ୍ଣ ରାଉଳ, କାଙ୍ଗା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତ୍ୟେକ ୱାର୍ଡ ବା ସାହିରୁ ଜଣେ ବ୍ୟକ୍ତି କାର୍ଯ୍ୟକାରୀ ସଦସ୍ୟ ରହିବେ । ଆସନ୍ତା ଅଗଷ୍ଟ ୧୭ରେ ସହର ଜନସାଧାରଣଙ୍କୁ ନେଇ ଢ଼ମଣାସାହି ସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବା ଲାଗି ବୈଠକରେ ସ୍ଥିର ହୋଇଥିଲା । ସିମେଣ୍ଟ ଇଟାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆଉ ସିମେଣ୍ଟ ଇଟା ମନ୍ଦିର ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେବ ନାହିଁ ବୋଲି ମତ ପ୍ରକାଶ ପାଇଥିଲା ।

# ଦୋକାନରେ ଅଗ୍ନିକାଣ୍ଡ; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବେଗୁନିଆପଡ଼ା, ୨୭ ।୭ (ସମିସ): ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଷଣ୍ଢମୂଳ ସ୍ଥିତ ତ୍ରିଦେବୀ ଇଲୋକ୍ଟ୍ରୋନିକ୍ସ ଦୋକାନରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ସହ ନଗଦ ଟଙ୍କା ପୋଡି ନଷ୍ଟ ହୋଇଯାଇଛି ।

ବିଳମ୍ବିତ ରାତିରେ ହଠାତ ଦୋକାନରେ ଅଗ୍ନିକାଣ୍ଡ ଘଟିବା ପରେ ଦୋକାନ ମାଲିକ ତ୍ରିନାଥ ନାୟକଙ୍କଠାରୁ ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ବିଭିନ୍ନ ଯନ୍ତ୍ରପାତି ପୋଡି ନଷ୍ଟ ହୋଇଯିବା ସହ ନଗଦ ୨୬ ହଜାର ଟଙ୍କା ଜଳିଯାଇଛି । ଦୋକାନରେ ସୋଲାର ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ସର୍ଟ୍‌ସର୍କିଟର ସମ୍ଭାବନା ନଥିବା ତ୍ରିନାଥ କହିବା ସହ କେହି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇଥିବା କଥା ସେ ସନ୍ଦେହ କରି ବେଗୁନିଆପଡ଼ା ଥାନାରେ ଏତଲା ଦେଇଛନ୍ତି ।

# ୧୨ ଫୁଟର ଅହିରାଜ ଉଦ୍ଧାର



ପାତ୍ରପୁର, ୨୭ ।୭ (ସମିସ): ପାତ୍ରପୁର ବ୍ଲକ ଅନ୍ତର୍ଗତ ଦମୋଦରପଲ୍ଲି ଗ୍ରାମରେ ରବିବାର ୧୨ ଫୁଟର ଅହିରାଜ ଉଦ୍ଧାର ହୋଇଛି । ରବିବାର ଅପରାହ୍ନରେ ଗ୍ରାମର ଦୀନବନ୍ଧୁ ପ୍ରଧାନଙ୍କ ଗୁହାଳ ନିକଟରେ ୧୨ ଫୁଟର ଅହିରାଜ ଏକ ଢମଣା ସାପକୁ ଖାଉଥିବା ଦେଖିଥିଲେ । ପରେ ଦିନବନ୍ଧୁ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ । ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ପହଞ୍ଚି ଅହିରାଜକୁ ଉଦ୍ଧାର କରିଥିଲେ । ଉଦ୍ଧାର ଅହିରାଜକୁ ଜଙ୍ଗଲରେ ସୁରକ୍ଷିତ ଛଡ଼ାଯାଇଛି ।

## ସରକାରୀ କୋଠାର ରକ୍ଷଣାବେକ୍ଷଣ ଅଭାବ

# କାନ୍ଥରେ ଲାଗିଲାଣି ଶିଉଳି; ଉଠିଲାଣି ଗଛ





ବ୍ରହ୍ମପୁର, ୨୭।୭ (ସମିସ)

ଜନସାଧାରଣଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ରହିଛି । ଉକ୍ତ ବିଭାଗ ପରିଚାଳନା ପାଇଁ ବିଭିନ୍ନ କୋଠାର ଆବଶ୍ୟକ ରହିଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗ ପକ୍ଷରୁ ବହୁ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି । କିନ୍ତୁ କୋଠା ନିର୍ମାଣକୁ ବହୁ ବର୍ଷ ବିତିଥିବା ପରେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କୋଠାର ରକ୍ଷଣାବେକ୍ଷଣକ କରାଯାଉନଥିବା ଅଭିଯୋଗ ହୋଇଛି । ସେହିପରି ଏହି ଘଟଣାଙ୍କୁ ନେଇ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ ଚୁପ୍ ରହୁଥିବା ଅଭିଯୋଗ ହୋଇଛି । ଏଭଳି କ୍ଷେତ୍ରରେ ନିର୍ଦ୍ଧାରିତ ସମୟ ପୂର୍ବରୁ କୋଠା ଦୁର୍ବଳ ହେଉଛି । ପୂର୍ତ୍ତ ବିଭାଗ ପକ୍ଷରୁ କୋଠାର ସୁରକ୍ଷା ନିମନ୍ତେ ସମୟ ସୀମା ନିର୍ଦ୍ଧାରିତ ହେଉଥିବା ବେଳେ ରକ୍ଷଣାବେକ୍ଷଣା ଅଭାବରୁ ବହୁ ସମୟ ପୂର୍ବରୁ ଲକ୍ଷାଧିକ ଟଙ୍କାର କୋଠା ଦୁର୍ବଳ ହେବା ସହ ବିପଦସଂଙ୍କୁଳ ହୋଇପଡୁଛି । କୋଠାର ଚାରି ପାଖରେ ବିଭିନ୍ନ ବୃକ୍ଷ ଉଠିଥିବା ବେଳେ ବର୍ଷାଧିକ ଧରି ଏହାକୁ ଉପଡ଼ା ଯାଉନାହିଁ । ଉକ୍ତ ବୃକ୍ଷ ଗୁଡ଼ିକର ଚେର ଦିନକୁ ଦିନ ବୃଦ୍ଧି ପାଇବା ସହ କୋଠା ଦୁର୍ବଳ ହେବାରେ ଲାଗିଛି । ଫଳରେ ଉକ୍ତ କୋଠାରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଏଠାକୁ ସେବା ନେବାକୁ ଆସୁଥିବା ସାଧାରଣ ଜନତଙ୍କ ଜୀବନ ମଧ୍ୟ ବିପଦରେ ରହିଥିବା ଅଭିଯୋଗ ହୋଇଛି ।

- ନିର୍ଦ୍ଧାରିତ ସମୟ ପୂର୍ବରୁ ଦୁର୍ବଳ ହେଉଛି କୋଠା
- ବିପଦରେ କର୍ମଚାରୀ ଓ ଜନତା

ସହରର ସିଟି ହସ୍ପିଟାଲର କୋଠା, ସିଟି ହାଇସ୍କୁଲ, ଏମକେସିଜି, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ପ୍ରାୟ ୫୦ରୁ ଅଧିକ ବିଭିନ୍ନ ବିଭାଗରେ କୋଠାର ଅବସ୍ଥା ଦେଖିଲେ ଯେ, କେହି ବିପଦ ମଣିବା ନିଶ୍ଚୟ । ଏଠାକାର ବିଭିନ୍ନ କୋଠାରେ ଥିବା କାନ୍ଥ ଗୁଡ଼ିକରେ ଶିଉଳି ଲାଗିବା ସହ ଗଛ ଉଠିଛି । ପାଣିଟାଙ୍କି ଅବସ୍ଥା ଗୁଡ଼ିକ ଦେଖିଲେ ବ୍ୟବହାର ଯୋଗ୍ୟ ମନେ ହେଉନି । ବିଭିନ୍ନ କୋଠାର ଛାତ ଉପରେ ପାଣିଟାଙ୍କିର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣା କରାଯାଉନି । କେଉଁ କାର୍ଯ୍ୟାଳୟ ପାଣିଟାଙ୍କି ଚାରିପାଖରେ ଗଛ ଉଠିଗଲାଣି ତ ଆଉ କେଉଁ କାର୍ଯ୍ୟାଳୟର ପାଣିଟାଙ୍କିର ଢ଼ାଙ୍କୁଣୀ ନାହିଁ । ଏଭଳି କ୍ଷେତ୍ରରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଏବଂ ବିଭିନ୍ନ କାର୍ଯ୍ୟରେ ଆସୁଥିବା ସାଧାରଣା ଜନତା ଅପରିଷ୍କାର ପାନୀୟ ଜଳକୁ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଗୋଟିଏ ପକ୍ଷରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କର୍ମଚାରୀ ଓ ସାଧାରଣ ଜନତାଙ୍କ ପାଇଁ ବିପଦ ରହିଥିବା ବେଳେ ଅନ୍ୟପକ୍ଷରେ ଅପରିଷ୍କାର ପାନୀୟ ଜଳ ବହୁ ସମସ୍ୟା ସୃଷ୍ଟି କରୁଛି । ତେଣୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କୋଠା ରକ୍ଷଣାବେକ୍ଷଣା ସହ କୋଠା ଉପରେ ଥିବା ପାଣି ଟାଙ୍କିକୁ ନିୟମିତ ସଫା କରିବାକୁ ବିଭିନ୍ନ ମହଲଲେ ଦାବି ହୋଇଛି ।

# ବିଦ୍ୟାଳୟକୁ ପଶିଗଲା ଯାତ୍ରୀବାହୀ ବସ୍



ଚକାପାଦ, ୨୭।୭ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ପସରା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ନୟାଗଡ଼ରୁ ସାରଙ୍ଗଡ଼ ଯାଉଥିବା ଶ୍ରୀ ଜଗନ୍ନାଥ ନାମକ ଏକ ଘରୋଇ ବସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଚାଳକ ନିୟନ୍ତ୍ରଣ ହରାଇବାରୁ ବସ୍ ଚକାପାଦ-ଟିକାବାଲି ମୁଖ୍ୟ ରାସ୍ତାରେ ଥିବା ପସରା ବିଦ୍ୟାଳୟରେ ପାଚେରି ଭାଙ୍ଗି ପଶିଯାଇଥିଲା। ସୌଭାଗ୍ୟବଶତଃ ଏଥିରେ କେହି ଗୁରୁତର ଆହତ ହୋଇନଥିଲେ। ସାମାନ୍ୟ ଆଘାତ ପାଇଥିବା କିଛି ଯାତ୍ରୀଙ୍କୁ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ପ୍ରେମିକ ପିଣ୍ଡାରେ ପ୍ରେମିକାଙ୍କ ଧାରଣା; ଆତ୍ମାହୁତି ଧମକ

ଦାରିଙ୍ଗବାଡି, ୨୭।୭ (ସମିସ)



ପ୍ରଥମେ ପ୍ରେମ, ପରେ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କଲେ ଯୁବକ। ଶେଷରେ ନ୍ୟାୟ ପାଇବା ଆଶାରେ ପ୍ରେମିକ ଘର ଆଗରେ ଭୋକ ଉପବାସରେ ୩ ଦିନ ହେବ ଧାରଣାରେ ବସିଛନ୍ତି ଯୁବତୀ। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଯୁବତୀ ଜଣକ କହିଛନ୍ତି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଗୁଡ଼ିକିଆ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଗୁଡ଼ିକିଆ ଗ୍ରାମର ଟିଟୁ ନାୟକ ଦୀର୍ଘ ବର୍ଷ ହେବ କିରାମାହା ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲେ। ତାଙ୍କ ସହ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ ଟିଟୁ। ଏପରିକି ବିବାହ ପ୍ରତିଶ୍ରୁତି ଦେଇ ଘରକୁ ମଧ୍ୟ ନେଇଥିଲେ। ଟିଟୁଙ୍କ ପରିବାର ଲୋକେ ରାଜି ନହେବାରୁ ଯୁବତୀଙ୍କୁ ନେଇ ତାଙ୍କ ଘରେ ଛାଡ଼ି ଦେଇ କେଉଁଆଡ଼େ ଚାଲି ଯାଇଥିଲେ। ପରେ ଯୁବତୀ ଜଣକ ଆସି ଘର ଆଗରେ ସ୍ତ୍ରୀର ମର୍ଯ୍ୟାଦା ଦାବିରେ ବସିଥିବାବେଳେ ଟିଟୁଙ୍କ ମା' ଘର ବାହାରୁ ତାଲା ପକାଇ କୁଆଡ଼େ ଚାଲି ଯାଇଛନ୍ତି। ଫଳରେ ଯୁବତୀ ଜଣକ ଅସହାୟ ଅବସ୍ଥାରେ ଘର ପିଣ୍ଡାରେ ୩ ଦିନ ହେବ ବସି ରହିଛନ୍ତି। ୩ ଦିନ ହେବ ଭୋକ ଉପବାସରେ ପ୍ରେମିକ ଘର ଆଗରେ ନ୍ୟାୟ ପାଇବା ଆଶାରେ ଯୁବତୀ ଧାରଣାରେ ବସି ରହିଛନ୍ତି। ନ୍ୟାୟ ନମିଳିଲେ ଘର ଆଗରେ ପେଟ୍ରୋଲ ଢ଼ାଳି ହୋଇ ଆତ୍ମାହୁତି କରିବେ ବୋଲି କହିଛନ୍ତି।

ଏନେଇ ଯୁବତୀଙ୍କ ବାପା ଶୁକ୍ରବାର ବ୍ରାହ୍ମଣୀଗାଁ ଥାନାରେ ଏତଲା ଦେବାକୁ ଯାଇଥିଲେ। ହେଲେ ପୁଲିସ ଏତଲା ରଖିବାକୁ ମନା କରିଦେଇଥିଲା। ଝିଅ ଆସି ଏତଲା ଦେଲେ ହିଁ ଏତଲା ରଖାଯିବ ବୋଲି ପୁଲିସ କହିଥିବା ସେ କହିଛନ୍ତି। ଏଥିରେ ନିରାଶ ହୋଇ ଫେରିଥିଲେ ଯୁବତୀଙ୍କ ବାପା। ଝିଅ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିବା ଯୋଗୁଁ କେତେବେଳେ କ'ଣ ହେବ କିଛି କହିହେବ ନାହିଁ। ଏନେଇ ଯୁବତୀଙ୍କ ପରିବାର ଲୋକ ଚିନ୍ତାରେ ରହିଥିବା ବେଳେ ପୁଲିସ ଏଥିପ୍ରତି ଗୁରୁତ୍ୱ ଦେଇ ଝିଅକୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି। ଯଦି କିଛି ଅଘଟଣ ଘଟେ ଏଥିପାଇଁ ପୁଲିସ ଓ ଯୁବକଙ୍କ ପରିବାର ଦାୟୀ ରହିବେ ବୋଲି ପରିବାର ଲୋକେ କହିଛନ୍ତି।

# ଦେଶୀୟ ମଞ୍ଜିଗୁଳା ପ୍ରସ୍ତୁତି ଓ ଚାରାରୋପଣ



ଫିରିଙ୍ଗିଆ, ୨୭।୭ (ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ପଞ୍ଚାୟତ ଜାରୁଗାଣ୍ଡା ଗାଁର ବନ ସୁରକ୍ଷା ସମିତିରେ ଫିରିଙ୍ଗିଆ ବନାଞ୍ଚଳ ବନ ବିଭାଗ ତରଫରୁ ଦେଶୀୟ ମଞ୍ଜିଗୁଳା ପ୍ରସ୍ତୁତି ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ପାହାଡ଼ ତରଫରୁ ବନାଞ୍ଚଳ ଅଧୀନରେ ଥିବା ବନ ସୁରକ୍ଷା ସମିତି ଗ୍ରାମ ଗୁଡିକରେ ୧୦ ହଜାର ଦେଶୀୟ ମଞ୍ଜି ଗୁଳା ପ୍ରସ୍ତୁତି କରାଯାଇ ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ପ୍ରଦୋଷ କୁମାର ମହାରଣା ଯୋଗ ଦେଇଥିବା ବେଳେ ପାହାଡ଼ ଅନୁଷ୍ଠାନର ଟିମ୍ ଲିଡର ମନୋଜ କୁମାର ସାହୁ ପରିଚାଳନା କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ ମଞ୍ଜି ଯଥା ଜାମୁ, ବଣ ଭାଲିଆ, ନିମ, କରଞ୍ଜ, ଚାର, ପଣସ, ଦେଶୀ ଆମ୍ବ, ବାଉଁଶ ଭଳି ବିଭିନ୍ନ ଚାରା ଦେଶୀୟ ପଦ୍ଧତିରେ ମଞ୍ଜି ଗୁଳା ପ୍ରସ୍ତୁତି କରି ଜଙ୍ଗଲରେ ବିଭିନ୍ନ ଫାଙ୍କା ଜାଗାରେ ଫୋପଡ଼ା ଯାଇଥିଲା। ବନ ସୁରକ୍ଷାକୁ ନେଇ ମା' ପାଇଁ ଗଛଟିଏ ପ୍ରସଙ୍ଗରେ ଚାରାରୋପଣକୁ ବିଶେଷ ଗୁରତ୍ୱ ଦିଆଯାଇଛି। ଗଛ ଲଗାଇବା ସହ ଏହାକୁ ସୁରକ୍ଷା ଦେବା ଉପରେ ଯତ୍ନବାନ ହେବାକୁ ସ୍ଥାନୀୟ ଜନସାଧାରଣଙ୍କୁ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଜାରୁଗାଣ୍ଡା ବନ ସୁରକ୍ଷା ସଭାପତି ଅର୍ଜୁନ ବାରିକ, ଉନ୍ନୟନ ଅଧିକାରୀ ସତର କହଁର ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମା ମାନଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ୧୬ରେ ରାସ୍ତାକୁ ଓହ୍ଲାଇବ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ



ପାରଳାଖେମୁଣ୍ଡି, ୨୭।୭ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କୁଜାସିଂ ସ୍ଥିତ ରାଜୀବ ଗାନ୍ଧୀ ସ୍ମାରକ ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଓଷ୍ଟା ସଂଘର ସଭାପତି ପି. ମେନକା ରାଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଶିକ୍ଷକ/ଶିକ୍ଷୟିତ୍ରୀ, ଜନପ୍ରତିନିଧି ତଥା ଶିକ୍ଷାବିତ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ପେନସନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜକୁ ସରକାରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ବରିଷ୍ଠତା ପ୍ରଦାନ, ପ୍ରତ୍ୟେକ ବର୍ଗର ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ପାଇଁ ସମାନ ସୁବିଧା ସୁଯୋଗ ପ୍ରଦାନ ଏବଂ ଅବସର ବୟସ ସୀମାକୁ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଭଳି ସମସ୍ୟା ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଉପସ୍ଥାପନ କରିବା ସହ ଆଗାମୀ ଅଗଷ୍ଟ ୨ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା ଓ ତାଙ୍କ ଜରିଆରେ ସରକାରଙ୍କୁ ଜଣାଇବା ଏବଂ ୮ ତାରିଖରେ ଜିଲ୍ଲାପାଳଙ୍କୁ ଭେଟି ନିଜର ସମସ୍ୟା ଅବଗତ କରାଯିବ। ଅଗଷ୍ଟ ୧୬ ତାରିଖ ଦାବି ଦିବସରେ ଭୁବନେଶ୍ୱର ପିଏମଜି ଛକରେ ଜିଲ୍ଲାରୁ ବହୁ ସଂଖ୍ୟାରେ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେବା ପାଇଁ ନିବେଦନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଶାନ୍ତ ଚୌଧୁରୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୩ ଶହରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ

# 'ବର୍ଦ୍ଧିତ ଭତ୍ତାକୁ ଆଉ ଭରସା ନାହିଁ'



ଗୁମ୍ମା, ୨୭।୭ (ସମିସ): ଅସହାୟ ବୃଦ୍ଧବୃଦ୍ଧା, ବିଧବା ତଥା ଭିନ୍ନକ୍ଷମଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜରିଆରେ ଭତ୍ତା ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ବୃଦ୍ଧବୃଦ୍ଧା, ବିକଳାଙ୍ଗ, ଶାରୀରିକ ଭିନ୍ନକ୍ଷମ ଓ ବିଧବା ମହିଳାଙ୍କ ପାଇଁ ସରକାର ନିୟମିତ ମାସିକ ଭତ୍ତା ବାବଦକୁ ସରକାରୀ ତହବିଲରୁ ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ରାଜ୍ୟରେ ନୂତନ ସରକାର ଆସିବା ପର ଠାରୁ ସାମାଜିକ ସୁରକ୍ଷା ବିଭାଗକୁ ଅର୍ଥ ମଞ୍ଜୁରୀ ହୋଇ ନଥିବାରୁ ଯୋଗ୍ୟ ହିତାଧିକାରୀ ଆବେଦନ କରି ଏକ ବର୍ଷ ବିତିଯିବା ପରେ ମଧ୍ୟ ଏହି ସୁବିଧାରୁ ବଞ୍ଚିତ ରହିଛନ୍ତି। ଫଳରେ ଏବେ ଭତ୍ତାକୁ ଆଉ ଭରସା ନାହିଁ ବୋଲି ଯୋଗ୍ୟ ହିତାଧିକାରୀମାନେ କହିଛନ୍ତି।

ସୂଚନା ମୁତାବକ ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ୧୩୩୬ ଯୋଗ୍ୟଆବେଦନକାରୀ ଓ ୮୦ ବର୍ଷରୁ ଅଧିକ ୨ଶହ ଜଣ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ନିରାଶ୍ରୟ ୩୫୦୦ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏଥିନେଇ ହତାଶ ବ୍ୟକ୍ତ କରିଛନ୍ତି ଆବେଦନକାରୀ ସ୍ୱାଧୀନ ପାଣି, ତାଲବିନି ଶବର, ସୁନେମି ଶବର, ଇସ୍ରାଇଲ ଗମାଙ୍ଗ, ତ୍ରିବେଣୀ ଶବର, ଦ୍ରୁମନ ଦଳାଇ, ସୁନିତା ଦଳାଇ, ସାବିତ୍ରୀ ପାଣି, ଗୁସେନି କାର୍ଜି, ତୁଳେସି ଭୂୟାଁ ଓ ନିବାରୁ ବଡ଼ରଇତ। ଭତ୍ତା ମିଳିବା ନେଇ ଅହେତୁକ ବିଳମ୍ବ ଯୋଗୁଁ ଦୁଃଖଭରା କଣ୍ଠରେ ଗୁମ୍ମା ବ୍ଲକରେ ଭତ୍ତାକୁ ଆଉ ଭରସା ନାହିଁ ବୋଲି ସେମାନେ କହିଛନ୍ତି। ସରକାର ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଅସହାୟ ଯୋଗ୍ୟ ଭତ୍ତା ହିତାଧିକାରୀଙ୍କ ଦୁଃଖ ଦୂର କରିବାକୁ ଦାବି କରାଯାଇଛି। ଏନେଇ ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁ ହେଲେ ଓ ସଂଖ୍ୟା ଖାଲି ପଡ଼ିଲେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ କହିଛନ୍ତି।

# ଗଣ୍ଡାହାତୀ ଜଳପ୍ରପାତ ସୌନ୍ଦର୍ଯ୍ୟ ବଢ଼ାଇଲା ଲଗାଣ ବର୍ଷା

- ନିକଟକୁ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କଲା ପ୍ରଶାସନ



ରାୟଗଡ଼, ୨୭।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳ ଗଣ୍ଡାହାତୀ ଜଳପ୍ରପାତର ସୌନ୍ଦର୍ଯ୍ୟ ବଢ଼ାଇଛି ଲଗାଣବର୍ଷା। ସପ୍ତାହେ ହେଲା ଜାରି ରହିଥିବା ବର୍ଷା ଯୋଗୁଁ ଜଳ ପ୍ରପାତରେ ଅଧିକ ଜଳ ଆସିଛି। ତେଣୁ ଏହା ଦେଖିବାକୁ ଅଧିକ ଆକର୍ଷଣୀୟ ହୋଇଛି। ତେବେ ଅଧିକ ଜଳ ଆସିଥିବାରୁ ପର୍ଯ୍ୟଟକଙ୍କ ପାଇଁ ଯେତିକି ଆକର୍ଷଣ ହୋଇଛି ସେତିକି ବିପଦ ରହିଥିବାରୁ ପାଣି ଭିତରକୁ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଏହାକୁ ଉପଭୋଗ କରିବାକୁ ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯଟକ ଆସୁଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ଭିତରକୁ ଛଡାଯାଉ ନଥିବାରୁ ସେମାନେ ନିରାଶ ହୋଇ ଫେରୁଛନ୍ତି। ପାଣି ଅଧିକ ମାତ୍ରାରେ ଥିବାରୁ ପର୍ଯ୍ୟଟକ ମାନଙ୍କ ପାଇଁ ବିପଦ ରହିଛି। ତେଣୁ ପର୍ଯ୍ୟଟନ ସ୍ଥଳ ଜଳପ୍ରପାତ ସ୍ଥାନକୁ ପର୍ଯ୍ୟଟକଙ୍କୁ ଛଡାଯାଉନାହିଁ। ପାଣି କମିବା ପରେ ହିଁ ପର୍ଯ୍ୟଟକଙ୍କୁ ଛଡାଯିବ ବୋଲି ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡ କାଳୀ ପ୍ରସାଦ ଶବର କହିଛନ୍ତି।

# ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ନିର୍ବାଚନ



ପାରଳାଖେମୁଣ୍ଡି, ୨୭।୭ (ସମିସ): ପାରଳାଖେମୁଣ୍ଡିର ବସନ୍ତ ବିହାରରେ ଉତ୍କଳ ସମ୍ମିଳନୀର ଏକ ବୈଠକ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉତ୍କଳ ସମ୍ମିଳନୀ ଗଜପତି ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନାଦୀ ପାଣିଗ୍ରାହୀ ଏବଂ ରାଜେଶ ପାତ୍ର, ସଭାପତି ଭାବେ ଭାରତ ଭୂଷଣ ମହାନ୍ତି, ଉପସଭାପତି ଭାବେ ଆଶାଲତା ପାଣିଗ୍ରାହୀ ଏବଂ ଗୌରହରି କର, ସୁଧା ପଟ୍ଟନାୟକ, ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଯୁଗ୍ମସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା, ସଂଗଠନ ସମ୍ପାଦକ ଶ୍ୟାମସୁନ୍ଦର ଗନ୍ତାୟତ, କୋଷାଧକ୍ଷ ଭାବେ ପ୍ରମୋଦ ଚନ୍ଦ୍ର ପାଢ଼ୀ, ୧୫ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ୧୦ ଜଣ ରାଜ୍ୟସ୍ତରୀୟ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଆଜିର ଏହି ବୈଠକରେ ଗଜପତି ଜିଲ୍ଲାର ସୀମାନ୍ତ ଅଞ୍ଚଳ ରାୟଗଡ଼ ବ୍ଲକ ଅଧିନସ୍ତ ଗଙ୍ଗାବାଡ ପଞ୍ଚାୟତର ମାଣିକପାଟଣା, ଗୁଡୁଖୁଡ଼ି ଅଞ୍ଚଳର ଲୋକଙ୍କ ଦୈନନ୍ଦିନ ଜୀବନର ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରଭାବ ଯେପରି ନପଡ଼େ ସେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲର ପ୍ରତିଷ୍ଠା ଦିବସ



ଜି.ଉଦୟଗିରି, ୨୭।୭ (ସମିସ): ଜି.ଉଦୟଗିରି ନିକଟସ୍ଥ ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲର ଏକତ୍ରିଂଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିମ୍ବାଧର ତ୍ରିପାଠୀ ମୁଖ୍ୟଅତିଥି, କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼.ନଳିନୀ ପାଣିଗ୍ରାହୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ସାହୁ, ଡ଼.ଦେବରାଜ ଦାସ, ସାମ୍ବାଦିକ ତଥା ଜିଲ୍ଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ, ସାଂସଦ ପ୍ରତିନିଧି ପ୍ରିୟବ୍ରତ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀରାମ ପଦାରବିନ୍ଦ ଅଚାର୍ଯ୍ୟ, ଡ.ସ୍ମୃତି ପ୍ରକାଶ ସାହୁ ଯୋଗ ଦେଇଥିଲେ। ପରିଚାଳନା କମିଟି ତରଫରୁ ଅଭିମନ୍ୟୁ ମାଲିକ, ଫିଲିମନ ପ୍ରଧାନ, ଆମଶ ନାୟକ, ହୃଷୀକେଶ ପ୍ରଧାନ ଓ ଚକ୍ରବର୍ତ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକ ମନୋଜ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିଶୁ ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା



ଜି.ଉଦୟଗିରି, ୨୭।୭ (ସମିସ): ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଶିଶୁ ବାଟିକା ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବିନୋଦ ବିହାରୀ ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଥମ ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଫୁଲବାଣୀ ସଂକୁଳ ପ୍ରମୁଖ ପବିତ୍ର କୁମାର ସାହୁ ମାତୃ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରାଧ୍ୟାପକ ଲଡୁକେଶ୍ୱର ରଥ ମାତୃ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସମ୍ପାଦକ ଶିବରାମ ସାହୁ ଶିଶୁଙ୍କ ସଂସ୍କାର ସଂସ୍କୃତି ଉପରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଡ.ପ୍ରଶାନ୍ତ କୁମାର ମହାପାତ୍ର ଶିଶୁଙ୍କ ସ୍ୱାସ୍ଥ୍ୟ ରକ୍ଷା ଉପରେ ମା'ଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବରିଷ୍ଠା ଆଚାର୍ଯ୍ୟା ରଶ୍ମିତା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ପାତ୍ର, ବିଚିତ୍ରା ମହାରଣା, ଲିଲି ସାହୁ ମା' ମାନଙ୍କୁ ନେଇ ଶିଶୁ ବାଟିକା ଶିକ୍ଷାଦାନ ଓ ପ୍ରତିଯୋଗିତା ରଖିଥିଲେ।

# କାର୍ଯ୍ୟରେ ଯୋଗ ଦେଲେ ନୂତନ ଜିଲ୍ଲାପାଳ



ପାରଳାଖେମୁଣ୍ଡି, ୨୭।୭ (ସମିସ): ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ମଧୁମିତା କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ରାଜ୍ୟ ସରକାର ବଦଳି କରିଛନ୍ତି। ନୂତନ ଜିଲ୍ଲାପାଳ ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମାୟାନୁବର୍ତ୍ତିତା ଅବଲମ୍ବନ ସକାଶେ ଉପସ୍ଥିତ ପଦାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ ବିକାଶମୂଳକ ଯୋଜନାକୁ ଗୁରୁତ୍ୱ ଦେବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ଶେଷ କରାଯିବ ଓ ଜିଲ୍ଲାର ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ହେବ ବୋଲି ନୂତନ ଜିଲ୍ଲାପାଳ କହଛନ୍ତି। ଶ୍ରୀମତୀ ମଧୁମିତା ଏଥି ପୂର୍ବରୁ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ୍ ଅଲ୍ଲୀ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀ, ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସମେତ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ।

## ୨ ଦିନ ହେଲା ଆସୁନାହାନ୍ତି ଶିକ୍ଷକ

# ବିଦ୍ୟାଳୟ ଚଳାଉଛନ୍ତି ପାଚିକା ସହାୟିକା

ଫିରିଙ୍ଗିଆ, ୨୭।୭ (ସମିସ)



ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ସୁବେରପାଙ୍ଗା ପ୍ରାଥମିକ ବିଦ୍ୟାଳୟକୁ ଶୁକ୍ରବାର ଓ ଶନିବାର ୨ ଦିନ ଧରି ପ୍ରଧାନ ଶିକ୍ଷକ ନାରାୟଣ ଜାନୀ ଓ ସହକାରୀ ଶିକ୍ଷୟିତ୍ରୀ ଝରଣା ସାହୁ ଆସିନଥିଲେ। ବିଦ୍ୟାଳୟର ପାଚିକା ସହାୟିକା ଲଳିତା ବେହେରା ରୋଷେଇ କରି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ଦିନ ତମାମ ଜଗି ରହି ବିଦ୍ୟାଳୟ ଚଳାଇଥିବା ଜଣାଯାଇଛି। ସମସ୍ତ ବ୍ୟବସ୍ଥା ବିଦ୍ୟାଳୟରେ ଥିଲେ ମଧ୍ୟ ପ୍ରଧାନଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସୁନଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏଥିନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ପାଚିକା ସହାୟିକାଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକଙ୍କ ଫୋନ ଲାଗୁନଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଝରଣା ସାହୁ ଛୁଟିରେ ଥିବାରୁ ବିଦ୍ୟାଳୟକୁ ଆସିପାରିବେ ନାହିଁ ବୋଲି ଫୋନ କରି ଜଣାଇଥିବା କହିଛନ୍ତି। ବିଦ୍ୟାଳୟରେ ୧୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଅବହେଳା ପ୍ରଦର୍ଶନ ସହ ବିଦ୍ୟାଳୟକୁ ଆସୁନଥିବା ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ କେଉଁ କାରଣରୁ ବିଦ୍ୟାଳୟକୁ ଆସୁନାହାନ୍ତି ତାହା ତଦନ୍ତ କରିବାକୁ ଦାବି କରିଛନ୍ତି।

ଏ ସମ୍ପର୍କରେ ସିଆର୍‌ସିଙ୍କୁ ପଚାରିବାରୁ ତାଙ୍କୁ କୌଣସି ସୂଚନା କେହି ଦେଇନାହାନ୍ତି ବୋଲି କହିଛନ୍ତି। ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି ଓ ପ୍ରଧାନଶିକ୍ଷକଙ୍କୁ ଜଣାଇଛନ୍ତି ବୋଲି କହିଛନ୍ତି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନାହିଁ। ଉପଯୁକ୍ତ ତଦନ୍ତ କରାଯିବ, ଯଦି ଏଭଳି ହୋଇଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଛତାବରର ନିଳୋକ ପୂର୍ତ୍ତ ରାସ୍ତା ସମ୍ପୂର୍ଣ୍ଣ ଦାବି

ବାରିକପୁର/ମଞ୍ଜୁରୀ ରୋଡ, ୨୭ ।୭ (ସମିସ):

ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ପଡୋଶୀ ବନ୍ତ ବ୍ଲକ ନିଳୋକ ଯାଏଁ ପୂର୍ତ୍ତ ରାସ୍ତା ନବୀକରଣ କାର୍ଯ୍ୟ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଥିବା ବେଳେ ୫-୭ ବର୍ଷ ପୂର୍ବରୁ ଏହା ପୂର୍ତ୍ତ ବିଭାଗ ହାତକୁ ଯାଇଥିଲା। ଏହାପରେ ସମ୍ପୂର୍ଣ୍ଣ ରାସ୍ତାଟିର ଦୋହରୀକରଣ କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗ ପ୍ରସ୍ତୁତି ଆରମ୍ଭ କରିଥିଲା। ତଦନୁଯାୟୀ, ୨୫କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତିନି ବର୍ଷ ପୂର୍ବରୁ ଯାଜପୁରର ଜଣେ ଠିକା ସଂସ୍ଥା ଏହାର ନବୀକରଣ କାର୍ଯ୍ୟ ଆରମ୍ଭ କରିଥିଲା। ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ କାମ ଆରମ୍ଭ ହୋଇଥିବା ବେଳେ ଅନେକ ସ୍ଥାନରେ ଅତି ନିକୃଷ୍ଟ ମାନର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଖରାପ କାମ ପାଇଁ ଧାରଣା ଓ ଆନ୍ଦୋଳନ ହୋଇଥିବା ନଜିର ମଧ୍ୟ ରହିଛି। ଇତିମଧ୍ୟରେ ଠିକା ସଂସ୍ଥା କାର୍ଯ୍ୟ



କ୍ଷେତ୍ରରୁ ଉଭାନ ହୋଇଯାଇଥିବା ବେଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା କୁହାଯାଇଛି। ପ୍ରକୃତପକ୍ଷେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନଥିବା ବେଳେ କାମ ସରିଥିବା ବିଭିନ୍ନ ଅଂଶ ଏବେ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ରାସ୍ତାର କିଛି ସ୍ଥାନରେ ଗର୍ତ୍ତ ମଧ୍ୟ ସୃଷ୍ଟି ହେଲାଣି। ମଞ୍ଜୁରୀରୋଡ଼ ବଜାର ଅଞ୍ଚଳ ଓ ନାଆମୀ ଗ୍ରାମ ପାର୍ଶ୍ୱରେ ରାସ୍ତା ନିର୍ମାଣ କାର୍ଯ୍ୟ ଆଦୌ କରାଯାଇନାହିଁ। ନାଆମୀ କଲେଜ ଛକ ଠାରୁ ବୋଉଳାଶୁଣି ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଅଂଶରେ ବଡ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ସମୟରେ ସେଥିରେ ପାଣି ଜମିବାରୁ ବାଇକ, ସାଇକେଲ ଓ ଅଟୋରିକ୍ସା ଆଦି ଚଳାଚଳ କରିବାରେ ସମସ୍ୟା ସୃଷ୍ଟି ହେଉଛି। କଲେଜ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଜନସାଧାରଣ ଦୈନନ୍ଦିନ ଯାତାୟତ ଜନିତ ଗଭୀର ଯନ୍ତ୍ରଣା ଭୋଗ କରୁଛନ୍ତି। ତେଣୁ ବିଭାଗ ଓ ଜନୈକ ଠିକାଦାର ଏହା ଉପରେ ଦୃଷ୍ଟି ଦେଉ ନଥିବା ବେଳେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ଏନେଇ ଅଭିଯୋଗ କରିଛନ୍ତି। ଅଂଚଳର ସୁରେଶ ଦାସ, ନିତ୍ୟାନନ୍ଦ ଦାସ, ପ୍ରଭାତ ସେନାପତି, ଉମାକାନ୍ତ ସେଠୀ, ଜଗନ୍ନାଥ ସେନାପତି, ମହେଶ୍ୱର ଜେନା, ସୁଧୀର ମିଶ୍ର, ପ୍ରହଲ୍ଲାଦ ମୁଦୁଲି ପ୍ରମୁଖ ରାସ୍ତା ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦୃଢ ଦାବି କରିଛନ୍ତି।

## ବୋଡ଼କ-ଓରାଳି ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ବିଚ୍ଛିନ୍ନ



ତିହିଡି, ୨୭।୭ (ସମିସ): ତିହିଡ଼ି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ପଞ୍ଚାୟତର ଅବସ୍ଥା ବେହାଲ ହୋଇଯାଇଛି। କାସିନ୍ଦିପୁର, ହଟନଗର, ଓରାଳି, ସାନଓରାଳି, ବୋଡ଼କ ଜେନାସାହି ଓ ବୋଡ଼କ ଆଜି ଗ୍ରାମରେ ଜଳ ପ୍ରବାହିତ ହେଉଛି। ହଟନଗରଠାରେ ପୂର୍ବରୁ ଆଂଶିକ ବିଚ୍ଛିନ୍ନ ହୋଇଯାଇଥିବା ବୋଡ଼କ-ଓରାଳି ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଏବେ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବର୍ଷା ଫଳରେ ରାସ୍ତାରେ ମାଟି ଧସି ଯାଇଛି। ସଂପୃକ୍ତ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ବି ବିହୀତ ପଦକ୍ଷେପ ନିଆନଯିବା ଫଳରେ ଅବସ୍ଥା ଏବେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ସୂଚନା ଅନୁଯାୟୀ ହଟନଗର ନିକଟରେ ରେବ ନଦୀ କୂଳ ଖାଇବା ଫଳରେ ସଂପୃକ୍ତ ରାସ୍ତାଟି କ୍ରମଶଃ ନଦୀରେ ଲୀନ ହେବାକୁ ବସିଥିଲା। ତେବେ ଏଠାରେ ଅନ୍ୟୂନ ୨ଶହ ମିଟର ନଦୀ କୂଳକୁ ପଥର ପ୍ୟାକିଂ କରାଯାଇଛି। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ କିନ୍ତୁ ରାସ୍ତାର ମରାମତି ପାଇଁ ବିହୀତ ପଦକ୍ଷେପ ନେଇନାହିଁ। ସଂପୃକ୍ତ ରାସ୍ତାରେ ଧାମନଗର, ଭଦ୍ରକ, ତିହିଡ଼ି ଆଦି ଅଞ୍ଚଳର ଲୋକେ ଯା'ଆସ କରନ୍ତି। ତେବେ ଆରଡ଼ି ପୀଠକୁ ମଧ୍ୟ ଏହି ସବୁ ବ୍ଲକରୁ ଲୋକେ ଏହି ରାସ୍ତାରେ ଯାଇଥା'ନ୍ତି। ଏବେ ରାସ୍ତା ନିଶ୍ଚିହ୍ନ ହୋଇଯିବା ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଏଠାରେ ମରାମତି ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ବର୍ଷାଋତୁ ପହଞ୍ଚିଯିବାରୁ ଠିକାଦାର ମରାମତି କରିପାରୁନାହାନ୍ତି।

## ନବନିର୍ମାଣ ଯୁବଛାତ୍ର ସଂଗଠନର ଛାତ୍ର ଜାଗୃତି ଅଭିଯାନ

ଭଦ୍ରକ, ୨୭ ।୭ (ସମିସ): ନବନିର୍ମାଣ ଯୁବଛାତ୍ର ସଂଗଠନର ଛାତ୍ର ଜାଗୃତି ଅଭିଯାନ ଆରମ୍ଭ ହୋଇଛି। ଯୁବଛାତ୍ର ରାଜ୍ୟ ସଂଯୋଜକ ଏମ୍.ଡି ମନଓ୍ୱର ଅଲ୍ଲୀଙ୍କ ଯୁବଛାତ୍ର ଜିଲ୍ଲା ସଂଯୋଜକ ଜାହିର ଖାନ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଭାଗବତ କଲ୍ୟାଣ ମଣ୍ଡପଠାରେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରି ମନଓ୍ୱର ଅଲ୍ଲୀ କହିଛନ୍ତି ଯେ




ଯୁବଛାତ୍ରଙ୍କ ଉପରେ କଲେଜ କ୍ୟାମ୍ପସରେ ଅତ୍ୟାଚାର ହେଉଛି। ଛାତ୍ରୀ ସୌମ୍ୟାଶ୍ରୀ ଯେଭଳି ରାଜନୈତିକ ଷଡ଼ଯନ୍ତ୍ରର ଶୀକାର ହୋଇ ନିଜେ ଜଳିଗଲେ ସିନା, ଅନ୍ୟମାନଙ୍କୁ ପାଇଁ ଆଦର୍ଶ ହୋଇଛନ୍ତି। ଆମେ ତାଙ୍କୁ ସହୀଦର ମାନ୍ୟତା ଦେଇଛୁ। ତାଙ୍କ ସ୍ମୃତିରେ ସାରା ଓଡ଼ିଶାରେ ଏହି ଛାତ୍ର ଜାଗୃତି ଅଭିଯାନ ଆରମ୍ଭ ହୋଇଛି। ଅଗଷ୍ଟ ୪ରୁ ୧୮ ଯାଏଁ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା ଚାଲିବ। ଏଥିରେ ସମସ୍ତ ଛାତ୍ରଛାତ୍ରୀମାନେ ସାମିଲ ହେବା ପାଇଁ ଶ୍ରୀ ଅଲ୍ଲୀ ନିବେଦନ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ସବିର ଖାନ ସେକ ଭୁଟୁ ଯାନ ଖାନ ସେକ ରାଜା ସେକ ସରଫରାଜ ଟିଙ୍କୁ ଖାନ ସାଜିଦ ଖାନ ପ୍ରମୁଖ ଯୋଗ ଦେଇଥିଲେ।

## ମଦରସା ଫୈଜାନେ ଗରିବ ନୱାଜ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଉଦ୍‌ଯାପିତ



ଭଦ୍ରକ,୨୭ ।୭ (ସମିସ): ଭଦ୍ରକ କଣ୍ଠାବଣିଆ ଗ୍ରାମସ୍ଥିତ 'ମଦରସା ଫୈଜାନେ ଗରିବ ନୱାଜ' ଆନୁକୂଲ୍ୟରୁ କୁଇଜ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମଦରସା ସଭାପତି ଶେଖ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ ଏବଂ ଶେଖ ଅବଦୁଲ ବାରୀଙ୍କ କୋରାନ ପାଠରୁ ଓ ଶାହାଜନ ଖାନଙ୍କ ନାତ ସରିଫରୁ ଆରମ୍ଭ ହୋଇଥିଲା। ମଦରସାରେ ସରକାରୀ ଓ ବେସରକାରୀ ଇଂରାଜୀ ଓ ଓଡ଼ିଆ ମିଡିୟମର ୨୫୬ ଜଣ ମୁସଲମାନ ଛାତ୍ରଛାତ୍ରୀ ମାଗଣାରେ କୁରାନ ପାଠ ଅଧ୍ୟୟନ କରୁଛନ୍ତି। ଉକ୍ତ କୁଇଜ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ବୟସ ୫ ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତର ୬ଟି ଗ୍ରୁପରେ ଭାଗ ହୋଇ ୬୧ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୮ ଜଣ ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇ ମୁଖ୍ୟଅତିଥିଠୁ ସିଲ, କପ ଓ ମାନପତ୍ର ଉପହାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସରକାରୀ ହାଜି ଶେଖ ଅହେସାନ, ଶିକ୍ଷକ କାରୀ ୱଲିଭର ରେହେମାନ ଓ କାରୀ ଇଜାଜ ଅହେମଦ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଅବଦୁଲ ବାରୀ ଓ ଅବଦୁର ରହିମ ସଂଚାଳକ ଦାୟିତ୍ୱ ତୁଲାଇଥିଲେ। ସମସ୍ତ ଛାତ୍ରଛାତ୍ରୀର ପିତାମାତା, ଅଭିଭାବକ ଓ ଶ୍ରୋତା ଉପସ୍ଥିତ ଥିଲେ। ମଦରସା ଫୈଜାନେ ଗରିବ ନୱାଜର ସଭ୍ୟ ଇସତାକ ଖାନ, ସେକ ସାହିଦ ରଫିକ, ସେକ ଇଜାଜ ବେଗ, ସେକ ମୋଇନୁଦ୍ଦିନ, ସେକ ଆସିକ ରଜ଼ା ପ୍ରମୁଖ ସହଯୋଗକାରୀ ପରିଚାଳନା କରିଥିଲେ।

## ଭାରତୀୟ ଶିକ୍ଷା ପରିଷଦର ଆଞ୍ଚଳିକ କମିଟି ବୈଠକ

ବନ୍ତ/ଆଗରପଡ଼ା, ୨୭ ।୭ (ସମିସ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ କପାଳୀ କ୍ଷେତ୍ରଠାରେ ଅବସ୍ଥିତ ଥିବା ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର ପରିସରରେ ଭାରତୀୟ ଶିକ୍ଷାପରିଷଦ ଭୁବନେଶ୍ୱର ପକ୍ଷରୁ ଆଞ୍ଚଳିକ କମିଟି ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ସଭାପତି ସୂର୍ଯ୍ୟମଣି ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଭାରତୀୟ ଶିକ୍ଷାପରିଷଦ ସଂପାଦକ ରବିନାରାୟଣ ଜେନା, ଶିକ୍ଷାପରିଷଦର ପରୀକ୍ଷା ପ୍ରମୁଖ ପ୍ରଦୀପ କୁମାର ପାଣି, ପ୍ରଶିକ୍ଷକ ବାବାଜୀ କୁମାର, କାର୍ଯ୍ୟାଳୟ ସଂପାଦକ ବିଚିତ୍ରା ନନ୍ଦ ସ୍ୱାଇଁ, ମହେଶ୍ୱର ଜେନା, ପ୍ରଫୁଲ ନାୟକ ପ୍ରମୁଖ ଶିକ୍ଷାପରିଷଦର ଶିକ୍ଷାଦାନର ଦ୍ୱାରା କିପରି ଛାତ୍ରଛାତ୍ରୀଙ୍କ ଜ୍ଞାନ ବୃଦ୍ଧିହୋଇ ପାରିବ ତାହାର ପଦ୍ଧତି, ନୂତନ ଶିକ୍ଷା ଆଇନଧାରା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଦ୍ୟାଳୟର ସଂପାଦକ ପ୍ରକାଶଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର, କମିଟି ସଦସ୍ୟ ପତଞ୍ଜଳି କରଶର୍ମା, ଜ୍ଞାନଦା କରଶର୍ମା, ରବୀନ୍ଦ୍ରନାଥ ରାଉତ, ଅର୍ଜୁନ ବାରିକ, ଗୁରୁଜୀ ପ୍ରସନ୍ନ ରଥ, ସୁନଲ ରାଉଳ, ଗୁରୁମା ଦମୟନ୍ତି ପାଣିଗ୍ରାହୀ, ସୌଭାଗ୍ୟ ମଂଜରୀ ପରିଡ଼ା, ମିନତିଲତା ରାଉତ, ସାବିତ୍ରୀ ମାଝୀ, ସସ୍ମିତା ପତି, ସବିତା ଦାସ, ରେବତୀ ବାରିକଙ୍କ ସହ ଭଦ୍ରକ ଜିଲ୍ଲାର ଥିବା ବିଭିନ୍ନ ବିବେକାନନ୍ଦ ଶିଶୁମନ୍ଦିରର କର୍ମକର୍ତ୍ତା ଓ ଗୁରୁଜୀ-ଗୁରୁମା ଅଂଶଗ୍ରହଣ କରିଥିଲେ।

## ଚାଷୀ ପଞ୍ଜୀକରଣ କଟକଣା ହଟାଇବାକୁ ଦାବି

ଧାମନଗର,୨୭ ।୭ (ସମିସ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଚଳିତବର୍ଷ ପାଇଁ ସରକାରୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସମିତିରେ ଚାଷୀମାନେ ପଞ୍ଜିକରଣ କରୁଛନ୍ତି। ଗତ ବର୍ଷ ଧାନର ସହାୟକ ମୂଲ୍ୟ ବୃଦ୍ଧି ଓ ବୋନସ ପାଇଁ ଏଥର ଅଧିକ ଚାଷୀ ପଞ୍ଜିକରଣ କରିବା ଆଶା ଏବେ ମଉଳି ଯାଇଛି । କାରଣ ଗତବର୍ଷ ତୁଳନାରେ ଏଥର ଚାଷୀ ପଞ୍ଜିକରଣରେ କିଛି ସରକାରୀ କଟକଣା ବାଧକ ସାଜିଛି। ଜମି ମାଲିକ ମୃତ ଥିଲେ ଲିଗାଲ ହେୟାର ବାଧତାମୂଳକ, ଭାଗଚାଷୀ ପାଇଁ ଜମି ମାଲିକ ସମିତିରେ ଉପସ୍ଥିତ ହେବେ, ମୃତ ବାପା, ଜେଜେ ବାପାଙ୍କ ନାମରେ ଜମି ଥିଲେ ଆର.ଆଇଙ୍କ ଠାରୁ ଉତ୍ତରାଧିକାରୀ ପ୍ରମାଣ ପତ୍ର ବାଧ୍ୟତା ମୂଳକ, ସବୁ ଚାଷୀଙ୍କ ଆଇ ସ୍କାନ ନିଶ୍ଚିତ। ଏଭଳି ସମସ୍ୟା ପାଇଁ ଚାଷୀଟିଏ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଜାଣି ଖାଦ୍ୟ ଯୋଗାଣ ମନ୍ତ୍ରୀ ଏହି ନିୟମକୁ ସରଳିକରଣ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଲେ। ଫଳରେ ଜିଲ୍ଲାପାଳମାନେ ତହସିଲଦାରଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଲେ। ମାତ୍ର ଧାମନଗର ତହସିଲ ଅନ୍ତର୍ଗତ ଚାଷୀ ଏହି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଆର.ଆଇମାନେ ପୂର୍ବ ନିର୍ଦ୍ଦେଶ ମୁତାବକ କଟକଣା ଜାହିର କରୁଥିବାରୁ ବିଚରା ଚାଷୀ ହନ୍ତସନ୍ତ ହେବା ସହ ସମିତିରେ ପଞ୍ଜିକରଣ ସଂଖ୍ୟା ହ୍ରାସ ପାଉଛି। ପଞ୍ଜିକରଣ ଅବଧି ଆଉ ୨୦ ଦିନ ଥିବାରୁ ଚାଷୀ ନିରାଶ ହେଉଛନ୍ତି। ତୁରନ୍ତ ପଞ୍ଜିକରଣ କଟକଣା ହଟାଇବା ସହ ଅବଧି ବୃଦ୍ଧି କରିବାକୁ ଚାଷୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ଭଦ୍ରକ, ୨୭ ।୭ (ସମିସ): ଓଡିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି, ଭଦ୍ରକ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭଦ୍ରକ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାୟ ଭଦ୍ରକ ଜିଲ୍ଲାର ସମସ୍ତ କର୍ମଚାରୀ ସଂଘ କର୍ମଚାରୀ



ଏକତା ନିମନ୍ତେ ବିଭିନ୍ନ ମତାମତ ରଖିଥିଲେ। ଯେଉଁ ସଂଘମାନେ ଆଜିର ବୈଠକରେ ଉପସ୍ଥିତ ନଥିଲେ ସେମାନେ ଆସନ୍ତା ଅଗଷ୍ଟ ମାସ ୧୫ ତାରିଖରେ ବୈଠକରେ ଉପସ୍ଥିତ ହୋଇ ଜିଲ୍ଲା ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ କରାଯାଇଛି। ଗଠନ ପ୍ରକ୍ରିୟା ରେ ସାମିଲହେବାକୁ ଅନୁରୋଧ କରାଯାଉଛି। ଉକ୍ତ ବୈଠକକୁ ହେମନ୍ତ ପ୍ରଧାନ ପରିଚାଳନା କରିଥିଲେ। ଶରତ ମହାନ୍ତି, ଉଦୟ ନାରାୟଣ ପଣ୍ଡା, ଗଦାଧର ମହାପାତ୍ର, ନିର୍ମଳ ବେହୁରିଆ, ତପନ ସ୍ୱାଇଁ, ଲଲାଟେନ୍ଦୁ ସାମଲ, ଶ୍ରୀକାନ୍ତ ଦାଶ, ଓମକାର ଦାସ, ଆଇଜାକ୍ ମହାନ୍ତି, ରଞ୍ଜିତ ଲେଙ୍କା, ମୁକ୍ତିକାନ୍ତ ମଲ୍ଲିକ, ଭାସ୍କର ଚନ୍ଦ୍ର ସେଠୀ, ମାନସ ରଞ୍ଜନ ସାହୁ, ଦିଲ୍ଲୀପ ସାମଲ, ମାନସ ଦାସ, କ୍ଷୀରୋଦ କୁମାର ବଳ, ମାନସ ରଞ୍ଜନ ମହାରଣା, ଦିଲ୍ଲୀପ କୁମାର ପଣ୍ଡା ମାନେ ଉପସ୍ଥିତି ଥିଲେ। କର୍ମକର୍ତ୍ତା ଓ କର୍ମଚାରୀ ଙ୍କୁ ଓଡିଶା ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ରାଜ୍ୟ ଉପସଭାପତି ବିଭୁଦତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଭଦ୍ରକ, ୨୭ ।୭ (ସମିସ): ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଭଦ୍ରକ ଜିଲ୍ଲା କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକଅଦାଲତକୁ ପରିଚାଳନା କରିଥିଲେ। ମୋଟ ୩୯,୦୩,୬୮୧ ଟଙ୍କାରେ ୧୫ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ଏହି ଲୋକ ଅଦାଲତରେ ୧୫ଟି ଚେକ୍‌ବାଉନ୍ସ, ପୁନରୁଦ୍ଧାର ମାମଲାଗୁଡ଼ିକ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି।

## ଅଲୀନଗର ବଜାରରେ ଚୋର



ତିହିଡି, ୨୭।୭ (ସମିସ): ତିହିଡି ଥାନା ଅଧୀନ ଅଲିନଗର ବଜାରରେ ଥିବା ଏକ କମନ ସର୍ଭିସ ସେଣ୍ଟରର ତାଲା ଭାଙ୍ଗି ଚୋରି ହୋଇଯାଇଥିବା ଜଣାପଡ଼ିଛି। ତେବେ ଚୋର କିପରି ପଶୁଛି ଓ କିପରି ଚୋରି କରୁଛି ସେ ସମ୍ପର୍କରେ ସମସ୍ତ ଭିଡିଓ ସିସିଟିଭିରେ କଏଦ ହୋଇଛି। ସୂଚନା ଅନୁଯାୟୀ ସବ୍ୟସାଚୀ ମହଲା (ଦୀପୁନ)ଙ୍କ ଏହି ଦୋକାନରୁ ସଂପୃକ୍ତ ଚୋର ଏକ କଲର ପ୍ରିଣ୍ଟର ଓ ଦୁଇଗୋଟି ବ୍ଲୁଟୁଥ ସ୍ପିକର ସଂପୃକ୍ତ ଚୋର ନେଇଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବା ଜଣାଯାଇଛି।

## ବନ୍ୟାଞ୍ଚଳରେ ନେତାଙ୍କ କ୍ଷୟକ୍ଷତି ଅନୁଧ୍ୟାନ



ବାରିକପୁର, ୨୭ ।୭ (ସମିସ): ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଆଜି ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସେ ରହଣିଆ, ନପଙ୍ଗ, ଷୋଳମପୁର, ମାଳଦା ପ୍ରମୁଖ ସ୍ଥାନରେ ପହଞ୍ଚି ପାଣି ଘେରରେ ରହିଥିବା ଜନସାଧାରଣଙ୍କୁ ସାକ୍ଷାତ କରିଛନ୍ତି। ସେମାନଙ୍କ ସମସ୍ୟା ପଚାରି ବୁଝିବା ସହିତ ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାଛଡା କଟିଂ ଏସକେପ ଦ୍ୱାରା ଲୋକେ ବେଶି କ୍ଷତିଗ୍ରସ୍ତ ହେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ସେ ଦାବି କରିଛନ୍ତି। ପରିଦର୍ଶନ ସମୟରେ ଶ୍ରୀ ଧଳଙ୍କ ସମର୍ଥକ ଶ୍ରୀଧର ସ୍ୱାଇଁ, ସାଗର ଲେଙ୍କା, ଅଜୟ ରାଉତ, ସତ୍ୟଜିତ ରାଉତ, ଶିବନୀ ସ୍ୱାଇଁ, ଅବିନାଶ ନାୟକ, ଅକ୍ଷୟ ବେହେରା, ସନ୍ତୋଷ ପୁହାଣ, ଦୀପକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷରୋପଣ



ଭଦ୍ରକ, ୨୭ ।୭ (ସମିସ): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବନମହୋତ୍ସବ ଉପଲକ୍ଷେ ବୃକ୍ଷ ରୋପଣ, ସଚେତନତା ସଭା ଓ କବିତା ପାଠୋତ୍ସବ ମନମୋହନ ସଙ୍ଗୀତ ପରିଷଦ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଓ ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ରୋଟାରୀ କ୍ଲବ ଜିଲ୍ଲା ସମ୍ପାଦକ ବାଦଲ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଅଧ୍ୟକ୍ଷ ନିହାର ରଞ୍ଜନ କର, ବରିଷ୍ଠ ସାମ୍ବାଦିକ ନିହାର ଦାସ, ଜିଲ୍ଲା ସୂଚନା ବିଭାଗର ସହ ଅଧିକାରୀ ମିନାକ୍ଷୀ ଗଡ଼ବରୁ, ସାମ୍ବାଦିକ ଅବିନାଶ ପଣ୍ଡା, ଅଶ୍ୱିନୀ ପାଢ଼ୀ, ପ୍ରଦୀପ ବଳ, ସୁଜୟ ପାକଳ, ଉପସଭାପତି ସଂଜୀବ ନାୟକ, ଅବଦୁଲ ଫିରୋଜ ଖାଁ, ଅଶୋକ ସାହୁ, ଜୟ ଜଗନ୍ନାଥ ମଲ୍ଲିକ, ଆଲୋକ ନାୟକ, ଜଗବନ୍ଧୁ ପତି, ସୌଜନ୍ୟ ପ୍ରକାଶ ପାଣିଗ୍ରାହୀ, ସୁଶାନ୍ତ ରାଉତ, ସେକ ଜାଫର ଅଲ୍ଲୀ, ମନୋରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବୃକ୍ଷ ଉପରେ କବିତା ପାଠ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ସଂଯୁକ୍ତା ଯାଦବ, ଅଞ୍ଜନା ମିଶ୍ର, ମନୋରମା ରାୟ, ସଂଯୁକ୍ତା ବଳ ନାୟକ, ଗୀତାଞ୍ଜଳି ଅଗସ୍ତି, ଶ୍ରଦ୍ଧା ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। କଣ୍ଠ ଶିଳ୍ପୀ ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ, ଆଦ୍ୟାଶା ପାକଳ, ସରୋଜ ନାୟକ ପ୍ରମୁଖ ଉଦଯାପନୀ ସଂଗୀତ ଗାନ କରିଥିଲେ। ସାମ୍ବାଦିକ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟଙ୍କା ଓ କାଗଜପତ୍ର ଫେରାଇ ମହାନତା ଦେଖାଇଲେ ସଞ୍ଜିତ



ଧାମନଗର, ୨୭ ।୭ (ସମିସ): ଧାମନଗର ଏନଏସି ଅନ୍ତର୍ଗତ ୟୁକୋ ବ୍ୟାଙ୍କ ସମ୍ମୁଖ ମଝି ରାସ୍ତାରୁ ପାଇଥିବା ୭ହଜାର ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗ ପତ୍ର ପାଇ ସେଥିରୁ ମୋବାଇଲ ନମ୍ବର ଦେଖି ଫୋନ କରି ହଜାଇଥିବା ବ୍ୟକ୍ତିଙ୍କୁ ଡାକି ଟଙ୍କା କାଗଜପତ୍ର ଫେରାଇ ମହାନତା ଦେଖାଇଲେ ଯୁବ ସମାଜସେବୀ ସଞ୍ଜିତ ବେହେରା। ଶନିବାର ଦିବା ୧ଟା ସମୟରେ ଏନଏସି ଅଞ୍ଚଳର ତାଳପଦା ଗାଁର ଜଣେ ଶିକ୍ଷକ ଅକ୍ଷୟ ନାୟକ ଯେକି ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ହଜିଯାଇଥିବା ଟଙ୍କା ଓ କାଗଜପତ୍ର ଫେରିପାଇବା ପରେ ଶିକ୍ଷକ ଶ୍ରୀ ନାୟକ ଯୁବ ସମାଜସେବୀ ଶ୍ରୀ ବେହେରାଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏଭଳି ମହାନତା କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ଶ୍ରୀ ବେହେରାଙ୍କୁ ପ୍ରଶଂସାର ଶୁଅ ଛୁଟିଛି। ଶ୍ରୀ ବେହେରା ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସମାଜିକ କାର୍ଯ୍ୟକରି ଜିଲ୍ଲାପାଳ ଭଦ୍ରକଙ୍କ ନିକଟରୁ ପ୍ରକୃତି ମିତ୍ର ପୁରସ୍କାର ସହିତ ଆର୍ଥିକ ପୁରସ୍କାର ପାଇଥିବା ଜଣାଯାଇଛି।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଚାନ୍ଦବାଲି ବ୍ଲକ୍ ସମ୍ମିଳନୀ

ଭଦ୍ରକ, ୨୭ ।୭ (ସମିସ)

ମହିଳା ମାନଙ୍କୁ ଆର୍ଥିକ ସ୍ୱାଧୀନତା, ସାମାଜିକ ସମାନତା, ସମ୍ମାନ, ହିଂସା ବନ୍ଦ କରିବା, ନାରୀ ନିର୍ଯାତନା ଓ ନାରୀ ଧର୍ଷଣ ବନ୍ଦ କରିବା, ସାମ୍ବିଧାନିକ ଅଧିକାରର ସୁରକ୍ଷା, ଏଫଏମ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆନୁଷ୍ଠାନିକ ହତ୍ୟା ଘଟଣାରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ବଳଙ୍ଗା ଛାତ୍ରୀ ପୋଡି ଘଟଣାର ସମସ୍ତ ଅଭିଯୁକ୍ତ ଓ ଷଡଯନ୍ତ୍ରକାରୀଙ୍କୁ ଗିରଫ, ଆମ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ନିର୍ଯ୍ୟାତନା ଓ ଯୌତୁକ ଜନିତ ବଧୂ ହତ୍ୟା ବନ୍ଦ କରିବା ଆଦି ଦାବି କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ୧୦ମ ବ୍ଲକ ସମ୍ମିଳନୀ ମତୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏହି ସମ୍ମିଳନୀରେ ସଂଗଠନର ପତାକାକୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା ସହ ସଂପାଦିକା କୁମୁଦିନୀ ଭୋଇ




ଉତ୍ତୋଳନ କରିଥିଲେ। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଚାନ୍ଦବାଲି ବ୍ଲକ ସଭାନେତ୍ରୀ ମଧୁସ୍ମିତା ପାକଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିଥି ଭାବେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିଆଇଟିୟୁ ତିହିଡି ବ୍ଲକ ସଭାପତି ବିଷ୍ଣୁ ଦାଶ, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଗୌରାଙ୍ଗ ଯେନା, ଚାଷୀ ମୂଲିଆ ସଂଘ ସଭାପତି ସୁଶାନ୍ତ ଜେନା, ଚାଷୀ ନେତା ବ୍ରହ୍ମାନନ୍ଦ ପରିଡା, ଶିକ୍ଷକ ନେତା ସାଧୁ ଚରଣ ନାୟକ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଚାନ୍ଦବାଲି ବ୍ଲକ ସଂପାଦିକା କୁମୁଦିନୀ ଭୋଇ, ମହିଳା ନେତ୍ରୀ ଯଶୋଦା ସାହୁ, ମହିଳା ନେତ୍ରୀ ମାଳତୀ ଲତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସାଂଗଠନିକ ଶକ୍ତି ବୃଦ୍ଧି କରିବାକୁ ଅତିଥିମାନେ ଆହ୍ୱାନ ଜଣାଇଥିଲେ। ସମ୍ମିଳନୀର ଶେଷ ପର୍ଯ୍ୟାୟରେ ଏକ ୧୫ ଜଣିଆ ବ୍ଲକ କମିଟି ନିର୍ବାଚିତ ହୋଇଥିଲା। ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ବ୍ଲକ ସଭାନେତ୍ରୀ ଭାବେ ମଧୁସ୍ମିତା ପାକଳ ଓ ବ୍ଲକ ସଂପାଦିକା ଭାବେ କାମିନୀ ଭୋଇ ପୁନଃ ନିର୍ବାଚିତ ହୋଇଥିଲେ। ଉପସଭାନେତ୍ରୀ ଭାବେ ଯଶୋଦା ସାହୁ, ବାସନ୍ତୀ ମହାନ୍ତି, ସହସଂପାଦିକା ଭାବେ ପ୍ରତିଭା ରାଉତ ଓ ସେବତୀ ସେଠୀ ନିର୍ବାଚିତ ହୋଇଥିଲେ। ଆସନ୍ତା ଅଗଷ୍ଟ-୨ରେ ସଂଗଠନ ପକ୍ଷରୁ ଭଦ୍ରକରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ମହିଳା ସମାବେଶକୁ ସଫଳ କରିବା ପାଇଁ ନବନିର୍ବାଚିତ ବ୍ଲକ ସଭାନେତ୍ରୀ ଓ ବ୍ଲକ ସଂପାଦିକା ଆହ୍ୱାନ ଜଣାଇଥିଲେ।

## କମୁଛି ବୈତରଣୀର ଜଳସ୍ତର

# ପାଣିଘେରରେ ତଳିଆ ଅଞ୍ଚଳର ଅନେକ ଗାଁ




**ଯାଜପୁର, ୨୭।୭ (ସମିସ)**

ଯାଜପୁରରେ ପ୍ରବାହିତ ହେଉଥିବା ବୈତରଣୀର ଜଳସ୍ତର କମିଛି। ଆଜି ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ନଦୀ। କିନ୍ତୁ ତଳିଆ ଅଞ୍ଚଳ ଗୁଡିକରେ ଜଳସ୍ତର ବୃଦ୍ଧି ପାଇଛି। ବୈତରଣୀ ନଦୀର ବନ୍ୟା ଫଳରେ ଯାଜପୁର, କୋରେଇ ଓ ଦଶରଥପୁର ବ୍ଲକ ପ୍ରଭାବିତ ହୋଇଛି। କିନ୍ତୁ ବୈତରଣୀ ନଦୀର ତଳିଆ ଅଞ୍ଚଳ ଭାବେ ପରିଚିତ ଦଶରଥପୁର ଅଞ୍ଚଳରେ ବନ୍ୟାର ପ୍ରଭାବ ଆଜି ବି ଦେଖାଦେଇଛି। ତଳିଆ ଅଞ୍ଚଳରେ ଅନେକ ଗାଁ ଏବେ ବି ପାଣିଘେରରେ ଥିବା ଜଣାପଡ଼ିଛି। ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦେଖି ନୂତନ ଜିଲ୍ଲାପାଳ ଅମ୍ବର କୁମାର କର ଆଜି ରବିବାର ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଇ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ଭିସି କକ୍ଷରେ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ।

- ୬୪୪ ଜଣଙ୍କୁ ସ୍ଥାନାନ୍ତର
- ଜିଲ୍ଲାପାଳଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା

ବୈତରଣୀରେ ବନ୍ୟାଜଳ ପ୍ରବାହିତ ଯୋଗୁଁ ଯାଜପୁର ଓ ଦଶରଥପୁର ବ୍ଲକର ୧୩ଟି ପଞ୍ଚାୟତ, ୨୪ଟି ଗାଁ ପ୍ରଭାବିତ ହୋଇଛି। ୬୫୯୪ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୪୪ ଜଣ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଦୁଇଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଚାରୋଟି ମେଡିକାଲ ଟିମ୍ ଓ ଗୋଟିଏ ଭେଟେରିନାରୀ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ଜିଲ୍ଲାପାଳ ବନ୍ୟାଜଳରେ ପ୍ରଭାବିତ ଲୋକମାନଙ୍କୁ ଆଶ୍ରୟସ୍ଥଳୀରେ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଛାଡିଲା ପରେ ପାନୀୟ ଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପ ଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଯେଉଁ ଲୋକମାନେ ଆଶ୍ରୟସ୍ଥଳୀରେ ଅଛନ୍ତି ସେମାନଙ୍କୁ ଆଜି ଘରକୁ ଛଡାଯିବ ନାହିଁ। ଯେଉଁ ଅଞ୍ଚଳରେ ଘରେ ପାଣି ପଶିଛି ସେଠାରେ ସାପ ଓ ସରୀସୃପମାନେ ଥାଇପାରନ୍ତି ଏଣୁ ପାଣି ଛାଡ଼ିଲା ପରେ ଦିନ ବେଳା ଯେଉଁମାନେ ଚାହିଁବେ ଘରକୁ ଯାଇପାରିବେ। ଜିଲ୍ଲାର ଦଶାଶ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱର ଘାଟ, କୟାଁଗୋଲା ଓ ଅନ୍ୟାନ୍ୟ ଜାଗାରୁ ଆଜି ଓ କାଲି ସକାଳେ ବୋଲବମ୍ ଭକ୍ତମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଗ୍ନିଶମ ବାହିନୀ ଓ ବିଭାଗୀୟ ଅଧିକାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଟସର୍କିଟ କିମ୍ବା ବୈଦ୍ୟୁତିକ ସମସ୍ୟା ଦେଖାଦେଲେ ଟୋଲ ଫ୍ରି ନମ୍ବର ୧୯୧୨ରେ କଲ କଲେ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ପରେ ଜିଲ୍ଲାପାଳ ଓ ଅତରିକ୍ତ ରିଲିଫ କମିଶନର ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

## ମଲ୍ଲିକାପୁର ସେତୁ ଉପରେ ୨ ଫୁଟ ପାଣି




**ଦଶରଥପୁର:** ବୈତରଣୀ ଓ ଏହାର ଶାଖା କାଣି ନଦୀରେ ବଡ଼ ବନ୍ୟା ଆସିଛି। ବନ୍ୟା ଯୋଗୁଁ ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର, ଜୟନ୍ତରା, ତରପଦା, ଦୁଦୁରାଅନ୍ତା, କସପା, ଦତ୍ତପୁର, ନିଜାମପୁର, କଁୟା, କମାରଡିହି, ଖାନନଗର, ଶୁଶୁଆ, ବିରିପଟା ଆଦି ପଞ୍ଚାୟତର ଚାଷଜମି ଓ ତଳିଆ ଅଞ୍ଚଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ଥିବା ଜନବସତି ଓ ଚାଷଜମି ବନ୍ୟା ଜଳରେ ଉବୁଟୁବୁ ହେଉଛି। ମଲ୍ଲିକାପୁର-ପଲ୍ଲାସାହି ରାସ୍ତାର ମଲ୍ଲିକାପୁର ସେତୁ ଉପରେ ୨ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି। ମଲ୍ଲିକାପୁର ସ୍ଥିତ ଆଦର୍ଶ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବନ୍ୟା ଜଳ ଘେରି ରହିଛି। ବିଶେଷକରି କସପା ପଞ୍ଚାୟତର ପଞ୍ଚପଡ଼ା, ନୂଆଶାସନ, ବ୍ରହ୍ମଚାରୀପାଟଣା, କମାଳପୁର, ପଲ୍ଲାସାହି, ଦୁଦୁରାଅନ୍ତା ପଞ୍ଚାୟତର କୁଆଁରସାହି, ଅର୍ଦ୍ଧାଉଳିଆ, ମଲ୍ଲିକାପୁର ପଞ୍ଚାୟତର ମଲ୍ଲିକାପୁର, ମହାନ୍ତିପାଟଣା, କଁୟା ପଞ୍ଚାୟତର ଧରମପୁର, ଇଚ୍ଛାପୁର, ଗହୀରାପାଳ, ଲକ୍ଷ୍ମୀପୁର, ଦୁବକଣ, ଦରଭା, ଗରବନ୍ଧ, କମାରଡିହି ପଞ୍ଚାୟତର ବଳରାମପୁର, ସହିମାଡ଼, କେଳାଙ୍ଗ, ଖାନନଗର ପଞ୍ଚାୟତର ଖାନନଗର ସମେତ ବହୁ ଗ୍ରାମ ବନ୍ୟା ପାଣି ଘେରରେ ରହିଛି। ସେହିପରି ଜୟନ୍ତରା ପଞ୍ଚାୟତର ମହାପାତ୍ର ସାହି, ହାଜିସାହିରେ ବନ୍ୟା ଜଳ ଲହଡ଼ି ମାରୁଛି। ମହାପାତ୍ର ସାହିର ୭୦ ପରିବାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। କଟିକଟା ପଞ୍ଚାୟତ ମଝିସାହି ଓ ତରାଇ ସାହିରରେ ୩୦ରୁ ଅଧିକ ପରିବାରଙ୍କ ଅବସ୍ଥା ମଧ୍ୟ ସମାନ। ଉକ୍ତ ୩ଟି ସାହିର ୬ ଶହରୁ ଅଧିକ ଲୋକଙ୍କୁ ଓଡ୍ରାଫ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇଛି। କସପା ପଞ୍ଚାୟତ ପଞ୍ଚପଡ଼ା ଓ ହାଜିସାହି ଠାରେ କାଣୀ ନଦୀ ବନ୍ଧର ୪ଟି ଓ ଦତ୍ତପୁର ନିକଟ ବୈତରଣୀ ନଦୀ ବନ୍ଧରେ ୨ଟି ଘଳିଆ ସୃଷ୍ଟି ହୋଇଛି। ନଦୀ ବନ୍ଧରେ ଘଳିଆକୁ ନେଇ ନଦୀ କୂଳବର୍ତ୍ତି ବାସିନ୍ଦା ଆତଙ୍କିତ ଅବସ୍ଥାରେ ଥିବା ବେଳେ ଜଳସମ୍ପଦ ବିଭାଗର ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟାପକ ବାଲିବସ୍ତା ଦ୍ୱାରା ମରାମତି କାର୍ଯ୍ୟ ଜାରିରହିଛି। ଅପରପକ୍ଷେ ଗମ୍ଭୀର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ବନ୍ୟା ବିପନ୍ନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ସହିତ ଗୃହପାଳିତ ପ୍ରାଣୀଙ୍କ ପାଇଁ ପଶୁ ଖାଦ୍ୟ ଯୋଗାଇ ଦେବାକୁ ବନ୍ୟା ବିପନ୍ନ ଦାବି କରିଛନ୍ତି।

## ବନ୍ୟାଞ୍ଚଳ ବୁଲିଲେ ଜିଲ୍ଲାପାଳ

**ଦଶରଥପୁର:** ବନ୍ୟା ପ୍ରଭାବିତ ଦଶରଥପୁର ବ୍ଲକର ଜୟନ୍ତରା, ବାଲିପାଟଣା, ନିଜାମପୁର ପଞ୍ଚାୟତ ନୂଆ ନୂଆପାଟଣା, କସପା, କଁୟାଗୋଲାରେ ଯାଜପୁରରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲ୍ଲପାଳ ଅମ୍ବର କୁମାର କର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି ଓ ବନ୍ୟା ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ବିପନ୍ନଙ୍କୁ ତୁରନ୍ତ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବା ସହିତ ଦୁର୍ବଳ ନଦୀ ବନ୍ଧ ଓ ଘଳିଆ ପଡ଼ିଥିବା ନଦୀବନ୍ଧ ପାର୍ଶ୍ୱ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜଳସମ୍ପଦ ବିଭାଗର କର୍ତ୍ତୃପକ୍ଷଙ୍କୁ ନିଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଏହି ଗ୍ରସ୍ତ ସମୟରେ ଅତିରିକ୍ତ ରିଲିଫ କମିଶନର ମନୀଷ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ (ପ୍ରଶାସନ), ଯୁଧିଷ୍ଠିର ନାୟକ (ରାଜସ୍ୱ), ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ, ବିଡିଓ ଆକାଶ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକଙ୍କ ସମେତ ଜଳସମ୍ପଦ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଯାଜପୁରର ବିଧାୟିକା ସୁଜାତା ସାହୁ ଓ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ବନ୍ୟାରେ ପ୍ରଭାବିତ ଜୟନ୍ତରା, କସପା, ମଲ୍ଲିକାପୁର, ବ୍ରହ୍ମଚାରୀପାଟଣା ଆଦି ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ବିପନ୍ନଙ୍କୁ ଭେଟିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବରିଷ୍ଠ ବିଜେପି ନେତା ଗୌତମ ରାୟ କସପା, ଅର୍ଦ୍ଧାଳୁଆ, ଦୁଦୁରାଅନ୍ତା, କଣ୍ଟପଡ଼ା, ମଲ୍ଲିକାପୁର, କଟିକଟା ଆଦି ବନ୍ୟାଞ୍ଚଳ ଗ୍ରସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟା ବିପନ୍ନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରିବା ଦିଗରେ ପ୍ରାଥମିକତା ଦେବାକୁ ଜିଲ୍ଲାପାଳଙ୍କୁ ଜଣାଇଥିବା କହିଥିଲେ।



## ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିଲେ ପ୍ରଣବ



**ଯାଜପୁର:** ବୈତରଣୀ ଓ ଏହାର ଶାଖା ନଦୀରେ ବନ୍ୟା ଆସିବା ଫଳରେ କୋରେଇ, ଯାଜପୁର ଏବଂ ଦଶରଥପୁର ବ୍ଲକ ପ୍ରଭାବିତ ହୋଇଛି। ତେଣୁ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହିତ ବନ୍ୟା ବିପନ୍ନମାନଙ୍କୁ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଭେଟିଛନ୍ତି। ନିଜ ଗୋଡ଼ ବ୍ୟାଣ୍ଡେଜ ଅବସ୍ଥାରେ ବିଭିନ୍ନ ଅଞ୍ଚଳ ବୁଲି ବନ୍ୟା ବିପନ୍ନଙ୍କ ସହିତ ସେମାନଙ୍କ ଅବସ୍ଥା ପଚାରିବୁଝିଥିଲେ। ଯାଜପୁର ବ୍ଲକର ସିମିଳିଆ ସମେତ ଅନ୍ୟାନ୍ୟ ପଞ୍ଚାୟତକୁ ଯାଇ ପ୍ରଣବ ବୁଲିବା ସହିତ ବନ୍ୟା ପ୍ରଭାବିତ ମାନଙ୍କୁ ଭେଟିଥିଲେ। ସେହିପରି କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୂଳାପାଳ ଲିଙ୍ଗେଶ୍ୱର ନିକଟରେ ପହଞ୍ଚି ବନ୍ୟା ସ୍ଥିତିର ସମୀକ୍ଷା କରିଥିଲେ। ସେହିପରି ଦଶରଥପୁର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହିତ ବନ୍ୟା ବିପନ୍ନ ମାନଙ୍କୁ ଭେଟି ସେମାନଙ୍କ ଭଲ ମନ୍ଦ କଥା ବୁଝିଥିଲେ। ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ମୂଳାପାଳ ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ, ଗୋଲକ ଚନ୍ଦ୍ର ମାଝୀ, ନିରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଧଳ, ପ୍ରତାପ ମହାନ୍ତି, ସଞ୍ଜୀବ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ବୈତରଣୀ ନଦୀର ବ୍ରିଜ ତଳେ ଥିବା ରାସ୍ତା ଅଣ ଓସାର ଥିବା ଯୋଗୁଁ ଯାତାୟତରେ ବହୁ ସମସ୍ୟା ଦେଖାଦେଉଛି। ଏନେଇ ଲୋକମାନଙ୍କ ସହ ଆଲୋଚନା ପରେ ଏହାର ପ୍ରତିକାର ପାଇଁ ଶ୍ରୀ ଦାସ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନ କରି ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ।

### ବନ୍ୟା ଯୋଗୁଁ କାଉଡ଼ିଆ ଯାତ୍ରା ପ୍ରଭାବିତ

## ଆରଡ଼ି ଧାମକୁ ଯାତ୍ରା ବନ୍ଦ କଲା ପୁଲିସ

**କୟାଁଗୋଲା:** ବୈତରଣୀରେ ଜଳସ୍ତର ବୃଦ୍ଧି ପାଇବାରୁ ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ଏହିପରି ସ୍ଥଳରେ ଯାଜପୁର, ଆରଡ଼ି, ଭାୟା ମଙ୍ଗଳପୁର, କୟାଁଗୋଲା ଅଭିମୁଖେ ଯାଉଥିବା ଲକ୍ଷାଧିକ କାଉଡ଼ିଆ ଯାତ୍ରୀଙ୍କୁ କୟାଁ ନିକଟରେ ଅଟକାଇଛି ପୁଲିସ। ବୈତରଣୀ ନଦୀରେ ବନ୍ୟା ଜଳ ବୃଦ୍ଧି ଏବଂ କୁମ୍ଭୀର ଆତଙ୍କ, ଭଦ୍ରକ ଧୂଷୁରୀ ଥାନାର ବିଭିନ୍ନ ଗ୍ରାମ ରାସ୍ତା, ଓଲଙ୍ଗ, ବାକୁଡା, ବୋଡ଼କ ଆଦି ଗ୍ରାମ ରାସ୍ତା ବୁଡ଼ି ଯାଇଥିବାର ଜଣାପଡ଼ିଛି। ତେଣୁ କାଉଡ଼ିଆମାନଙ୍କୁ ଜଳସ୍ତର ନ କମିବା ଯାଏ କୟାଁଗୋଲା ପୋଲ ଛକ ନିକଟରେ ଅଟକାଯାଇଛି। ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କରଙ୍କ ନେତୃତ୍ୱରେ ଏସ୍ଆଇ ବିଭୁତି ମହାପାତ୍ର, ଅନିତା ପ୍ରଧାନଙ୍କ ସହ ଅନ୍ୟମାନେ ବ୍ୟାରିକେଟ କରି କାଉଡ଼ିଆ ଯାତ୍ରୀଙ୍କୁ ଆରଡ଼ି ଅଭିମୁଖେ ନ ଯିବାକୁ ମାଇକ୍ ଯୋଗେ ପ୍ରଚାର କରିବା ସହିତ ପରାମର୍ଶ ଦିଆଯାଇଛି। ଫଳରେ ହଜାର ହଜାର କାଉଡ଼ିଆ ଯାତ୍ରୀ ରାସ୍ତା କଡ଼ରେ ଅପେକ୍ଷା କରି ରହିଛନ୍ତି। ରାତି ପାହିଲେ ସୋମବାର ଥିବାରୁ ସେମାନେ ଅରଡ଼ି ଯାଇ ପାରିବେ କି ନା, ତାହା ସନ୍ଦେହ ସୃଷ୍ଟି କରିଛି।





## ଦୁଇ ଅପରିଚିତ ଶିଶୁ ଉଦ୍ଧାର

**ସୁକିନ୍ଦା, ୨୭।୭ (ସମିସ):** ସୁକିନ୍ଦା ଅଞ୍ଚଳର ଜଣେ ଯୁବକ ଦୁଇ ଅପରିଚତ ଶିଶୁଙ୍କୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସୁକିନ୍ଦାର ଜଗତମୋହନ ବେହୁରା ରବିବାର ନିଜ ଫାର୍ମରେ ଚାଷ କାର୍ଯ୍ୟ ଦେଖୁଥିବା ସମୟରେ ଦୁଇ ଅପରିଚିତ ଶିଶୁ କାହାକୁ ଖୋଜୁଥିବା ଭଳି ଭୟଭୀତ ଅବସ୍ଥାରେ ବୁଲୁଥିଲେ। ଶିଶୁ ଦୁଇ ଜଣଙ୍କୁ ଏହି ଅବସ୍ଥାରେ ଦେଖି ଜଗତମୋହନ ଶିଶୁଙ୍କୁ ପାଖକୁ ଡାକି ସେମାନଙ୍କ ନାମ ଓ ପରିଚୟ ପଚାରିଥିଲେ। ଉଭୟ କେହି ନିଜର ପରିଚୟ କହି ପାରି ନଥିଲେ, କେବଳ ଡୁବୁରୀ ପଟୁ ଆସିଥିବା କହିଥିଲେ। ଉଭୟ ଶିଶୁଙ୍କୁ ଜଗତ ସୁକିନ୍ଦା ପୁଲିସକୁ ହସ୍ତାନ୍ତର କରିବା ପରେ ପୋଲିସ ଶିଶୁଙ୍କୁ ସୁକିନ୍ଦା ସ୍ଥିତ ଶିଶୁ ଯତ୍ନ ଗୃହରେ ଛାଡିଥିବା ଜଣାପଡ଼ିଛି। ଶିଶୁଙ୍କ ମଧ୍ୟରୁ ଜଣଙ୍କର ବୟସ ୫ ଓ ଅନ୍ୟ ଜଣଙ୍କର ବୟସ ୭ ବୋଲି ଅନୁମାନ କରାଯାଏ। ସେମାନଙ୍କ ପରିଚୟ ଜାଣିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି।

## ବ୍ରାହ୍ମଣୀରେ ବୁଡ଼ି ଶିକ୍ଷାବିତ୍‌ଙ୍କ ମୃତ୍ୟୁ

**ଧର୍ମଶାଳା, ୨୭।୭ (ସମିସ):** ଧର୍ମଶାଳା ଥାନା ଚହଟା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀରେ ବୁଡିଯାଇ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଅବସରପ୍ରାପ୍ତ ଶିକ୍ଷକ ଏହି ଥାନା ଚହଟା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତି (୭୪) ବୋଲି ଜଣାପଡ଼ିଛି। ଆଜି ସକାଳୁ ସେ ଘର ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ଘର ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସ ନେତା କିଶାନ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଞ୍ଚ ସୁମିତ୍ରା ସ୍ୱାଇଁ, ବିଚିତ୍ରାନନ୍ଦ ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଡକ୍ତରଖାନା ଯାଇଁ ତାଙ୍କର ଶେଷ ଦର୍ଶନ କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଆକାରରେ ଜଣାଯିବା ପରେ ଧର୍ମଶାଳା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଖବର କାଗଜ ବିକ୍ରେତା ଦାମ ଗୁରୁତର ଅସୁସ୍ଥ

**ଧର୍ମଶାଳା, ୨୭।୭ (ସମିସ):** ଧର୍ମଶାଳା ଅଞ୍ଚଳର ବରିଷ୍ଠ ଖବର କାଗଜ ବିକ୍ରେତା ରାମଚନ୍ଦ୍ର ମହାନ୍ତି (ଦାମ) ପକ୍ଷାଘାତ ରୋଗରେ ଶିକାର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗତକାଲି ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଅତ୍ୟଧିକ ରକ୍ତ ଚାପ ଯୋଗୁଁ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ତୁରନ୍ତ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା ବେଳେ ଧୀରେ ଧୀରେ ପକ୍ଷାଘାତ ଆଡ଼କୁ ତାଙ୍କ ଶରୀରର କିଛି ଅଙ୍ଗ ଗତି କରୁଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦାମ ଦୀର୍ଘ ବର୍ଷ ଧରି ଜାରକା ଅଞ୍ଚଳରେ ବିଭିନ୍ନ ଖବର କାଗଜର ବିକ୍ରେତା ଭାବେ କାର୍ଯ୍ୟ କରି ଆସୁଥିବା ସହ ଜଣେ ପରୋପକାରୀ ଓ ମେଳାପି ବ୍ୟକ୍ତି ଭାବରେ ତାଙ୍କର ପରିଚୟ ରହିଛି। ଧର୍ମଶାଳା ପ୍ରେସ୍ କ୍ଲବ ଓ ଜାରକା ହକର୍ ସଂଘ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଉଛି।

## ଜିଲ୍ଲାସ୍ତରୀୟ ଲୋକ ଅଦାଲତ: ମୋଟ୍ ୧.୮୮ କୋଟି ଟଙ୍କା ଜରିମାନା ଆଦାୟ

**ଯାଜପୁର, ୨୭।୭ (ସମିସ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି। ଏହି ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଲୋକ ଅଦାଲତରେ ମୋଟ ୩୬ ଗୋଟି ଚେକ୍ ବାଉନ୍ସ ସମ୍ବନ୍ଧୀୟ ମକଦ୍ଦମା ଫଇସଲା କରାଯାଇ ମୋଟ ଟ. ୧, ୮୭, ୧୧, ୪୪୭/- ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ଏସ୍‌ଡିଜେଏମ ସୁମିତ୍ରା ବିଶ୍ୱାଳ ଅଂଶଗ୍ରହଣ କରି ମକଦ୍ଦମା ଗୁଡ଼ିକ ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲାର ଅନ୍ୟାନ୍ୟ କୋର୍ଟ ତଥା ଯାଜପୁର ରୋଡ୍ ଏବଂ ଚଣ୍ଡିଖୋଲ କୋର୍ଟର ବିଚାରପତିମାନେ ମଧ୍ୟ ଅଂଶ ଗ୍ରହଣ କରି ମକଦ୍ଦମା ଗୁଡ଼ିକ ଫଇସଲା କରିଥିଲେ। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଶ୍ରୀମତୀ ଲିପା ମହାନ୍ତି ପରିଚାଳନା କରିଥିଲେ ଏବଂ ପ୍ରାଧିକରଣର ସମସ୍ତ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।




## ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ଯାଜପୁର, ୨୭।୭ (ସମିସ):** ଆଜି ପୂର୍ବାହ୍ନରେ ଯାଜପୁରର ନୂତନ ଜିଲ୍ଲାପାଳ ଭାବେ ଅମ୍ବର କୁମାର କର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁଙ୍କ ଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗଦାନ ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ଜିଲ୍ଲାପାଳ ଶ୍ରୀ କର ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ପ୍ରକାଶ ଥାଉକି କଟକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଥିବା ସମୟରେ ସଫଳ ଭାବେ ଜିଲ୍ଲା ପରିଷଦ ନିର୍ବାଚନ ଓ ନୋଡାଲ ଅଧିକାରୀ ଭାବେ କଟକ ବାଲିଯାତ୍ରା ପରିଚାଳନା କରିଥିଲେ। ଜିଲ୍ଲାପାଳ ଭାବେ ଯାଜପୁର ଜିଲ୍ଲାର ସର୍ବାଙ୍ଗିନ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଦଳଗତ ଭାବେ ଜିଲ୍ଲାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସାକ୍ଷାତ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ।

### ବସ୍ ଧକ୍କାରେ ଯୁବକ ମୃତ; ଜଣେ ଗୁରୁତର

## କ୍ଷତିପୂରଣ ଦାବିରେ ପୂର୍ବତନ ମନ୍ତ୍ରୀଙ୍କ ଧାରଣା



**ଯାଜପୁର/ଦାନଗଦୀ, ୨୭।୭ (ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦୀ-ଡୁବୁରୀ ରାସ୍ତାର ଟାଟା ପ୍ଲଟ-୨ ଜିନ୍ଦଲ କାରଖାନା ନିକଟରେ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧ ଗାଁ ପଞ୍ଚାୟତ ନଟିସାହି ଗ୍ରାମର ରମେଶ ଚନ୍ଦ୍ର ମହାନ୍ତଙ୍କ ପୁଅ ଅଭିମନ୍ୟୁ ମହାନ୍ତ (୪୨)। ଗୁରୁତର ଆହତ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଆହତ ଯୁବକଙ୍କୁ ପ୍ରଥମେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଜପୁର ଟାଉନକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ ଅଭିମନ୍ୟୁ ଜିନ୍ଦଲ କାରଖାନାରେ ଗାୟତ୍ରୀ ଏଣ୍ଟରପ୍ରାଇଜେସକୁ କାମ କରିବା ପାଇଁ ନିଜ ସାଙ୍ଗ ବନ୍ଧଗାଁର ଲକ୍ଷ୍ମୀଧର ମହାକୁଡ଼ଙ୍କ ସହିତ ଆସୁଥିବା ସମୟରେ କାରଖାନାର ଏକ ବସ ତାଙ୍କ ବାଇକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳକୁ ପୁଲିସ୍ ଆସିଥିଲେ ମଧ୍ୟ ମୃତଦେହକୁ ସେଠାରୁ ମେଡ଼ିକାଲ ନେବାରେ ବିଳମ୍ବ କରିଥିଲା। ଖବର ପାଇ ଘଟଣାସ୍ଥଳରେ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହିତ ପ୍ରଶାସନ ଉପରେ ଭୀଷଣ କ୍ଷୁବ୍ଧ ହୋଇଥିଲେ। ରାସ୍ତାରେ କାହିଁକି କମ୍ପାନୀ ଗାଡ଼ି ବେଆଇନ ଭାବେ ପାର୍କିଂ ହେଉଛି, ମାନପୁର ଓଭରବ୍ରିଜ ଦେଇ କାହିଁକି ଭାରୀଯାନ ଗୁଡିକ ଛଡା ଯାଉଛି, ଯାହା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ବୋଲି କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଓ ଥାନା ଅଧିକାରୀଙ୍କୁ ପଚାରିଥିଲେ। ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୃତଦେହ କାହିଁକି ପଡ଼ି ରହିଥିଲା, ଆମ୍ବୁଲାନ୍ସ ପହଞ୍ଚିବାରେ କାହିଁକି ବିଳମ୍ବ ହେଲା ବୋଲି ପ୍ରଶ୍ନ କରି ପ୍ରଶାସନ ଏଭଳି ଦାୟିତ୍ୱହୀନ କାହିଁକି ହେଉଛି ବୋଲି ପ୍ରଶ୍ନ କରିଥିଲେ। ସମୟ ଗଡ଼ିବା ସହିତ ସାଧାରଣ ଲୋକେ ଟାୟାର ଜାଳି ରାସ୍ତାରୋକ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା ବେଳେ ପୂର୍ବତନ ମନ୍ତ୍ରୀ ଇଂ. ଘଡ଼ାଇ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ମୃତକଙ୍କ ପରିବାର ବର୍ଗଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ଆନ୍ଦୋଳନ ଜାରିରହିଥିଲା।

କୋମଣ୍ଡ ବେଆଇନ ମାଙ୍କଡ଼ା ଖଣି

# ରାତି ଅଧରେ କଟାଯାଉଛି ପଥର

**ନୟାଗଡ଼,୨୭।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅଧୀନସ୍ଥ କୋମଣ୍ଡ, ରୋହିବାଙ୍କ ପଞ୍ଚାୟତରେ ପୁଣି ଥରେ ମାଙ୍କଡ଼ା ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ମାଙ୍କଡ଼ା ଖଣିକୁ ନେଇ ବେଆଇନ ହାତଗୁଞ୍ଜା କାରବାର ଅଡିଓ ଭାଇରାଲ ହେବା, ଖଣି କାରବାରକୁ ନେଇ ରକ୍ତପାତ ହେବା, ପୁଲିସ ଚଢ଼ଉ କରିବା ପରେ ଖଣି କାରବାର କିଛିଦିନ ବନ୍ଦ ରହିଥିବା ବେଳେ ଏବେ ପୁଣି ରାତି ଅଧିଆ ବେପାର ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳରେ ରହିଥିବା ଏକ ମହିଳା ମହାବିଦ୍ୟାଳୟ ପଛ ପାଖରୁ ରାତି ଅଧରେ ମାଙ୍କଡ଼ା ପଥର କଟା ଯାଇ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାକୁ ଚାଲାଣ ହେଉଛି। କୋମଣ୍ଡ ଓ ଭଗବତପ୍ରସାଦ ଅଞ୍ଚଳରେ ବ୍ୟାପକ ମାଙ୍କଡ଼ା ଖଣି ଖନନ କରାଯାଉଛି। ଏହି ବେଆଇନ ଖଣି କାରବାରରେ ଶତାଧିକ ଗାଡ଼ି ବ୍ୟବହାର ହେଉଛି। ଜେସିବି, ଟ୍ରାକ୍ଟର, ୪୦୭, ହାଇୱା, ଡମ୍ଫର, ଟ୍ରକ ଏବଂ ପଥର କାଟିବା ମେସିନ ବ୍ୟବହାର ହେଉଛି। ଦୈନିକ ଶତାଧିକ ଟ୍ରିପ୍ ମାଙ୍କଡ଼ା ଓ ମୋରମ ବେଆଇନ ଚାଲାଣ ହେଉଛି। ଏଭଳି ଲୁଟ ପାଇଁ କିଏ ପ୍ରୋତ୍ସାହନ ଦେଉଛି, କିଏ ସମର୍ଥନ ଦେଉଛି ତାହା ବଡ଼ ପ୍ରସଙ୍ଗ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ଗାନ୍ଧୀଙ୍କ ମାଙ୍କଡ଼ ସାଜିବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। ଦୀର୍ଘବର୍ଷ ଧରି ଚାଲିଥିବା ବେଆଇନ ମାଙ୍କଡ଼ା ଖନନ ପାଇଁ ଉକ୍ତ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ମୃତ ମାଙ୍କଡ଼ା ଖଣି ରହିଛି। ଏହି ମୃତ ମାଙ୍କଡ଼ା ଖଣି ଗୁଡ଼ିକର ଗଭୀରତା ୫୦ରୁ ୧୦୦ ଫୁଟ। ବର୍ତ୍ତମାନ ସମୟରେ ୮୪ଟି ଖଣି ଜୀବନ ଅବସ୍ଥାରେ ଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ମୃତ ଖଣି ରହିଛି। ମୃତ ଖଣି ଗୁଡ଼ିକ ପୋତା ଯାଉନଥିବାରୁ ଏହା ଜଳାଶୟରେ ପରିଣତ ହୋଇରହିଛି। ନାଳିମାଟି ମାଫିଆମାନେ ଖଣି ଲୁଟ କରିବା ପରେ ତାହାକୁ ଏଭଳି ସ୍ଥିତିରେ ଛାଡ଼ି ଦେଉଛନ୍ତି। ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ବିଗତ ଦିନରେ ଏହି ଜଳାଶୟରେ ଅନେକ ଜୀବନ ଯାଇ ସାରିଥିବା ବେଳେ ମରଣଯନ୍ତା ସୃଷ୍ଟି କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋମଣ୍ଡ ପଞ୍ଚାୟତ ପଥରା ଏବଂ ବାଦଭୂଇଁ ନିକଟସ୍ଥ ଅଞ୍ଚଳରେ ୨ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଖଣି ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ମ୍ୟାପ୍‌ରେ ସ୍ପଷ୍ଟ ଦେଖାଯାଇଛି। ଉକ୍ତ ଅଞ୍ଚଳରେ ଖଣି ପାଇଁ ବିରାଟ ବିରାଟ ଜଳଶୟ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିସ୍ତୀର୍ଣ୍ଣ ଅଞ୍ଚଳକୁ ନାଳିମାଟି ମାଫିଆମାନେ ଛାରଖାର କରି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଚୁପ ବସିଛି। ବିଗତ ୩ ବର୍ଷ ଧରି ବ୍ୟାପକ ଭାବେ ଏଠାରେ ଖଣି ଖନନ କରାଯାଇ ଲୁଟ କରାଯାଉଥିଲେ ମଧ୍ୟ ସମସ୍ତ ଆଖିବୁଜି ଦେଇଛନ୍ତି। ଅନ୍ୟପକ୍ଷେ, ମାଙ୍କଡ଼ା ଖଣିକୁ ନେଇ ମାଫିଆଙ୍କ ମଧ୍ୟରେ ଦୁଇ ଗୋଷ୍ଠୀ ହୋଇଥିବାରୁ ପୁର୍ନବାର ଗଣ୍ଡଗୋଳ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସୂଚନା ମିଳିଛି।

- ସବୁ ପରେ ବି ମାଫିଆ ସକ୍ରିୟ
- ପୁଣିଥରେ ଗଣ୍ଡଗୋଳ ଆଶଙ୍କା

## ବ୍ୟାପକ ମୋରମ ଚାଲାଣ, ପ୍ରଶାସନ ନୀରବ



**ଖଣ୍ଡପଡ଼ା:** ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ବରକୋଳି ମୌଜାରେ ଅବସ୍ଥିତ ସଂରକ୍ଷିତ ଜଙ୍ଗଲ ଜମିରୁ ମାଫିଆମାନେ ବର୍ଷ ବର୍ଷ ଧରି ଅବାଧରେ ମୋରମ ଚାଲାଣ କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚୋରାରେ ମୋରମ ଚାଲାଣ ଯୋଗୁଁ ଜଙ୍ଗଲ ସମ୍ପଦ ଓ ମୃତ୍ତିକା କ୍ଷୟ ହେବା ସହ ଏକଦା ବନୀକରଣ ଯୋଜନାରେ ବନ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ରୋପଣ କରାଯାଇଥିବା ବୃକ୍ଷରାଜି ଗୁଡିକ ନଷ୍ଟ ହେବାରେ ଲାଗିଛି। ପ୍ରଶାସନିକ ସ୍ଥାଣୁତାର ସୁଯୋଗ ନେଇ ମାଫିଆମାନେ ଅବାଧରେ ଉକ୍ତ ସ୍ଥାନରୁ ମୋରମ ଚାଲାଣ କରି ମୋଟା ଅଙ୍କର ଅର୍ଥ ଆୟ କରୁଥିବା ବେଳେ ରାଜ୍ୟ ସରକାର ଏ ବାବଦରେ ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ପ୍ରକାଶଥାଉକି ରାଜ୍ୟ ସରକାର ବନୀକରଣ ଯୋଜନାରେ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ତହସିଲ ପ୍ରଶାସନର ଅଣଦେଖା ଯୋଗୁଁ ମାଫିଆମାନେ ବେଶ ସକ୍ରିୟ ହୋଇ ଉଠିଥିବା ଅଭିଯୋଗ ହେଉଛି। ମାଫିଆମାନଙ୍କ କାର୍ଯ୍ୟକଳାପ ପ୍ରତି ଖଣ୍ଡପଡ଼ା ତହସିଲଦାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଧାନାଥପୁରରେ ବଧୂହତ୍ୟା ଅଭିଯୋଗ



**ନୟାଗଡ଼/ନୂଆଗାଁ,୨୭।୭(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅର୍ନ୍ତଗତ ବଡ଼ଗୋଠ ଗ୍ରାମ ପଞ୍ଚାୟତ ରାଧାନାଥପୁରରେ ଯୌତୁକ ନିର୍ଯାତନାକୁ ନେଇ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୁହଁରେ ତକିଆ ଦେଇ ବଧୂ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ନୂଆଗାଁ ବ୍ଲକ ଅର୍ନ୍ତଗତ ସିଙ୍ଗାରପଲ୍ଲି ପଞ୍ଚାୟତ କଇଥପଲ୍ଲି ଗ୍ରାମର ବୈକୁଣ୍ଠ ମହାକୁଡ଼ଙ୍କ ଝିଅ ସୀତା ଖିଲାର ଚାରି ବର୍ଷ ପୂର୍ବେ ବଡ଼ଗୋଠ ପଞ୍ଚାୟତ ରାଧାନାଥପୁର ଗ୍ରାମର ସଂସାରୀ ଖିଲାରଙ୍କ ପୁଅ ସୂର୍ଯ୍ୟମଣି ଖିଲାରକୁ ବିବାହ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ସବୁବେଳେ ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦେଉଥିଲେ। ଗତକାଲି ବିଳମ୍ବିତ ରାତିରେ ସୂର୍ଯ୍ୟମଣି ଓ ତାଙ୍କ ମାଆ ବୋହୂ ସୀତାକୁ ଗୁରୁତର ଅବସ୍ଥାରେ ଧରି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ସେଠାରେ ଡାକ୍ତର ସୀତାକୁ ମୃତ ଘୋଷଣା କରିଥିଲେ। ସୀତାଙ୍କ ପରିବାର ଖବର ପାଇ ଡାକ୍ତରଖାନାରେ ପହଞ୍ଚିଥିଲେ। ଝିଅ ମୃତ୍ୟୁକୁ ପରିବାର ଲୋକ ଗ୍ରହଣ କରିପାରିନଥିଲେ ସେ ମହିପୁର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ସୂର୍ଯ୍ୟମଣି ଓ ତାଙ୍କ ମାଆକୁ ଫାଣ୍ଡି ଅଧିକାରୀ ବିରଞ୍ଚି କୁମାର ଅମାତ ଗିରଫ କରିଥିଲେ। ପରେ ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଓ ତହସିଲଦାର ହେମନ୍ତ କୁମାର ନାୟକ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ।

# ଶିକ୍ଷକଙ୍କୁ ସାହିତ୍ୟ ସାରଥୀ ସମ୍ମାନ




**ନୟାଗଡ଼,୨୭।୭(ସମିସ):** ହାପି ମୋମେଣ୍ଟସ୍ ଅଫ ଇଣ୍ଡିଆ ଅର୍ଗାନାଇଜେସନ ତରଫରୁ ନେସନାଲ କନଫରେନ୍ସ -୨୦୨୫ ପ୍ରତିଭା ସମ୍ମାନ ଓ ସାରସ୍ୱତ ସମ୍ମାନ ସମାରୋହ ଉତ୍ସବ ପୁରୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାପି ମୋମେଣ୍ଟସ୍ ଅଫ ଇଣ୍ଡିଆ ଅରଗାନାଇଜେସନ ତରଫରୁ ନୟାଗଡ଼ ଜିଲ୍ଲାର ଆଦର୍ଶ ଶିକ୍ଷକ, ଲେଖକ ତଥା କବି ଡକ୍ଟର ପ୍ରତାପ କୁମାର ପରିଡ଼ାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସାହିତ୍ୟ ସାରଥୀ ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧନା କରାଯାଇଛି। ତରଫରୁ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଉପସ୍ଥାପନା କରିଥଲେ। ଏଥିରେ ମୁଖ୍ୟଅତିଥି ଭାବେ ତାମିଲନାଡୁ ବେଦ ବିଶ୍ୱବିଦ୍ୟାଳୟ କୁଳପତି ହରିହର କାନୁନଗୋ, ଶିକ୍ଷାବିତ୍ ଶଶଧର ପଣ୍ଡା, ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ରଥ, ପ୍ରବଚିକା ପ୍ରିୟମ୍ବଦା ଦାସ, ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। ଅନୁଷ୍ଠାନ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ଦାବି



**ଓଡ଼ଗାଁ,୨୭।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ବାହାଡ଼ାଝୋଲା କଷ୍ଟି ଡାକୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ରବିବାର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖବର ଅନୁସାରେ, ବାହାଡ଼ାଝୋଲା ଓ ଏହାର ନିକଟତମ ଗ୍ରାମପଞ୍ଚାୟତ ଯଥା- ହରିପୁର, ବେରୁଆଁବାରି, ସିଙ୍ଗାରପଲ୍ଲି, କପ୍ତାପଲ୍ଲି ଓ ଗୁମି ଅଞ୍ଚଳର ଗ୍ରାମବାସୀମାନେ ରବିବାର ବାହାଡ଼ାଝୋଲାରେ ଅବସ୍ଥିତ କଷ୍ଟି ଡାକୁଆ ହସ୍ପିଟାଲ ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ଏକତ୍ରିତ ହୋଇଥିଲେ। ସେଠାରେ ବର୍ତ୍ତମାନର ପୁରାତନ ହସ୍ପିଟାଲ ଓ ନୂତନ ନିର୍ମିତ ହସ୍ପିଟାଲ ଭବନ ସହ ଜଡ଼ିତ ବିଭିନ୍ନ ସମସ୍ୟା, ଚିକିତ୍ସକ ଓ କର୍ମଚାରୀ ଅଭାବ, ଔଷଧ ବିତରଣରେ ଅନିୟମିତତା ଓ ଆଶୁ ଚିକିତ୍ସା ସୁବିଧା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଏଥିସହିତ ବାହାଡ଼ାଝୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୂର୍ଣ୍ଣ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନିତ କରିବା ଦାବିରେ ପ୍ରଶାସନିକ ଅଧିକାରୀଙ୍କୁ ଏକ ଲିଖିତ ଅନୁରୋଧପତ୍ର ଦାଖଲ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯଥାଶୀଘ୍ର ନୂତନ ଭବନକୁ ଚାଲୁ କରିବା, ବିଭାଗୀୟ ବିଶେଷଜ୍ଞ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତି, ନିୟମିତ ଔଷଧ ବିତରଣ ଓ ଟୀକାକରଣ ବ୍ୟବସ୍ଥା ସହିତ ରୋଗ ନିର୍ଣ୍ଣୟ ନିମନ୍ତେ ପାଥୋଲ୍ୟାବ୍ ଏବଂ ବ୍ଲଡ୍ ବ୍ୟାଙ୍କ ସୁବିଧା କରିବା, ଏହା ବ୍ୟତୀତ ଅତି କମ୍‌ରେ ୩୦ ଶଯ୍ୟା ବିଶିଷ୍ଟ ଚିକିତ୍ସା ସୁବିଧା ଯୋଗାଇବା ନିମନ୍ତେ ଦାବି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗ୍ରାମବାସୀମାନେ ନିଜ ଅଞ୍ଚଳର ଏହି ଦାବି ପୂରଣରେ ବିଳମ୍ବ ହେଲେ ଆବଶ୍ୟକତା କ୍ଷେତ୍ରରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ସମିତି ସଭ୍ୟଙ୍କ ସମର୍ପଣ ବୃଦ୍ଧାଶ୍ରମ ପରିଦର୍ଶନ

**ଓଡ଼ଗାଁ,୨୭।୭(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଆଗ୍ରହକୁ ଗୁରୁତ୍ୱ ଦେଇ ଓଡ଼ଗାଁ ପଞ୍ଚାୟତ ସମିତି ସଭ୍ୟମାନେ ରବିବାର ନୟାଗଡ଼ଠାରେ ଥିବା ସମର୍ପଣ ବୃଦ୍ଧାଶ୍ରମ ପରିଦର୍ଶନ କରିଥିଲେ। ସଭ୍ୟମାନେ ବୃଦ୍ଧା ଶ୍ରମ ବୁଲିବା ସହିତ ଅନ୍ତେବାସୀଙ୍କ ସହ ଆଳାପ ଆଲୋଚନା କରି ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ସେମାନଙ୍କୁ ଖାଦ୍ୟବଣ୍ଟନ କରି ଆଜିର ଦିନରେ ପରିବାରଙ୍କ ପାଇଁ ଅଲୋଡା ହୋଇପଡ଼ିଥିବା ଅନ୍ତେବାସୀଙ୍କ ଆଶିର୍ବାଦ ଗ୍ରହଣ କରିଥିଲେ। ସେମାନଙ୍କ ନିକଟରେ ସମୟ ଅତିବାହିତ କରି ଜୀବନର ଏକ ସୁନ୍ଦର ଅନୁଭୁତିକୁ ଅନୁଭବ କରିବା ପାଇଁ ସଭ୍ୟମାନେ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ ସଭ୍ୟମାନଙ୍କ ଉକ୍ତ କାର୍ଯ୍ୟକ୍ରମରେ କୁରାଳ ସରପଞ୍ଚ ବିଜନ ପାଇକରାୟ ପୂର୍ଣ୍ଣ ସହଯୋଗ କରିଥିଲେ।

# ଶୈବପୀଠ ରାସ୍ତା ଉନ୍ନତୀକରଣ ଦାବି

**ଖଣ୍ଡପଡ଼ା,୨୭।୭(ସମିସ):** ରାଜ୍ୟ ସରକାର ବିଭିନ୍ନ ମଠ ମନ୍ଦିରର ଉନ୍ନତି କରଣ ନିମନ୍ତେ ଆର୍ଥିକ ସହାୟତା ଦେଉଥିଲେ ମଧ୍ୟ ଖଣ୍ଡପଡ଼ା ବ୍ଲକର ଯୋଗିଆପଲ୍ଲୀ ପଞ୍ଚାୟତ ଅଧୀନ ଲକ୍ଷ୍ମୀପ୍ରସାଦ ମୌଜାରେ ଅବସ୍ଥିତ ପ୍ରାଚୀନ ଶୈବପୀଠ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ଏପର୍ଯ୍ୟନ୍ତ ଅବହେଳିତ ହୋଇ ପଡ଼ି ରହିଛି। ଏହାର ଉନ୍ନତିକରଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିବା ଜଣାପଡିଛି।



ମାତ୍ର ଏଥିପ୍ରତି ପ୍ରଶାସନିକ ଅଧିକାରୀ କିମ୍ବା ପଞ୍ଚାୟତ ଲୋକପ୍ରତିନିଧିମାନେ କେହି ହେଲେ ଧ୍ୟାନ ଦେଉନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ଖଣ୍ଡପଡ଼ାରୁ ନୟାଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଠାରୁ ଉକ୍ତ ଶୈବପୀଠକୁ ସଂଯୋଗ କରୁଥିବା ମାଟି ରାସ୍ତା ଦେଇ ଶ୍ରଦ୍ଧାଳୁ ଭକ୍ତମାନେ ବର୍ଷ ତମାମ ମନ୍ଦିରକୁ ଯାତାୟାତ କରୁଛନ୍ତି। ଏବେ ବର୍ଷାଦିନ ରତୁ ହୋଇଥିବାରୁ ଉକ୍ତ ରାସ୍ତା ସାରା ପଙ୍କ କାଦୁଅରେ ପୋତି ହୋଇ ପଡିଛି। ଫଳରେ ଶ୍ରଦ୍ଧାଳୁ ଭକ୍ତମାନେ କାଦୁଅ ପଙ୍କ ରାସ୍ତା ଦେଇ ଶୈବ ପୀଠକୁ ଯାତାୟାତ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ ରାଜୁଡା ଅମଳରୁ ସ୍ଥାପିତ ଏହି ପୁରାତନ ଶୈବପୀଠର ଉନ୍ନତିକରଣ ପ୍ରତି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଶୈବପୀଠକୁ ସଂଯୋଗ କରୁଥିବା ମାଟି ରାସ୍ତାର ସିମେଣ୍ଟ କଂକ୍ରିଟକରଣ ନିମନ୍ତେ ଯୋଗିଆପଲ୍ଲୀ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଗଣିଆ,୨୭।୭(ସମିସ):** ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ଜଗନ୍ନାଥ ପ୍ରସାଦ ଗ୍ରାମରେ ଥିବା ବାସୁଦେବ କୋଚିଂ ସେଣ୍ଟର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିଭୂତି ଭୂଷଣ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ଆଲୋକ ପୁରୋହିତ, ବାସୁଦେବ କୋଚିଂ ସେଣ୍ଟର ପରିଚାଳକ କାମାକ୍ଷ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କୋଚିଂ ସେଣ୍ଟରରେ ରକ୍ତଦାନ ଶିବିର ଆୟୋଜନ କରିଥିବାରୁ ଆୟୋଜକଙ୍କୁ ମୁଖ୍ୟ ଅତିଥି କୃତଜ୍ଞତା ଜ୍ଞାପନ କରିଥିଲେ। ନୟାଗଡ଼ ଜିଲ୍ଲାରେ ରକ୍ତର ଅଭାବ ଦେଖାଦେଇଥିବାରୁ ଏହିଭଳି ଶିବିରମାନ ଆୟୋଜନ କରିବା ଆବଶ୍ୟକ ରହିଛି ବୋଲି ଡାକ୍ତର ପ୍ରକାଶ କରିଥିଲେ। ଆଜିର ଏହି ଶିବିରରୁ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରଜତ କୁମାର ପଣ୍ଡା, କାଉନସେଲର ଅଜୟ କୁମାର ପଟ୍ଟନାୟକ, କମଳେଶ ଦାସ, ଅମିୟ ମହାରଣା, ରଞ୍ଜିତା ସାଥୁଆ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ଦୁର୍ନୀତିମୁକ୍ତ ଓଡ଼ିଶା ଅଭିଯାନ ଆଲୋଚନାଚକ୍ର

**ଦଶପଲ୍ଲା,୨୭।୭(ସମିସ):** ଦୁର୍ନୀତି ମୁକ୍ତ ଓଡିଶା ଏକ ସଂସ୍କାର ଗତ ଆଭିମୁଖ୍ୟ ଶୀର୍ଷକ ଆଲୋଚନାଚକ୍ର ଆଜି ଦଶପଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇଆଇଇସି ଓ ଦୁର୍ନୀତି ମୁକ୍ତ ଓଡିଶା ସଂଗଠନର ମିଳିତ ଆୟୋଜନରେ ଏହାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଦୁର୍ନୀତି ମୁକ୍ତ ଓଡିଶା ଅଭିଯାନର ରାଜ୍ୟ ସଭାପତି ଡ. ଦେବବ୍ରତ ସ୍ୱାଇଁ, ଅନ୍ୟତମ ବକ୍ତା ବାମ ପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର, ଇଟାମାଟି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ ନାୟକ, ନାଲକୋର ପ୍ରାକ୍ତନ ଅଧିକାରୀ ବିଦୀପ୍ତ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂଜ୍ୟପୂଜା ସମ୍ମାନ ଶିକ୍ଷାବିତ ବୈକୁଣ୍ଠ ନାଥ ମିଶ୍ର ଓ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡ.ଶିଶିର ଦାଶ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ, ସହ-ନିର୍ଦ୍ଦେଶକ ଆଇନଜୀବୀ ଦୁଃଖିଶ୍ୟାମ ଦାଶ ପ୍ରତୀକଧର୍ମୀ ବୃକ୍ଷ ପ୍ରଦାନର ବାର୍ତ୍ତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୟାଗଡ଼ ଜିଲ୍ଲା ସଞ୍ଚାଳିକା ଭଉଣୀ ବିକେ ମିନି ଆଶୀର୍ବଚନ ପ୍ରଦାନ କରିଥିଲେ। ଭଉଣୀ ମନୋରମା ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଦୁର୍ନୀତି ମୁକ୍ତ ଓଡିଶା ଗଠନ ନିମନ୍ତେ ସମୂହ ଶପଥ ପାଠ ଓ ବୃକ୍ଷରୋପଣ କରାଯାଇଥିଲା।

# ସାହିତ୍ୟିକ ଗୌରାଙ୍ଗ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଶରଣକୁଳ,୨୭।୭(ସମିସ):** ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟବର୍ତ୍ତୀ ଅସୁରିଢିପା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଓଡ଼ିଶାର ଖ୍ୟାତନାମା ଆଶୁକବି, ସାହିତ୍ୟିକ, ସାମ୍ବାଦିକ ତଥା ସ୍ତମ୍ଭକାର ଗୌରାଙ୍ଗ ପ୍ରଧାନ(କନ୍ଦର୍ପ)ଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବାଉଁଶିଆ ରଘୁନାଥପୁର ଶାସନ ସ୍ଥିତ "ଆଶ୍ରୟ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈଳାସ ବାଣ୍ଠ, ନିଳୀମା ନନ୍ଦ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ନିର୍ମଳ ଚନ୍ଦ୍ର ସୂରଦେଓ, ଭାବଗ୍ରାହୀ କର, ହରପ୍ରିୟା ଦ୍ୱିବେଦୀ ଓ ବଂଶୀଧର ମହାପାତ୍ର ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସ୍ମୃତିଚାରଣ କାର୍ଯ୍ୟକ୍ରମରେ "ଆଶ୍ରୟ' ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଡ.ଆଶୁତୋଷ ମିଶ୍ର, ନାରାୟଣ ପ୍ରଧାନ, ଶରତ ଚନ୍ଦ୍ର ଆଚାର୍ଯ୍ୟ, କୈଳାସ ଚନ୍ଦ୍ର ବାଣ୍ଠ, ସନ୍ତୋଷ କୁମାର ନାୟକ, ନିଳୀମା ନନ୍ଦ ଓ ଜୟଦେବ ସିଠ ପ୍ରମୁଖ ସମ୍ମାନିତ ଅତିଥି ରୁପେ ମଞ୍ଚାସୀନ ଥିଲେ। ଚିତ୍ତରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତତ୍ୟକ ବଂଶୀଧର ମହାପାତ୍ର, ଶିକ୍ଷାବିତ୍ ହରପ୍ରିୟା ଦ୍ୱିବେଦୀ, ଶିଶୁ ପ୍ରତିଭା ବିଶ୍ୱବିଜେତା ମହାନ୍ତିଙ୍କୁ କବି ଗୌରାଙ୍ଗ ପ୍ରଧାନ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଥମ ପର୍ଯ୍ୟାୟରେ ପ୍ରଫେସର ଭାବଗ୍ରାହୀ କର ଓ ନିଳୀମା ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଲୋକନାଥ ଦାଶ ମଞ୍ଚ ପରିଚାଳନା କରିଥିଲେ। ଆଶ୍ରୟର ସଭ୍ୟ ରାମକୃଷ୍ଣ ମହାରଣା, ପ୍ରଫୁଲ୍ଲ ନାହାକ, ଅନୀଲ ପ୍ରଧାନ, ଦିଲ୍ଲୀପ କୁମାର ସାହୁ ଏବଂ ଭାଗିରଥି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିପୁର ଗାଁ: ପାଣି ବଢ଼ିଲେ ଦୁଃଖ ବଢ଼େ

**ଭାପୁର,୨୭।୭(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ମଣିପୁର ଗାଁ। ମହାନଦୀରେ ସାମାନ୍ୟ ବଢ଼ି ପାଣି ଆସିଲେ ଏହି ଗାଁ ଦିନ ଦିନ ଧରି ଜଳବନ୍ଦୀ ହୋଇ ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଥାଏ। ଗ୍ରାମବାସୀଙ୍କ ଜୀବନ ଜୀବିକା ଠପ୍ ହୋଇଯାଇଥାଏ। ପିଲାଙ୍କ ପାଠ ପଢ଼ା, ଚାଷବାସ ଓ ବେପାର ବଣିଜ ସହ ଗୋ ସମ୍ପଦଙ୍କ ଜୀବନ ଦୁର୍ବିସହ ହୋଇପଡ଼େ। ଏନେଇ ପ୍ରଶାସନ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟ କରିନାହିଁ। ଦେଶ ସ୍ୱାଧୀନତା ୭୭ ବର୍ଷ ପରେ ମଧ୍ୟ ଏତେ ବଡ଼ ଗାଁର ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଲୋକ ସେମାନଙ୍କ ମୌଳିକ ସୁବିଧା ନପାଇବା ପ୍ରଶାସନ ତଥା ସ୍ଥାନୀୟ ରାଜନେତାଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଣିପୁର ଗାଁ ପାଞ୍ଚଟି ୱାର୍ଡକୁ ନେଇ ଗଠିତ।

ଏହି ଗ୍ରାମରେ ମୁଖ୍ୟତଃ ଖଣ୍ଡାୟତ ଓ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ବାସ କରନ୍ତି। ଗ୍ରାମରେ ଖଟେଇ ସାହି, କୈବର୍ତ୍ତ ସାହି, ଜେନା ସାହି, ମଳିକ ସାହି, କନ୍ଦି ସାହି ଓ ଢୀପସାହିରେ ଦୁଇ ଶହ ଖଣ୍ଡାୟତ ଓ ଦୁଇ ଶହ କୈବର୍ତ୍ତ, ଗୋଟିଏ ମାଳି, ଗୋଟିଏ ଗୁଡିଆ, ଗୋଟିଏ ଗୋପାଳ ଓ ଚାରି ଘର ହରିଜନ ପରିବାର ବାସ କରନ୍ତି। ମଣିପୁର ଗାଁ ମାଳିନୀ ଗାଁ ଭାବେ ପରିଚିତ। ଗ୍ରାମରେ ଦୁଇଟି ଅଙ୍ଗନବାଡି କେନ୍ଦ୍ର ଓ ଗୋଟିଏ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ହାଇସ୍କୁଲ ନଥିବାରୁ ଛାତ୍ରଛାତ୍ରୀ ଫତେଗଡ କିମ୍ବା କରବର ହାଇସ୍କୁଲକୁ ୬ କିଲୋମିଟର ଯିବାକୁ ପଡିଥାଏ। ଉଚ୍ଚ ଶିକ୍ଷା ପାଇଁ ସେଭଳି କୌଣସି ସୁବିଧା ନଥିବାରୁ ଗ୍ରାମରେ ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ଖୁବ କମ। ଗ୍ରାମର ଖଟେଇ ପରିବାର ଲୋକମାନେ ଚାଷବାସ ସହ ବେପାର ବଣିଜକୁ ମୁଖ୍ୟ ବୃତ୍ତି କରିଥିବାବେଳେ କୈବର୍ତ୍ତ ଜାତିର ଶତାଧିକ ପରିବାର ମାଛ ଧରିବା କିମ୍ବା ମାଛ ବେପାର କରି ପରିବାର ପ୍ରତିପୋଷଣ କରିଥାନ୍ତି। କୈବର୍ତ୍ତ ପରିବାରଙ୍କ ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ୧୯୮୨ ମସିହାରେ ଏକ ଫିସରୀ ସେବା ସମବାୟ ସଂସ୍ଥା ପୂର୍ବରୁ ଖୋଲିଥିଲେ ହେଁ ଏହା କୈବର୍ତ୍ତ ସମାଜର କୌଣସି ଉପକାରରେ ଆସୁ ନଥିବାରୁ ବନ୍ଦ ହୋଇପଡିଛି। ମହାନଦୀରେ ସାମାନ୍ୟ ପାଣି ବଢିଲେ ଏହି ଗାଁ ଚାରିକଡେ ଥିବା ପାଟ ଗୁଡିକ ବୁଡି ଗମନାଗମନ ଠପ ହୋଇଯାଏ। ବର୍ଷରେ ଚାରି ପାଞ୍ଚ ଥର ଏପରି ମୋଟ ୨୦/୨୫ ଦିନ ଜଳବନ୍ଦୀ ହୋଇ ରହନ୍ତି।। ପ୍ରଶାସନ କେବଳ କିଛି ଚୂଡା, ଗୁଡ଼ ଓ ଶୁଖିଲା ଖାଦ୍ୟ ଦେଇ ତାହାର କାମ ସାରିଦିଏ। ୨୦୦୨-୦୩ ମସିହାରେ ତତ୍କାଳୀନ ନୟାଗଡ଼ ଜିଲ୍ଲାପାଳ ମୃଣାଳିନୀ ଦର୍ଶୱାଲ ବନ୍ୟା ସମୟରେ ଏହି ଗ୍ରାମକୁ ଆସି ଲୋକଙ୍କ ଦୁଃଖ ଦେଖି ଗ୍ରାମକୁ ଏକ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କରି ଯୋଡିବାର ପ୍ରତିଶ୍ରୁତି ଦେଇ ରାସ୍ତା ନିର୍ମାଣ କରିଥିଲେ। ଯାହାକୁ ସେତେବେଳର ସ୍ଥାନୀୟ ସରପଞ୍ଚ ଓ ଅନ୍ୟ ନେତାମାନେ ବିରୋଧ କରିଥିଲେ ହେଁ ଜିଲ୍ଲାପାଳ ଜିଦ୍‌ରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କରିଥିଲେ। ବର୍ତ୍ତମାନ ଏହି ସଡ଼କଟି ବନ୍ୟା ଜଳରେ ବୁଡ଼ି ଯାଉଥିବାରୁ ଏହି ସଡ଼କକୁ ଅନ୍ୟୁନ ପାଞ୍ଚ ଫୁଟ ଅଧିକ ଉଚ୍ଚ କରାଗଲେ ଏହା ବନ୍ୟା ସମୟରେ ବୁଡ଼ନ୍ତା ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ଏକ ସ୍ୱତନ୍ତ୍ର ପଞ୍ଚାୟତ କରାଯାଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ନୟାଗଡ଼ ଜିଲ୍ଲା ମଣିପୁର ଗାଁ ପାଇଁ ମହାନଦୀ ଅଭିଶାପ ପାଲଟିଥିବା ବେଳେ ରବି ଫସଲ ବିରି ପାଇଁ ଏହା ଆଶୀର୍ବାଦ ପାଲଟି ଯାଉଛି। ଗାଁରେ ଶହ ଶହ ହେକ୍ଟର ଜମିରେ ମହାନଦୀ ବନ୍ୟାପାଣି ମାଡ଼ ଯିବା ଫଳରେ ଧାନ ଫସଲ ଉଜୁଡ଼ି ଯାଉଥିବା ବେଳେ ବିରି ଆମଦାନୀ ଆଶାଠାରୁ ଅଧିକ ପରିମାଣର ହେଉଛି। ଏକ ସ୍ୱତନ୍ତ୍ର କିସମର ବିରି ହଜାର ହଜାର କ୍ୱିଣ୍ଟାଲ କେବଳ ମଣିପୁର ଗାଁରୁ ଉତ୍ପାଦିତ ହୋଇଥାଏ। ଏହି ଗାଁକୁ ଯାତାୟତ ପାଇଁ ଉଚ୍ଚା ରାସ୍ତା କିମ୍ବା ଫତେଗଡ଼ କଳାପଥର ରାସ୍ତାରୁ ଏକ ବ୍ରିଜ ନିର୍ମାଣ କରାଗଲେ, ଗ୍ରାମବାସୀ ଉପକୃତ ହୋଇପାରନ୍ତେ।

## ବଢୁଛି ମହାନଦୀ; ଆତଙ୍କିତ ନଦୀ କୂଳବାସୀ



**ଗଣିଆ:** ଉପରମୁଣ୍ଡରେ ବର୍ଷା ସହିତ ହୀରାକୁଦ ଜଳଭଣ୍ଡାରରୁ ୨୪ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଫଳରେ ମହାନଦୀର ଜଳସ୍ତର ବଢିବାରେ ଲାଗିଛି। ବିଭାଗୀୟ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଅପେକ୍ଷା ଆଜି ଜଳସ୍ତର ବୃଦ୍ଧି ପାଇଛି। ଯଦି ଉପରମୁଣ୍ଡରେ ଆହୁରି ବର୍ଷା ଲାଗିରହେ ଏବଂ ହୀରାକୁଦର ଆହୁରି ଅଧିକ ଗେଟ୍ ଖୋଲିବ ତେବେ ମହାନଦୀରେ ବନ୍ୟା ଆଶଙ୍କା ଦେଖାଦେବ ଏଥିରେ ସନ୍ଦେହ ନାହିଁ। ମହାନଦୀରେ ବନ୍ୟା ଆସିଲେ ଗଣିଆ ବ୍ଲକର ୫ଟି ପଞ୍ଚାୟତର ହଜାର ହଜାର ଲୋକ ଜଳମଗ୍ନ ହେବା ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ବିଶେଷକରି ରାସଙ୍ଗ, ଛାମୁଣ୍ଡିଆ, ବଡ଼ସିଲିଙ୍ଗା, ବେଲପଡାପାଟଣା, କିଶୋର ପ୍ରସାଦ ପଞ୍ଚାୟତର ଅନେକ ଗ୍ରାମ ଜଳବନ୍ଦୀ ହେବା ସହିତ ହେକ୍ଟର ହେକ୍ଟର ଚାଷଜମି, ପନିପରିବା ଫସଲ ବୁଡିଯିବ। ରାସଙ୍ଗଠାରେ ମୁଖ୍ୟ ରାସ୍ତାରେ ୪ ଫୁଟରୁ ଅଧିକ ଜଳ ପ୍ରବାହିତ ହୋଇଥାଏ। ଲୋକେ ଡଙ୍ଗା ସାହାର୍ଯ୍ୟରେ ଯାତାୟାତ କରିଥାନ୍ତି। ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୁଇ ଗୁଣା ବଢିବା ସହିତ ବିଷାକ୍ତ ଜୀବଜନ୍ତୁ କାମୁଡାରେ ମୃତ୍ୟୁବରଣ ପଡିପାରନ୍ତି। ଦୁଇ ଦିନ ହେବ ମହାନଦୀରେ ଜଳସ୍ତର ବଢିବା ଯୋଗୁଁ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡିଛି। ଆଶା ଓ ଆଶଙ୍କାରେ ସେମାନେ ଜୀବନ ଅତିବାହିତ କରୁଥିବା ପ୍ରକାଶ କରିଛନ୍ତି।

# ଗୟାବନ୍ଧରେ ହାତୀ ଉପଦ୍ରବ; ଲୋକେ ଆତଙ୍କିତ

ନିରାକାରପୁର,୨୭।୭ (ସମିସ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଓଳସିଂହ ଗ୍ରାମ ପଞ୍ଚାୟତ ଗୟାବନ୍ଧ ଗ୍ରାମରେ ଦେଖାଦେଇଛି ହାତୀ ଉପଦ୍ରବ। ଗତ କିଛିଦିନ ହେବ ଏକ ୪ଟିକିଆ ହାତୀପଲ ଜଙ୍ଗଲରୁ ପଳାଇ ଆସି ଓଳସିଂହ, ଡମଣଭୂଇଁ, ଗୟାବନ୍ଧ ଅଞ୍ଚଳରେ ଉପଦ୍ରବ କରୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ହାତୀ ଗାଁମୁହାଁ ହେଉଛନ୍ତି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇ ଦେଖିବାକୁ ମିଳିଛି। କେତେବେଳେ ହାତୀ ଆକ୍ରମଣରେ ମଣିଷ ମରୁଛି ତ କେତେବେଳେ ବିଷଜନିତ ଓ ବିଦ୍ୟୁତ୍ ଯୋଗୁଁ ହାତୀର ମୃତ୍ୟୁ ଘଟୁଛି। ଶନିବାର ବିଳମ୍ବିତ ରାତିରେ ୪ଟି ହାତୀ ଗୟାବନ୍ଧ ଗାଁ ନିକଟକୁ ପଳାଇ ଆସି ଅବ୍ଦୁଲ ଗଫୁର ଖାଁଙ୍କ ଫାର୍ମ ହାଉସ୍ ପାଚେରି ଭାଙ୍ଗି ଫାର୍ମ ଭିତରେ ଥିବା ଫସଲକୁ ଦଳିଚକଟି ମୂଲ୍ୟବାନ ଗଛପତ୍ର ଭାଙ୍ଗି ନଷ୍ଟ କରିଥିବା ଜଣାପଡ଼ିଛି। ବନ ବିଭାଗ କର୍ମଚାରୀ ରାତିରେ ହାତୀର ଗତିବିଧି ଜାଣିବା ପାଇଁ ଡ୍ରୋନ୍ ସହାୟତାରେ ଲକ୍ଷ୍ୟ ରଖୁଛନ୍ତି। ହେଲେ ବନ ବିଭାଗ କର୍ମଚାରୀ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇବାରେ ବିଫଳ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଓ ଚାଷୀ ଘୋର୍ ଅସନ୍ତୋଷବ୍ୟକ୍ତ କରିଛନ୍ତି।



● ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

# କ୍ଷତିପୂରଣ ଦାବିରେ ନୂଆ ଜଗନ୍ନାଥ ସଡ଼କ ଅବରୋଧ

ନିରାକାରପୁର,୨୭।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଟୁ ଛକରେ ଅପରାହ୍ନ ୫ଟାରେ ଏକ ବାଇକ୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ବାଇକ୍ ଆରୋହୀ ଯୁବକ ଗୁରୁତର ହୋଇ ଭୁବନେଶ୍ୱର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କ୍ଷତିପୂରଣ ଦାବିରେ ଗ୍ରାମବାସୀମାନେ ଲେଣ୍ଟୁ ଛକରେ ସନ୍ଧ୍ୟା ୭ଟାରୁ ଟାୟାର ଜାଳି ନୂଆ ଜଗନ୍ନାଥ ସଡ଼କ ଅବରୋଧ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ରବିବାର ଅପରାହ୍ନ ସମୟରେ ଲେଣ୍ଟୁ ହନୁମାନ ସାହିର ପ୍ରଶାନ୍ତ ସାହୁ (୨୬) ଏକ ବାଇକ୍ ଯୋଗେ ନିରାକାରପୁରରୁ ବଜାର କାମ ସାରି ଘରକୁ ଫେରୁଥିବାବେଳେ ପୁରୀ ଆଡୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଉକ୍ତ ଦୁର୍ଘଟଣାରେ ଯୁବକ ଜଣକ ଗୁରୁତର ହୋଇପଡ଼ିଥିଲେ। ତାଙ୍କ ଡାହାଣ ଗୋଡ଼ ଉପରେ ଗାଡ଼ି ଚକା ଚଢ଼ିଯିବା ଯୋଗୁଁ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଥାନାରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଅଟକ ରଖାଯାଇଥିବା ବେଳେ ଗ୍ରାମବାସୀମାନେ ଟାୟାର ଜାଳି ନୂଆ ଜଗନ୍ନାଥ ସଡ଼କ ଅବରୋଧ କରି କ୍ଷତିପୂରଣ ଦେବାକୁ ଅଡ଼ି ବସି ରହିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ରେଡ୍‌କ୍ରସ୍‌ରୁ କିଛି ଅର୍ଥ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ବି ଜିଲ୍ଲାସ୍ତରୀୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସିବାକୁ ଉତ୍ୟକ୍ତ ଗ୍ରାମବାସୀ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅବରୋଧ ଜାରିରହିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ରାସ୍ତା ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ପୁରୀ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ।

● ପ୍ରଶାସନର ଅଜବ ନୀତି

# ମୃତକଙ୍କ ନାମରେ ସୀମା ନିର୍ଦ୍ଧାରଣ ନୋଟିସ

ବେଗୁନିଆ,୨୭।୭ (ସମିସ):

ବେଗୁନିଆ ତହସିଲ୍ କାର୍ଯ୍ୟାଳୟ ଅନ୍ତର୍ଗତ କୁରାଢ଼ିଲୋ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ପଙ୍ଗାରସିଂହ ମୌଜାର ଖାତା ୩୭୮ ପ୍ଲଟ୍ ୧୨୧୫କୁ ଦିନିଆରୀ ଗ୍ରାମର ବିପିନ ବିହାରୀ ମହାପାତ୍ର ରକ୍ଷଣାବେକ୍ଷଣ କରିଆସୁଛନ୍ତି। ଯାହାକି ୧୯୮୮ ମସିହାରେ ଉକ୍ତ ପ୍ଲଟ୍‌କୁ ଲାଗି ୨୪୦ ଡେସିମିଲ ଜମି ତଳଗଡ଼ ଗ୍ରାମର ସ୍ୱର୍ଗତ ସାରଥ ବେହେରାଙ୍କୁ ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ସ୍ୱତଃପ୍ରବୃତ୍ତ ଭାବେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏପରିକି ବିଭିନ୍ନ ସମୟରେ ଜମିର ସୀମାକୁ ନେଇ ଅଯଥା ସ୍ୱର୍ଗତ ବେହେରାଙ୍କ ପୁତୁରା ଭଗବାନ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଏହି ଜମିର ସୀମା ନିର୍ଦ୍ଧାରଣ କରିବା ପାଇଁ ବେଗୁନିଆ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ସ୍ୱର୍ଗତ ସାରଥଙ୍କ ନାମରେ ବାରମ୍ବାର ସୀମା ନିର୍ଦ୍ଧାରଣ ନୋଟିସ ଜାରି ହୋଇଥିଲା। ଏଥିରେ ଶ୍ରୀ ମହାପାତ୍ର ତହସିଲ୍‌ଦାରଙ୍କୁ ଅବଗତ କରିବାରେ ସୀମା ନିର୍ଦ୍ଧାରଣ ନୋଟିସ ସଂଶୋଧନ କରାଯାଇଥିଲେ ମଧ୍ୟ ପୁଣି ନୋଟିସ ଜାରି କରାଯାଇଛି। ଯାହାକୁ ନେଇ ସୀମା ନିର୍ଦ୍ଧାରଣ ନୋଟିସକୁ କିଭଳି ତରବରିଆ ଭାବେ ଦିଆଯାଉଛି ତାହା ସମସ୍ତଙ୍କୁ ବିସ୍ମିତ କରିବା ସହ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବାର ଦେଖିବାକୁ ମିଳୁଛି।

# ସିଏମ୍‌ଏସ୍ ଟଙ୍କା ଯୋଗାଣ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ନିରାକାରପୁର,୨୭।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଶନିବାର ରାତିରେ ଏକ ସିଏମ୍‌ଏସ୍ ଟଙ୍କା ଯୋଗାଣ ଗାଡ଼ି ଏକ ହାଇୱାକୁ ପଛ ପଟୁ ଧକ୍କା ଦେଇ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ପ୍ରତିଦିନ ନିରାକାରପୁର ଅଞ୍ଚଳକୁ ବିଭିନ୍ନ ଏଟିଏମ୍‌କୁ ଟଙ୍କା ଯୋଗାଣ କରିବାକୁ ଆସୁଥିବା ସିଏମ୍‌ଏସ୍ କମ୍ପାନୀର ଗାଡ଼ି ଶନିବାର ରାତିରେ ଟଙ୍କା ଜମା କରି ଫେରୁଥିବାବେଳେ କଲେଜ ଛକରେ ଛିଡ଼ା ହୋଇଥିବା ଏକ ହାଇୱାକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଗାଡ଼ି କାଚ ଭାଙ୍ଗିଯିବା ସହିତ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇଛି।



## ହଜିଯାଉଛି ତାଳଗଛ; ବଢୁଛି ବଜ୍ରପାତ

# ୫ ବର୍ଷରେ ଗଲାଣି ୪୬ ଜୀବନ

ଖୋର୍ଦ୍ଧା,୨୭।୭ (ସମିସ):

ବିକାଶ ନାଁରେ ଗାଁରୁ ସହର ବିନାଶ କାର୍ଯ୍ୟ ଚାଲିଛି। ସହର କଂକ୍ରିଟ ଜଙ୍ଗଲରେ ପରିଣତ ହେଉଥିବାବେଳେ ଗାଁ ଗହଳିର କୃଷିକ୍ଷେତ୍ର କ୍ରମଶଃ ହ୍ରାସପାଇ ଏବେ ସୁଉଚ୍ଚ କୋଠାମାନ ଗଢ଼ିଉଠିଲାଣି। ଖୋର୍ଦ୍ଧା ଓ ଭୁବନେଶ୍ୱର ତଥା ଏହାର ଉପକଣ୍ଠ ଅଞ୍ଚଳରେ ବିକାଶ ନାଁରେ ବିନାଶ ଚାଲିଥିବା ଭଳି କାର୍ଯ୍ୟ ହେଉଛି। ଯାହାକୁ ନେଇ ସେଥିପାଇଁ କୃଷିକ୍ଷେତ୍ର ଅଥବା ଗାଁ ଗହଳିରେ ଅଧିକାଂଶ ତାଳଗଛ ପୂର୍ବରୁ ରହିଥିଲା। ୧୯୯୯ ମହାବାତ୍ୟା ପରେ ଯେତେ ବାତ୍ୟା ଆସିଛି ସେଥିରେ ବହୁ ତାଳଗଛ ନଷ୍ଟ ହେଲାଣି। ଅନେକ ସମୟରେ ବିଭିନ୍ନ କାରଣରୁ ତାଳଗଛକୁ ଲୋକେ କାଟି ଦେଉଛନ୍ତି। ଯାହାଫଳରେ ବଜ୍ରପାତଜନିତ ମୃତ୍ୟୁ ଅଧିକ ହେବା ସହ ବର୍ଷା ହେବା ମାତ୍ରେ ଆକାଶରୁ ମୃତ୍ୟୁ(ବଜ୍ରପାତ) ଖସୁଛି। ଖାଲି ସେତିକି ନୁହଁ, ବରଂ ତାଳଗଛରେ ବସା ବାନ୍ଧୁଥିବା ପକ୍ଷୀମାନେ ମଧ୍ୟ ଏବେ ଚଳିତ ବର୍ଷ ୨୦ ହଜାର ତାଳଗଛ ଲଗାଇବାକୁ ଯୋଜନା କରିଛି। ଏବେ ସୁଦ୍ଧା ୧୦ ହଜାରରୁ ଊର୍ଦ୍ଧ୍ୱ ତାଳଚାରା ସମସ୍ତ ବନାଞ୍ଚଳରେ ଲାଗିଥିବା ବନଖଣ୍ଡ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

ତାଳଗଛ ମଣିଷର ଅନେକ କାମରେ ଲାଗେ। ମାତ୍ର ଏବେ ସେହି ଗଛ ସବୁ ଅଲୋଡ଼ା ହେଉଛି। ଗୋଟିଏ ତାଳଗଛ ବଢ଼ିବାକୁ ୩୦ରୁ ୪୦ବର୍ଷ ସମୟ ଲାଗେ। କିନ୍ତୁ ସହରୀକରଣ ଯୋଗୁଁ ସମୟ କ୍ରମେ ତାଳଗଛ ଲୋପ୍



● ତାଳଗଛ ବଞ୍ଚାଇବାକୁ ବନ ବିଭାଗର ପ୍ରୟାସ; ଲାଗିଲାଣି ୨୦ ହଜାର ଗଛ

ପରିବେଶବିତ୍‌ମାନେ ଚିନ୍ତାରେ ପଡ଼ିଲେଣି। ୧୯୯୯ ମସିହା ମହାବାତ୍ୟା ଏବଂ ୨୦୧୯ ଫନି ବାତ୍ୟା ସମୟରେ ଜିଲ୍ଲାର ବହୁ ସ୍ଥାନରେ ବିଶାଳ ବୃକ୍ଷମାନ ନଷ୍ଟ ହେଲା। ଏହାପରେ ରାସ୍ତା ସମ୍ପ୍ରସାରଣ ପ୍ରଭୃତି ବିଭିନ୍ନ ଆଳରେ ଗଛକଟା ଆଜି ପର୍ଯ୍ୟନ୍ତ ଚାଲିଛି। ଏପଟେ କୃଷି କ୍ଷେତ୍ର ମଧ ଧୀରେ ଧୀରେ କମିବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବଢ଼ିବା ସହ ଋତୁଚକ୍ରରେ ଅନିୟମିତତା ଦେଖାଗଲାଣି। ସାଧାରଣତଃ ବର୍ଷା ସମୟରେ ବଜ୍ରପାତ ହେଲେ ତାକୁ ତାଳଗଛ ଟାଣିନେଇଥାଏ ବୋଲି କୁହାଯାଏ। ଲୋପ୍ ପାଇବାକୁ ବସିଲେଣି। ଜିଲ୍ଲାରେ ବଜ୍ରାପାତଜନିତ ମୃତ୍ୟୁସଂଖ୍ୟା ବେଳକୁ ବେଳ ବୃଦ୍ଧି ପାଉଛି। ୫ ବର୍ଷରେ ଜିଲ୍ଲାରେ ବଜ୍ରପାତ ଯୋଗୁଁ ପ୍ରାୟ ୪୬ ଜୀବନ ଗଲାଣି। ଜିଲ୍ଲାରେ ବଜ୍ରାପାତଜନିତ ମୃତ୍ୟୁକୁ ରୋକିବାକୁ ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ତାଳଗଛ ବଜ୍ରପାତ ରୋକିବାରେ ବିଶେଷ ସହାୟକ ହେଉଛି ବୋଲି ବୈଜ୍ଞାନିକମାନେ ମତଦେବା ପରେ ସରକାର ବନ ବିଭାଗ ଜରିଆରେ ତାଳଗଛ ଲଗାଇବା ଆରମ୍ଭ କରିଛନ୍ତି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ତାଳଗଛ ଲଗାଯାଉଛି। ଖୋର୍ଦ୍ଧା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ପାଇଯିବାରୁ ବଜ୍ରପାତ ସିଧା ଭୂମିରେ ପଡୁଛି। ଯଦ୍ୱାରା ବିଲବାଡ଼ିରେ କାମ କରୁଥିବା କୃଷକ ଓ ଶ୍ରମିକମାନେ ଏହାର ଶିକାର ହେଉଛନ୍ତି। ବିଶେଷ କରି ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ବଜ୍ରପାତ ଯୋଗୁଁ ଅନେକ ଲୋକ ମୃତାହତ ହେଉଛନ୍ତି। ବଜ୍ରପାତ ମୁଖ୍ୟତଃ ଡେଙ୍ଗା ଗଛ ଯଥା- ତାଳ ଓ ନଡ଼ିଆ ଗଛ ଉପରେ ହୋଇଥାଏ। ପୂର୍ବରୁ ତାଳଗଛ ଯେ କେବଳ ବଜ୍ରପାତରୁ ରକ୍ଷା କରୁ ନ ଥିଲା ବରଂ ଏହାର ଫଳକୁ ଖାଦ୍ୟ ଓ ପାନୀୟ ଆକାରରେ ବ୍ୟବହାର କରାଯାଉଥିଲା। ତାଳଗଛର ବାହୁଙ୍ଗାକୁ ଛପର ଓ ଟୋକେଇ ତିଆରିରେ ବ୍ୟବହୃତ କରାଯାଇପାରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ରେ ସମସ୍ତ ରାଜ୍ୟ ଓ ଜାତୀୟ ରାଜପଥ, ଗ୍ରାମାଞ୍ଚଳ, ସଂରକ୍ଷିତ ଜଙ୍ଗଲ ଓ କ୍ଷେତରେ ତାଳଗଛ ଲଗାଇବାକୁ ଜଙ୍ଗଲ ବିଭାଗ ରାଜ୍ୟର ସମସ୍ତ ବନଖଣ୍ଡକୁ ଜଣାଇଥିଲା। ତାଳଗଛ ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ଅନେକାଂଶରେ ସହାୟକ ହେବ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ବଜ୍ରପାତଜନିତ ମୃତ୍ୟୁକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ପୂର୍ବତନ ରାଜ୍ୟ ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଛନ୍ତି। ଉଭୟ ଲୋକସଭା ଓ ରାଜ୍ୟସଭାରେ ଏନେଇ ସାଂସଦମାନେ ସ୍ୱର ଉଠାଇଥିଲେ ମଧ୍ୟ ଏଥିପ୍ରତି କେନ୍ଦ୍ର ସରକାର ଦୃଷ୍ଟି ଦେଇନାହାନ୍ତି।

# ଷ୍ଟେସନ୍‌ରୁ ୧୨ କେଜି ଗଞ୍ଜେଇ ଜବତ, ବେପାରୀ ଗିରଫ

ଜଟଣୀ,୨୭।୭ (ସମିସ): ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍‌ରୁ ଗଞ୍ଜେଇ ଜବତ କରିଛି ପୁଲିସ। ଘଟଣାରେ ଜଣେ ବେପାରୀକୁ ଗିରଫ କରାଯାଇଛି। ଅଭିଯୁକ୍ତ ବିହାର ରାଜ୍ୟର ଜିତେସ କୁମାର (୨୨)। ତା' ନିକଟରୁ ୧୨କେଜି ଗଞ୍ଜେଇ ଜବତ କରିଛି ପୁଲିସ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ଜିତେସ ବ୍ରହ୍ମପୁରରୁ ଗଞ୍ଜେଇ ଆଣି ଟ୍ରେନ୍ ଯୋଗେ ଦିଲ୍ଲୀ ନେଉଥିଲା। ଆର୍‌ପିଏଫ୍‌ର ଏଏସ୍‌ଆଇ ଅମିୟ କୁମାର ବେହେରା ଷ୍ଟେସନ୍ ଅଞ୍ଚଳରେ ଗଞ୍ଜେଇ ଧରି ବୁଲୁଥିବା ଜାଣିବାକୁ ପାଇ ଟିମ୍‌କୁ ଖବର ଦେଇଥିଲେ। ଟିମ୍ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ଯାଞ୍ଚବେଳେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପରେ ଅଧିକ ପଚରାଉଚରାବେଳେ ବ୍ରହ୍ମପୁରରୁ ଗଞ୍ଜେଇ ନେଇ ଦିଲ୍ଲୀ ଚାଲାଣ କରୁଥିବା ସ୍ୱୀକାର କରିଥିଲା। ଏ ନେଇ ଥାନାରେ ଏକ କେସ୍ ନଂ ୯୨/୨୫ରେ ମାମଲା ରୁଜୁ କରି ରବିବାର କୋର୍ଟ ଚାଲାଣ କରିଛି ପୁଲିସ।

# ବେଣାପଞ୍ଜରୀ ମସ୍‌ଜିଦ୍ ଛକରେ ବୋମାମାଡ଼; ନାବାଳକ ଆହତ

ଜଟଣୀ,୨୭।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀରେ ଶନିବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବୋମାମାଡ଼ ହୋଇଥିବାବେଳେ ଏଥିରେ ଜଣେ ନାବାଳକ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରୁଛି।

ଘଟଣାନୁଯାୟୀ, ବେଣାପଞ୍ଜରୀ ମସ୍‌ଜିଦ୍ ଛକ ଅଞ୍ଚଳରେ ବଣ୍ଟି ଓ କୁର୍‌ବାନ୍ ଦୁଇ ଗୋଷ୍ଠୀ ମଧ୍ୟରେ ଅନେକ ଦିନ ହେଲାଣି ବିବାଦ ଲାଗି ରହିଆସିଛି। ଗତ ଦୁଇଦିନ ପୂର୍ବେ କୌଣସି ଏକ ଘଟଣାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା ଓ ପରବର୍ତ୍ତୀ ସମୟରେ ସମାଧାନ ହୋଇଯାଇଥିଲା। ହେଲେ ଉଭୟ ଗୋଷ୍ଠୀ ମଧ୍ୟରେ ରାଗ କୁହୁଳୁଥିଲା। ଶନିବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ମସ୍‌ଜିଦ୍ ଛକରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ସଦସ୍ୟ ପ୍ରଥମେ ବୋମାମାଡ଼ କରିଥିଲେ। ଏହାପରେ ଅପରଗୋଷ୍ଠୀର ସଦସ୍ୟ ଗୋଟିଏ ବୋମାମାଡ଼ କରିଥିଲେ। ଏଥିରେ ଜଣେ ନାବାଳକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ ପୁଲିସ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ଅନ୍ୟପଟେ ବେଣାପଞ୍ଜରୀରେ ଗତ ଦୁଇ ମାସ ପୂର୍ବରୁ ଉଭୟ ଗୋଷ୍ଠୀ ମଧ୍ୟରେ ବୋମାମାଡ଼ ହୋଇଥିଲା। ହେଲେ ପୁଲିସ ଘଟଣାକୁ ହାଲ୍‌କା ଭାବେ ନେଇ ତଦନ୍ତକୁ ଆଗକୁ ନେଇ ନ ଥିଲା। ହେଲେ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଭାଇଗିରି ପାଇଁ ବାରମ୍ବାର ବୋମାମାଡ଼ ହେଉଛି। ଏଥିରେ ମୁଖ୍ୟ ଅଭିଯୁକ୍ତ କିଏ ପୁଲିସ ସବୁ ଜାଣେ। ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି ହେବା ପୂର୍ବରୁ ପୁଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।





■ ଖଣି ଉପରେ ପୁଲିସର ଚଢ଼ଉ

# ପଥରବୋଝେଇ ଟ୍ରକ୍ ଓ ପାୱାରଟିଲର ଜବତ

ନିରାକାରପୁର,୨୭।୭ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ଶନିବାର ବିଳମ୍ବିତ ରାତିରେ ପୁଲିସ ବୋଡଙ୍ଗରା ନିକଟରେ ବେଆଇନ ଖୋଳାଯାଉଥିବା ଖଣି ଉପରେ ଚଢ଼ଉ କରି ଗୋଟିଏ ପଥର ବୋଝେଇ ଟ୍ରକ୍ ଓ ଏକ ପାୱାରଟିଲର ଜବତ କରିଥିବା ଜଣାପଡ଼ିଛି। ପୁଲିସ ଚଢ଼ଉବେଳେ ଖଣିରେ ଥିବା ମାଫିଆମାନେ ଓ ଅନ୍ୟ ଗାଡ଼ିଗୁଡ଼ିକ ଫେରାର୍ ହୋଇଯାଇଥିଲା।





# ଗୋଦାବରୀଶ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ବାଣପୁର,୨୭।୭ (ସମିସ): ଓଡ଼ିଶାର ବରପୁତ୍ର ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଖ୍ୟାତନାମା ଶିକ୍ଷାନୁଷ୍ଠାନ ଗୋଦାବରୀଶ ମହାବିଦ୍ୟାଳୟର ୭୨ତମ ପ୍ରତିଷ୍ଠା ଉତ୍ସବ ସମାରୋହ ଦୁଇ ଦିନ ଧରି ଚାଲିଥିବାବେଳେ ରବିବାର ମହାବିଦ୍ୟାଳୟ ଅଡିଟୋରିୟମ୍ ହଲ୍‌ରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତ ଆବଶ୍ୟକତା ପୂରଣ ଦିଗରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବା ସହ ଛାତ୍ରଛାତ୍ରୀମାନଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ମହାବିଦ୍ୟାଳୟକୁ ଓଡ଼ିଶାରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ଯତ୍ନବାନ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ମିଳିତ ଉଦ୍ୟମ ରହିଲେ ଏହା ଏକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଣତ ହେବ ବୋଲି କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଣପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଓ ପୁରାତନ ଛାତ୍ର ସଂଘର ସଭାପତି ଜିତେନ୍ଦ୍ର ଭୋଳ ଯୋଗଦେଇ ମହାବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ +୨ ଓ +୩ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।




# ବୋର୍‌ୱେଲ୍ ଯନ୍ତ୍ରାଂଶ ଚୋରିକରି ୩ ଗିରଫ

ବେଗୁନିଆ,୨୭।୭ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ରାଧାକାନ୍ତପୁର ଗ୍ରାମର ଗୁରୁବାରି ସାହୁ ବିଲରେ ଚାଷ କାର୍ଯ୍ୟ କରିବା ପାଇଁ ବୋର୍‌ୱେଲ୍ କରିଥିଲେ। ତେବେ ଏହାର ଯନ୍ତ୍ରାଂଶକୁ କାଟି ଦୁର୍ବୃତ୍ତ ଚୋରିକରି ନେଇଥିବାର ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଏଥିରେ ଥାନା ପୁଲିସ ଏକ ଟିମ୍ ଗଠନ କରି ଅଭିଯୁକ୍ତକୁ ଧରିବା ପାଇଁ ଜାଲ ବିଛାଇଥିଲା। ଶେଷରେ ଗଡ଼ତରା ଗ୍ରାମର ମଧୁ ନାୟକ, ରବି ନାୟକ ଓ ପ୍ରସନ୍ନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମହିଳା ସଂଘର ଡାଇରିଆ ନିରାକରଣ ଅଭିଯାନ

ବାଲୁଗାଁ,୨୭।୭ (ସମିସ): ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ରୋଗ ବ୍ୟାପିବାରେ ଲାଗିଛି। ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସହ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ବାଲୁଗାଁ ଏନ୍‌ଏସିର ୪ନଂ ୱାର୍ଡ କାଉନ୍‌ସିଲର ସୁଜାତା ପଣ୍ଡା ଓ ୧ନଂ ୱାର୍ଡ କାଉନ୍‌ସିଲର ଅଭିମନ୍ୟୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳା ମହାସଂଘର ସଭାନେତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ଉଦ୍ୟମରେ ଏକ ଡାଇରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ମହିଳା ସାମିଲ୍ ହୋଇ ୧ନଂ ୱାର୍ଡର ଅଶୋକନଗର ଓ ୪ନଂ ୱାର୍ଡର ବିଦ୍ୟାଧରପୁର ଅଞ୍ଚଳରେ ଡାଇରିଆ ନିରାକରଣ ନିମନ୍ତେ ଲୋକଙ୍କୁ ସଚେତନ କରାଇଥିଲେ।



# ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

ଖୋର୍ଦ୍ଧା,୨୭।୭ (ସମିସ): ବର୍ଷା ହେଲେ ରାସ୍ତା ପାଲଟିଛି ମରଣଯନ୍ତା। ଅସରାଏ ବର୍ଷା ହେଲେ ରାସ୍ତାରେ ଜମୁଛି ଆଣ୍ଠୁଏ ଆଣ୍ଠୁଏ ପାଣି। ଯାତାୟାତ ଲାଗି ଯାତ୍ରୀ ହନ୍ତସନ୍ତ ହେଉଥିବାବେଳେ ପାଶ୍ୱର୍ ଡ୍ରେନ୍ ପୋତି ହେବା ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଦେଖାଯାଇଛି।

ପ୍ରକାଶ ଥାଉକି, ୧୬ନଂ ଜାତୀୟ ରାଜପଥର ତୋଟାପଡ଼ା ଛକଠାରୁ ଖୋର୍ଦ୍ଧା ସହରକୁ ପ୍ରବେଶ ପାଇଁ ଥିବା ସବ୍‌ରୋଡ୍ ବର୍ଷା ହେଲେ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଏହି ରାସ୍ତାରେ ଅସରାଏ ବର୍ଷା ହେଲେ ଜମି ରହୁଛି ଆଣ୍ଠୁଏ ବର୍ଷାଜଳ। ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀ। ଉକ୍ତ ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଯାଉଥିବାବେଳେ ଲୋକମାନେ ଖୋର୍ଦ୍ଧା ସହରକୁ ଏବଂ ରୋଗୀ ଧରି ଆମ୍ବୁଲାନ୍ସ ଖୋର୍ଦ୍ଧା ମେଡିକାଲକୁ ଆସିଥାଏ। ଯଦିଓ ରାସ୍ତାପାଶ୍ୱର୍ରେ ପାଣି ନିଷ୍କାସନ ଲାଗି ଡ୍ରେନ୍ କରାଯାଇଛି, ତଥାପି ଉକ୍ତ ଡ୍ରେନ୍ କିଛି ଅଂଶରେ ମାଟି ପୋତି ହେବାରୁ ସେଥିରେ ବର୍ଷା ପାଣି ଯାଉନଥିବା ଅଭିଯୋଗ ହେଉଛି। ସେହିପରି ନିକଟରେ ଥିବା ଦୋକାନୀମାନେ ଉକ୍ତ ଡ୍ରେନ୍‌କୁ ପୋତିଥିବା ମଧ୍ୟ ଅଭିଯୋଗ ହେଉଛି। କିଛି ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉକ୍ତ ରାସ୍ତା ଦେଇ ବର୍ଷା ସମୟରେ ଯାଉଥିବା ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଲୋକଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ରାସ୍ତା ପାଶ୍ୱର୍ ଡ୍ରେନ୍ ମରାମତି କରାଗଲେ ବର୍ଷାଜଳ ନିଷ୍କାସନ ହୋଇପାରନ୍ତା ଏବଂ ଲୋକମାନେ ସୁବିଧାରେ ଯିବାଆସିବା କରିପାରନ୍ତେ। ଏ ରାସ୍ତା ଉପରେ କେବେ ପ୍ରଶାସନର ଶୁଭ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା।



# ଚନ୍ଦରାପୁଟରେ ଶ୍ରୀସତ୍ୟସାଇ ନିର୍ଝରଣୀ ଲୋକାର୍ପିତ

ଚିଲିକା,୨୭।୭ (ସମିସ):

ଶ୍ରୀସତ୍ୟସାଇ ରାଜ୍ୟ ସେବା ସଂଗଠନ ଖୋର୍ଦ୍ଧା ଜିଲ୍ଲା ତରଫରୁ ଚିଲିକା ବ୍ଲକ୍ ଅନ୍ତର୍ଗତ ଅଠରବାଟିଆ ପଞ୍ଚାୟତର ଚନ୍ଦରାପୁଟଠାରେ ଥିବା ଶ୍ରୀଶ୍ରୀ ବାଳମୁକୁନ୍ଦଦେବଙ୍କ ମନ୍ଦିର ପରିସରରେ ଶ୍ରୀସତ୍ୟସାଇ ନିର୍ଝରଣୀ ଲୋକାର୍ପିତ ହୋଇଯାଇଛି। ଏହାକୁ ଲୋକାର୍ପଣ କରିଥିଲେ ରାଜ୍ୟ ସେବା ସଂଯୋଜକ ରମାକାନ୍ତ ଦାଶ। ନିର୍ଝରଣୀ ଲୋକାର୍ପିତ ହେବା ପୂର୍ବରୁ ଦିବ୍ୟଜ୍ୟୋତି ଆବାହନ, ବେଦପାଠ, ଭଜନ, ସାଇ ଗଙ୍ଗା ମାତାଙ୍କୁ ଆବାହନ ଓ ପୂଜାର୍ଚ୍ଚନା କରାଯିବା ସହ ଗ୍ରାମ ପୁରୋଧାମାନଙ୍କୁ ଉତ୍ତରୀୟ ପ୍ରଦାନ, ଜଣେ ଅସହାୟ ବ୍ୟକ୍ତିଙ୍କୁ ଅମୃତ କଳସ ପ୍ରଦାନ, ପ୍ରେମତରୁ ରୋପଣ ଓ ବସ୍ତ୍ର ପ୍ରଦାନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ମିଶ୍ର, ଜିଲ୍ଲା ସେବା ଦଳ ସଂଯୋଜକ ରାଜ କିଶୋର ଭୋପା, ମହିଳା ସେବା ସଂଯୋଜକ ମଞ୍ଜୁଲତା ମହାପାତ୍ର, ଆଧ୍ୟାତ୍ମିକ ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ଯୁବ ସଂଯୋଜକ ସଂଗ୍ରାମ କେଶରୀ ସେଠୀ, ବାଣପୁର ସମିତି ଆବାହକ ବିଭୂତି ଭୂଷଣ ଘଡ଼େଇ, ବାଲୁଗାଁ ଭଜନ ମଣ୍ଡଳୀ ଆବାହକ ସୁରେନ୍ଦ୍ର ନାଥ ବେହେରା ଓ ନାରୁଣୀ ଭଜନ ମଣ୍ଡଳୀ ଆବାହକ ଦିଲ୍ଲୀପ କୁମାର ଶତପଥୀ, ଚନ୍ଦରାପୁଟ ଗ୍ରାମର ସଭାପତି ଓ ଗ୍ରାମବାସୀମାନେ ଯୋଗଦେଇଥିବା ବେଳେ ବାଣପୁର ସମିତି, ବାଲୁଗାଁ ଭଜନ ମଣ୍ଡଳୀ ଓ ନାରୁଣୀ ଭଜନ ମଣ୍ଡଳୀର ସାଇଆଶ୍ରିତମାନେ ଯୋଗଦେଇଥିଲେ।



### ଧାନ ସଂଗ୍ରହ ପ୍ରକ୍ରିୟା ସରିବାର ୪ ମାସ ପରେ ବି ଚାଷୀଙ୍କୁ ମିଳିଲାନି ଅଖା ଅର୍ଥ

# ପ୍ରଶାସନର ନିଷ୍କ୍ରିୟତାକୁ ଦାୟୀ କଲା ନବନିର୍ମାଣ କୃଷକ ସଂଗଠନ

ଜଗତସିଂହପୁର,୨୭।୭(ସମିସ)

ଜଗତସିଂହପୁର ଜିଲ୍ଲାରେ ୨୦୨୪-୨୫ ଖରିଫ ବର୍ଷରେ ଧାନବିକ୍ରି ପାଇଁ ୪୭,୭୩୬ ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫,୭୪୨ ଚାଷୀଙ୍କଠାରୁ ୩୦ ଜଣ ମିଲର ମାଧ୍ୟମରେ ୧୭ ଲକ୍ଷ ୧୫ ହଜାର ୧୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଏହି ଧାନ ସଂଗ୍ରହ ପ୍ରକ୍ରିୟା ଗତ ମାର୍ଚ୍ଚ ୩୧ ତାରିଖଠାରୁ ଶେଷ ହୋଇଥିବାବେଳେ ଦୀର୍ଘ ୪ ମାସ ବିତିବାକୁ ବସିଲାଣି, ଏ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ରର କର୍ତ୍ତୃପକ୍ଷ ଚାଷୀଙ୍କୁ ଝୋଟ ଅଖା ବାବଦ ଅର୍ଥ ପ୍ରଦାନ କରି ନ ଥିବାରୁ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଚାଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ବର୍ଷ ବର୍ଷ ଧରି ସଂଗ୍ରାମ ଜାରି ରଖିଥିବା ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ-ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଏ ସଂପର୍କିତ ଏକ ଦାବିପତ୍ର ଗତ ମେ ୨୩ ତାରିଖରେ ଜିଲ୍ଲାପାଳଙ୍କୁ ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପରେ ଗତ ଜୁନ୍ ୧୦ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ସମବାୟ ସମିତି ସମୂହର ଉପ-ନିବନ୍ଧକଙ୍କ ଉପସ୍ଥିତିରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେହିଦିନ ଚିଠି ନମ୍ବର ୭୪୭/୨୫ରେ ସମସ୍ତ ଧାନସଂଗ୍ରହ କେନ୍ଦ୍ରର ଅଧିକାରୀ ଓ ସମ୍ପାଦକଙ୍କୁ ଚାଷୀଙ୍କୁ ଅଖା ବାବଦ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଦ୍ୟାବଧି ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବାବେଳେ ଚାଷୀଙ୍କ ଅଖା ବାବଦକୁ ପ୍ରାୟ ୩୦ ଲକ୍ଷ ଟଙ୍କା ମିଲର ପ୍ରଦାନ କରି ନ ଥିବା ଅଭିଯୋଗ କରିଛନ୍ତି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ଶ୍ରୀ ସ୍ୱାଇଁ। ଏହି ଅଭିଯୋଗ ଅନୁସାରେ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ର ବା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନକ୍ରୟ ପ୍ରକ୍ରିୟା ଚାଲିଥିବାବେଳେ ଝୋଟ ଅଖା ପ୍ରଦାନ କରାଗଲାନାହିଁ। ଫଳରେ ଚାଷୀ ଖୋଲା ବଜାରରୁ ଅଧିକ ଦାମରେ ଅଖା କିଣିବାକୁ ବାଧ ହୋଇଥିଲେ। ନିୟମ ଅନୁସାରେ ଧାନସଂଗ୍ରହ ଦାୟିତ୍ୱରେ ଥିବା ଅଧିକାରୀ ଏହି ଅଖା ବାବଦ ଅର୍ଥ ସମ୍ପୃକ୍ତ ଚାଷୀଙ୍କୁ ପ୍ରଦାନ କରିବା କଥା। କିନ୍ତୁ ଧାନ ସଂଗ୍ରହ ସରିବାର ୪ ମାସ ବିତିବାକୁ ବସିଥିଲେ ମଧ୍ୟ ଅନେକ ଚାଷୀ ଉକ୍ତ ଅର୍ଥ ପାଇବାରୁ ବଞ୍ଚିତ ଅଛନ୍ତି। ଯାହାକି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ବୈମାତୃକ ମନୋଭାବକୁ ସୂଚାଉଛି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ କାହିଁକି ସଠିକ୍ ସମୟରେ ଅଖା ଦିଆଗଲା ନାହିଁ, ତାହାର ଅନୁସନ୍ଧାନ କରି ଦାୟିତ୍ୱରେ ଅବହେଳା କରିଥିବା ମିଲର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ତୁରନ୍ତ ଚାଷୀଙ୍କ ଅଖା ବାବଦ ବକେୟା ଅର୍ଥ ସେମାନଙ୍କୁ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଜିଲ୍ଲା ସମବାୟ ସମିତି ସମୂହର ଉପନିବନ୍ଧକ ପ୍ରଭାତ ଶତପଥୀଙ୍କ କହିଛନ୍ତି, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମିଲରଙ୍କୁ ଅଖା ବାବଦ ଅର୍ଥ ପ୍ରଦାନ ପାଇଁ ଚିଠି କରାଯିବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯଦି ସେମାନେ ଏହି ଅର୍ଥ ପ୍ରଦାନ ନ କରନ୍ତି, ସେମାନଙ୍କ ବ୍ୟାଙ୍କ ଗ୍ୟାରେଣ୍ଟି ଜମା ଅର୍ଥରୁ ଏହାକୁ ଭରଣା କରାଯିବ ବୋଲି ଶ୍ରୀ ଶତପଥୀ ସୂଚନା ଦେଇଛନ୍ତି।

## ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଆନ୍ତଃବିଦ୍ୟାଳୟ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା



ପାରାଦୀପ,୨୭।୭(ସମିସ): ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉପଲକ୍ଷେ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆନ୍ତଃବିଦ୍ୟାଳୟ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଟ୍ରଷ୍ଟର ଅଧ୍ୟକ୍ଷ ଅରୁଣ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ତୈଳ ନିଗମ ପାଇପ ଲାଇନ ବିଭାଗର ମାନବ ସମ୍ବଳ ଅଧିକାରୀ ଲୀଳାଦ୍ରୀ ସାହୁ ଯୋଗଦେଇ ଟ୍ରଷ୍ଟ ଦ୍ୱାରା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ସମ୍ମାନିତ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ମୁଖ୍ୟ ପରାମର୍ଶଦାତା ଗଗନ ବିହାରୀ ସାହୁ, ଆଇନ ପରାମର୍ଶଦାତା ଆଡଭୋକେଟ କୈଳାସ ସାହୁ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଶାନ୍ତ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଉକ୍ତ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତାରେ ପାରାଦୀପରେ ଥିବା ୨୦ଟି ସରକାରୀ ଓ ବେସରକାରୀ ସ୍କୁଲର ୨୭୭ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଗବେଷିକା ଡ଼ଃ ବିଦ୍ୟୁତ୍‌ଲତା ଚୌଧୁରୀ ପୁରସ୍କୃତ କରିବେ। ପ୍ରତିଯୋଗିତାରେ ବିଚାରକ ଭାବେ ନୃତ୍ୟଗୁରୁ ଶୁଭଶ୍ରୀ ବେଉରା, ଅମ୍ବାରିକା ସୂତାର, ସୋନାଲି ଗୋପେ, ସୁଶ୍ରୀ ନରେନ୍ଦ୍ର, ନମିତା ନାୟକ, ରିତା ସିକଦାର ଯୋଗ ଦେଇଥିଲେ। ଟ୍ରଷ୍ଟ ନୃତ୍ୟ ବିଭାଗ ନୃତ୍ୟଗୁରୁ ସ୍ମୃତିକାନ୍ତ ଶର୍ମା ପରିକଳ୍ପନା କରିଥିବାବେଳେ ଉପାଧ୍ୟକ୍ଷ ହରିଶ୍ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ସ୍ୱାଇଁ, ସଂଗଠନ ସମ୍ପାଦକ ଜଗବନ୍ଧୁ ସ୍ୱାଇଁ, ସହସମ୍ପାଦକ ଜଗନ୍ନାଥ ଶତପଥୀ, ପ୍ରଶାନ୍ତ ରାଉତ, ସୁଦର୍ଶନ ବିଶ୍ୱାଳ, ପ୍ରଭାତ ମହାପାତ୍ର, ଜିତେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲ୍ଲା ଫଟୋ ଓ ଭିଡିଓ ଟ୍ରେଡ଼ର୍ସ ଆସୋସିଏସନର ବୈଠକ



ଜଗତସିଂହପୁର,୨୭।୭(ସମିସ): ଜଗତସିଂହପୁର ଜିଲ୍ଲା ଫଟୋ, ଭିଡିଓ ଗ୍ରାଫିକ ଟ୍ରେଡ଼ର୍ସ ଆସୋସିଏସନର "ଶ୍ରାବଣେ ବନ୍ଧୁମିଳନ" କାର୍ଯ୍ୟକ୍ରମ ସହ ସାଂଗଠନିକ ବୈଠକ ବିଭୂତି କ୍ଷେତ୍ର ବାବା ଗୋରେଖନାଥଙ୍କ ପୀଠରେ ସଭାପତି ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଓ ପୌର ପରିଷଦରୁ ଶତାଧିକ ଫଟୋଗ୍ରାଫର ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଅତିଥି ଭାବେ କଟକ ଆସୋସିଏସନର ସଭାପତି ସୁଜିତ ମିଶ୍ର, ରାଜ୍ୟ ଫଟୋଗ୍ରାଫର ମହାସଂଘର ଉପଦେଷ୍ଟା ସଚ୍ଚିଦାନନ୍ଦ ବେହେରା, କୋଷାଧ୍ୟକ୍ଷ ସାଏଦ ଜାଭେଦ ପ୍ରମୁଖ ଯୋଗଦେଇ ଫଟୋଗ୍ରାଫରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାକୁ ୮ ଟି ଜୋନରେ ବିଭକ୍ତ କରାଯାଇ କୋ-ଅଡିନେଟର ଓ ଜୋନ ସଭାପତିଙ୍କୁ ନିୟୋଜିତ କରାଗଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଶୁଭଙ୍କର ଜେନା, ସାଂଗଠନିକ ସମ୍ପାଦକ ବାସୁଦେବ ସ୍ୱାଇଁ, କୋଷାଧ୍ୟକ୍ଷ ଅତନୁ ସ୍ୱାଇଁ, ସହସମ୍ପାଦକ ଗଗନ ମଲ୍ଲିକ, ରୂପେଶ ବାରିକ, ନିତ୍ୟାନନ୍ଦ ସାହୁ, ସଞ୍ଜୟ ପାତ୍ର, ଉପସଭାପତି ନରେନ୍ଦ୍ର ସ୍ୱାଇଁ, ପ୍ରମୋଦ ବିଶ୍ୱାଳ, ଲାଲା ସଂଗ୍ରାମ କେଶରୀରାୟ, ଜିତେନ୍ଦ୍ର ପ୍ରଧାନ, ବାସୁଦେବ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଗାମୀ ଦିନରେ କିଭଳି ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଓ ସେପ୍ଟେମ୍ବର ୧୯ ତାରିଖରେ ଭୁବନେଶ୍ୱରରେ ପିଏମଓ ପକ୍ଷରୁ ହେଉଥିବା ଫଟୋ ଫେୟାରରେ ସମସ୍ତ ସଦସ୍ୟ ଯୋଗଦେଇ ସଫଳ କରିବା ପାଇଁ ସ୍ଥିର କରାଗଲା। ସୁଧାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମି ବିକାଶ ଯୋଜନା

## କମ୍ପାନୀ ସିଏସ୍‌ଆର ଫଣ୍ଡରୁ ଅର୍ଥ ମଞ୍ଜୁର ପାଇଁ ଚିଠି




ଜଗତସିଂହପୁର,୨୭।୭(ସମିସ): ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ବିକାଶ ଓ ଆବଶ୍ୟକୀୟ ଉପକରଣ ପାଇଁ କମ୍ପାନୀ ସିଏସ୍‌ଆର ଫଣ୍ଡ ପ୍ରଦାନର ବ୍ୟବସ୍ଥା କରିବାକୁ ସଦର ବିଧାୟକ ଅମରେନ୍ଦ୍ର ଦାସ ଗତ ୨ ତାରିଖରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଏଥିସହିତ ଜଗତସିଂହପୁର ସଦର ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଆବଶ୍ୟକ ଥିବା ସ୍ଥାନରେ ଥଣ୍ଡା ପାନୀୟ ପ୍ରକଳ୍ପ ବସାଇବା ଓ ଗ୍ରାମାଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ ମଧ୍ୟ ସିଏସ୍‌ଆର ଫଣ୍ଡରୁ ଅର୍ଥ ମଞ୍ଜୁର ପାଇଁ ବିଧାୟକ ଶ୍ରୀ ଦାସ ଉକ୍ତ ଚିଠିରେ ଅନୁରୋଧ କରିଥିଲେ। ଏହାକୁ ବିଚାରକରି ପ୍ରଥମ ଦଫାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଣ ଓ ଭିତ୍ତିଭୂମି ବିକାଶ ନିମନ୍ତେ କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଏସ୍‌ଆର) ଫଣ୍ଡରୁ ୧ କୋଟି ୭୨ ଲକ୍ଷ ୬୫ ହଜାର ଟଙ୍କା ମଞ୍ଜୁର କରିବା ପାଇଁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠି କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ସି-ଆର୍ମ ମେସିନ, ଭିଡିଓ ଲାପ୍ରୋସ୍କୋପିକ୍ ସେଟ୍, ଦନ୍ତ ଏକ୍ସରେ, ପୋର୍ଟେବୁଲ ଅଲଟ୍ରାସାଉଣ୍ଡ ମେସିନ, ବିଲିରୁବିନୋମିଟର, ମଲ୍ଟିପାରା ମନିଟର, ଡାଏଟ୍ ଟ୍ରଲି, ସ୍ୱାସ୍ଥ୍ୟ ବାର୍ତ୍ତା ପ୍ରଦର୍ଶନ ପାଇଁ ଏଲଇଡି ଟିଭି, ରଙ୍ଗୀନ ଉପଲର ସହିତ ପୋର୍ଟେବୁଲ ୟୁଏସ୍‌ଜି, ଆର୍ଦ୍ରତା ଓ କଣିକା ବାୟୁର ଅନ୍ୟ ପାରାମିଟର, ଏୟାର ପ୍ୟୁରିଫାୟାର ଓ ୧୨୫ କେଭି ଡିଜି ସେଟ୍ ଆବଶ୍ୟକତା ଥିବା ଦର୍ଶାଯାଇଛି।

## ପାରାଦୀପଗଡ଼ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

ପାରାଦୀପ,୨୭।୭(ସମିସ): ଜଗତସିଂହପୁର ଜିଲ୍ଲାର ପାରାଦୀପଗଡ଼ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଦ୍ୱିତୀୟଥର ସରପଞ୍ଚ ଭାବେ ଦାୟିତ୍ୱ ନେବା ପରେ ପଞ୍ଚାୟତର ସର୍ବାଙ୍ଗୀନ ପାଇଁ ଲାଗିପଡିଛନ୍ତି। ପଞ୍ଚାୟତରେ ଥିବା ସମସ୍ତ ୧୧ଟି ରାଜସ୍ୱ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ଭାଗବତ ଟୁଙ୍ଗି, ଯୁବକ ସଂଘ, ମହିଳା ସମିତି, ଖେଳ ପଡିଆ, କୋଠଘର, ସମ୍ମାନଗୃହ, ଅମୃତ



ସରୋବର ଆଦି ବିକାଶମୂଳକ କାର୍ଯ୍ୟକ୍ରମ ଶତକଡା ୮୦ ଭାଗ ସରିଗଲାଣି। ଏହି ପଞ୍ଚାୟତର ସମ୍ପଦ ସ୍ୱାଇଁ ମନ୍ତ୍ରୀ ହେବା ପରେ ପଞ୍ଚାୟତର ବିକାଶ ଦ୍ୱିଗୁଣିତ ହୋଇଛି। ପାରାଦୀପଗଡ ପଞ୍ଚାୟତରେ ୱାର୍ଡନଂ ୫ ଓ ୬ରେ ଜଳନିଷ୍କାସନ ପାଇଁ ପାଇପ୍‌ଲାଇନ୍ ଡ୍ରେନ ନିର୍ମାଣ ହେବା ଦ୍ୱାରା ବହୁ ଦିନର ସମସ୍ୟା ଦୂର ହୋଇପାରିଛି। ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ସେହିପରି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚୂନବେଲାରି ଗ୍ରାମରେ ମା' କେନ୍ଦୁଆଣି ମନ୍ଦିର ପୀଠରେ ଆନନ୍ଦ ବଜାର, ଭୋଗ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଦେବଦୁର୍ଲଭ କର, ଶୁକଦେବ ତରାଇ, ଲିପୁନ ବେହେରା, ବାପିନା ପଣ୍ଡା, ଫୁଲ ସାହୁ, ଲୋକନାଥ ବେହେରା, ୱାର୍ଡସଭ୍ୟା ନଳିନୀପ୍ରଭା ସାହୁ, ବିଚିତ୍ର ପ୍ରଧାନ, ସତ୍ୟଭମା ସ୍ୱାଇଁ, ରେବତୀ ସ୍ୱାଇଁ, ଚନ୍ଦ୍ରକାନ୍ତ ସ୍ୱାଇଁ, ଟିଂକି ଜେନା, ସଚ୍ଚିଦାନନ୍ଦ ମହାପାତ୍ର, କଳ୍ପନା ଦାସ, ସଙ୍ଗୀତା ବେହେରା, ସୁଜାତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକ ଶଶୀଭୂଷଣ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଏରସମା,୨୭।୭(ସମିସ): ଏରସମା ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନ ରାଧାପଦ୍ମ ଉପ୍ରା ବିଦ୍ୟାଳୟ ଜିରୋଇଲୋର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶିଭୂଷଣ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଛାତ୍ରଛାତ୍ରୀ, ପୁରାତନ ଛାତ୍ର ସଂସଦ, ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ଶିକ୍ଷକ ନେତା ଲୋକନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ



ଏରସମା ବ୍ଲକ୍ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲିକ, ବିଶିଷ୍ଟ ବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷଧିକାରୀ ଲିୟାକତ ଅଲ୍ଲୀ ଖାଁ, କଂଗ୍ରେସ ବ୍ଲକ୍ ସଭାପତି ବହ୍ଲବାନନ୍ଦ ସ୍ୱାଇଁ , ଜିରୋଇଲ ସରପଞ୍ଚଙ୍କ ପ୍ରତିନିଧି ଅଭିଜିତ ସାହୁ, ସମିତି ସଭ୍ୟ ରଘୁନାଥ ସ୍ୱାଇଁ, ସିଆରସିସି ସ୍ମୃତିପ୍ରଜ୍ଞା ମହାପାତ୍ର ଯୋଗ ଦେଇ ଶଶୀ ସାରଙ୍କୁ ଏ ପଞ୍ଚାୟତର ସମସ୍ତ ଜନସାଧାରଣ, ଛାତ୍ରଛାତ୍ରୀ ଝୁରିବେ ବୋଲି ମତ ଦେଇଥିଲେ। ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ପ୍ରକାଶ ସ୍ୱାଇଁ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନେତୃମଣ୍ଡଳୀ, ଶିକ୍ଷକ ନେତା ଦିବ୍ୟଜୀବନ ବେହେରା, ପ୍ରଧାନଶିକ୍ଷକ ଶିବଚରଣ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଦେବ ପ୍ରସାଦ ମଲ୍ଲିକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସଭାପତି ଆରତୀ ଦାସ ଓ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସାରଦା ପ୍ରସନ୍ନ ଖଟୁଆ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଗ୍ରାମାଲୋକ କାର୍ଯ୍ୟକ୍ରମ




କୁଜଙ୍ଗ,୨୭।୭(ସମିସ): କରତୁଠାସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ କେନ୍ଦ୍ରସାହିତ୍ୟ ଏକାଡେମୀ ଓ କୁଜଙ୍ଗର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଶିକ୍ଷା ଅନୁଷ୍ଠାନ ମେଘମହ୍ଲାର ମିଳିତ ଆନୁକୂଲ୍ୟରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ ମେଘମହ୍ଲାର ସଭାପତି କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୬ ଜଣ ସାହିତ୍ୟିକ ଏକାଡେମୀ ଦ୍ୱାରା ନିମନ୍ତ୍ରିତ ହୋଇ ସ୍ୱଲିଖିତ ଗଳ୍ପ, କବିତା ପାଠ କରିଥିଲେ। ସନ୍ତୋଷ ସାମଲ 'ଛୋଟା ସାରଙ୍କ ଚାହାଳୀ', ଦୀପ୍ତି ଖଣ୍ଡୁଆଳ 'ଏତଲାକାରୀ', ରଘୁନାଥ ସାହୁ 'ଆଇନା', ପୀତାମ୍ବର ତରାଇ 'ରାମଚନ୍ଦ୍ର ମହାନ୍ତିଙ୍କ ରଚନା ସମଗ୍ର' ଆଲୋଚନା, ପ୍ରଭାତୀ ମାଝୀ 'ଅଳକା ସାନ୍ୟାଲ' କବିତା ଓ କେଶବ ଚନ୍ଦ୍ର ଦଳାଇ 'ଓଡ଼ିଆ କାବ୍ୟ କବିତାରେ ମାନବବାଦ' ପ୍ରବନ୍ଧ ପାଠ କରିଥିଲେ। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାତୃ ବନ୍ଦନା ଗାନ କରିଥିଲେ। ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜୟ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଲେଖକ, କବି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ମୃତ୍ୟୁଞ୍ଜୟ ଜୟସିଂହ, ରମେଶ ବେହେରା, ଜୟନ୍ତୀ କୁମାରୀ ଦାସ, ଅଞ୍ଜନା ନାୟକ, ଗୌରହରି ବାରିକ, ଆଶିଷ ପରିଜା, ନାରାୟଣ ନାୟକ, ଜଇରାମ ସାହାଣୀ, ମାନଗୋବିନ୍ଦ ପ୍ରଧାନ, କନକଲତା ବାରିକ, ରବୀନ୍ଦ୍ର ନାଥ ଚୌଧୁରୀ, ସରୋଜିନୀ ମିଶ୍ର, ମମତା ସାହୁ, ଶୁଭେନ୍ଦୁ ଚୌଧୁରୀ, ଗୀତା ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସସ୍ମିତା ନାୟକ ସୁଗମ ସଙ୍ଗୀତ ଗାନ କରିଥିଲେ।

## ମାନସିକ ବିକାରଗ୍ରସ୍ତ ଯୁବକ ନିଖୋଜ



ବିରିଡ଼ି, ୨୭।୭(ସମିସ): ବିରିଡ଼ି ଥାନା ଅନ୍ତର୍ଗତ ହାଜିପୁର ପାତ୍ର ସାହିର ମାନସିକ ବିକାରଗ୍ରସ୍ତ ଯୁବକ ରବି କାଷ୍ଠ ନିଖୋଜ ହୋଇଯାଇଛନ୍ତି।୨୩ ତାରିଖ ଦିନ ସେ ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ପରିବାର ଲୋକେ ବହୁ ଖୋଜି କରି ନିରାଶ ହୋଇପଡ଼ିଲେଣି। ରବି ପାଖରେ ରଖିଥିବା ମୋବାଇଲ ଫୋନକୁ ପରିବାରଲୋକେ ଫୋନ କରିବାରୁ ୪୨ ମୌଜା ବେଣ୍ଟକାରରେ ଥିବା ନେଟ୍‌ୱାର୍କରୁ ଜଣାପଡ଼ିଛି। ରବି ୪୨ ମୌଜା ଆଖପାଖ ଅଞ୍ଚଳରେ ଥାଇପାରନ୍ତି। ଯଦି କେହି ସମ୍ପୃକ୍ତ ନିଖୋଜ ଯୁବକଙ୍କ ସନ୍ଧାନ ପାଆନ୍ତି, ତେବେ ପରିବାର ଲୋକଙ୍କ ମୋବାଇଲ ନମ୍ବର ୯୯୩୭୯ ୨୩୮୪୨, ୯୭୭୬୮ ୮୧୯୨୬ରେ ଯୋଗାଯୋଗ କରିବାକୁ ତାଙ୍କ ପତ୍ନୀ ଅନୁରୋଧ କରିଛନ୍ତି।

## ଅଠରବାଙ୍କୀ ବ୍ରିଜ୍ ଉପରେ ଶୋଇଥିବା ଯୁବକଙ୍କୁ ନେଇ ସନ୍ଦେହ



ପାରାଦ୍ୱୀପ, ୨୭।୭(ସମିସ): ଗତ କିଛି ମାସ ଧରି ଜଣେ ଅଜଣା ଯୁବକ ଅଠରବାଙ୍କୀ ରେଲୱେ ଓଭରବ୍ରିଜ ଉପରେ ରାତିରେ ଶୋଉଛି। ଏ ସମ୍ପର୍କରେ କିଛି ଗଣମାଧ୍ୟମ ପ୍ରତିନିଧି ଅନୁସନ୍ଧାନ କରିବା ପାଇଁ ଗତକାଲି ରାତି ୧୦ଟା ସମୟରେ ଯୁବକଙ୍କୁ ଭେଟି ପରିଚୟ ପଚାରିଥିଲେ। ସୁସ୍ଥ, ସବଳ ଦେଖାଯାଉଥିବା ଯୁବକ ଓଡ଼ିଆ ବୁଝି ପାରିଲେ। କିନ୍ତୁ କୌଣସି ଉତ୍ତର ଦେଲେନାହିଁ। ସେ ମୂକ ନୁହଁନ୍ତି ବାଲି ମନେ ହେଲା। ହାତରେ ଶଙ୍କର ଲେଖାଅଛି। ଏହାବ୍ୟତୀତ କୌଣସି ପରିଚୟପତ୍ର ମିଳିଲା ନାହିଁ। ଘର କେଉଁଠି, କାହିଁକି ବର୍ଷା ରାତିରେ ଫୁଟପାଥ ଉପରେ ଶୋଉଛି, ଏ ସମ୍ପର୍କରେ ଯେତେ ପଚାରିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ତାଙ୍କ ନିକଟରେ ଗୋଟିଏ ଭାରତ ମ୍ୟାପର ପ୍ରିଣ୍ଟ ଥିଲା। ସେଥିରେ ଭାରତର ସବୁ ରାଜ୍ୟ ଓ ରାଜଧାନୀ ନାମ ଇଂରାଜୀରେ ଲେଖା ଥିଲା। ଏ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନା ଅଧିକାରୀ ଶ୍ରୀ କାବୁଲି ବାରିକଙ୍କୁ ସୂଚନା ଦିଆଯାଇଛି। ଉକ୍ତ ଅଜଣା ଯୁବକ ସମ୍ପର୍କରେ ସଠିକ ତଥ୍ୟ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଇଛି।

## 'ପାଉଁଶ ମାଗୁଛି ନିଆଁ' ମଞ୍ଚସ୍ଥ

ମଣିଜଙ୍ଗା,୨୭।୭(ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତର ବେଲକୂଳଠାରେ ମା' ଶାରଳା ଡ୍ରାମାଟିକ୍ କ୍ଲବ୍ ପକ୍ଷରୁ ଏ ବର୍ଷର ଯୁଗୋପଯୋଗୀ ନାଟକ 'ପାଉଁଶ ମାଗୁଛି ନିଆଁ' ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ଯୁବ ନାଟ୍ୟକାର ରମାକାନ୍ତ ନାଥ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଖୁଲୁ, ବାବୁ, ସୋନୁ, ଗୁଡି, ପପୁ, ରବି, ଆଦର୍ଶ, ଅଚ୍ୟୁତ, ବୁବୁନା, ସନ୍ତୋଷ, ସାଜନ, ପ୍ରଭାତ, ନୃସିଂହ, କାଳିଆ, ହାସ୍ୟ ଅଭିନେତା ଲିଟନ ଓ ଶଙ୍କରା ପ୍ରମୁଖ ଅଭିନୟ କରିଥିଲେ। ନିରୁଭାଇ ଓ ଜଗାଭାଇ ନାଟ୍ୟ ପରିଚାଳନା କରିଥିଲେ। ବଡିଲୋ ଓ ଅଇବିଲି ଗ୍ରାମ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ସିପିଆଇର ଜୋନ୍‌ସ୍ତରୀୟ ସମ୍ମିଳନୀ



ବିରିଡ଼ି, ୨୭।୭(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବିରିଡି ଆଞ୍ଚଳିକ କମିଟି ପକ୍ଷରୁ ରବିବାର ଅଲାଣ୍ଡୋ ମା' ଜାଗୁଳାଇଙ୍କ ପ୍ରାଙ୍ଗଣରେ ୨୪ତମ ଜୋନ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗୌରାଙ୍ଗ ବୋଷ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ଡ଼ଃ ପ୍ରଶାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ ଶଶୀଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିନୋଦ ବେହେରା, ଅଜୟ ବେହେରା, ସୁଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ କମ୍ୟୁନିଷ୍ଟ ନେତା ତ୍ରୈଲୋକ୍ୟ ଜେନାଙ୍କ ଦ୍ୱାରା ଲାଲ ପତାକା ଉତ୍ତୋଳନ କରାଯିବା ସହ ଲାଲ ସଲାମ ଦେବା ପରେ ସଭା ଆରମ୍ଭ ହୋଇଥିଲା। କମ୍ରେଡ ନାରାୟଣ ଭୋଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ତ୍ରୈଲୋକ୍ୟ ଜେନା ଓ ଅନ୍ୟମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପାର୍ଟିର କେତେକ ଦିବଂଗତଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ପାର୍ଟିର ଆଜୀବନ ସଭ୍ୟ ଲକ୍ଷ୍ମଣ ଭୋଇ ଓ ରାଜକିଶୋର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାର୍ଟି ସାଧାରଣ ଚାଷୀ, ମୂଲିଆ, ଖଟିଖିଆଙ୍କ ମୁକ୍ତି ପାଇଁ ସାରା ବିଶ୍ୱରେ ଲଢେଇ ଜାରି ରଖିଛି। ବିଶ୍ୱ ପୁଞ୍ଜିବାଦୀ ନିଜକୁ ବଞ୍ଚାଇବା ପାଇଁ ସନ୍ତ୍ରାସବାଦ ତିଆରି କରିବା ସହିତ ଯୁଦ୍ଧ ସୃଷ୍ଟି କରିଚାଲିଛନ୍ତି। ଆମେରିକା ଓ ଇଂଲଣ୍ଡ ଭଳି ରାଷ୍ଟ୍ର ଏସବୁର ସୃଷ୍ଟିକାରୀ ଅଟନ୍ତି। ଭାରତବର୍ଷର ବର୍ତ୍ତମାନ ସରକାର ଏମାନଙ୍କର ଗୋଡାଣିଆ ହୋଇଯାଇଛି। ଦେଶର ଜାତୀୟ ସମ୍ପତ୍ତିକୁ ଦେଶୀ ଓ ବିଦେଶୀ ବ୍ୟବସାୟୀଙ୍କ ହାତରେ ଟେକି ଦେଉଛି। ଦେଶ ଓ ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ବଢି ଚାଲିଛି। ଶିକ୍ଷା, କୃଷି, ସ୍ୱାସ୍ଥ୍ୟକୁ ମଧ୍ୟ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯାଉଛି। କମ୍ୟୁନିଷ୍ଟ ପାର୍ଟି ଏହାର ତୀବ୍ର ବିରୋଧ କରିବା ସହିତ ଶହେ ବର୍ଷ ଧରି ଲଢେଇ ଜାରି ରଖିଛି। ଆଗାମୀ ଦିନରେ ଏହି ଲଢେଇ ଜାରି ରହିବ ବୋଲି ଅତିଥିମାନେ କହିଥିଲେ। ଶେଷରେ ନିର୍ବାଚନ କରାଯାଇ ବିରିଡି ଜୋନର ୧୩ ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ଜୋନାଲ ସମ୍ପାଦକ ଭାବେ ଗୌରାଙ୍ଗ ବୋଷଙ୍କୁ ନିର୍ବାଚିତ କରାଯାଇଥିଲା।

### ସମବାୟ ସମିତିରେ ମିଳୁନି ବିହନ, ସାର, ଔଷଧ

# ସମ୍ପାଦକଙ୍କ ଦେଖାମିଳୁନି, ଚାଷୀ ହତାଶ

ରଘୁନାଥପୁର,୨୭।୭(ସମିସ)

ରଘୁନାଥପୁର ଅଧୀନସ୍ଥ ତାରପୁର ଛପଡ଼ା ପ୍ରାଥମିକ କୃଷି ସମବାୟ ସମିତି, ଚିକିଣିଆ ପ୍ରାଥମିକ କୃଷି ସମବାୟ ସମିତି ଓ ତାରପୁର ମା' ନାରାୟଣୀ କୃଷି ସମବାୟ ସମିତିରେ ବିହନ, ସାର ଓ ଔଷଧ ମିଳୁ ନ ଥିବାରୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ସମ୍ପାଦକଙ୍କ ଦେଖା ମିଳୁ ନ ଥିବାରୁ ଏହା ଚାଷୀଙ୍କୁ ନିରାଶ କରିଛି। ଉପରୋକ୍ତ ସମବାୟ ସମିତି ଜଣେ ସମ୍ପାଦକ ଦାୟିତ୍ୱରେ ଥିବାବେଳେ ଚାଷୀଙ୍କ ଅଂଶଧନ ଓ ପୂର୍ବ ବର୍ଷର ଅଖା ଟଙ୍କା ଓ ନୂତନ ସମିତିର ରେକର୍ଡ ପତ୍ର ହସ୍ତାନ୍ତର ହୋଇ ନ ପାରିବା ସମ୍ପାଦକଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଚାଷୀଙ୍କ ପଞ୍ଜୀକରଣ ହୋଇପାରୁନାହିଁ। ଏଥିସହ ବିହନ, ସାର ଓ ଔଷଧ ମିଳୁ ନ ଥିବାରୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ଶହ ଶହ ଚାଷୀ ନିଜ କାଗଜପତ୍ର ନେଇ କାର୍ଯ୍ୟାଳୟକୁ ଯାଇ କାର୍ଯ୍ୟ ନ ହେବାରୁ ଫେରିବା ଦେଖିବାକୁ ମିଳିଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସମ୍ପାଦକ କାର୍ଯ୍ୟକ୍ଷେତ୍ରକୁ ନ ଆସି କେଉଁ ଆଡ଼କୁ ଯାଉଛନ୍ତି ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି।

ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ମା' ନାରାୟଣୀ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ତାରପୁର, ଅଚ୍ୟୁତପୁର, ଗୋକୁଳପୁର, ହରିଶପୁର ଓ ଖଣ୍ଡତରି ରାଜସ୍ୱ ଗ୍ରାମର ବହୁ ଚାଷୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ମଣ୍ଡିରେ ଧାନ ଦେବା ବ୍ୟତୀତ ଅନ୍ୟ କୌଣସି ସେବା ମିଳିପାରୁନାହି। ବିହନ, ସାର, ଔଷଧ ଓ ଖରିଫ ଋତୁରେ ଋଣ ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହାଛଡା ଅନଲାଇନରେ ଚାଷୀଙ୍କ ତାଲିକା ସହ ସେମାନଙ୍କ ଅଂଶଧନ ଅପଲୋଡ କରାଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଚାଷୀ ବିଭିନ୍ନ ପ୍ରକାର ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଉମେଶ ଚନ୍ଦ୍ର ପରିଡ଼ା, ବିନୋଦ ବିହାରୀ ମହାନ୍ତି, ଗଣେଶ୍ୱର ପରିଡା, ପ୍ରଭାକର ମଲ୍ଲିକ, ତ୍ରିଲୋଚନ ପଣ୍ଡା, କେଦାର ପରିଡା ଓ ଶହ ଶହ




ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନ୍ତର୍ଯ୍ୟାମୀ ରାଉତ ଡେପୁଟି ରେଜିଷ୍ଟ୍ରାର ପ୍ରଭାତ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ତାରପୁର ଚିକିଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ଥିବା ପୂର୍ବତନ ସମ୍ପାଦକ ରେକର୍ଡ ଦେବାକୁ ବିଳମ୍ବ କରିବାରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଗତ ୨୦ ଦିନ ପୂର୍ବେ ସମିତି କାର୍ଯ୍ୟାଳୟରେ ଥିବା ଆଲମିରା ଭଙ୍ଗାଯାଇ ସମସ୍ତ ରେକର୍ଡ ପତ୍ର ଛପଡ଼ା ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କୁ ହସ୍ତାନ୍ତର କରାଯାଇ ସମିତିର ସମସ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାଛଡା ମା' ନାରାୟଣୀ ସମିତି ଅଧୀନରେ ଥିବା ସମସ୍ତ ଚାଷୀଙ୍କ ରେକର୍ଡ ତୁରନ୍ତ ଅପଲୋଡ କରିବାକୁ ସମ୍ପାଦକ ଶ୍ରୀ ମହାନ୍ତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ଯେଉଁ ଉଦ୍ଦେଶ୍ୟ ରଖି ନୂତନ ସମିତି ସୃଷ୍ଟି କରାଇଥିଲେ, ତାହା କେବଳ କାଗଜପତ୍ରରେ ରହିଯିବ ବୋଲି ଚାଷୀଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହେଉଛି। ତାରପୁର ପ୍ରାଥମିକ କୃଷି ସମବାୟ ସମିତି(ଚିକିଣିଆ)ର ଚାଷୀ ପୂର୍ବ ବର୍ଷର ଅଖା ଅର୍ଥ ପାଇପାରୁନାହାନ୍ତି ବୋଲି ଅଭିଯୋଗ କରୁଛନ୍ତି। ଏଥିପାଇଁ ସରକାର ଦାୟୀ ନା ସମ୍ପାଦକ ଦାୟୀ ବୋଲି ପ୍ରଶ୍ନ କରୁଛନ୍ତି। ଆଗାମୀ ଦିନରେ ଚାଷୀଙ୍କ ସମସ୍ୟାର ସମାଧାନ ନ ହେଲେ ଚାଷୀ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ।

ସକାଳ
THE SAKALA



## ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ, ୨୭।୭ (ସମିସ):** ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ୬୬ତମ ଜୟନ୍ତୀ ଉପଲକ୍ଷେ ବେଲତଳସ୍ଥ ହରିହରାନନ୍ଦ ଧ୍ୟାନ ମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଆସନ୍ତା ଅଗଷ୍ଟ ୧୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱାମୀ ସୁଗିଦାନନ୍ଦ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ୱାମୀ ବ୍ରଜେଶାନନ୍ଦ ଗିରି, ସ୍ୱାମୀ ଧ୍ୟାନ ନିଷ୍ଠାନନ୍ଦ ଗିରି, ସମାଜସେବୀ ଗୋପୀନାଥ କର, ଦୁଷ୍ମନ୍ତ ସାହୁ, ବ୍ରଜକିଶୋର ପଣ୍ଡା, ଅଭିମନ୍ୟୁ ପଡ଼ିହାରି, ପାବନି କୁମାର ରାଉତ ପ୍ରମୁଖ ବହୁ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ପାରାଦୀପ, ୨୭।୭ (ସମିସ):** ଆଜି ଅଭୟଚାନ୍ଦପୁର ଥାନା ଅଧୀନ ମହାବୀର ମନ୍ଦିର ନିକଟରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ଯୁବକ ଜଣଙ୍କର କିଭଳି ମୃତ୍ୟୁ ହେଲା ଜଣାପଡ଼ି ନ ଥିବାବେଳେ ଗତ ୮/୧୦ ଦିନ ଧରି ଏହି ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେ ମାନସିକ ବିକାରଗ୍ରସ୍ତ ବୋଲି ଲୋକଙ୍କ ନିକଟରୁ ଶୁଣିବାକୁ ମିଳିଛି। ପରିଚୟ ନ ମିଳିବା ପର୍ଯ୍ୟନ୍ତ ମୃତଦେହକୁ ରଖାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ୧୧ନଂ ୱାର୍ଡ ମୁସଲମାନ ବସ୍ତିରେ ସରକାରୀ ଜମି ଜବରଦଖଲ ଅଭିଯୋଗ

# ଜମି ଅଭାବରୁ ଆଗେଇପାରୁନି ପ୍ରକଳ୍ପ

**ପଟ୍ଟାମୁଣ୍ଡାଇ, ୨୭।୭ (ସମିସ)**

ପଟ୍ଟାମୁଣ୍ଡାଇ ସହର ମଧ୍ୟସ୍ଥଳରେ ରହିଛି ପୌର ପରିଷଦ ୧୧ନଂ ୱାର୍ଡ ମୁସଲମାନ ବସ୍ତି। ପଟ୍ଟାମୁଣ୍ଡାଇର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଏଠାରେ ମୁସଲମାନ ସମ୍ପ୍ରଦାୟଙ୍କ ସଂଖ୍ୟା ଅଧିକ। କାହିଁ କେଉଁ କାଳରୁ ପଟ୍ଟାମୁଣ୍ଡାଇ ମଧ୍ୟଭାଗରେ ମୁସଲମାନ ବସ୍ତି ରହିଛି। ଏହି ବସ୍ତି ମଧ୍ୟରେ ଥିବା ପଡ଼ିଆରେ ବିଭିନ୍ନ ଜାତୀୟ ଉତ୍ସବ ଓ ମୁସଲମାନଙ୍କ ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଖୁବ କମ୍ ଜାଗା ଉପରେ ମୁସଲମାନ ବସ୍ତି ଗଢି ଉଠିଥିବାରୁ କମ୍ ଜାଗାରେ ବହୁ ପରିବାର ଘର କରି ପରିବାର ସହ ରହୁଛନ୍ତି। ଜାଗା ଅଭାବରୁ ବସ୍ତି ରାସ୍ତା ଅଣଓସାରିଆ। ଫଳରେ ଯାତାୟାତ କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଜଳ ନିଷ୍କାସନ ପାଇଁ ଡ୍ରେନ ଅଣଓସାରିଆ ହୋଇଥିବାରୁ ଜଳ ନିଷ୍କାସିତ ହୋଇ ନ ପାରି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଏକମାତ୍ର ମୁସଲମାନ ବସ୍ତି ରହିଥିବାରୁ ଏହାର ବିକାଶ ପାଇଁ ସରକାର ଓ ପୌର ପରିଷଦ ଅନେକ ଯୋଜନା ହାତକୁ ନେଇଛନ୍ତି। ମୁସଲମାନ ବସ୍ତିରେ ଜାଗା ସମସ୍ୟା ବିଭିନ୍ନ ଯୋଜନା ଓ ସରକାରୀ ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଛି। ତେବେ ମୁସଲମାନ ବସ୍ତି ମଧ୍ୟରେ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜାଗା ଅଭାବ ଘୋର ପ୍ରତିବନ୍ଧକ ହୋଇଥିବାବେଳେ ଖୁବ କମ ସରକାରୀ ଜାଗା ରହିଛି। ସରକାରୀ ଜାଗାକୁ ନେଇ ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଗଲାବେଳେ ସରକାର ଓ ପ୍ରଶାସନ ହରଡ଼ଘଣାରେ ପଡ଼ିଛନ୍ତି। କାରଣ ଅନେକ ସରକାରୀ ଜାଗା ଜବରଦଖଲ ହୋଇଛି। ଫଳରେ ସରକାରୀ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ ନ ହେଲେ ଅନୁଦାନ ଫେରିଯିବାର ଆଶଙ୍କା ଦେଖା ଦେଇଛି।

**ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ନିକଟରେ ଦାବି**

ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ସରକାରୀ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକାରୀ ନ ହେଲେ ପ୍ରକଳ୍ପ ପାଇଁ ମଞ୍ଜୁର ଅନୁଦାନ ଫେରିଯିବା ଖବର ମିଳିବା ପରେ ମୁସଲମାନ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଓ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିରେ ସରକାରୀ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ପାଇଁ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ବସ୍ତିବାସିନ୍ଦା ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବସ୍ତିବାସିନ୍ଦାଙ୍କ ସ୍ମାରକପତ୍ରକୁ ଆଧାର କରି ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ମୁସଲମାନ ବସ୍ତି ମଧ୍ୟରୁ ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପୌର ପରିଷଦ ୨୭।୯।୨୦୨୪ରେ ଚିଠି ନଂ ୩୦୭୪ରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। ରାଜ୍ୟ ସରକାର ତଥା ନୂତନ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିରେ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜବରଦଖଲ ହୋଇଥିବା ସରକାରୀ ଜମି ଉଚ୍ଛେଦ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମାଳିବସା ଛକରେ କାର୍‌ଗିଲ୍ ବିଜୟ ଦିବସ

**ପଟ୍ଟାମୁଣ୍ଡାଇ, ୨୭।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅରଡ଼ପଲ୍ଲୀ ପଞ୍ଚାୟତର ମାଳିବସାଠାରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ କାର୍‌ଗିଲ ଯୁଦ୍ଧରେ ସହିଦ ହୋଇଥିବା ଅମର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ସମୂହ ଦୀପଦାନ କରାଯାଇଥିଲା। ଏଥିରେ ଶିକ୍ଷାବିତ ବିଜୟ ଜେନା, ଉଦୟକର ସାମଲ, କେଦାର ପରିଡ଼ା, ଆରତ ନାୟକ, ଶିକ୍ଷକ ନେତା ଶ୍ରୀନିବାସ ସାହୁ, ରମେଶ ମହାନ୍ତି, ସୁନାକର ବେହେରା, ପ୍ରଦ୍ୟୁମ୍ନ ପରିଡ଼ା, ଶରତ ମହାନ୍ତି, ସତ୍ୟପ୍ରିୟ ଜେନା, ଚନ୍ଦ୍ରଭାନୁ ସ୍ୱାଇଁ, ଅକ୍ଷୟ ପରିଡ଼ା, ଅନୁପ ମଲିକ ଓ ପତିତପାବନ ମଲିକ ସାମିଲ ଥିଲେ।



## କେନ୍ଦ୍ରାପଡ଼ାରେ ସନ୍ଥ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା, ୨୭।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଧର୍ମ ଜାଗରଣ ସେନା ପକ୍ଷରୁ ପ୍ରାନ୍ତ ଯୋଜନା ଅନୁସାରେ ଏକ ସନ୍ଥ ସମ୍ମିଳନୀ କେନ୍ଦ୍ରାପଡ଼ା ଜିଲ୍ଲାରେ କରାଯିବା ପାଇଁ ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରାଯିବାକୁ ପ୍ରାନ୍ତୀୟ ଅଧିକାରୀ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଶିବାନନ୍ଦ ଆଶ୍ରମରେ ସନ୍ଥ ସମ୍ମିଳନୀ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପ୍ରାନ୍ତ ସଂସ୍କୃତି ପ୍ରମୁଖ ସ୍ମୃତିସାଗର ମହାରାଜ, ପ୍ରାନ୍ତ ସାଧୁସନ୍ଥ ପ୍ରମୁଖ ତ୍ରୈଲୋକ୍ୟ ଦାସମହାରାଜ, ସହପ୍ରାନ୍ତ ସଂସ୍କୃତି ପ୍ରମୁଖ ଶରତ କର, ପ୍ରାନ୍ତ ବିଧି ପ୍ରମୁଖ ଚନ୍ଦ୍ରକାନ୍ତ ପ୍ରଧାନ, ଯାଜପୁର ଜିଲ୍ଲା ସଂସ୍କୃତି ପ୍ରମୁଖ ଅରବିନ୍ଦ ପଟ୍ଟନାୟକ, ସାଧୁସନ୍ଥ ପ୍ରମୁଖ ସୁନୀଲ ଦାସ, ଧର୍ମଜାଗରଣ ପ୍ରମୁଖ ରାଜେନ୍ଦ୍ର ଗିରି, କେନ୍ଦ୍ରାପଡ଼ା ଜିଲ୍ଲା ଧର୍ମ ଜାଗରଣ ସହସଂଯୋଜକ ଶଶାଙ୍କ ଜେନା, ଜିଲ୍ଲା ପ୍ରଶାସନିକ ପ୍ରମୁଖ ମାଧବ ପ୍ରଧାନ, କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ପ୍ରମୁଖ ପ୍ରତାପ ରାଉତ, ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ବିଶ୍ୱରୂପ ନନ୍ଦ ସରସ୍ୱତୀ, ପାର୍ବତୀ ବେହେରା, ଅଭିଜିତ ଦାସ, ନିକେତନ ଜେନା ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ସନ୍ଥ ସମ୍ମିଳନୀକୁ କିଭଳି ଭବ୍ୟ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟ ସେବା ଶିବିର

**ପାରାଦୀପ, ୨୭।୭ (ସମିସ):** ସାମାଜିକ ମୂଲ୍ୟବୋଧକୁ ଆଖି ଆଗରେ ରଖି ବନ୍ଦର ନଗରୀ ପାରାଦୀପର ପ୍ରତିଷ୍ଠିତ ଶ୍ରୀସାଇ ହସ୍‌ପିଟାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶୀବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୀବିରରେ କଟକର ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ଯୋଗଦେଇ ବନ୍ଦର ସହରର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପାରାଦୀପ ସମେତ ଏହାର ଆଖପାଖ ଅଞ୍ଚଳରୁ ବହୁ ସାଧାରଣ ଲୋକ ଆସି ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଆଖି ପରୀକ୍ଷା କରିଥିଲେ। ଆଖି ପରୀକ୍ଷା କରାଇବା ସହ ଚଷମା ଓ ଔଷଧ ମଧ୍ୟ ସେମାନଙ୍କୁ ବଣ୍ଟନ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେବା ଦ୍ୱାରା ବହୁ ଗରିବ ଶ୍ରେଣୀର ଲୋକ ଅଧିକ ଉପକୃତ ହେଉଥିବା ଜଣାପଡ଼ିଛି। ତେବେ ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ହସ୍ପିଟାଲ ପକ୍ଷରୁ ଜାରି ରହିବ ବୋଲି ହସ୍‌ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।



## ବିଶ୍ୱ ଲୁଣା ଜଙ୍ଗଲ ଦିବସ ପାଳିତ



**ମହାକାଳପଡ଼ା, ୨୭।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ସଭାଗୃହରେ ସରପଞ୍ଚ ବିଶ୍ୱଜିତ ବସୁଙ୍କ ଅଧ୍ୟକ୍ଷତାରେ ଡବ୍ଲୁଡବ୍ଲୁଏଫ୍ ଭାରତ ଆନୁକୂଲ୍ୟରେ ବିଶ୍ୱ ଲୁଣା ଜଙ୍ଗଲ ଦିବସ ପାଳନ ହୋଇଯାଇଛି। ନଦୀ ନାଳ ଘେରା ମହକାଳପଡ଼ା ଅଞ୍ଚଳ ମହାନଦୀ ଅବବାହିକାରେ ଲୁଣା ଜଙ୍ଗଲ ଘେରି ରହିଛି। ଏହା ଆହୁରି ବିସ୍ତାର ହେବାର ଆବଶ୍ୟକତା ରହିଛି। ଏହି ଅଞ୍ଚଳରେ ବସବାସ କରୁଥିବା ଲୋକେ ବନ୍ୟଜନ୍ତୁ ଦ୍ୱାରା ଆକ୍ରମଣର ଶିକାର ହେବା ସହ ସେମାନଙ୍କ ଜୀବିକା ଚାଷ ନଷ୍ଟ ହେବାର ନଜିର ରହିଛି। ସ୍ଥାନୀୟ ବାସିନ୍ଦା ବନ୍ୟଜନ୍ତୁ ଆକ୍ରମଣର କ୍ଷତିପୂରଣ ସଠିକ୍ ଭାବେ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ଶାନ୍ତନୁ ଦଳାଇ ଯୋଗଦେଇ ଓଡ଼ିଶା ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ମୋବାଇଲ ଆପ୍, ଅନୁକମ୍ପା ବିଷୟରେ ଅବଗତ କରାଇଥିଲେ। ସରକାରଙ୍କ ଦ୍ୱାରା ସ୍ଥିରୀକୃତ ବନ୍ୟଜନ୍ତୁ କ୍ଷୟକ୍ଷତି ପୂରଣ ପାଇଁ ଏହି ଆପ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ। ଅଧ୍ୟାପିକା ଆକାଂକ୍ଷା ଯାଦବ ବନ୍ୟଜନ୍ତୁ ଆକ୍ରମଣର କ୍ଷୟକ୍ଷତି ପୂରଣ ପାଇଁ ଆଇନର ବିଧି ବ୍ୟବସ୍ଥା ବିଷୟରେ ଧାରଣା ଦେଇଥିଲେ। ଏସପିଓ ଆକାଂକ୍ଷା ନାୟକ, ଲୁଣା ଜଙ୍ଗଲ କିପରି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପ୍ରଦାନ କରେ, ତାହା ବୁଝାଇଥିଲେ। ଗୌତମ ଗାଇନ ଅନୁକମ୍ପା ଆପ ବ୍ୟବହାର କରି କ୍ଷୟକ୍ଷତି ପାଇପାରିବେ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଜୟ ସାହୁ, ପୁରଞ୍ଜନ ଦାସ, ରିତା ମଣ୍ଡଳ, ଅଭି ମଣ୍ଡଳ, ମିଳନ ମଣ୍ଡଳ, ଅର୍ଜୁନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟାରେ ବୁଡ଼ିଲା କନପୁର ଗାଁ



**ରାଜକନିକା, ୨୭।୭ (ସମିସ):** ପ୍ରଥମ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବାବେଳେ ଆଜି ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଏହାର ଶାଖା ପେଟା ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ରାଜକନିକା ବ୍ଲକ ବାରହାଦୋମଣ୍ଡା ପଞ୍ଚାୟତର ବାରହା କନପୁରର ୧ ଓ ୨ ନମ୍ବର ୱାର୍ଡ ଏବଂ କାଏମା କନପୁରର ୩ ଓ ୪ ନମ୍ବର ୱାର୍ଡର ୨୫୩ ପରିବାର ସମ୍ପୂର୍ଣ୍ଣ ପାଣି ଘେରରେ ରହିଛନ୍ତି।

ଗତ ବନ୍ୟାରେ ଏହି ଗ୍ରାମର ୩ ଓ ୪ ନମ୍ବର ୱାର୍ଡ ପ୍ରଭାବିତ ହୋଇଥିବାବେଳେ ଆଜିର ବନ୍ୟାରେ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ଛୁଟିଛି। ଘର ଭିତରେ ପାଣି ପଶୁଛି। ଏଭଳି ସ୍ଥିତିରେ ବ୍ଲକ ପ୍ରଶାସନ ପାଖରେ ଖବର ନାହିଁ। ଏ ସମ୍ପର୍କରେ ରାଜକନିକା ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାରଙ୍କୁ ପଚାରିବାରୁ ତାଙ୍କ ପାଖରେ ବନ୍ୟା ନେଇ କୌଣସି ଖବର ନ ଥିବା କହିଛନ୍ତି। ସେ ସମସ୍ତ ପିଇଓଙ୍କ ନିକଟରୁ ଏ ବାବଦରେ ରିପୋର୍ଟ ପାଇବା ପରେ ଆସନ୍ତାକାଲି ବୈଠକ କରି କ'ଣ ପଦକ୍ଷେପ ନିଆଯାଇପାରେ ଚିନ୍ତା କରିବେ ବୋଲି କହିଛନ୍ତି। ବୈତରଣୀ ନଦୀ ସଂଲଗ୍ନ ଅଞ୍ଚଳରେ ଥାଇ ବନ୍ୟାରେ କଷଣ ପାଉଥିବା ଦୁର୍ଗତଙ୍କ ଖବର ବ୍ଲକ ପ୍ରଶାସନ ପାଖରେ ନ ଥିବା ଭଳି ଖବର ବନ୍ୟା ମୁକାବିଲର ସମସ୍ତ ପ୍ରସ୍ତୁତି ଭେଳିକି ଭଳି ପ୍ରତୀୟମାନ ହୋଇଛି। ଗତକାଲି ନବନିଯୁକ୍ତ ଜିଲ୍ଲାପାଳ ରାଜକନିକା ଗସ୍ତ କରି ବ୍ଲକ, ତହସିଲ, ମେଡିକାଲ ଆଦି ବୁଲି ସ୍ଥିତି ଅନୁଧ୍ୟାନ କରି ଫେରିବାର ୧୨ ଘଣ୍ଟା ପରେ ବନ୍ୟା ଆସୁଥିଲେ ବି ପ୍ରଶାସନ ବେଫିକର ରହିବା ଆମ ପ୍ରଶାସନିକ ଉତ୍ତର ଦାୟିତ୍ୱକୁ ପ୍ରମାଣ କରୁଛି। ତେବେ ବନ୍ୟା ସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦୁର୍ଗତ ଦାବ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୨୭।୭ (ସମିସ):** ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରପରିଷଦ ୧୦ନଂ ୱାର୍ଡ ୨୨୯ ନମ୍ବର ବୁଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ପରିଷଦ ସଦସ୍ୟ ସୁନାକର ବେହେରା ଯୋଗଦେଇ ମନ କି ବାତ ଶୁଣିଥିଲେ। ଏଥିରେ ବିଜେପି ଯୁବ ନେତା ଆଡଭୋକେଟ ଭାରତ ଭୂଷଣ ଦାସ, ଆଡଭୋକେଟ ପ୍ରମୋଦ ସାହୁ, କାଉନସିଲର ବିଦ୍ୟାଧର ସେଠୀ, ପୂର୍ବତନ ନଗର ବିଜେପି ସଭାପତି ପଦ୍ମନାଭ ପଣ୍ଡା ଓ ଉପେନ୍ଦ୍ର ନାୟକ, ଜିଲ୍ଲା ବିଜେପି ସମ୍ପାଦକ ଚନ୍ଦନ ପାତ୍ର, ପୂର୍ବତନ କାଉସିଲର ପଦ୍ମାରବିନ୍ଦ ସାହୁ, ମିଟୁ ମନୋଜ ନାୟକ, ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ସୁଧାଂଶୁ ଜେନା, ଭରତ ଭଦ୍ର, ସ୍ୱୟଂସହାୟକ ଗୋଷ୍ଠୀ ସଭାପତି ସରସ୍ୱତୀ ସାହୁ ଓ ରିଲିୟା ମଲିକ, ସମ୍ପାଦକ ପୁଷ୍ପଲତା ମଲିକ, ବେବିନା ସାହୁ, ମମତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଡଭୋକେଟ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନର ହଇଜା ସଚେତନତା



**ଡେରାବିଶ, ୨୭।୭ (ସମିସ):** କେନ୍ଦ୍ରାପଡ଼ାର ନବଉତ୍କଳ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆଜି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତରେ ହଇଜା ସଚେତନତା କାର୍ଯ୍ୟକ୍ରମ ଓ ସଂଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ପ୍ରଥମେ ସଂଗଠନର କର୍ମକର୍ତ୍ତା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ହଇଜା ସମ୍ପର୍କରେ ସଚେନତତା କରାଇବା ସହ ସାମୂହିକ ବ୍ୟବାହର ହେଉଥିବା ନଳକୂପ ଓ ପାଣିଟ୍ୟାପ ସ୍ଥାନକୁ ସଫେଇ କରିବା, ବ୍ଲିଚ ପାଉଡର ପକାଇ ବିଶୋଧିତ କରିଥିଲେ। ପରେ ଏହି ସଂଗଠନର ଏକ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରଯାଇଥିଲା। ସଂଗଠନର ସଭାପତି କ୍ଷୀରୋଦ ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ମନୋଜ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ଜେନାମଣୀ ବଳ ଯୋଗଦେଇ ସଂଗଠନର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଅତିଥିମାନେ ସ୍ଥାନୀୟ କୁନି ମେଧାବୀ ଛାତ୍ରୀ ସମୀକ୍ଷା ଜେନାଙ୍କ ହାତରେ କାର୍ଯ୍ୟାଳୟର ଫିତା କାଟିବା ସହ ପ୍ରଦୀପ ପ୍ରଜ୍ୱଳନ କରାଇଥିଲେ। ସମ୍ପାଦକ ବାଇଧର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ବର୍ଷ ତମାମ ଦୁସ୍ଥ ଓ ଅବହେଳିତ ଲୋକଙ୍କ ସେବା କରିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିଥାଏ। କୋଷାଧ୍ୟକ୍ଷ ବିଭୂତି ଭୂଷଣ ପତି ଧନ୍ୟବାଦ ଦେଇଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୨୭।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ପଞ୍ଚାୟତର ଓସଙ୍ଗରା ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୭ ନମ୍ବର ଜୋନ ବିଜେପି ଜିଲ୍ଲା ପ୍ରତିନିଧି ସଞ୍ଜୟ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦୀପ ଚୌଧୁରୀ, ରାଜକୁମାର ସ୍ୱାଇଁ, କେଦାର ଜେନା, ଚିନ୍ମୟ ସ୍ୱାଇଁ, ସୁବ୍ରତ ସ୍ୱାଇଁ ଓ ବିକ୍ରମଜିତ ସାମନ୍ତରାୟ ଯୋଗଦେଇ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା




**କେନ୍ଦ୍ରାପଡ଼ା, ୨୭।୭ (ସମିସ):** ଜିଲ୍ଲା ଯୋଗାସନ ସଙ୍ଘ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ଗୋପ ଜାଭିୟର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିରଞ୍ଜନ ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ସ୍ୱପ୍ନାଂଶୁ ଦାସ, ସମ୍ପାଦକ ସଞ୍ଜୟ ମଥାନ, ରାଜ୍ୟସମ୍ପାଦକ ମନୋଜ ମୁଖାର୍ଜୀ, ସହସମ୍ପାଦକ ଡ. ଆଲୋକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତ୍ୟେକ ୧୪ଟି ଇଭେଣ୍ଟ ପାଇଁ ଯୋଗାସନ ପ୍ରତିଯୋଗିତା କରାଯାଇଥିଲା। ଏହାକୁ ସଭ୍ୟ ଭରତ ସାହୁ, ଯୁଗ୍ମସମ୍ପାଦକ ପଦ୍ମଲୋଚନ ଦାସ ଓ ୧୪ ଜଣ ବିଚାରକ ପରିଚାଳନା କରିଥିଲେ। କୃତକାର୍ଯ୍ୟ ହୋଇଥିବା ୭୨ ଜଣ କୃତୀ ପ୍ରତିଯୋଗୀଙ୍କ ନାମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ଥିର କରାଯାଇଥିଲା। ୨୦୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ପ୍ରତିଜ୍ଞା ସାମଲ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର, ସିଲ୍ ପ୍ରଦାନ କରିଥିଲେ। ଅତିଥିମାନେ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ଶ୍ରୁତି ଶୟାନ୍ତିନୀ ଏହାକୁ ସଞ୍ଚାଳନ କରିଥିଲେ। ଯୋଗଗୁରୁ ସଞ୍ଜୟ ମଥାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସଫେଇ ନାଁରେ କୋଟି କୋଟି ହଡ଼ପ

# କେନାଲରେ ଆସୁନି ପାଣି, ଚାଷୀ ହନ୍ତସନ୍ତ

**ଗରଦପୁର, ୨୭।୭ (ସମିସ)**



ପ୍ରତ୍ୟେକ ବର୍ଷ କେନାଲ ସଫେଇ ହେଉଛି। କିନ୍ତୁ କେନାଲରେ ପାଣି ଆସୁଛି। ଫଳରେ ଚାଷୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଠିକାଦାର ଓ ଯନ୍ତ୍ରୀ କେନାଲ ସଫେଇ ନାଁରେ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହେଉଛି। ଏହା ଭଦାଳଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଥିବା କେନାଲ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି କେନାଲ ସଫେଇ ହୋଇଥିଲେ ହେଁ ପାଣି ଦେଖିବାକୁ ମିଳି ନ ଥିବା କେନାଲ କଡର ଚାଷୀ ଅଭିଯୋଗ କରିଛନ୍ତି।

ସେହିଭଳି ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତର ସାଇଫୋନ ନିକଟରୁ ବାହାରି ତଳକୁସୁମା ପଞ୍ଚାୟତ ଦେଇ ପାଖଡ଼ ପଞ୍ଚାୟତର ସରୋଠୋଲା ପର୍ଯ୍ୟନ୍ତ ଯାଇ ଜଗତସିଂହପୁର ଜିଲ୍ଲାରେ ପ୍ରବେଶ କରିଥିବା ପାଇକା ନଦୀର ବାମ ପାର୍ଶ୍ୱରେ ଥିବା ଏହି କେନାଲ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ପାଇଁ ଲେଉଟିଆ କିଆରୀ ପାଲଟିଥିବା ଏବେ ଚର୍ଚ୍ଚା ଜୋର ଧରିଛି। ପ୍ରତ୍ୟେକ ବର୍ଷ ବର୍ଷାଦିନେ କେନାଲରେ ଜଳ ପ୍ରବାହିତ ହେବାର ମାତ୍ର ଦିନେ ଦୁଇଦିନ ପୂର୍ବରୁ କେନାଲ ସଫେଇ ପାଇଁ ପ୍ରଶାସନ ତତ୍ପରତା ଦେଖାଇବା ପାଇଁ ଚେଷ୍ଟା କରିଥାଏ। ଯେଉଁଥିପାଇଁ କିଛି ଦୁର୍ନୀତିଖୋର ଠିକାଦାର ଲୋଭକୁ ଆଖିରେ ରଖି ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ଚାହିଁ ରହିଥା'ନ୍ତି। ତରବରିଆ ଭାବେ ଜେସିବି କିମ୍ବା ପୋକଲିନ ମେସିନ ଆଣି ସଫେଇ ନାମରେ କେନାଲରେ ଠାଏ ଠାଏ ରାମ୍ପି ଦେଇ ଛୁ ମାରିଥା'ନ୍ତି। ଚଳିତ ବର୍ଷ ମଧ୍ୟ ସମାନ କଥା ଦେଖିବାକୁ ମିଳିଛି। ତେଣ୍ଡାକୁଡା ସାଇଫୋନ ନିକଟରୁ ଚାଉଳିଆ ଅଞ୍ଚଳର ସରୋଠୋଲା ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟରରୁ ଊର୍ଦ୍ଧ୍ୱ କେନାଲ କାମକୁ ଏକାଧିକ ଠିକାଦାରଙ୍କୁ ବଣ୍ଟାଯାଇଥିବାବେଳେ ସେମାନେ ଏବେ କେନାଲକୁ ମେସିନ ଲଗାଇ ରମ୍ପା ରମ୍ପି କରୁଥିବା ଦେଖିବାକୁ ମିଳିଛି। ସଫେଇ ତ ଯାହା ହେଉଛି ତାହା ନ କହିବା ଭଲ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ପ୍ରତ୍ୟେକ ବର୍ଷ ଭଳି କିଛିଦିନ ହେବ ଲଗାତର ବର୍ଷା ହେବା ଫଳରେ କେନାଲ ବନ୍ଧ ନରମ ରହିଥିବାବେଳେ ମେସିନ କେନାଲ ଭିତରକୁ ବାରମ୍ବାର ଗଡ଼ାଇବା ଓ ଉଠାଇବା ଦ୍ୱାରା କେନାଲ ବନ୍ଧ ଖୋଳି ହୋଇ ଦୁର୍ବଳ ସ୍ଥିତିକୁ ଚାଲିଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା, ପ୍ରତ୍ୟେକ ବର୍ଷ କେନାଲରେ ଜଳ ପ୍ରବାହିତ ହେବାର ଠିକ୍ ପୂର୍ବରୁ ଏମିତି ତରବରିଆ ଭାବେ ସଫେଇ ନାମରେ ପ୍ରହସନ କରାଯାଇ କୋଟି କୋଟି ଟଙ୍କା ଚଳୁ ହେଉଛି। ସଫେଇ ବେଳେ ମେସିନ ଦ୍ୱାରା କେନାଲ ବନ୍ଧର କିଛି କିଛି ସ୍ଥାନରେ ଜାଣିଶୁଣି ଖୋଳାଯାଇ ଘାଇ ହେବା ଭଳି ସ୍ଥିତି ସୃଷ୍ଟି କରାଯାଉଛି। ଜଳ ପ୍ରବାହିତ ସମୟରେ ଘାଇକୁ ରୋକିବା ପାଇଁ ସେହି ସ୍ଥାନରେ ଆଉ କିଛି ଠିକାଦାରଙ୍କ ମାଧ୍ୟମରେ ବଲ୍ହା, ବାଉଁଶ ପୋତି ବାଲି ବସ୍ତା ପକାଇବା ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଥାଏ ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅବସରପ୍ରାପ୍ତ ଡାକ ବିଭାଗ ଅଧିକାରୀଙ୍କ ପରଲୋକ

**କେନ୍ଦ୍ରାପଡ଼ା, ୨୭।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ବଡ଼ଆମ୍ବିଳା ପଞ୍ଚାୟତ ନୂଆଗାଁ ଗ୍ରାମର ଅବସରପ୍ରାପ୍ତ ଡାକ ବିଭାଗ ଅଧିକାରୀ ଉମେଶ ମହାନ୍ତି (୮୪)ଙ୍କ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମସ୍ତିକଆଘାତ ଜନିତ ରୋଗରେ ପୀଡିତ ହୋଇ ସ୍ୱର୍ଗତ ମହାନ୍ତି ୨୦ ଦିନ ଧରି ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ନାତି ଅଙ୍କିତ ମହାପାତ୍ର ମୁଖାଗ୍ନି ଦେଇଥିଲେ।



# ମୟୂରଭଞ୍ଜରେ କମୁଛି ବନ୍ୟାଜଳ; ବଢୁଛି ଦୁର୍ଦ୍ଦଶା





**ବାରିପଦା, ୨୭।୭ (ସମିସ)**

## ୧୩ଟି ବ୍ଲକ୍‌ର ୩୩୪୪ ଜଣ ପ୍ରଭାବିତ

ଲଘୁଚାପ ଜନିତ ବର୍ଷା କମିବା ପରେ ରବିବାର ଠାରୁ ମୟୂରଭଞ୍ଜର ପ୍ରମୁଖ ନଦୀଗୁଡ଼ିକର ବନ୍ୟାଜଳ ହ୍ରାସ ପାଇଛି। ତେବେ ନଦୀ ସଂଲଗ୍ନ ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ବର୍ଷା ଓ ବନ୍ୟା ପାଣି ପାଇଁ ଖରିଫ ଧାନ, ଅଣଧାନ ଓ ପନିପରିବା ଚାଷ ପ୍ରଭାବିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଅବ୍ୟାହତ ଥିବାବେଳେ କ୍ଷୟକ୍ଷତିର ଆକଳନ ଜାରିରହିଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ମୋରଡ଼ା, ଶୁଳିଆପଦା, ସାରସକଣା, ବାରିପଦା, ଜାମଦା, କୁସୁମୀ, ବହଳଦା, ତିରିଂ, ରାଇରଙ୍ଗପୁର, ରରୁଆଁ, ଶୁକ୍ରୁଳି, କପ୍ତିପଦା ଓ ରାସଗୋବିନ୍ଦପୁର ଆଦି ୧୩ଟି ବ୍ଲକର ୨୫ଟି ପଞ୍ଚାୟତର ୩୫ରୁ ଅଧିକ ଗ୍ରାମର ୩୩୪୪ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୭ଟି ରିଲିଫ କେନ୍ଦ୍ରରେ ପାଖାପାଖି ୨୫୦୦ ଲୋକଙ୍କୁ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। ୨ଟି ଅଗ୍ନିସେବା, ୩ଟି ଓଡ୍ରାଫ, ଗୋଟିଏ ସ୍ୱାସ୍ଥ୍ୟ ଓ ଗୋଟିଏ ପ୍ରାଣୀଧନ ଚିକିତ୍ସା ଦଳ ନିୟୋଜିତ ରହିଛନ୍ତି ବୋଲି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ କହିଛନ୍ତି। ଝାଡ଼ଖଣ୍ଡ ରାଜ୍ୟ ଗାଲୁଡିହି ଡ୍ୟାମରୁ ପାଣି ଛଡ଼ାହେବାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ମାଡ଼ିଯାଇଥିଲା। ଶନିବାର ବିଳମ୍ବିତ ରାତିରେ ଏହି ଜଳ ସାରସକଣା ବ୍ଲକ ଶିର୍ଷା ପଞ୍ଚାୟତ ନେଦା ଓ ବଣଗାଁ ଗ୍ରାମରେ ପ୍ରବେଶ କରିଥିଲା। ଫଳରେ ଉଭୟ ଗାଁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ଲୋକମାନଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ଅନେକ ଚାଷ ଜମିରେ ବାଲିସ୍ତର ପଡ଼ିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ସେହିପରି ରବିବାର ଅପରାହ୍ଣ ସୁଦ୍ଧା ରାସଗୋବିନ୍ଦପୁର ବ୍ଲକ ଟିକାୟତପୁର ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ଦେଖାଦେଇଛି। ଗତକାଲି ଜମ୍ବିରା ନଦୀବନ୍ଧ ଭାଙ୍ଗି ରାସଗୋବିନ୍ଦପୁର ବ୍ଲକର ୨୦୦୦ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ସଦର ଉପଜିଲାପାଳ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ଏବଂ ବନ୍ୟା ପରିସ୍ଥିତିର ମୁକାବିଲା କରୁଛନ୍ତି। ବନ୍ୟାଜଳ ସମ୍ପୂର୍ଣ୍ଣ ହ୍ରାସ ପାଇବା ପରେ କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯିବ ବୋଲି ଶ୍ରୀମତୀ ସୁମନ ପ୍ରକାଶ କରିଛନ୍ତି।

# 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ପାଳନ ଆଜି

**ବାରିପଦା, ୨୭।୭(ସମିସ):** 'ସକାଳ ଓ ନନ୍ଦିଘୋଷ' ପକ୍ଷରୁ ସୋମବାର ବିଶ୍ୱ ପରିବେଶ ସଂରକ୍ଷଣ ଦିବସ ରାଜ୍ୟର ପ୍ରମୁଖ ସ୍ଥାନରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ଘଟିକାରେ ପାଳନ ହେବ। ପମ୍ପକୁ ଆସୁଥିବା ଗ୍ରାହକଙ୍କୁ ଫଳଚାରା ବଣ୍ଟନ ସହିତ ପରିବେଶ ସୁରକ୍ଷା ପାଇଁ ଜୀବନକୁ ଉତ୍ସର୍ଗୀକୃତ କରିଥିବା ଶିକ୍ଷକ ସନ୍ତୋଷ କୁମାର ଖଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପାଳନ ଉତ୍ସବରେ ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଥିବାବେଳେ ଜିଲ୍ଲା ଉଦ୍ୟାନକୃଷି ବିଭାଗର ଉପନିର୍ଦ୍ଦେଶକ ଟଙ୍କଧର କାଲୋ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ ବୋଲି ସମ୍ମତି ଜଣାଇଛନ୍ତି। ଅଞ୍ଚଳର ବହୁ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ପମ୍ପର ନିର୍ଦ୍ଦେଶକ, 'ସକାଳ' ଓ 'ନନ୍ଦିଘୋଷ' ପରିବାରର ସଦସ୍ୟଙ୍କୁ ନେଇ ରବିବାର ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# କଟୁରିଆ ଏସ୍‌ଏସ୍‌ଡି ସ୍କୁଲରେ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା



**ଶରତ, ୨୭।୭(ସମିସ):** ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପଛୁଆ ବର୍ଗ ଉନ୍ନୟନ ବିଭାଗ ପରିଚାଳିତ କପ୍ତିପଦା ବ୍ଲକର କଟୁରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କର ବିଦାୟ ସମ୍ବର୍ଦ୍ଧନା ତଥା ନୂତନ ଭାବେ ବିଦ୍ୟାଳୟକୁ ବଦଳି ହୋଇ ଆସିଥିବା ଶିକ୍ଷକ ମାନଙ୍କର ସ୍ୱାଗତ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ଡମ୍ବରୁଧର ମାର୍ଣ୍ଡିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେଶ କୁମାର ଦାଶ ପରିଚାଳନା କରିଥିଲେ। ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଯାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର ଉକ୍ତ ଅନୁଷ୍ଠାନରେ ଦୀର୍ଘବର୍ଷର ଶିକ୍ଷାଦାନ ଅନୁଭୂତି ବାଣ୍ଟିଥିଲେ। ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପ୍ରଧାନଶିକ୍ଷକ ସ୍ୱାଗତ କରିଥିଲେ। ବିଦାୟୀ ଶିକ୍ଷକ ମାନଙ୍କର ଶିକ୍ଷାଦାନ କଥାକୁ ଭରା ହୃଦୟରେ ସହକର୍ମୀ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରୀମାନେ କହିବା ବେଳେ ଭାବଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଦାୟୀ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଚାଳନାରେ ଗୁରୁବାରୀ ସିଂ, ପ୍ରକାଶ କୁମାର ବାରିକ, ସସ୍ମିତା ମଲ୍ଲିକ, ଟିକାଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ବିଦ୍ୟାଳୟରୁ ଚଳିତ ବର୍ଷ ବର୍ଷ ୫ ଜଣ ଶିକ୍ଷକ ୧ ଜଣ ପିଅନଙ୍କର ଅନ୍ୟତ୍ର ବଦଳି ହୋଇଥିବା ବେଳେ ଛାତ୍ରୀନିବାସର ୧ଜଣ ମେଟ୍ରୋନ ଅବସର ଗ୍ରହଣ କରିଛନ୍ତି। ଉକ୍ତ ଶିକ୍ଷକ କର୍ମଚାରୀଙ୍କ ବଦଳରେ ବିଦ୍ୟାଳୟରେ ଆଇଏସି ସିଟି, ହିନ୍ଦୀ, ସଂସ୍କୃତ, କ୍ରୀଡ଼ା ଶିକ୍ଷକ ଓ ପିଅନ ଆଦି ପଦବୀରେ ବଦଳି ପ୍ରାପ୍ତ କର୍ମଚାରୀମାନେ ଯୋଗଦାନ କରିସାରିଛନ୍ତି। ଖାଲିଥିବା କନିଷ୍ଠ କିରାଣୀ ପଦବୀ ମଧ୍ୟ ଚଳିତ ବର୍ଷ ପରିପୂରଣ ହୋଇଛି। ଗଣିତ ଶିକ୍ଷକ ଓ ମ୍ୟାଟ୍ରୋନ ପଦବୀ ପାଙ୍କା ପଡ଼ିଥିବା ବେଳେ ଯଥା ଶୀଘ୍ର ପୂରଣ କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶ୍ରୀ ଭଞ୍ଜ ସିଂ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ଆବାସ ପାଲଟିଛି ସାତସପନ; ଭଙ୍ଗାକୁଡ଼ିଆରେ ବିତୁଛି ଦିନ

**କରଞ୍ଜିଆ, ୨୭।୭(ସମିସ):** କରଞ୍ଜିଆ ବ୍ଲକ ଅଫିସରୁ ୩କିମି ଦୂର ରଣମତଳା ଗ୍ରାମର ବାଦାମଶାଳ ନିକଟରେ ରହୁଥିବା



ଦିବ୍ୟାଙ୍ଗ ବ୍ୟକ୍ତି ଦେବଲାଲ ବାରିକଙ୍କ ପକ୍ଷେ ବଞ୍ଚିବା ଏବେ ଦୁର୍ବିସହ ହୋଇପଡ଼ିଛି। ଦେବଲାଲଙ୍କ ଏକ ଛୋଟ ପରିବାର କହିଲେ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ। ସଂସାର କହିଲେ ଏକ ଭଙ୍ଗା କୁଡ଼ିଆରେ ସମସ୍ତେ ରହୁଥିଲେ। ପରିବାରର ରୋଜଗାରକ୍ଷମ ବ୍ୟକ୍ତି କହିଲେ ସ୍ତ୍ରୀ ବାସନ୍ତୀ ବାରିକ। ଦେବଲାଲ ଜନ୍ମରୁ ଦିବ୍ୟାଙ୍ଗ। ଗତ ତିନିବର୍ଷ ତଳେ ତାଙ୍କ କୁଡ଼ିଆଟି ନଷ୍ଟ ହୋଇଥିଲା। ବାରମ୍ବାର ବିଡିଓ ଓ ରାଜସ୍ୱ ଅଧିକାରୀଙ୍କୁ କହି ଇନ୍ଦିରା ଆବାସ ଘରଟିଏ ପାଇଁ ଆବେଦନ ନିମନ୍ତେ ସେ ଗୁହାରି କରିଥିଲେ ହେଲେ କେହି ଶୁଣିଲେ ନାହିଁ। ଫଳରେ ଦେବଲାଲ ସେହି ଭଙ୍ଗା କୁଡ଼ିଆରେ ଛିଡ଼ା ଟାରପାଲିନ ପକାଇ ରହୁଥିଲେ। ଇନ୍ଦିରା ଆବାସ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଙ୍କ ପାଇଁ ସାତସପନ ହୋଇପଡ଼ିଥିଲା। ଗତ ଲଗାଣ ବର୍ଷାରେ ତାଙ୍କ ଭଙ୍ଗା କୁଡ଼ିଆଟି ଆଜି ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ଏବେ ସେ ଖୋଲା ଆକାଶ ତଳେ ସ୍ତ୍ରୀ ପିଲାଙ୍କୁ ନେଇ ରହିବାକୁ ବାଧ୍ୟ ହୋଇଛନ୍ତି। ଏହାବ୍ୟତୀତ ଦେବଲାଲ ପଞ୍ଚାୟତରେ ବହୁବାର ଅନ୍ତ୍ୟୋଦୟ ଯୋଜନାରେ ରେସନ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନଥିବା ଅଭିଯୋଗ ହେଉଛି।

# ଶିଶୁ କିଶୋର ପତ୍ରିକା 'କଇଁଫୁଲ'ର ୨୧ତମ ସଂଖ୍ୟା ଉନ୍ମୋଚିତ



**ବୈଶିଙ୍ଗା/ବେତନଟୀ, ୨୭।୭(ସମିସ):** ବେତନଟୀ ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'କଇଁଫୁଲ'ର ୨୧ତମ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ବେତନଟୀ ବ୍ଲକ ଅଧୀନ ସଇତପୁର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଜୟନ୍ତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ନୀରଦ ସୁନ୍ଦର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଓଷ୍ଟା ସମ୍ପାଦକ ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ, କଇଁଫୁଲର ସମ୍ପାଦକ ପର୍ଶୁରାମ ସାହୁ, ସଭାପତି କବି ଭାସ୍କର ଦ୍ୱିବେଦୀ, ମୀନକେତନ ମହାନ୍ତି, ଶିକ୍ଷକ ଗଜେନ୍ଦ୍ର ନାଥ ମହାନ୍ତଙ୍କ ସହ ଛାତ୍ର ସୁମନ ମହାନ୍ତ ଓ ଛାତ୍ରୀ ହରିପ୍ରିୟା ମହାନ୍ତ ଏହି ପତ୍ରିକାକୁ ଉନ୍ମୋଚନ କରିଥିଲେ। ଶିକ୍ଷକ କୁଶଧର ମହାନ୍ତ, ଅନିଲ କୁମାର ମହାନ୍ତ, ସୁଶାନ୍ତ ମହାନ୍ତି, ଜଳଧର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବରିଷ୍ଠ ଶିକ୍ଷକ କିଶୋର କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ରାଜ୍ୟସ୍ତରୀୟ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ

# ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କୁ 'ଅଟଳ ଧର୍ମରତ୍ନ' ସମ୍ମାନ

**ବାରିପଦା, ୨୭।୭(ସମିସ):** ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଓଡ଼ିଶା ଅଟଳ ଯୁବଶକ୍ତି ଆନୁକୂଲ୍ୟରେ କାର୍ଗିଲ ବିଜୟ ଦିବସ ଏବଂ ପୋଖରାନ ପୁରୁଷ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନୂତନ ଚିନ୍ତାଧାରା ନେଇ ଓଡ଼ିଶାରେ ସଦ୍‌ଭାବନା ସମିତି ପ୍ରତିଷ୍ଠା କରି ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ସମନ୍ୱୟ ସ୍ଥାପନ, ମାନବ ଧର୍ମର ପ୍ରବର୍ତ୍ତନ, ଭାରତ ବର୍ଷରେ ନିଆରା ମାସିକ ସନ୍ଥ ଦିବସ ପାଳନ ଏବଂ ସମଗ୍ର ମାନବ ଜାତିକୁ 'ଜୟ ସନ୍ଥ-ଜୟ ସମାଜ' ସ୍ଲୋଗାନର ଉଦ୍‌ଘୋଷକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଅଟଳ ଧର୍ମରତ୍ନ ସମ୍ମାନ' ପ୍ରଦାନ କରିଥିଲେ। ଉତ୍କର୍ଷ ପ୍ରତିଭାମାନେ ତାଙ୍କ



ଜୀବନରେ ବଳିଦାନ ଦେଇ ଏବଂ ସମାଜକୁ ଅବଦାନ ଦ୍ୱାରା ଯୁବପିଢ଼ିଙ୍କ ଆଦର୍ଶ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରୀ ବୁଗୁଡ଼େଇଙ୍କ ସହିତ ପଦ୍ମଶ୍ରୀ ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ, ରାଜନେତା ସମୀର ଦାସଙ୍କୁ ଅଟଳ ମିତ୍ର ରତ୍ନ, ଆନ୍ତର୍ଜାତିକ କ୍ରିକେଟ୍ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳରତ୍ନ ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, ସମ୍ପଦ ସ୍ୱାଇଁ ଏବଂ ବହୁ ବିଧାୟକ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଲଳିତେନ୍ଦ୍ର ବିଦ୍ୟାଧର ମହାପାତ୍ରଙ୍କ ଆବାହକତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଖବର ପ୍ରଚାରିତ ପରେ ଶ୍ରୀ ବୁଗୁଡେଇଙ୍କୁ ମୟୂରଭଞ୍ଜ ସ୍କୁଲ ଅଫ୍ ଇଂଜିନିୟରିଂ, ଡିଭାଇନ୍ ଇଂଜିନିୟରିଂ ଅନୁଷ୍ଠାନ, ମୟୂରଭଞ୍ଜ ସିଟିଜେନ ଫୋରମ, ସଦଭାବନା ସମିତି, ଉଦଳା ବାର୍ ଆସୋସିଏସନ୍, କରଞ୍ଜିଆ ଚେତନା ପରିଷଦ କରଞ୍ଜିଆ, ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନ୍, ବେତନଟୀ ପ୍ରତିଭା ପୂଜନ ସଂସ୍ଥାନର ସଦସ୍ୟଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ପାଚେରୀ ଭାଙ୍ଗିଲା; ଅଳ୍ପକେ ବର୍ତ୍ତିଲେ ମାଲିକ

**କରଞ୍ଜିଆ, ୨୭।୭(ସମିସ):** କରଞ୍ଜିଆ ସହରର ଗଡ଼ସାହିରେ ରହୁଥିବା ଦିଲୀପ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରର ପାଚେରୀ ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେବେ ଶ୍ରୀ ଦାସ ସୌଭାଗ୍ୟକୁ ବର୍ତ୍ତି ଯାଇଛନ୍ତି। ଗତ ଦେଢ଼ମାସ ହେଲା ଗୋଟିଏ ପରେ ଗୋଟିଏ ଲଘୁଚାପ ସୃଷ୍ଟିହୋଇ ଲଗାଣ ବର୍ଷା ଲାଗି ରହୁଛି। ବର୍ଷା ଲାଗିରହୁଥିବାରୁ ଅନେକ ଖାଲ ଅଞ୍ଚଳ ଜଳମଗ୍ନ ରହୁଛି। ଏହାର ପ୍ରଭାବରେ ଘର କାନ୍ଥ, ପାଚେରୀ ସବୁ ଦୁର୍ବଳ ହୋଇପଡୁଛି। ଦିଲୀପ ଦାସ ଜଣେ ସାଧାରଣ ବର୍ଗ ଓ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଦେବା ଲାଗି ସେ ଅନୁରୋଧ କରିଛନ୍ତି।

## ଗୋମାଂସ ବିକ୍ରି ମାମଲାରେ ୪ ଜଣଙ୍କୁ କୋର୍ଟଚାଲାଣ

**ରାଇରଙ୍ଗପୁର/ବିଶୋଇ, ୨୭।୭(ସମିସ):** ବାମନଘାଟୀ ଉପଖଣ୍ଡରେ ବିଭିନ୍ନ ସାପ୍ତାହିକ ହାଟରେ ଅବାଧ ଗୋମାଂସ ବିକ୍ରିନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ପୁଲିସ ମଧ୍ୟ ଏଥିପ୍ରତି କଠୋର ହେଉଛି। ସୂଚନାଯୋଗ୍ୟ ବିଶୋଇ ଥାନା ଅନ୍ତର୍ଗତ ବିଶୋଇ ସାପ୍ତାହିକ ହାଟରେ କିଛି ଗୋତସ୍କର ଗୋମାଂସ ବିକ୍ରି କରୁଥିବା ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। କିଛି ଗୋତସ୍କର ପୁଲିସକୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ୪ ଗୋତସ୍କରଙ୍କୁ ପୁଲିସ ମାଡ଼ି ବସିଥିଲା। ସେମାନେ ହେଲେ ମାତାରାମ ସୋରେନ, ଧାଙ୍ଗା ନାଏକ, ଜାକତୁ ସୋରେନ ଏବଂ ରାଇମାଳ ନାଏକ। ବିଶୋଇ ପୁଲିସ ସେମାନଙ୍କ ନାମରେ ପଶୁ ହତ୍ୟା ମାମଲା କେଶ ନମ୍ବର ୧୩୬/୨୫ ରୁଜୁ କରି ରବିବାର କୋର୍ଟଚାଲାଣ କରିଛି। ବିଶୋଇ ପୁଲିସର ଏତାଦୃଶ କାର୍ଯ୍ୟକୁ ଗୋପ୍ରେମୀ ଏବଂ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଗୋମାଫିଆଙ୍କ କୋର୍ଟଚାଲାଣ ଶୁଣି ବାମନଘାଟୀ ଉପଖଣ୍ଡର ଗୋତସ୍କରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଘୋଷଣା ପରଠାରୁ ଅସାମାଜିକ, ଆଇନ ବିଶୃଙ୍ଖଳାକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

## ବିଲରେ ଟଳି ପଡ଼ିଲେ ଚାଷୀ

**ରାଇରଙ୍ଗପୁର, ୨୭।୭(ସମିସ):** ରାଇରଙ୍ଗପୁର ଟାଉନଥାନା ଅଧୀନ ବଡବାଇକଳା ଗ୍ରାମର ଗୁରୁପ୍ରସାଦ ମହାନ୍ତି( ୭୦) ରବିବାର ବିଲକୁ ଚାଷ କାମରେ ଯାଇଥିବା ବେଳେ ହଠାତ୍ ବିଲରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସର୍ପାଘାତରେ ମହିଳା ମୃତ

ରାଇରଙ୍ଗପୁର/ବିଶୋଇ, ୨୭।୭(ସମିସ): ବିଶୋଇ ଥାନା ଅଧୀନ ମଣଦା ଫାଣ୍ଡି ଅନ୍ତର୍ଗତ ବାଡୁଣିଆ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ମୃତ ମହିଳା ହେଲେ କୁନି ନାଏକ(୫୫)। ପୁଲିସ ଏକ ଅପମୃତ୍ୟୁ ମାମଲା ୧୧/୨୫ ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ପିକ୍‌ଅପ୍‌କୁ ଧକ୍କାଦେଇ ଦୁଇ ଗୁରୁତର

ରାଇରଙ୍ଗପୁର, ୨୭।୭(ସମିସ): ରାଇରଙ୍ଗପୁର-ବହଳଦା ଦେଇ ଯାଇଥିବା ଜାତୀୟ ରାଜପଥ ୨୨୦ ନମ୍ବର୍ ଗମ୍ଭାରିଆ-କାଦୁଆଣୀ ମଝିରେ ଠିଆ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନକୁ ବାଇକ୍ ଧକ୍କା ଦେବାରୁ ବାଇକଚାଳକଙ୍କ ସମେତ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଦ୍ୱୟ ହେଲେ କୁଳମଣି ମଲ୍ଲିକ(ଟୁଲୁ) ଏବଂ ବଙ୍ଗାଳି। ପୁଲିସ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ଶ୍ରାବଣରେ ଅପସଂସ୍କୃତି

# ଭକ୍ତି ଓ ଆସ୍ଥା ନାମରେ ବଢ଼ିଚାଲିଛି ଗଞ୍ଜେଇ କାରବାର

**ବାରିପଦା, ୨୭।୭ (ସମିସ)**

- କାରବାରର ପେଣ୍ଠସ୍ଥଳ ବୁଡାମରା
- ଜିଲ୍ଲା ଓ ଆନ୍ତଃରାଜ୍ୟ ବେପାରୀ ସକ୍ରିୟ
- ଫେଲ୍ ମାରିଛି ପୁଲିସ ଓ ଅବକାରୀ ବିଭାଗ

ପବିତ୍ର ଶ୍ରାବଣ ମାସରେ ପୂଜାର୍ଚ୍ଚନା ପାଇଁ ଶିବାଳୟରେ ପ୍ରବଳ ଭକ୍ତଙ୍କ ଭିଡ଼ ଜମୁଛି। ଏହାସହିତ ଶ୍ରାବଣ ମାସରେ ଶିବଲିଙ୍ଗରେ ପାଣି ଢାଳିବାକୁ କାଉଡ଼ିଆଙ୍କ ଚଳପ୍ରଚଳ ବଢ଼ିଛି। ତାହାସହିତ ତାଳଦେଇ ଭକ୍ତି ଓ ଆସ୍ଥା ନାମରେ ଅପସଂସ୍କୃତିକୁ ମୁଣ୍ଡେଇ ଗଞ୍ଜେଇ କାରବାର ବଢ଼ିଚାଲିଛି। ଏହାକୁ ରୋକିବାରେ ପୁଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ମାତ୍ରାରେ ଫେଲ୍ ମାରିଛନ୍ତି ବୋଲି ଅଭିଯୋଗ ହେଉଛି। ଶ୍ରାବଣରେ ଶିବଲିଙ୍ଗରେ ପାଣି ଢାଳିଲେ କୋଟିପୁଣ୍ୟର ଫଳ ମିଳିଥାଏ। ତାହାକୁ ପାଥେୟ କରି କାଉଡ଼ିଆମାନେ କାହିଁ କେତେଦୂରରୁ ପାଣି ନେଇ ଶିବାଳୟକୁ ଛୁଟି ଆସନ୍ତି। ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଭାବରେ ମାଣତ୍ରୀର କଖାରୁଆ ବୈଦ୍ୟନାଥ, ବାଙ୍ଗିରିପୋଷି ସିମିଳାର ସିମଳେଶ୍ୱର ଶିବମନ୍ଦିର, ରାସଗୋବିନ୍ଦପୁରର ଦେବଶୋଳ ମନ୍ଦିର, କପ୍ତିପଦାର ଝିଙ୍କେଶ୍ୱର ମନ୍ଦିର ଓ ବାରିପଦାର ବୁଢାରାଉଳ ମନ୍ଦିର ଆଦିକୁ ଅଧିକାଂଶ କାଉଡ଼ିଆମାନେ ପାଣିନେଇ ମହାଦେବଙ୍କୁ ଜଳଲାଗି କରିନ୍ତି। ଇତି ମଧ୍ୟରେ ଭକ୍ତଙ୍କ ଆସ୍ଥାକୁ ନେଇ ଗଞ୍ଜେଇ ଓ ନିଶାଦ୍ରବ୍ୟର ବେପାର ବୃଦ୍ଧି ପାଉଛି। ବେପାରୀମାନେ ସକ୍ରିୟ ହୋଇବେପାର କରୁଥିବା ବେଳେ ଜିଲ୍ଲାକୁ କ୍ୟୁଣ୍ଟାଲ କ୍ୟୁଣ୍ଟାଲ ଗଞ୍ଜେଇ



ଚୋରାଚାଲାଣ ହେଉଛି। ଧର୍ମ ନାମରେ ଗଞ୍ଜେଇ ନିଶାରେ ଅନୈତିକ ବ୍ୟବସାୟ ହେଉଛି। କାଉଡ଼ିଆମାନେ ଯାଉଥିବା ରାସ୍ତା ଓ ଅନ୍ୟାନ୍ୟ ଛକ ମାନଙ୍କରେ ମଧ୍ୟ ପାନ, ଗୁଟୁଖା, ଛୋଟମୋଟ ଦୋକାନ ଆଦିରେ ଗଞ୍ଜେଇ ଓ ଚିଲମ୍ ଉପଲବ୍ଧ ରହୁଛି। ଚାହିଦା ଅନୁଯାୟୀ ୫୦ଟଙ୍କା ଆରମ୍ଭ କରି ଗଞ୍ଜେଇ ପୁଡ଼ିଆ ଯୋଗାଇ ଦିଆଯାଉଛି। ମୟୂରଭଞ୍ଜ ଜିଲ୍ଲାକୁ ଝାରପୋଖରିଆ, କରଞ୍ଜିଆ, ଯଶିପୁର, ଦେଉଳି ଆଦି ବାଟଦେଇ ଗଞ୍ଜେଇ ଚୋରାଚାଲାଣ ହେଉଛି। ପ୍ରାୟତଃ ମାସକ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ବାଙ୍ଗିରିପୋଷି ଥାନା ଅଧୀନ ବୁଢାମରା ଅଞ୍ଚଳରୁ ଏକ ଫାର୍ମହାଉସରୁ ଗଞ୍ଜେଇ ଜବତ କରିଥିଲା। କିନ୍ତୁ କାରବାର କରୁଥିବା ଅଭିଯୁକ୍ତ ବା ଫାର୍ମମାଲିକଙ୍କୁ ଧରିବାରେ ବିଫଳ ହୋଇଛନ୍ତି। ଉକ୍ତ ବୁଢାମରା ଅଞ୍ଚଳରେ ଗଞ୍ଜେଇ କାରବାର ମାତ୍ରା ଅଧିକ ଥିବା ବେଳେ ପୂର୍ବରୁ ମଧ୍ୟ ଗଞ୍ଜେଇ ଜବତ କରାଯାଇଛି। ସେହିସ୍ଥାନରୁ ବାରିପଦା ସମେତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ଓ ଆନ୍ତରାଜ୍ୟକୁ କ୍ୟୁଣ୍ଟାଲ କ୍ୟୁଣ୍ଟାଲ ଗଞ୍ଜେଇ କାରବାର ହେଉଛି। ତାହା ସୀମାନ୍ତ ଅଞ୍ଚଳରେ ହୋଇଥିବା ବେଳେ ବିଭିନ୍ନ ଗଳାବାଟ ଦେଇ ଗଞ୍ଜେଇ କାରବାର ହେଉଛି। ବୁଢାମରା ଅଞ୍ଚଳର ବ୍ୟବସାୟୀମାନେ କାରବାରରେ ସିଧାସଳଖ ଲିପ୍ତଥିବାରୁ ଏହା ଗଞ୍ଜେଇ କରିଡର୍ ପାଲଟିଛି। ପ୍ରତ୍ୟେକ ବର୍ଷ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ବୁଢାମରା ଅଞ୍ଚଳ ଗଞ୍ଜେଇ ଜବତ ଘଟଣାରେ ସାମିଲ। ଜିଲ୍ଲାକୁ ସଡ଼କ ପଥଦେଇ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏବାବଦରେ ସବୁ ଜାଣି ସୁଦ୍ଧା ଅବକାରୀ ବିଭାଗ ଚୁପ ହୋଇରହିଛି। ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବର୍ଷକୁ ୨/୩ଥର ଗଞ୍ଜେଇ ବେପାରୀକୁ ଧରି କୋର୍ଟଚାଲାଣ କରିଛନ୍ତି। ତେବେ ସେମାନେ ଜାମିନରେ ବାହାରି ପୁଣି ଗଞ୍ଜେଇ ବେପାରରେ ସକ୍ରିୟ ରହିଛନ୍ତି। ବର୍ତ୍ତମାନ ଶ୍ରାବଣ ମାସ ପାଇଁ ଗଞ୍ଜେଇର ମାତ୍ରାଧିକ ଚାହିଦା ଥିବାରୁ ଅନେକ ମାତ୍ରାରେ ଚୋରାଚାଲାଣ ହେଉଛି। ପାନଦୋକାନଗୁଡ଼ିକରେ ସିଗାରେଟ୍ ଭିତରେ ମଧ୍ୟ ଗଞ୍ଜେଇ ପଶେଇ ବିକ୍ରି ଚାଲିଛି। ଆସ୍ଥା ଓ ଧର୍ମ ନାମରେ ଶ୍ରାବଣ ମାସରେ ଏହିପରି କାର୍ଯ୍ୟକଳାପରେ ରୋକ୍ ଲଗାଇ ଗଞ୍ଜେଇ ବେପାର କିଙ୍ଗ୍‌ପିନକୁ ଗିରଫ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ଦାବି ହେଉଛି।

## ଗଳିପଡ଼ିବ କି ଟ୍ରାନ୍ସଫର୍ମର !



ଆନନ୍ଦପୁର, ୨୭।୭(ସମିସ): ଆନନ୍ଦପୁର ବ୍ଲକ ବାଉଁଶଗଡ଼ ପଞ୍ଚାୟତ ଜଙ୍ଘାର ପାତାଳେଶ୍ୱର ଉଚ୍ଚ ବିଦ୍ୟାଳୟର ପାଚେରିକୁ ଲାଗି ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦସଂକୁଳ ହୋଇପଡିଛି। ଟ୍ରାନ୍ସଫର୍ମର ଲଗା ଯାଇଥିବା ଦୁଇଟି ଖୁଣ୍ଟ କଳଙ୍କି ଖାଇ ନଷ୍ଟ ହୋଇଥିବାରୁ କେତେ ବେଳେ ଏହା ଗଳି ପଡି ଧନ ଜୀବନ ହାନି କରିବ ଆଶଙ୍କା ପ୍ରକାଶ ପାଇଛି। ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀର ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଅଧିବାସୀ ଫେରାଦ ହୋଇ ଅଭିଯୋଗ କରିଥିଲେ ମଧ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ସେହିପରି ଏହି ବିପଦସଂକୁଳ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ା ନଥିବାରୁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ବିପଦର କାରଣ ହୋଇଛି।

## ମୃତକଙ୍କ ପରିବାରକୁ ସହାୟତା



ହାଟଡ଼ିହୀ,୨୭।୭(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଗୋପ(ଡ଼ିଗିସାହି) ଗ୍ରାମର ରଞ୍ଜନ କୁମାର ବେହେରା(୪୫) ଗତ ୧୧ତାରିଖ ସର୍ପାଘାତରେ ପ୍ରାଣ ହରାଇଛନ୍ତି। ରଞ୍ଜନ ଜଣେ ଦିନ ମଜୁରିଆ ଥିବାରୁ ତାଙ୍କ ପରିବାରଟି ଅତ୍ୟନ୍ତ ଗରିବ ଓ ଅସହାୟ। ପଡୋଶୀ ଗୌରାଙ୍ଗ ରଣା ଓ ମିହିର ବେହେରାଙ୍କଠାରୁ ଏଭଳି ଖବର ପାଇ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧକ୍ଷ ତଥା ସମାଜସେବୀ ଉଦୟନାଥ କର କୁନି କୁନି ଛୁଆଙ୍କ ସହ ଉକ୍ତ ଉକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସେହି ପିଲାଙ୍କ ପାଠପଢ଼ା ପାଇଁ ସେ ନିଶ୍ଚିତ ଭାବେ ସାହାଯ୍ୟର ହାତ ବଢ଼ାଇବେ ବୋଲି କହିଛନ୍ତି।

## ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ ଲୋକାର୍ପିତ



ଆନନ୍ଦପୁର, ୨୭।୭ (ସମିସ): ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଉତ୍କଳ ସାହିତ୍ୟ ସମାଜର ଏକ ବିଶେଷ ଅଧିବେଶନରେ ବରିଷ୍ଠ ସମାଜସେବୀ ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ, ପ୍ରଫେସର ଗଦାଧର ମିଶ୍ରଙ୍କ ଲିଖିତ ବୃହତ ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ ଗ୍ରନ୍ଥକୁ ସହସ୍ରାଧିକ କବି, କବୟିତ୍ରୀ ଓ ସାହିତ୍ୟିକଙ୍କ ଗହଣରେ ଲୋକାର୍ପଣ କରାଯାଇଛି। ପ୍ରଫେସର ଶ୍ରୀ ମିଶ୍ର ଓ ପୂର୍ବୀ ପ୍ରକାଶନ ସଂସ୍ଥାର ଅଧକ୍ଷ ବିରଞ୍ଚି କୁମାର ଦାସ ଓଡ଼ିଆ ସାହିତ୍ୟର ବିଭିନ ଯୁଗର ଓ ବିଭିନ୍ନ ସଂସ୍କୃତିର ଇତିହାସ ସମ୍ପର୍କରେ ସମବେତ କବି ଓ ସାହିତ୍ୟିକ ମାନଙ୍କୁ ନିଜର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ।

## ଯୌନ ଶୋଷଣ ନିବାରଣ ଆଇନ ସଚେତନତା

ଚମ୍ପୁଆ, ୨୭।୭(ସମିସ): ଚମ୍ପୁଆ ତାଲୁକ ଆଇନ ସେବା କମିଟ ପକ୍ଷରୁ ମହିଳା ଯୁକ୍ତ ୨ ଉଚ୍ଚମାଧମିକ ବିଦ୍ୟାଳୟଠାରେ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ମୁଖ୍ୟ ତଥା ଅତିରିକ୍ତ ଜିଲା ଦୌରାଜଜ ପ୍ରଣୟ କୁମାର ଦାସ, ସବଜଜ ଜିତେନ୍ଦ୍ର ଦାସ, ଏସଡିଜେଏମ ଦୀପକ କୁମାର ସାଥୁଆ, ଜେଏମଏଫସି ସୁସ୍ମିତା ମିଶ୍ର, ଓକିଲସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଆଇନଜୀବୀ ବିଷ୍ଣୁଚରଣ ରାଠୋର ଓ ବିଦ୍ୟାଳୟ ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗ ଦେଇଥିଲେ। ଯୌନଶୋଷଣରୁ ସୁରକ୍ଷିତ ରହିବା ଏବଂ ମହିଳା ସୁରକ୍ଷା ଆଇନ ବିଷୟରେ ଅବଗତ କରିବା, ମାନସିକତାକୁ ପରିବର୍ତ୍ତନ କରିବା, ଆଇନର ସହାୟତା ନେବା, ନିଜ ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ଆଇନଗତ ସହାୟତା ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। କମିଟିର ଅବଦୁଲ ସୁରଜ ଖାନ ଓ ରାମକୃଷ୍ଣ ଜିତ ସମେତ ବିଦ୍ୟାଳୟର ଅଧାପକ ଅଧାପିକା ସହଯୋଗ କରିଥିଲେ। ୨୦୦ରୁ ଅଧିକ ଛାତ୍ରୀ ଯୋଗ ଦେଇଥିଲେ।

### ଅପେକ୍ଷାରେ ୮ ଶହରୁ ଅଧିକ ବୃଦ୍ଧବୃଦ୍ଧା

# ଶତାଧିକ ମୃତକଙ୍କ ନାମରେ ଉଠୁଛି ଅର୍ଥ

ଆନନ୍ଦପୁର, ୨୭।୭ (ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ମୃତ ବୃଦ୍ଧଙ୍କଠାରୁ ଆରମ୍ଭ କରି ବର୍ଷକ ତଳେ ଦେହାନ୍ତ ହୋଇଥିବା ଲୋକଙ୍କ ନାମ ବି ତାଲିକାରୁ ହଟା ନ ଯାଇ ଭତ୍ତା ସରକାରୀ ତହବିଲରୁ ଗଡୁଛି। ଏପରିକି ହରିଶ୍ଚନ୍ଦ୍ର ଯୋଜନାରେ ଶବ ସଂସ୍କାର ହୋଇଥିବା ବ୍ୟକ୍ତିଙ୍କ ନାମରେ ମଧ ଭତ୍ତା ଟଙ୍କା ଉଠାଣ ହୋଇ ଲୁଟ୍ କରାଯାଉଥିବା ସାମାଜିକ କର୍ମୀ ଯଜ୍ଞପ୍ରସାଦ ସାହୁ ଅଭିଯୋଗ କରିଛନ୍ତି।

ଆନନ୍ଦପୁର ପୌରାଞ୍ଚଳର ୧୭ଟି ୱାର୍ଡରେ ୫ ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଲୁଟ୍ ହୋଇଛି। ଲୋକେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହାଦ୍ୱାରା ୮ ଶହରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଭତ୍ତା ଅପେକ୍ଷାରେ ଥିଲେ ମଧ ଭତ୍ତା ପାଇପାରୁନାହାନ୍ତି। ଘଷିପୁରାର ଦୈତାରି ଦାଶଙ୍କ ପରଲୋକ ହୋଇଥିଲେ ବି ତାଙ୍କ ନାମରେ ଭତ୍ତା ଟଙ୍କା ଉଠୁଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଘଷିପୁରାର ମଙ୍ଗୁଳି ଚରଣ ସାହୁ, ହଗୁରୁ ସାହୁ, ବଂଶୀଧର ସାହୁଙ୍କ ମୃତ୍ୟୁ ହୋଇଥିଲେ ମଧ ତାଙ୍କ ନାମରେ ଅର୍ଥ ଉଠାଣ ହେଉଛି। ଲମ୍ବୋଦର ସାହୁ, ଶାଳପଡ଼ାର ମୋହନ ଚରଣ ଜେନା, ଖପରାଖାଇର ଗୁଞ୍ଜର ଜେନା, ମୁଳିଆ ଦେହୁରୀ, କୀର୍ତ୍ତନ ପେରେଇ, ମୁରବାଲିର ଝୁମୁରି ବେହେରା, ସନାତନ ବେହେରା, ଶୈଳଙ୍ଗର ବିଦ୍ୟାଧର ଜେନା ପ୍ରମୁଖ ବର୍ଷରୁ ଅଧିକ ଦିନ ହେବ ମୃତ୍ୟୁବରଣ କରିଥିଲେ ମଧ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ଅଭିଯୋଗ ହୋଇଛି। ୫ ବର୍ଷ ତଳେ ବୁଦ୍ଧିଆ ପାତ୍ରଙ୍କର ମୃତ୍ୟୁ ହୋଇଥିଲା। ଶବ ସଂସ୍କାର ପାଇଁ ତାଙ୍କ ପୁଅ ହରିଶ୍ଚନ୍ଦ୍ର ସହାୟତା ୩ ହଜାର ଟଙ୍କା ନେଇଥିଲେ। ହେଲେ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ବେଳେ ସମସ୍ତ ୱାର୍ଡରେ ୫ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିରେ ସଂପୃକ୍ତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଦାବି କରିଛନ୍ତି। ଅପରପକ୍ଷରେ ଲୁଟ୍ ହୋଇଥିବା ଅର୍ଥ ତୁରନ୍ତ ସେମାନଙ୍କଠାରୁ ଆଦାୟକରିବାକୁ ଶ୍ରୀ ନାୟକ ଦାବି କରିଛନ୍ତି। ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବା ସହ ଭତ୍ତା ଅପେକ୍ଷାରେ ରହିଥିବା ବୃଦ୍ଧବୃଦ୍ଧାଙ୍କୁ ନ୍ୟାୟ ଦେବାକୁ ସେ ଦାବି ରଖିଛନ୍ତି।



## ରାସ୍ତାରେ କୁଢ଼କୁଢ଼ ଆବର୍ଜନା; ପରିମଳ ବିପର୍ଯ୍ୟସ୍ତ

ଯୋଡ଼ା, ୨୭।୭(ସମିସ): ୧୪ଟି ୱାର୍ଡକୁ ନେଇ ପୌରପାଳିକା। ଶିଳ୍ପ ପରିବେଷ୍ଟିତ ଏହି ସହରରେ ପ୍ରାୟ ୫୫ ହଜାର ଲୋକ ବସବାସ କରୁଛନ୍ତି। ଦିନ ଥିଲା ସ୍ୱଚ୍ଛତା ପାଇଁ ମାନ୍ୟତା ପାଇ ବହୁ ପୁରସ୍କାର ହାତେଇଥିଲା। ଏବେ ଯୋଡ଼ା ପୌରପାଳିକା କୁଢ଼ କୁଢ଼ ମଇଳା ଓ ଦୁର୍ଗନ୍ଧମୟ ପରିବେଶର ସହର ପାଲଟିଛି। ସଫେଇ ହେଉ ନ ଥିବାରୁ ଡ୍ରେନ୍ ପୋତି ହୋଇ ଘର ଭିତରେ ବର୍ଷା ପାଣି ପଶିଯାଉଥିବା ୱାର୍ଡବାସୀ ବର୍ଷାରାଣୀ ପାତ୍ର, ରାଜେଶ ଓରାମ, ନଟବର ନାଗ ପ୍ରମୁଖ ଅଭିଯୋଗ କରିଛନ୍ତି। ସମାନ ଅବସ୍ଥା ଅନ୍ୟ ୱାର୍ଡରେ ମଧ ଦେଖାଦେଇଛି। ଜନସାଧାରଣ ଅଭିଯୋଗ କରି କହିଛନ୍ତି ଯେ ସହରରେ ସଫେଇ ଅଭାବରୁ ମଧ କୁଢ଼ କୁଢ଼ ମଇଳା ଆବର୍ଜନା ପଡ଼ି ରହିଛି। ବୁଦାଲତା, ଅନାବନା ଗଛ ସଫେଇ ହେଉନାହିଁ। ସହରରେ ମଶାର ପ୍ରାଦୁର୍ଭାବ। ମଶା ତେଲ, ବ୍ଲିଚିଂ ପାଉଡର ଆବଶ୍ୟକ ମୁତାବକ ଦିଆ ଯାଉ ନାହିଁ। ସେହିପରି ମଶାଧୂଆଁ ମେସିନ ପୌରପାଳିକାରେ ଥାଇ ମଧ ଏହାର ବ୍ୟବହାର ହେଉ ନାହିଁ। ବଡୁ ହଟିଙ୍ଗସ୍ଥିତ ମାଇକ୍ରୋ କମ୍ପୋଷ୍ଟ କାରଖାନାରେ ପରିଚାଳନାଗତ ସମସ୍ୟା ଯୋଗୁଁ ସେଠାରେ ମଧ ପରିବେଶ ବିପର୍ଯ୍ୟସ୍ତ ହୋଇପଡିଛି। ମାର୍ଚ୍ଚ ୨୦୨୫ ପୂର୍ବରୁ ୪୦ ଜଣ ସଫେଇ ଶ୍ରମିକ ସଫେଇ କାର୍ଯ୍ୟ କରୁଥିଲେ। ୨୦୨୫ ମାର୍ଚ୍ଚ ପରେ ମାତ୍ର ୧୭ ଜଣ ଶ୍ରମିକ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କିଛି ସଫେଇ ଶ୍ରମିକ କହିଛନ୍ତି ଯେ ସରକାର ଧାର୍ଯ୍ୟ କରିଥିବା ଦୈନିକ ମଜୁରୀ ୪୬୨ ଟଙ୍କା ପରିବର୍ତ୍ତେ ସେମାନଙ୍କୁ ୪୫୦ ଟଙ୍କା ଦିଆଯାଉଛି। ମାର୍ଚ୍ଚ ୨୦୨୫ରେ ହୋଇଥିବା ଟେଣ୍ଡରରେ ପୂର୍ବ ଅପେକ୍ଷା ବ୍ୟୟ ଅଟକଳ ଅର୍ଥ ବୃଦ୍ଧି ପାଇଥିବା ବେଳେ ବଦଳୁନାହିଁ ପରିମଳ ବ୍ୟବସ୍ଥା। ଏପରିକି ନାଳ ବାଟ ଦେଇ ସାପ ଘର ଭିତରେ ପଶି ଯାଉଥିବା ଅଭିଯୋଗ ହେଉଛି। ନିକଟରେ ବୁଲା ସାହିଠାରେ ଏକ ଅଜଗର ସାପ ପଶି ଆସିଥିଲା। ୯ ନଂ ୱାର୍ଡରେ ଏକ ବିଷଧର ବଡ଼ ସାପ ପଶି ଆସିଥିଲା।



## ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର



ଆନନ୍ଦପୁର, ୨୭।୭ (ସମିସ): ଆନନ୍ଦପୁର ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ଝାଡେଶ୍ୱର ଉଚ୍ଚବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ (ଯତ୍ନ ଓ ସୁରକ୍ଷା) ଓ ସମସ୍ତ ଶିଶୁଙ୍କ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ୍ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା ସମିତିର ଅଧକ୍ଷ ତଥା ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଆନନ୍ଦପୁର ସବ୍ ଜଜ୍ ଗୌରବ ପୁରୋହିତ, ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ସରକାରୀ ଅଧିବକ୍ତା ବାଇଧର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ଅଦାଲତର ବରିଷ୍ଠ ଆଇନଜୀବୀ ହେମରଞ୍ଜନ ବେହେରା, ଅଧିବକ୍ତା ଭାଗୀରଥି ଦାଶ, ତାଲୁକ୍ ଆଇନସେବା କାର୍ଯ୍ୟାଳୟର ଅଧିବକ୍ତା ସସ୍ମିତା ସାହୁ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ଜେନା ଯୋଗ ଦେଇଥିଲେ। ଆଇନ ସହାୟତା ସମିତିର କର୍ମଚାରୀ ଦେବାଶିଷ ବେହେରା ଓ ନବକିଶୋର ଦାସ ସହଯୋଗ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନଶିକ୍ଷକ ରଞ୍ଜନ ଘଡେଇ ଧନ୍ୟବାଦ ଦେଇଥିଲେ।

## ଆମ ସଙ୍କଳ୍ପ ‘ନିଶା ନୁହଁ ଜୀବନ’ କାର୍ଯ୍ୟକ୍ରମ



ଚମ୍ପୁଆ, ୨୭।୭(ସମିସ): ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟଠାରେ ଉପଖଣ୍ଡସ୍ତରୀୟ ଆମ ସଙ୍କଳ୍ପ ‘ନିଶା ନୁହଁ ଜୀବନ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ତଥା ଚମ୍ପୁଆ ଅବକାରୀ ବିଭାଗ ସୈଜନ୍ୟରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ନିଶା ସେବନଠାରୁ ଦୁରାଇ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ସମ୍ବନ୍ଧୀୟ ରଚନା, ବକ୍ତୃତା ଓ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆମ ସଂକଳ୍ପ- ନିଶା ନୁହଁ ଜୀବନ ମଧମରେ ସଚେତନତାର ବାର୍ତ୍ତା ଅବକାରୀ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଚମ୍ପୁଆ ଅବକାରୀ ବିଭାଗ ଅଧିକାରୀ ଏଚ୍ ଜଗାରାଉଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ମାଧମରେ ତିନି ତିନି ଜଣ ଲେଖାଏଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କାର୍ଗିଲ ବିଜୟ ଦିବସ ପାଳିତ



ଚମ୍ପୁଆ, ୨୭।୭(ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଗିଲ ବିଜୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ପ୍ରକାଶଚନ୍ଦ୍ର ପ୍ରଧାନ, ଅସିତ ଗିରି ଏବଂ ଅରୁଣ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଚମ୍ପୁଆ ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ବୀରବାଦ୍ୟ ସହିତ ନଗର ପରିକ୍ରମା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଅନ୍ୟତମ ଅତିଥି ଭାବେ ସୈନିକ ସଂଘର ସଭାପତି ଚକ୍ରଧର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଚମ୍ପୁଆ ଓକିଲ ସଙ୍ଘର ସଭାପତି ରମେଶଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ସର୍ବବରିଷ୍ଠ ଅବସରପ୍ରାପ୍ତ ସୈନିକ ଭୁବନେଶ୍ୱର ମହାନ୍ତ ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଅସିତ ଗିରି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସୁଶାନ୍ତ ନନ୍ଦ, ଅରୁଣ ନାଏକ, ଦୁଷ୍ମନ୍ତ ମହାନ୍ତ, ରବିନ୍ଦ୍ର ପଣ୍ଡା ସହିଦ୍ ମାନଙ୍କର ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ସୈନିକ ସଂଘର ସମସ୍ତ ସଦସ୍ୟ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ ଓ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

## କେନ୍ଦୁଝର ଜିଲ୍ଲାସ୍ତରୀୟ ଲୋକ ଅଦାଲତ



କେନ୍ଦୁଝର, ୨୭।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା, ବିଚାର ବିଭାଗୀୟ ମୁଖ୍ୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ପ୍ରଥମ ଶ୍ରେଣୀ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ଉପସ୍ଥିତ ଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ କାର୍ଯ୍ୟଭାର ସମ୍ଭାଳିଥିଲେ। ସମୁଦାୟ ୨୫ଟି ଏନ୍ଆଇ ଆକ୍ଟ ମକଦ୍ଦମା ସମାଧାନ କରାଯାଇ ୧ କୋଟି ୪୪ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା, ନାଜିର ନିର୍ମଳ ନାଏକ, ଆଇନସେବା ପ୍ରାଧିକରଣ ପ୍ୟାନେଲ ଅଧିବକ୍ତା ସୁନୀଲ ମହାନ୍ତ, ଶକ୍ତିପ୍ରସାଦ ଶତପଥି, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର ସାହୁ ସହଯୋଗ କରିଥିଲେ।

## ନଦୀ ପାଣିରେ ଏଲ୍ଆଇ ପଏଣ୍ଟ କ୍ଷତିଗ୍ରସ୍ତ

ଚମ୍ପୁଆ,୨୭।୭(ସମିସ): ଚମ୍ପୁଆର ଲାଇଫଲାଇନ କୁହାଯାଉଥିବା ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଫଳରେ ଉଠାଜଳ ସେଚନ ପ୍ରକଳ୍ପ ମଧ କ୍ଷତିଗ୍ରସ୍ତ ହୋଇଛି। ଚଳିତ ବର୍ଷ ଜୁଲାଇ ମାସର ୨୭ ତାରିଖ ସୁଧା ୪୦୦.୪ ମି.ମି ବର୍ଷା ହୋଇଛି। ଫଳରେ ବୈତରଣୀ ନଦୀର ଜଳସ୍ତର ବଢିବା ସହିତ ନଦୀର ଉଭୟ ପାଶ୍ୱର୍ରେ ଥିବା କାନ୍ଥ ମଧ ଅତଡା ଖସିବାର ସମ୍ଭାବନା ଦେଖାଯାଇଛି। ଚମ୍ପୁଆ ଉଠାଜଳ ସେଚନ ବିଭାଗ ଅଧୀନସ୍ଥ ପର୍ଶଳା ପଞ୍ଚାୟତର ତେନ୍ତଲା ଗ୍ରାମରେ ଥିବା ୩ ନମ୍ବର ଉଠାଜଳ ସେଚନ ପ୍ରକଳ୍ପଟି ନଦୀ ପାଣିରେ ବୁଡି ଯାଇଥିବା ଜଣାଯାଇଛି। ଏନେଇ ବିଭାଗୀୟ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଧୁରାୟ ସାଙ୍ଗେ ସାମ୍ବାଦଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ଫଳରେ ଏଭଳି ଘଟଣା ଘଟିଛି। ସରଞ୍ଜାମ ଗୁଡିକ ନଦୀ ଗର୍ଭରେ ପଡିଥିବା ଅନୁମାନ କରାଯାଇଛି। ନଦୀ ପାଣି କମିଲେ ଉଦ୍ଧାର କାର୍ଯ୍ୟ କରାଯିବା ସହିତ ସରକାରୀ ନିୟମ ଭିତରେ ରହି ଚାଷୀଙ୍କ ସ୍ୱାର୍ଥ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

### ସରକାରୀ କଟକଣାକୁ ମାନୁନାହାନ୍ତି

# ଗିରିଗାଁ ଘାଟରୁ ବାଲିଚୋରି ପାଇଁ ବଢୁଛି ଅପରାଧ



ଆନନ୍ଦପୁର, ୨୭।୭ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅନ୍ତର୍ଗତ ଗିରିଗାଁ ବାଲିଘାଟକୁ ବର୍ଷାଦିନ ପାଇଁ ଅକ୍ଟୋବର ପର୍ଯ୍ୟନ୍ତ କଟକଣା ଜାରି କରିଥିଲେ ମଧ ପ୍ରତିଦିନ ଅନାୟସରେ ବାଲି ଚାଲାଣ ହେଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପୁଲିସ ଓ ତହସିଲ କର୍ତ୍ତୃପକ୍ଷ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଏନେଇ ରାଜସ୍ୱ ହାନି ହେଉଛି। କିଛିଦିନ ହେବ କିଛି ବ୍ୟକ୍ତି ଦୈନିକ ବିଳମ୍ବିତ ରାତିରେ ବାଲି ବେଆଇନ ଭାବେ ଚୋରା ଚାଲାଣ କରୁଥିବାରୁ ଲିଜଧାରୀ ସ୍ଥାନୀୟ ପ୍ରଶାସନ ଓ ପୁଲିସକୁ ଅବଗତ କରିଥିଲେ। ହେଲେ ପୁଲିସର ନିରବତା ଯୋଗୁଁ ଚୋରା କାରବାରକୁ ନେଇ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏପରିକି ଲିଜଧାରୀ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଉତ୍ତେଜକ ପରିସ୍ଥିତି ଉପୁଜିଛି। ଏ ସମ୍ପର୍କରେ ନନ୍ଦିପଦା ଥାନାରେ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଏହି ବାଲିଘାଟରୁ ଦୈନିକ ବାଲି ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ନେଇ ଚିନ୍ତା ପ୍ରକଟ କରିବା ସହିତ ଏନେଇ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ଷାଋତୁ ପାଇଁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ସରକାର ବାଲିଘାଟ ବନ୍ଦକରିଥିବାର ସୁଯୋଗ ନେଇ ପ୍ରତିଦିନ ଗିରୀଗାଁ ଘାଟରୁ ବାଲି ଚୋରା ଚାଲାଣ ଓ ଏହାକୁ ଅଞ୍ଚଳବାସୀ ବିରୋଧକରିବାରୁ ଉତ୍ତେଜନା ବଢ଼ିବାରେ ଲାଗିଛି। ଏଣୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ତୃତୀୟ ଭାଷା ମଧ୍ୟରେ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନକୁ ବିରୋଧ

ତେଲକୋଇ, ୨୭।୭(ସମିସ): ତେଲକୋଇ ବ୍ଲକର ୩୨ଟି ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଏକ ମିଳିତ ବୈଠକ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟଠାରେ ବରିଷ୍ଠ ସଂସ୍କୃତ ଶିକ୍ଷକ ସୁରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ହିନ୍ଦୀ ଶିକ୍ଷକ ତଥା ତେଲକୋଇ ବ୍ଲକ୍ ହିନ୍ଦୀ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ବେହେରା, ଶିକ୍ଷକ ଏମଡି ଅସଗର, ଦାଶରଥୀ ପ୍ରଧାନ, ଈଶ୍ୱରଚନ୍ଦ୍ର ପ୍ରଧାନ, ଜଗବନ୍ଧୁ ନାୟକ, ରମାକାନ୍ତ ମହାନ୍ତ, ସନାତନ ମହାନ୍ତ, ଅନିରୁଦ୍ଧ ବିଶ୍ୱାଳ, ହୃଦାନନ୍ଦ ମହାନ୍ତ, କୀର୍ତ୍ତନ ବିହାରୀ ପ୍ରଧାନ, ବୈଲୋଚନ ପ୍ରଧାନ, ବିଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ ଗିରି, ପ୍ରଫୁଲ୍ଲ ମହାନ୍ତ, ପ୍ରମୋଦ ସାହୁ, ନିତ୍ୟାନନ୍ଦ ମହାନ୍ତ, ମୃତ୍ୟୁଞ୍ଜୟ ଦାସ, ପ୍ରମୋଦ ମହାନ୍ତି, ଶିକ୍ଷୟିତ୍ରୀ ସଂଘମିତ୍ରା ସ୍ୱାଇଁ, ପଲ୍ଲବୀ ଖୁଣ୍ଟିଆ, ଇପ୍ସିତା ମହାପାତ୍ର,ସାଗରିକ ବେହେରା ଓ ରୀନା ମଧେଇ ପ୍ରଭୃତି ସରକାରଙ୍କ ଭାଷା ମାରଣ ନୀତି, ବିଶେଷକରି ଧନ୍ଦାମୂଳକ ଶିକ୍ଷାକୁ ତୃତୀୟ ଭାଷା ଅନ୍ତର୍ଭୁକ୍ତ କରିବାକୁ ବିରୋଧ କରିଥିଲେ। ତୃତୀୟ ଭାଷା ମଧ୍ୟରେ ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଭୁକ୍ତ ଦୃଢ଼ ବିରୋଧ କରୁଛୁ ବୋଲି କହିବା ସହ ଯଦି ସରକାର ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଚାହୁଁଛନ୍ତି ତେବେ ତାହା ସମସ୍ତ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଉ କିନ୍ତୁ ତୃତୀୟ ଭାଷା ମଧ୍ୟରୁ ବାଦ୍ ଦିଆଯାଉ। ଏଥିପ୍ରତି ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ୪୩୧ ବିଦ୍ୟାଳୟରେ ଧନ୍ଦାମୂଳକ ପ୍ରଚଳନ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବିଜ୍ଞାପନ ପ୍ରକାଶ ପାଇଛି। ମାତ୍ର ସରକାର ଯଦି ଧନ୍ଦାମୂଳକ ଶିକ୍ଷାକୁ ତୃତୀୟ ଭାଷା ମଧ୍ୟରୁ ବାଦ୍ ନ ଦିଅନ୍ତି ତେବେ ବ୍ଲକ୍ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ସ୍ତରରେ ହିନ୍ଦୀ ଏବଂ ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନ କରିବା ସହିତ ଧାରଣାରେ ବସି ଦୃଢ଼ ପ୍ରତିବାଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ପ୍ରତାପଚନ୍ଦ୍ର ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।



## ପରିମଳ କର୍ମଚାରୀଙ୍କ ଅଧିକାର

# ଓଡ଼ିଶା ଦେଶର ନେତୃତ୍ୱ ନେଉଛି

**୨୦୨୦ ମସିହାରେ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗରିମାକୁ ପ୍ରଶଂସା**

**ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**



ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶାର ଗରିମା ପଦକ୍ଷେପ ଅଧୀନରେ "ମୁଖ୍ୟ ପରିମଳ କର୍ମଚାରୀଙ୍କ ସମ୍ମାନ, ନିରାପତ୍ତା ଏବଂ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଛି। ସମ୍ମିଳନୀରେ ୧୨ଟି ରାଜ୍ୟ ଓ ୩୪ଟି ଉନ୍ନୟନ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରମୁଖ ପରିମଳ କର୍ମଚାରୀଙ୍କ ସୁରକ୍ଷା ଦିଗରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ ଯେ ପ୍ରମୁଖ ସଫେଇ କର୍ମଚାରୀଙ୍କ ପ୍ରସଙ୍ଗକୁ ଜାତୀୟସ୍ତରରେ ଆଗେଇ ନେବାରେ ଓଡ଼ିଶାର ନେତୃତ୍ୱକୁ ନେଇ ସେ ଗର୍ବିତ। ଜାତୀୟ ଗରିମା କର୍ମଶାଳା ବର୍ତ୍ତମାନ ପ୍ରତିବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବ।

୨୦୨୦ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗରିମା ପଦକ୍ଷେପକୁ ଏକ ମଡେଲ ଭାବରେ ପ୍ରଶଂସା କରାଯାଇଛି। କର୍ମକ୍ଷେତ୍ରରେ ନିରାପତ୍ତା, ଉଚିତ ମଜୁରି, ବୀମା, ସାମାଜିକ ସୁରକ୍ଷା ଏବଂ ସମାଜରେ ସମ୍ମାନ ସୁନିଶ୍ଚିତ କରି ମୁଖ୍ୟ ସଫେଇ କର୍ମଚାରୀଙ୍କ ଅଧିକାରର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ। ପିପିଇ କିଟ୍, ସ୍ୱାସ୍ଥ୍ୟ ବୀମା ଏବଂ ନିୟମିତ ତାଲିମ, ଏକୀକରଣ ମାଧ୍ୟମରେ ୧୦,୦୦୦ରୁ ଊର୍ଦ୍ଧ୍ୱ ପ୍ରମୁଖ ପରିମଳ କର୍ମଚାରୀଙ୍କ ପଞ୍ଜୀକରଣ କରାଯାଇଛି। ସମ୍ମିଳନୀର ଏକ ଅଂଶ ଭାବରେ, ବିଭିନ୍ନ ରାଜ୍ୟ, ଆନ୍ତର୍ଜାତୀୟ ସଂଗଠନ, ଏନଜିଓ ଏବଂ ୟୁଏଲବିର ପ୍ରତିନିଧିମାନେ ବିଷୟଗତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ସାମାଜିକ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ଯାନ୍ତ୍ରିକ ପରିମଳ ଏବଂ ସୁରକ୍ଷା ପ୍ରୋଟୋକଲରେ ପରିମଳ କାର୍ଯ୍ୟାବଳୀ ପାଇଁ ସର୍ବୋତ୍ତମ ଅଭ୍ୟାସ ବୋଲି ମତ ପ୍ରକାଶ ପାଇଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ମଧ୍ୟ ଉଦଯାପନୀ ଅଧିବେଶନରେ ସେମାନଙ୍କର ମତ ରଖିଥିଲେ।

## 'ଶ୍ରାବଣ ମାସରେ ଶ୍ରୀମନ୍ଦିର' ଶ୍ରୀଜଗନ୍ନାଥ କଥାଲହରୀ



ଭୁବନେଶ୍ୱର,୨୭।୭(ସମିସ): ଶ୍ରାବଣ ମାସରେ ମହାପ୍ରଭୁଙ୍କର ଶୟନ ନୀତି ସହିତ କର୍କଟ ସଂକ୍ରାନ୍ତି ଅବସରରେ ଦକ୍ଷିଣାୟନ ଯାତ୍ରା, ଅମାବାସ୍ୟାରେ ଚିତାଲାଗି ଓ ପୂର୍ଣ୍ଣମୀ ପୂର୍ବରୁ ଦଶମୀଠାରୁ ପ୍ରତିପଦା ପର୍ଯ୍ୟନ୍ତ ପବିତ୍ର ଝୁଲଣ ଉତ୍ସବ ପାଳନ ହୋଇଥାଏ। ମଦନ ମୋହନ ମହାପ୍ରଭୁ, ଶ୍ରୀଦେବି, ଭୂଦେବୀଙ୍କ ସହ, ମୁକ୍ତି ମଣ୍ଡପରେ ପ୍ରସ୍ତୁତ ଝୁଲଣ କୁଞ୍ଜରେ ବିଜେ କରି, ଭକ୍ତମାନଙ୍କୁ ଝୁଲଣ ଉତ୍ସବର ଅଖଣ୍ଡ ଆନନ୍ଦ ଦେଇଥାନ୍ତି। ଶ୍ରାବଣ ମାସରେ ଶ୍ରୀମନ୍ଦିରରେ ଏହି ସବୁ ନୀତିକାନ୍ତି ଓ ଉତ୍ସବ ସମ୍ପର୍କରେ ଚାରଣ ପଣ୍ଡିତ ଇଂ. ପାର୍ଥ ସାରଥି ମହାନ୍ତି ବିଶଦ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ବଦ୍ରି ମିଶ୍ର ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ଲୀଳା କ୍ଷେତ୍ର ଟ୍ରଷ୍ଟ, କାଙ୍କଣ ଶିଖରି, ଆନୁକୂଲ୍ୟରେ ୨୮ ତମ ଶ୍ରୀଜଗନ୍ନାଥ କଥା ଲହରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ଥପତି ଅରବିନ୍ଦ ଦାସଙ୍କ ଭଜନ ସହିତ ମହାପ୍ରଭୁଙ୍କ ସମୂହ ସ୍ତୁତି ଗାନ, ସଭାପତି ଡ଼ା ରବି ନାରାୟଣ ସାମନ୍ତଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ଡ. ପୀତବାସ ରାଉତରାୟଙ୍କ ଦ୍ୱାରା ପ୍ରକାଶିତ ୨୪ ତମ ସଂକଳନ ପୁସ୍ତକ ଅମୃତ ପୁରୁଷ ଶ୍ରୀଜଗନ୍ନାଥ ଓ ଡ. ଅଭୟ ନାୟକଙ୍କ ରଚିତ ଗ୍ରନ୍ଥ ମଧ୍ୟ ଉନ୍ମୋଚିତ ହୋଇଥିଲା। ଶେଷରେ ପଣ୍ଡିତ ଦେବେନ୍ଦ୍ର ଦାଶ ପ୍ରଭୁଙ୍କର ଶୟନ ଆରତୀ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

## ଦି ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ 'ଜାତୀୟ ସିଇଓ କନକ୍ଲେଭ୍'



ଭୁବନେଶ୍ୱର,୨୭।୭(ସିମସ) : ଦି ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ 'ଜାତୀୟ ସିଇଓ କନକ୍ଲେଭ୍' ଭୁବନେଶ୍ୱରର ଏକ ତାରକା ହୋଟେଲ୍ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅକଲ୍ୟାଣ୍ଡର ଭାରତର କନ୍ଟ୍ରୋଲ୍ ଜେନେରାଲ୍ ଡଃ ମଦନ ମୋହନ ସେଠୀ ଉଦ୍ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା କହିଲେ ସିଇଓମାନେ ନୂଆ ଓଡିଶା ଓ ନୂତନ ଭାରତର ବିନ୍ଧାଣୀ ହେବେ। ୨୦୩୬ ସୁଦ୍ଧା ଓଡିଶା ଏକ ସମୃଦ୍ଧ ଓଡିଶା ହେବା ସହ ୨୦୪୭ ସୁଦ୍ଧା ଭାରତ ନିଜର ବ୍ଲୁ ଇକୋନାମିରେ ପହଞ୍ଚିବ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ର ଓ ମାନସ ରଞ୍ଜନ ପଣ୍ଡା (ପରିଚାଳନା ନିର୍ଦ୍ଦେଶକ ,ଓକାକ୍) ଯୋଗଦେଇ ଇଣ୍ଟରଭ୍ୟୁ ଟାଇମ୍ସର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଡିଜି ଡିଆରଡିଓ ଇ ଓ ସିଏସ୍ ଡଃ ବି କେ ଦାସ ସମ୍ମାନୀତ ଅତିଥି ଭାବେ ଆରସିଏମ ଅଧ୍ୟକ୍ଷ ଡଃ ପ୍ରବୀର ପାଲ୍ ଯୋଗଦେଇଥିଲେ। ଏହି ଅବସରରେ ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଦି ଇଣ୍ଟରଭ୍ୟୁ ଟାଇମ୍ସର ସମ୍ପାଦକ ଡଃ ଦିବ୍ୟଜିତ ସାହୁ କହିଥିଲେ ଯେ ୧୪ ବର୍ଷରୁ ଅଧିକ ସମୟ ଧରି ଦି ଇଣ୍ଟରଭ୍ୟୁ ଟାଇମ୍ସ ନିଜକୁ ସକାରାତ୍ମକ କାହାଣୀ ଉପରେ ଭାରତର ଏକମାତ୍ର ଉତ୍ସର୍ଗୀକୃତ ସାକ୍ଷାତକାର-ଆଧାରିତ ପତ୍ରିକା ଭାବରେ ପ୍ରତିଷ୍ଠା ଲାଭ କରିଛି।

## ରୋଟାରୀ କ୍ଲବ ଭୁବନେଶ୍ୱର ଏଞ୍ଜେଲାର ୫ମ ଅଧିଷ୍ଠାନ ଉତ୍ସବ



ଭୁବନେଶ୍ୱର,୨୭।୭(ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର ଏଞ୍ଜେଲାର ୫ମ ଅଧିଷ୍ଠାନ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରାନ୍ତପାଳ(୨୦୨୫-୨୬) ରୋଟାରୀଆନ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ "ୟୁନାଇଟେଡ୍ ଫର ଗୁଡ୍ ଥିମ୍' ଅନୁସାରେ ଏକତା, ସେବା ଓ ମାନବିକତାକୁ ପାଥେୟ କରି କାର୍ଯ୍ୟ କରିବା ପାଇଁ ବାର୍ତ୍ତା ଦେଇଥିଲେ। ସହଯୋଗୀ ପ୍ରନ୍ତପାଳ ରୋଟାରୀଆନ ଝରଣା ପାଣି, ଜୋନାଲ ଚେୟାର ରୋଟାରୀଆନ ଅଜିତ ପାଢ଼ୀ, ପୂର୍ବ ପ୍ରାନ୍ତପାଳ ରୋଟାରୀଆନ ଶାନ୍ତନୁ ପାଣି, ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରୋଟାରୀର ମୂଲ୍ୟବୋଧ ସମ୍ପର୍କରେ ନିଜ ନିଜର ମୂଲ୍ୟବାନ ମତ ପ୍ରଦାନ କରିଥିଲେ। ଏହି ଅବସରରେ ରୋଟାରୀଆନ ସୁରଭି ଦାଶ ୨୦୨୫-୨୬ ମସିହା ପାଇଁ ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ ସେବା ମାଧ୍ୟମରେ ନାରୀ ସଶକ୍ତିକରଣ, ସ୍ୱାସ୍ଥ୍ୟ ଜାଗରୁକତା ଓ ରୋଡ ସୁରକ୍ଷା କ୍ଷେତ୍ରରେ କ୍ଲବର ଦୃଢ଼ ପଦକ୍ଷେପ ବାବଦରେ ଅବଗତ କରିଥିଲେ। ଏହି ଅବସରରେ "ଆସ୍ଥା' ନାମକ କ୍ଲବ ବୁଲେଟିନ୍‌ର ଉନ୍ମୋଚନ କରାଯାଇଥିଲା। ଯାହାର ସମ୍ପାଦନା କରିଥିଲେ ପ୍ରଜ୍ଞା ମଧୁମିତା। ସଚିବ ଅମିତା ମିଶ୍ର ଦ୍ୱାରା ଏହି ବର୍ଷର କାର୍ଯ୍ୟ ଯୋଜନା ପାଠ କରାଯାଇଥିଲା। ପାଞ୍ଚ ଜଣ ନୂତନ ସଦସ୍ୟ ଏହି ବର୍ଷ କ୍ଲବ୍‌ରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ସମ୍ମାନିତ କରାଯାଇଥିଲା।

## ସ୍ୱସ୍ତିବନରେ ବିଶାଳ ସ୍ୱାସ୍ଥ୍ୟ ଶିବିର

ନନ୍ଦନକାନନ,୨୭।୭ (ସମିସ): ଭୁବନେଶ୍ୱର ଉତ୍ତର କଲ୍ୟାଣପୁର ସ୍ୱସ୍ତିବନଠାରେ ରବିବାର ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫ଶହ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଉତ୍କଳ କଳାକାର ଏକାଡେମୀ ଓ ସମ୍ ହସ୍ପିଟାଲର ମିଳିତ ଆୟୋଜନରେ ଅନୁଷ୍ଠିତ ହୋଇଥିବା ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଚିକିତ୍ସା ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶଶଧର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠାନର ସଭାପତି ନୃସିଂହନାଥ ନନ୍ଦ, ମୁଖ୍ୟ ଉପଦେଷ୍ଟା ଭୂପତି ତ୍ରିପାଠୀ, ପ୍ରତିଷ୍ଠାତା କୈଳାସ ନାୟକ, କାର୍ଯ୍ୟକାରୀ ସଭାପତି ହରିହର ସ୍ୱାଇଁ, ଉପ ସଭାପତି ଅଭିନେତା ଅଭିନବ ସିଂ, ଡକ୍ଟର ସାରଦା ଚରଣ ମହାନ୍ତି,ଡକ୍ଟର ରୋଜାଲିନ ସେନାପତି, ଅଭିନେତ୍ରୀ ରୁନି ରାୟ, ରାଜେନ୍ଦ୍ର ପଢ଼ିଆରୀ, ଦେବେନ୍ଦ୍ର ପୃଷ୍ଟି, ବିକାଶ ଚନ୍ଦ୍ର ମଲ୍ଲିକ, ସମ ହସ୍ପିଟାଲର ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ଦାସ ଓ ସମସ୍ତ ବିଭାଗର ଡାକ୍ତର ସହିତ ପାଥୋଲ୍ୟାବର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ୧୮ ତମ ଅଧିଷ୍ଠାନ ଉତ୍ସବ



ଭୁବନେଶ୍ୱର/ଯାଁଳା,୨୭।୭(ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ୧୮ ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି (୨୪-୨୫) ପ୍ରୀତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ସତ୍ୟବ୍ରତ ମୀନକେତନ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟରିଆନମାନଙ୍କ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ (୨୦୨୫-୨୬) ପାଇଁ ନୂତନ ସଭାପତି ଭାବେ ରୁଦ୍ର ପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣତ କିଶୋର ଜେନା ଓ ସମସ୍ତ ବୋର୍ଡ ସଭ୍ୟମାନଙ୍କୁ ଅଧିଷ୍ଠିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରତାପ ଚୌଧୁରୀ, ପୂର୍ବତନ ପ୍ରାନ୍ତ ପାଳ ଯଜ୍ଞାଶିଷ ମହାପାତ୍ର, ଭବାନୀ ଚୌଧୁରୀ, ପୂର୍ବତନ ପ୍ରାନ୍ତପାଳ ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ରୋଟାରିଆନ କୈଳାସ କାନୁନଗୋ ପ୍ରମୁଖ ରୋଟାରିଆନ ମାନେ ଉପସ୍ଥିତ ଥିଲେ। ରୋଟାରୀଆନ ବିଦ୍ୟୁତ କୁମାର ସେଠୀ ସଭା ପରିଚାଳନା କରିଥିଲେ।

## ସିପିଆଇ ଭୁବନେଶ୍ୱର ଜୋନ୍‌ର ୧୬ଶ ସମ୍ମିଳନୀ



ଭୁବନେଶ୍ୱର,୨୭।୭(ସମିସ): ସିପିଆଇର ୧୬ଶ ଭୁବନେଶ୍ୱର ଜୋନ୍ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଛି। ସମ୍ପାଦକ କୈଳାଶ ପୁହାଣ ଏବଂ ରାକେଶ ପାତ୍ର, ଶରତ ସ୍ୱାଇଁ, ଶଙ୍କର ବାରିକ, ବିଶ୍ୱଜିତ ନାୟକ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିରେ ବର୍ଷିୟାନ ସାଥୀ ଲୋକନାଥ ଭୋଇ ଲାଲ ପତାକା ଉତ୍ତୋଳନ କରିଥିଲେ। ଅଶୋକ ସାହୁ, କୈଳାଶ ପୁହାଣ, ମଞ୍ଜୁ ଭୋଇ ଓ ସାଗରିକା ଦାସଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ଆସନ୍ତା ଦିନରେ ଅସମ୍ଭାଳ ଦରଦାମ ବୃଦ୍ଧି ବିରୁଦ୍ଧରେ, ଖାଲିଥିବା ସମସ୍ତ ସରକାରୀ ପଦପଦବୀ ପୂରଣ କରିବା ଏବଂ ସମସ୍ତ ଠିକା ବ୍ୟବସ୍ଥା ଉଚ୍ଛେଦ ଦାବିରେ ଆନ୍ଦୋଳନ କରିବା ସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପ୍ରତିକାର, ସହର ମଝିରେ ଡମ୍ପିଂ ୟାଡର୍ ଉଚ୍ଛେଦ ପାଇଁ ନିୟମିତ ରାଜରାସ୍ତାରେ ଗଣ ଆନ୍ଦୋଳନ ଏବଂ ପ୍ରତିବାଦ କରିବା ପାଇଁ ସମ୍ମିଳନୀରେ ସ୍ଥିର ହୋଇଛି। ପଟିଆଠାରେ ଅଗଷ୍ଟ ୨ ଓ ୩ ତାରିଖରେ ହେବାକୁ ଥିବା ଜିଲ୍ଲା ସମ୍ମିଳନୀ ପାଇଁ ପ୍ରତିନିଧି ଚୟନ ସହ ସେପ୍ଟେମ୍ବର ୪ରୁ ୬ ତାରିଖଯାଏଁ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ଓ ଶତବାର୍ଷିକୀ ସମାରୋହକୁ ସଫଳ କରିବା ପାଇଁ ଭୁବନେଶ୍ୱର ଜୋନ କମିଟିର ସମସ୍ତ ସହଯୋଗ ଓ ସମର୍ଥନ ରହିବ ବୋଲି ଏହି ସମ୍ମିଳନୀ ନିଷ୍ପତ୍ତି ନିଆଯାଇଛି। ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା ସହସମ୍ପାଦକ ସାଥି ସତୀଶ ମିଶ୍ର ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାପରେ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସାଥି ଅମିୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ପରେ ସମ୍ମିଳନୀ ପରିଚାଳିତ ହୋଇଥିଲା।

## ଜୀବନର କେତେ ରଙ୍ଗ

# ବର୍ଷା ଉପରେ ନିର୍ଭର ରାମମୂର୍ତ୍ତିଙ୍କ ବେପାର



ଭୁବନେଶ୍ୱର,୨୭।୭(ସମିସ): ବର୍ଷାରେ ନିର୍ଭର କରେ ତାଙ୍କ ଜୀବନ ଜୀବିକା। ପ୍ରତିଦିନ ରାସ୍ତା କଡରେ ଗ୍ରାହକଙ୍କ ଅପେକ୍ଷାରେ ବିତେ ତାଙ୍କ ସମୟ। କେତେବେଳେ ଛତା ତ କେତେବେଳେ ଜୋତା ମରାମତି ପାଇଁ ଖୋଜା ପଡନ୍ତି। ଘରେ ବ୍ୟବହାର ହେଉଥିବା ଛତା ଓ ଜୋତା ଆମ ପାଇଁ କେବଳ ବ୍ୟବହାରର ଜିନିଷ ହେଲେ ତାହା ଅନ୍ୟ କାହା ପାଇଁ ହୋଇପାରେ ଜୀବିକାର ମାଧ୍ୟମ। ସେହି ପୁରୁଣା ଛତା ଓ ଜୋତାକୁ ନେଇ ମୋଚିଙ୍କ ଜୀବନ ଜୀବିକା ନିର୍ଭର କରେ।

ସେହି ମରାମତି କାର୍ଯ୍ୟକୁ ନେଇ ଏଜି ଛକ ନିକଟରେ ୪୦ ବର୍ଷଧରି ଜୋତା ଓ ଛତା ସିଲେଇ କରୁଥିବା ରାମମୂର୍ତ୍ତିଙ୍କ ଦିନ କଟେ। ରାସ୍ତାକଡ଼ ଓ ବିଭିନ୍ନ ଛକ ଛକରେ ଦେଖିବାକୁ ମିଳେ ତାଙ୍କୁ। ଦିନକୁ କେଇଟା ଛତା ଆଉ ଚପଲ ସିଲେଇ କଲେ ଘରକୁ ଦି ପଇସା ଆସେ। ସକାଳୁ ସଞ୍ଜ ଯାଏ ଗ୍ରାହକ ଅପେକ୍ଷାରେ ମୋଚି ଚାହିଁ ବସିଥାଏ। ସ୍କୁଲ, କଲେଜ ଓ ଅଫିସ ଖୋଲିବା ଆଗରୁ ନିଜ ଆସର ଖୋଲି ବସନ୍ତି। ହେଲେ ବର୍ତ୍ତମାନ ସମୟରେ ତାଙ୍କ ପାଇଁ ଅଲୋଡା ପରିସ୍ଥିତି ସୃଷ୍ଟି ହେଲାଣି। ଆଉ କିଛି ଜଣ ଶ୍ରମ ନଥିବାରୁ ନିଜ ବୃତ୍ତି ବଦଳାଇ ଅଲଗା କାମକୁ ଆପଣେଇବାରେ ଲାଗିଲେଣି। ଦୀର୍ଘ ୧୫ ବର୍ଷ ତଳେ ଯେଉଁଭଳି ବେପାର ହେଉଥିଲା ଏବେ ସେ ତୁଳନାରେ କିଛି ମିଳୁନି ବୋଲି ସେ ନିଜ ଦୁଃଖ ପ୍ରକାଶ କରିଛନ୍ତି। ପୂର୍ବରୁ ଲୋକ ଗୋଟିଏ ଛତାରେ ବର୍ଷ ବର୍ଷ ଧରି ଚଳେଇ ଆସୁଥିଲେ। ଟିକେ କେଉଁଠି ଚିରିଗଲେ କି ଭାଙ୍ଗିଗଲେ ନୂଆରେ ପଇସା ଖର୍ଚ୍ଚ ନ କରି ସେଇ ଛତା କି ଜୋତାକୁ ମୋଚି ପାଖରେ ସଜାଡି ଆହୁରି ବ୍ୟବହାର କରୁଥିଲେ। ବିଶେଷକରି ବର୍ଷା ଦିନେ ହିଁ ଛତା ଅଧିକ ବ୍ୟବହାର ହେଇଥାଏ। ହେଲେ ବର୍ତ୍ତମାନ ପୁରୁଣାକୁ ଆଉ ବ୍ୟବହାର ଯୋଗ୍ୟ ଭାବୁ ନାହାନ୍ତି ଫଳରେ ଧୀରେ ଧୀରେ ତାଙ୍କ କାର୍ଯ୍ୟ ଅଲୋଡା ହେବାକୁ ଲାଗିଲାଣି। ସେମାନଙ୍କୁ ଜୋତା କି ଛତା ସିଲେଇର ଆବଶ୍ୟକ ବି ପଡୁନାହିଁ। କାରଣ ଯେତେବେଳେ ଗୋଟେ ଜୋତା କି କି ଛତା ଛିଡୁଛି ୩୦ କି ୪୦ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଗୋଟେ ନୂଆ କିଣିବାକୁ ପସନ୍ଦ କରୁଛନ୍ତି। ଜୋତା ସଜାଡ଼ିବାକୁ ଯାହା ଯେତିକି ଲୋକ ଆସୁଛନ୍ତି ହେଲେ ଛତା ସଜାଡ଼ିବା ପାଇଁ ବର୍ଷା ଦିନ ହିଁ ଭରସା। ସେ ୫ ଟଙ୍କାରୁ ଜୋତା ଓ ଛତା ସିଲେଇ ଆରମ୍ଭ କରିଥିଲେ ଯାହା ବର୍ତ୍ତମାନ ୩୦ରୁ ୪୦ ଟଙ୍କାରେ ପହଞ୍ଚିଲାଣି। ଆଗରୁ ୫ ଟଙ୍କା ପ୍ରାପ୍ୟରେ ବି ହସ ଖୁସିରେ ଘର ଚଳୁଥିଲା। ହେଲେ ବର୍ତ୍ତମାନ ୫ଶହ କି ହଜାରେ ମିଳିବା କଷ୍ଟକର ହେଲାଣି ବୋଲି ସେ କହିଛନ୍ତି।

## ମ୍ୟୁଜିକ୍ ଭିଡିଓ 'ଇନ୍‌ଷ୍ଟାଗ୍ରାମ ୧୫ ସେକେଣ୍ଡ ରିଲ୍ସ' ମୁକ୍ତିଲାଭ



ଭୁବନେଶ୍ୱର,୨୭।୭(ସମିସ): ଓଁ ସୋମ ଏଣ୍ଟରଟେନମେଣ୍ଟ ପ୍ରସ୍ତୁତ ନୂଆ ଡ୍ୟାନ୍ସ ନମ୍ବର ମ୍ୟୁଜିକ୍ ଭିଡିଓ "ଇନ୍‌ଷ୍ଟାଗ୍ରାମ ୧୫ ସେକେଣ୍ଡ ରିଲ୍ସ' ମୁକ୍ତିଲାଭ କରିଛି। ଏହି ମ୍ୟୁଜିକ୍ ଭିଡିଓ ମୁକ୍ତିଲାଭ ଅବସରରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଯୋଜକ ତଥା ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ନିର୍ଦ୍ଦେଶକ ବାବୁ ବାବୁ ସମେତ ଅଭିନେତା ରିତେଶ ଓ ଅଭିନେତ୍ରୀ ସିମ୍ରନ୍ ଉପସ୍ଥିତ ରହି ସିଡ଼ି ଉନ୍ମୋଚନ କରିଥିଲେ। ଯୁବ ନିର୍ଦ୍ଦେଶକ ବାବୁ ବାବୁ ଏହି ମ୍ୟୁଜିକ୍ ଭିଡିଓଟିକୁ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନା କରିଛନ୍ତି ରାଜେନ୍ଦ୍ର ମାଥାନ୍ ଏବଂ ମୁଖ୍ୟ ନାୟକ ରିତେଶ ଏବଂ ନାୟିକା ଭାବେ ସିମ୍ରନ୍ ଦାଶ ଅଛନ୍ତି। ଏହା ଏକ ଡ୍ୟାନ୍ସ ନମ୍ବର ଗୀତ। କଣ୍ଠଦାନ କରିଛନ୍ତି ଲୋକପ୍ରିୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଏବଂ ଶତାବ୍ଦୀ ତନୟା।



# ନିଶା ନିବାରଣ କେନ୍ଦ୍ର ପାଲଟିଛି ନିର୍ଯାତନା କେନ୍ଦ୍ର

## ୫ବର୍ଷରେ ରାଜଧାନୀରେ ୧୧୦ରୁ ଊର୍ଦ୍ଧ୍ୱ କେନ୍ଦ୍ର ନାମରେ ମାମଲା

### ଆଇନର ଊର୍ଦ୍ଧ୍ୱକୁ ଯାଇ ନିଶାଡୀଙ୍କୁ ନିର୍ଘାତ ପିଟୁଛନ୍ତି

### ବଢୁଛି ନିଶାଡୀଙ୍କ ଆତ୍ମହତ୍ୟା ହାର

### ୬୦ରୁ ଊର୍ଦ୍ଧ୍ୱ ହତ୍ୟା ମାମଲା ରୁଜୁ ହେଲାଣି



ଭୁବନେଶ୍ୱର,୨୭ ।୭ (ସମିସ):

ବର୍ତ୍ତମାନ ସମୟରେ ଘରେ ଘରେ ନିଶାଡ଼ୀ ବାହାରୁଛନ୍ତି। ନିଶା ଖାଇ ମୃତ୍ୟୁ ବରଣ ସଂଖ୍ୟା ବଢିବାରୁ ଏବେ ପ୍ରତି ପରିବାର ଲୋକଙ୍କ ଚିନ୍ତା ପଶିଛି। କିଭଳି ତାଙ୍କ ଘରେ ଥିବା ନିଶାଡୀକୁ ସୁଧାରି ଭଲ ରାସ୍ତାରେ ଆଣିବା। ସେଥିପାଇଁ ଏକାଧିକ ନିଶା ନିବାରଣ କେନ୍ଦ୍ର ଖୋଜି ସେଠାରେ ଛାଡୁଛନ୍ତି। କିନ୍ତୁ ଏବେ ନିଶା ନିବାରଣ କେନ୍ଦ୍ର ପାଲଟିଛି ମରଣ କୋଠି। ସେଠାକୁ ଯେଉଁମାନେ ଯାଉଛନ୍ତି ଶବ ହୋଇ ଫେରୁଛନ୍ତି। ଅନେକ ନିଶାଡୀଙ୍କୁ ସେଠାରେ ମାଡ଼ ମାରିବାରୁ ମୃତ୍ୟୁ ବରଣ କରୁଥିବା ବେଳେ ଅନେକ ନିଶାଡ଼ୀ ନିର୍ଯାତନା ସହ୍ୟ କରିନପାରି ଆତ୍ମହତ୍ୟା କରୁଛନ୍ତି।

୨୦୧୮ ମସିହାରେ ଦେଶରେ ୭୧୯୩ ଜଣ ନିଶାଡି ଆତ୍ମହତ୍ୟା କରିଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୧ହଜାରକୁ ଟପିଯାଇଛି। ଅବଶ୍ୟ ଓଡିଶାରେ ଏହି ସମୟ ମଧ୍ୟରେ ନିଶାଡି ଆତ୍ମହତ୍ୟା ହାର ହ୍ରାସ ପାଇବା ସହିତ ୨୦୨୨ରେ ଏହା ଶୂନ ରହିଛି। କିନ୍ତୁ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଆଗାମି ଦିନରେ ଓଡ଼ିଶା ଅନ୍ୟ ରାଜ୍ୟଠୁ ବଳିଯିବ। କେବଳ ପୁରୁଷ ନୁହେଁ ମହିଳାମାନେ ମଧ୍ୟ ନିଶା ପିଇବାରେ ବେଶ୍ ଆଗରେ ଅଛନ୍ତି। ନିଶାଡିଙ୍କ ଆତ୍ମହତ୍ୟା କ୍ଷେତ୍ରରେ ଦେଶର ଧନୀ ଓ ଶିକ୍ଷିତ ରାଜ୍ୟମାନେ ଆଗରେ ରହିଛନ୍ତି। ମହାରାଷ୍ଟ୍ରରେ ଏହି ସମୟ ମଧ୍ୟରେ ନିଶାଡିମାନଙ୍କ ଆତ୍ମହତ୍ୟା ସଂଖ୍ୟା ୨ହଜାରୁ ବୃଦ୍ଧି ପାଇ ୩ହଜାରକୁ ଅତିକ୍ରମ କରିଥିବାବେଳେ କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ତାମିଲନାଡୁ ଆଦି ଆଦି ରାଜ୍ୟ ଏ କ୍ଷେତ୍ରରେ ଢେର ଆଗରେ ରହିଛନ୍ତି। ଓଡିଶାରେ ୨୦୧୮ ମସିହାରେ ମାତ୍ର ୨ଜଣ ନିଶାଡି ଆତ୍ମହତ୍ୟା କରିଥିବାବେଳେ ୨୦୧୯ରେ ଏହି ସଂଖ୍ୟା ୨୩ରେ ପହଞ୍ଚିଥିଲା। କିନ୍ତୁ ପରବର୍ତ୍ତୀ ବର୍ଷଗୁଡିକରେ ଏହିସଂଖ୍ୟା ଏକ ଅଙ୍କରେ ରହିବା ସହିତ ୨୦୨୨ରେ ଏହା ଶୂନ ରହିଥିଲା। ନିଶାଡିମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପ୍ରାୟ ପ୍ରତ୍ୟେକ ରାଜ୍ୟରେ ନିଶା ନିବାରଣକେନ୍ଦ୍ରମାନ ଗଠନ କରଯାଇଛି। ବିଭିନ୍ନ ରାଜ୍ୟରେ ୬୧୧ଟି ନିଶା ନିବାରଣ କେନ୍ଦ୍ର ଗଠନ ହୋଇଥିବାବେଳେ ଓଡିଶାରେ ଏହି ସଂଖ୍ୟା ୫୧ ରହିଛି। ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ସର୍ବାଧିକ ୫ଟି କରି ନିଶା ନିବାରଣ କେନ୍ଦ୍ର ଥିବାବେଳେ ଅନୁଗୁଳର ୩ଟି ଏବଂ ବରଗଡ, ଢେଙ୍କାନାଳ, ଗଞ୍ଜାମ, ଜଗତ୍ସିଂହପୁର, କନ୍ଧମାଳ, ନୂଆପଡା, ରାୟଗଡା ଓ ସମ୍ବଲପୁର ଜିଲ୍ଲାରେ ୨ଟି କରି ନିଶା ନିବାରଣ କେନ୍ଦ୍ର ରହିଛି। ଓଡିଶାରେ ଥିବା ନିଶା ନିବାରଣ କେନ୍ଦ୍ରଗୁଡିକରେ କିନ୍ତୁ ପଞ୍ଜିକୃତ ହେଉଥିବା ନିଶାଡିଙ୍କ ସଂଖ୍ୟା ବଢିବାରେ ଲାଗିଛି। ୨୦୧୮ ମସିହାରେ ଏହିସବୁ ନିଶା ନିବାରଣକେନ୍ଦ୍ରରେ ୨୪,୪୯୭ ଜଣ ନିଶାଡି ପଞ୍ଜିକୃତ ହୋଇଥିବାବେଳେ ୨୦୨୨ ବେଳକୁ ଏହି ସଂଖ୍ୟା ୪୮ହଜାରକୁ ଅତିକ୍ରମ କରିଛି।

ନିଶା ନିବାରଣ କେନ୍ଦ୍ରରେ ନିଶାଡ଼ୀଙ୍କ ସଂଖ୍ୟା ବଢୁଥିବାରୁ ସେମାନଙ୍କ ଦାଦାଗିରି ବଢୁଛି। ଗତ ୫ବର୍ଷରେ ରାଜଧାନୀରେ ୧୧୦ରୁ ନିଶା ନିବାରଣ କେନ୍ଦ୍ରରେ ମାଡ଼ ମରାଯାଇଥିବା ମାମଲା ରୁଜୁ କରାଯାଇଛି। ଏଥିସହ ୬୦ରୁ ଉଦ୍ଧର୍ ହତ୍ୟା ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ବିଶେଷ କରି ଖଣ୍ଡଗିରି,ତମାଣ୍ଡୋ,ସହିଦନଗର ଏବଂ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ର ନାମରେ ସର୍ବାଧିକ ମାମଲା ରହିଛି।

ଗତ ସେପ୍ଟେମ୍ବର ୧୫ ତାରିଖରେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଲକ୍ଷ ଫାଉଣ୍ଡେସନ୍ ନାମରେ ଏଭଳି ଅଭିଯୋଗ ଆସିଥିଲା। କେନ୍ଦ୍ରରେ ଜଣେ ନିଶାଡିଙ୍କୁ ସେଠାରେ ଥିବା କର୍ମଚାରୀ ନିର୍ଘାତ ମାଡ଼ ମାରୁଥିବାର ଭିଡ଼ିଓ ଭାଇରାଲ ହୋଇଥିଲା। ଯେଉଁ ଭିଡ଼ିଓ ଆଧାରରେ ପୁଲିସ ସଂସ୍ଥା ନାମରେ ମାମଲା ରୁଜୁ କରିଥିଲେ ମଧ୍ୟ କାହାରିଙ୍କୁ ଗିରଫ କରିନଥିଲା। ସେହିପରି ସହିଦନଗର ଥାନା ଅଞ୍ଚଳରେ ଥିବା ଏକ ନିଶାନିବାରଣ କେନ୍ଦ୍ରରେ ଗତ ବର୍ଷ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ମଧ୍ୟ କୋର୍ଟରେ ଦୋଷି ସାବ୍ୟସ୍ତ ହୋଇଛନ୍ତି। ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରିଥିଲେ।

### ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆଣିବ ପୁଲିସ

ରାଜଧାନୀରେ ଥିବା ଏକାଧିକ ନିଶା ନିବାରଣ କେନ୍ଦ୍ର ବିରୋଧରେ ଏଭଳି ଅଭିଯୋଗ ତାଲିକା ବଢିବା ପରେ ପୁଲିସର ମୁଣ୍ଡବିନ୍ଧା ହୋଇଛି। ତେଣୁ ଖୁବ୍‌ଶୀଘ୍ର ଏହି ନିଶା ନିବାରଣ କେନ୍ଦ୍ରକୁ ସାବାଡ଼ କରିବ। ଏଥିଲାଗି ପୁଲିସ ଏକ ଗାଇଡ୍‌ଲାଇନ୍ କରିବ ବୋଲି ଜଣାପଡ଼ିଛି। ମିଳିଥିବା ସୂତ୍ରରୁ ଜଣାପଡ଼ିଛି ଯେ, ରାଜଧାନୀରେ ଥିବା ସମସ୍ତ ନିଶା ନିବାରଣକେନ୍ଦ୍ରେ ପୁଲିସ ନିକଟରେ ପଞ୍ଜୀକରଣ କରିବାକୁ ବାଧ୍ୟ। ଏପରିକି ଉକ୍ତ ସଂସ୍ଥାର ସମସ୍ତ ଦସ୍ତାବିଜ୍ ମଧ୍ୟ ଦାଖଲ କରିବ। ଆହୁରି ମଧ୍ୟ ମଝିରେ ମଝିରେ ଥାନା ଅଧିକାରୀ ଉକ୍ତ ନିଶା ନିବାରଣ କେନ୍ଦ୍ରକୁ ପରିଦର୍ଶନରେ ଯିବ। ଯଦି କେଉଁ କେନ୍ଦ୍ରରୁ ଏଭଳି ନିର୍ଯାତନା ଅଭିଯୋଗ ଆସେ, ତେବେ ତାହା ପଞ୍ଜିକରଣ କ୍ୟାନ୍‌ସଲ କରାଯିବ ବୋଲି ଯୋଜନା କରାଯାଉଛି। ବରିଷ୍ଠ ଅଧିକାରୀ ଏସଂକ୍ରାନ୍ତରେ ଆଇନ୍ ବିଶାରଦଙ୍କ ସହ ଆଲୋଚନା କରୁଛନ୍ତି।

## ଆମ୍ବେଦକରଙ୍କ ମୂର୍ତ୍ତି ଭଙ୍ଗାକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା



ଭୁବନେଶ୍ୱର, ୨୭।୭(ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଶନିବାର ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ମୂର୍ତ୍ତିକୁ କିଛି ଅଜ୍ଞାତ ଲୋକ ଭାଙ୍ଗି ବିକୃତ କରି ଦେଇଛନ୍ତି। ହେଲେ ପୁଲିସ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କାହାରିକୁ ଗିରଫ କରିନାହିଁ। ଏହାକୁ ନେଇ ଅସନ୍ତୋଷ ବଢୁଥିଲା ବେଳେ ବହୁଜନ ଷ୍ଟୁଡେଣ୍ଟ ଏବଂ ୟୁଥ୍ ଫ୍ରଣ୍ଟର ରାଜ୍ୟ ସଂଯୋଜନ ଅନୀଲ କୁମାର ମଲ୍ଲିକ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ପିଟିସନରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ଏବଂ କମିଶନରେଟ୍ ପୁଲିସ ତୁରନ୍ତ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରନ୍ତୁ। ଏହି ମାମଲାରେ ଏକ ଏସ୍‌ଆଇଟି ଗଠନ କରାଯାଇ ଦୋଷୀଙ୍କୁ ୭ଦିନ ମଧ୍ୟରେ ଗିରଫ କରାଯାଉ। କାର୍ଯ୍ୟରେ ଅବହେଳା ପାଇଁ ବାଲିପାଟଣା ଥାନାର ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଭଙ୍ଗା ଯାଉଥିବା ମୂର୍ତ୍ତିକୁ ତୁରନ୍ତ ଠିକ୍ କରାଯାଉ। ଶାନ୍ତି ଏବଂ ଭାଇଚାରା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଘଟଣାସ୍ଥଳରେ ପୁଲିସ ମୁତୟନ କରାଯାଉ। ଏଥିପାଇଁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରନ୍ତୁ। ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ଯେ, ବାବା ସାହେବ ଆମ୍ବେଦକରଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉ।

## ଲୁଟ୍ ଘଟଣାରେ ଆଉ ଜଣେ ଗିରଫ



ଭୁବନେଶ୍ୱର, ୨୭।୭ (ସମିସ): ମୋବାଇଲ ଲୁଟ୍ ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚକେଇସିଆଣୀ ମା’ ପାଟଦେବୀ ବସ୍ତିର ଟୁକୁ ଜେନା (୨୮)। ଗତ ଏପ୍ରିଲ ୮ ତାରିଖ ଦିନ ଅଭିମନ୍ୟୁ ଦାସ ତାଙ୍କ ପିକଅପ୍ ଗାଡ଼ିକୁ ପାର୍କିଂ କରି ଟୟୋଟା ଶୋ’ରୁମ୍ ଆଡ଼କୁ ଚାଲିଚାଲି ଯାଉଥିଲେ। ସେହି ସମୟରେ ଟୁକୁ, ସତ୍ୟନାରାୟଣ ଓ ସତ୍ୟଜିତ ସ୍କୁଟିରେ ଆସି ତାଙ୍କୁ ଅଟକାଇ ମୋବାଇଲ୍ ଫୋନ୍ ଲୁଟିବା ପୂର୍ବରୁ ଆକ୍ରମଣ କରିଥିଲେ। ଅଭିମନ୍ୟୁ ଅନ୍ୟ ଜଣେ ବାଇକ ଚାଳକଙ୍କ ସହାୟତାରେ ସେମାନଙ୍କୁ ପିଛା କରିଥିଲେ। ସ୍ଥାନୀୟ ଲୋକ ଓ ସାଇବର ଥାନା ସହାୟତାରେ ସତ୍ୟନାରାୟଣ ଓ ସତ୍ୟଜିତକୁ ଧରିବାରେ ସଫଳ ହୋଇଥିଲେ। ହେଲେ ସ୍କୁଟି ଚଳାଉଥିବା ଟୁକୁ ଖସିଯିବାରେ ସଫଳ ହୋଇଥିଲା। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁହିଁଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଜବତ କରିଥିଲା। ଘଟଣା ପରଠାରୁ ଫେରାର ଥିବା ଟୁକୁକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ‘ଚିତ୍ରମୟ ପିଲାଦିନ’ ଉନ୍ମୋଚିତ



ଭୁବନେଶ୍ୱର,୨୭।୭(ସମିସ): ଲେଖିକା ତଥା ଶିକ୍ଷାବିତ୍ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ ସ୍ମୃତିଚିତ୍ର “ଚିତ୍ରମୟ ପିଲାଦିନ’ ପୁସ୍ତକର ଲୋକାର୍ପଣ ଉତ୍ସବ ରାଷ୍ଟ୍ରୀୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଣକୃଷ୍ଣ କଲ୍‌ଚରାଲ୍ ଫାଉଣ୍ଡେସନ୍ ଟ୍ରଷ୍ଟ, ବାଲେଶ୍ୱର ଓ ବନଫୁଲ ପ୍ରକାଶନୀ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଭାଷାବିଦ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦଘାଟକ, ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ମିହିର କୁମାର ସାହୁ, ଅବସରପ୍ରାପ୍ତ ପ୍ରଶାସକ ତଥା ସାହିତ୍ୟିକ ରବିନାରାୟଣ ସେନାପତି ଓ ପ୍ରଶାସକ ଶୋଭନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଦିନର ସ୍ମୃତି ଅଭୁଲା ଓ ଅବିସ୍ମରଣ ବୋଲି କହିଥିଲେ। ଉତ୍ସବରେ ଲେଖିକା ଡ. ମନୋରମା ବିଶ୍ୱାଳ ମହାପାତ୍ର ସଭାପତିତ୍ୱ କରି ପୁସ୍ତକ ସଂପର୍କରେ ସମ୍ୟକ୍ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅନୀତି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସସ୍ମିତା ନାୟକ ମାନପାତ୍ର ପାଠ କରିଥିଲାବେଳେ ବନଫୁଲ ପ୍ରକାଶନୀ ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବକୁ ଡକ୍ଟର ଶର୍ମିଷ୍ଠା ମହାପାତ୍ର ପରିଚାଳନା କରିଥିଲେ। ଡକ୍ଟର ସୁଶୀଳ କୁମାର ବାଗ୍ ଧନ୍ୟବାଦ ଦେଇଥିଲେ।

## ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ୍ ପକ୍ଷରୁ ଅନ୍ନଦାନ ଓ ଚାରାରୋପଣ




ଭୁବନେଶ୍ୱର, ୨୭।୭(ସମିସ): ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ୍ ପକ୍ଷରୁ ତଲଖେଦା ଛକ ନିକଟସ୍ଥ ମିସନ୍ ଆଶା ଆଶ୍ରମରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଛି। ଏହାସହ ଆଶ୍ରମରେ ରହୁଥିବା ୨୫୦ ରୁ ଅଧିକ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ କରଯାଇଛି। ସଂଗଠନର କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀ ମିଳିତ ଭାବେ ପିତାପଲ୍ଲୀଠାରେ ପ୍ରାୟ ୩ ଶହରୁ ଅଧିକ ଚାରାରୋପଣ କରିଛନ୍ତି। ଆଗକୁ ଏପରି ଜନସେବା ଏବଂ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବର ସଭାପତି ଅର୍ଜୁନ କୁମାର ସାହୁ ପ୍ରକାଶ କରିଛନ୍ତି। ସଭାପତି ଶ୍ରୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦୀପକ ସେହେଗାଲ, ପିଡିଜି ଦେବାଶିଷ ମିଶ୍ର, ରବି ନାରାୟଣ ନନ୍ଦ, ଶିବ ଦାସ, ଅନିଲ ସାମଲ, ପ୍ରାକ୍ତନ ସଭାପତି ପ୍ରଦୀପ ଦାସ, ଆଜାଦ ହିନ୍ଦ ପାଣିଗ୍ରାହୀ, ବାଦଲ ପରିଜା, ପ୍ରସନ୍ନ ଲେଙ୍କା, ପ୍ରତାପ ଚୌଧୁରୀ, ବରିଷ୍ଠ ରୋଟାରିଆନ ବିଷ୍ଣୁପ୍ରସାଦ କେଡ଼ିଆ, ଶ୍ରୀନିବାସ ସାହୁ, ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ସମେତ କ୍ଲବର ବହୁ ସଦସ୍ୟ ସାମିଲ ଥିଲେ।

## ସୂର୍ଯ୍ୟଘର ଯୋଜନା ନାଁରେ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୨୭।୭ (ସମିସ): ପିଏମ୍ ସୂର୍ଯ୍ୟଘର ଯୋଜନା କାମ ଦେବା ଆଳରେ ୫ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡାର ଜ୍ୟୋତିରଞ୍ଜନ ପାଇକରାୟ (୪୮)। ପୁଲିସ ସୂଚନା ଅନୁସାରେ, ଧର୍ମଶାଳା ଅଞ୍ଚଳର ଅମରେଶ ପଣ୍ଡା ପ୍ରାୟ ୮ ମାସ ତଳେ ଜଣେ ସମ୍ପର୍କୀୟଙ୍କ ମାଧ୍ୟମରେ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ଥିବା ଜ୍ୟୋତିରଞ୍ଜନର ଅଫିସକୁ ଆସିଥିଲେ। ଜ୍ୟୋତିରଞ୍ଜନ ନିଜେ ପିଏମ୍ ସୂର୍ଯ୍ୟଘର ଯୋଜନା କାମ ନେଇଥିବା ବେଳେ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକ୍ ପାଇଁ ଭେଣ୍ଡର ନେବାକୁ ଅମରେଶଙ୍କୁ ପ୍ରବର୍ତ୍ତାଇଥିଲେ। ପ୍ରତି ବଦଳରେ ୫ ଲକ୍ଷ ଟଙ୍କା ମାଗିବାରୁ ଅମରେଶ ଓ ତାଙ୍କ ପତ୍ନୀଙ୍କ ଆକାଉଣ୍ଟରୁ ଜ୍ୟୋତିରଞ୍ଜନଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କା ପଠାଇଥିଲେ। ୮ ଦିନ ଭିତରେ ୨୫ ଲକ୍ଷ ଟଙ୍କାର ସୋଲାର ଓ ଅନ୍ୟାନ୍ୟ ସାମଗ୍ରୀ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଏକ ହଜାର ବର୍ଗଫୁଟର ଅଫିସ୍ ଭଡ଼ା ନେବାକୁ କହିବା ସହିତ ସେ ଭଡ଼ା ଟଙ୍କା ଦେବେ ବୋଲି କହିଥିଲେ। ହେଲେ ଟଙ୍କା ନେବାର ୮ ମାସ ପରେ ମଧ୍ୟ କୌଣସି ସାମଗ୍ରୀ ପହଞ୍ଚାଇ ନ ଥିଲେ କି ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଅମରେଶ ଟଙ୍କା ମାଗିବାରୁ ଜ୍ୟୋତିରଞ୍ଜନ ଲୋକ ଲଗାଇ ମାରିଦେବେ ବୋଲି ଧମକ ଦେଇଥିଲେ। ଅମରେଶଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ପ୍ରାସଙ୍ଗିକ କାଗଜପତ୍ର ଜବତ କରିବା ସହ ଅମରେଶ ଓ ଜ୍ୟୋତିରଞ୍ଜନ ମଧ୍ୟରେ ହୋଇଥିବା ଚୁକ୍ତିନାମା ଯାଞ୍ଚ କରାଯାଇଥିଲା। ଜ୍ୟୋତିରଞ୍ଜନ ଠକିବା ଉଦ୍ଦେଶ୍ୟରେ ନିଜକୁ ବିକ୍ରେତା ଭାବରେ ଉପସ୍ଥାପନ କରିଥିଲା। ବରମୁଣ୍ଡା ବସଷ୍ଟାଣ୍ଡରୁ ଜ୍ୟୋତିରଞ୍ଜନକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଧଉଳି ଚାରୁକଳା ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୭।୭(ସମିସ): ଶାନ୍ତିସ୍ତୂପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରି ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟର ମୁଦ୍ରଣ ବିଭାଗର ଅଧ୍ୟାପକ ତ୍ରିନାଥ ମହାନ୍ତିଙ୍କୁ ଚିତ୍ରଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପଞ୍ଚାନନ ସୁର୍, ସମ୍ମାନିତ ଅତିଥି ଭାବେ ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ା, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ ଓ ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରୀୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କଳାକୃତିର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ. ହୃଷୀକେଶ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅତିଥିମାନେ ମହାବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ସ୍ମୃତିରଞ୍ଜନ ବେହେରା ଓ ସୋନାଲି ବିଶ୍ୱାଳଙ୍କୁ ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ ଏବଂ ଦୀପକ କୁମାର ଜେନା, ବୃନ୍ଦାବନ ପଣ୍ଡା ଓ ବର୍ଷା ରାଣୀ ଓଝାଙ୍କୁ ଅଧୀର କୁମାର ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ।

## ରୋଜଗାର ଲୋଭ ଦେଖାଇ ୧୪ ଲକ୍ଷ ଠକେଇ

### ସେଲିବ୍ରେଟିଙ୍କ ଭିଡିଓ ସେୟାର କଲେ ୧୦୦ ଟଙ୍କା

### ଫଟୋ ସେୟାର କଲେ ୫୦ ଟଙ୍କା

### ୭ ଦିନ ମଧ୍ୟରେ ୧୫ଜଣ କଲେଣି ଅଭିଯୋଗ



ଭୁବନେଶ୍ୱର,୨୭ ।୭ (ସମିସ):

ଟେଲିଗ୍ରାମ୍‌ରେ ଭିଡିଓ ଏବଂ ଫଟୋ ସେୟାର କରି ଟଙ୍କା ରୋଜଗାରର ଲୋଭ ଦେଖାଇ ସାଇବର ଠକ ନେଇଗଲେ ୧୫ ଲକ୍ଷ ଟଙ୍କା। ଏହି ଠକାମିର ଶିକାର ହୋଇଛନ୍ତି ରାଜୁ ବେହେରା। ସେ ଜଣେ ଉଚ୍ଚ ଶିକ୍ଷିତ ହୋଇଥିବା ବେଳେ ପରିବାର ସହ ପଟିଆ ଅଞ୍ଚଳରେ ରହୁଛନ୍ତି। ସେ ଏ ନେଇ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଏଥିସହ ଟଙ୍କା ଯାଇଥିବା ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ପୁଲିସ ଚିଠି ଲେଖିଛି।

ଅଭିଯୋଗ ଅନୁସାରେ, ଗତ ୫ ଦିନ ତଳେ ରାଜୁଙ୍କ ଟେଲିଗ୍ରାମ୍‌କୁ ଏକ ମେସେଜ୍ ଆସିଥିଲ। ଯେଉଁଥିରେ ଘରେ ବସି ଟଙ୍କା ରୋଜଗାର କରିବାର ସ୍ୱପ୍ନ ଦେଖାଇଥିଲେ। ତାଙ୍କୁ ଦିଆଯାଉଥିବା ଟ୍ୟାସ୍କକୁ ପୂରଣ କଲେ ଟଙ୍କା ମିଳିବ ବୋଲି କହିଥିଲେ। ସେଲିବ୍ରେଟିଙ୍କ ଭିଡିଓ ସେୟାର କଲେ ୧ଶହ ଟଙ୍କା ମିଳିବ ଏବଂ ଫଟୋ ସେୟାର କଲେ ୫୦ ଟଙ୍କା ମିଳିବ ବୋଲି କହିଥିଲେ। ତେଣୁ ରାଜୁ ନିଜର ବ୍ୟାଙ୍କ୍ ଆକାଉଣ୍ଟ ସମସ୍ତ ତଥ୍ୟ ଦେଇଥିଲେ। ସାଇବର ଠକ ତାଙ୍କୁ ପ୍ରଥମେ ୧୦ ହଜାର ଟଙ୍କା ଜମା କରିଥିଲେ। ସାଇବର ଠକ ତାଙ୍କୁ ପ୍ରଥମେ ଫଟୋ ଏବଂ ଭିଡିଓ ପଠାଇଥିଲେ। ଏହାକୁ ରାଜୁ ସେୟାର କରିବା ପରେ ତାଙ୍କ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସିନଥିଲା। ତେଣୁ ସାଇବର ଠକୁ ରାଜୁ ପଚାରିବା ପରେ ଏକ ଓଟିପି ଦେଲେ ଟଙ୍କା ଆସିବ ବୋଲି କହିଥିଲେ। ଠକର କହିବା ଅନୁସାରେ ଓଟିପି ଦେବା ପରେ ରାଜୁର ଆକାଉଣ୍ଟରୁ ୧୪ଲକ୍ଷ ଟଙ୍କା ଗୋଲ୍ ହୋଇଯାଇଥିଲା।

ଏହିଭଳି ରାଜଧାନୀରେ ଗତ ୭ ଦିନରେ ୧୫ଜଣ ଏଭଳି ଠକାମିର ଶିକାର ହୋଇଛନ୍ତି। ତେଣୁ ଯଦି କାହାରି ଟେଲିଗ୍ରାମ୍‌କୁ ମେସେଜ୍ ଆସେ ତେବେ ଲୋଭରେ ନପଡିବାକୁ ପୁଲିସ ସଚେତନ କରିଛନ୍ତି।

## କାଠଫାଳିଆରେ ଆକ୍ରମଣ, ଜଣେ ମୃତ



ରାୟଗଡ଼ା,୨୭।୭(ସମିସ): ରାୟଗଡ଼ା ଥାନା ଅନ୍ତର୍ଗତ କୁମ୍ଭିକୋଟା ଫାଣ୍ଡି ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ଜଣକ ହେଲେ ପୋଡ଼ମରା ଗ୍ରାମର ସଞ୍ଜୟ କନ୍ଧପାଣି(୩୫)। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ମୃତକଙ୍କ ପରିବାରବର୍ଗ ଓ ପୋଲିସ କହୁଥିବା ବେଳେ ପରକୀୟା ପ୍ରୀତି ପାଇଁ ଏହି ଘଟଣା ଘଟିଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏହି ମାମଲାରେ ରାୟଗଡ଼ା ପୁଲିସ ସୀମା ଜାଲମୁରି ଓ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାରୁ ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ମୃତକ ସଞ୍ଜୟ ଓ ସୀମା ଏକାଠି ହୋଇ ମଦ୍ୟପାନ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ଝଗଡ଼ା ହୋଇଥିଲା। ସୀମା ଏକ କାଠ ଫାଳିଆରେ ସଞ୍ଜୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସଞ୍ଜୟ ଗୁରୁତର ହେବା ପରେ ତାଙ୍କୁ ରାତିରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସଞ୍ଜୟଙ୍କ ଅବସ୍ଥା ଶୋଚନୀୟ ରହିଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁରକୁ ରେଫର କରିଥିଲେ। ରବିବାର ସଞ୍ଜୟଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ନେବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ଦୁଇଜଣଙ୍କୁ ଅଟକ ରଖାଯାଇଛି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ରାସ୍ତା କାମ ଅଧାକରି ଠିକାଦାର ଛୁ!



ଖଇରପୁଟ,୨୭।୭(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଅଧୀନ ଗୋବିନ୍ଦପାଲି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ ହାଇସ୍କୁଲ ରାସ୍ତା କାମକୁ ଦୀର୍ଘ ୪ ମାସ ହେଲେ ସୁଦ୍ଧା ଶେଷ ହୋଇପାରିନାହିଁ। ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ରାସ୍ତା ଉନ୍ନତିକରଣ କାମରେ ଠିକାଦାର ପକ୍ଷର ଅବହେଳା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରଥମେ କିଛି ଦିନ କାମ ତ୍ୱରାନ୍ୱିତ ହେଲେ ମଧ୍ୟ ମାତ୍ର ଅଧା ରାସ୍ତା ନିର୍ମାଣ କରିବା ପରେ ଠିକାଦାର କାମ ସମ୍ପୂର୍ଣ୍ଣ କରୁନାହିଁ। ଫଳରେ ଗ୍ରାମବାସୀମାନେ ବର୍ଷା ଋତୁରେ ବହୁ ଅସୁବିଧା ଭୋଗୁଛନ୍ତି। କିଛି ମିଟର ଚିପ୍ସ କଂକ୍ରିଟ୍ କାମ ସାରି ବଳକା ପେଭର ବ୍ଲକ୍ କାମ ରହିଥିବା ବେଳେ ଅଳ୍ପ କିଛି କାମ କରି ବାଳକା ବାଲି ପକାଇ କାମଟିକୁ ଅଧୁରା କରି ଛାଡ଼ିଯାଇଛି ଠିକାଦାର। ଏହି ରାସ୍ତାରୁ ପ୍ରତିଦିନ ଶିକ୍ଷାର୍ଥୀ ଓ ସାଧାରଣ ଲୋକଙ୍କ ଯାତାୟାତରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ପକ୍ଷରୁ କାମ ତ୍ୱରାନ୍ୱିତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମଧ୍ୟ ମିଳିନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। କାମ ତୁରନ୍ତ ଶେଷ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି।

## ନକ୍ସଲଙ୍କ ସହିଦସ୍ତମ୍ଭକୁ ଧ୍ୱଂସ କଲେ ସୁରକ୍ଷା ବାହିନୀ



ମାଲକାନଗିରି, ୨୭।୭(ସମିସ): ମାଓବାଦୀଙ୍କ ସହିଦ ସପ୍ତାହ ପୂର୍ବରୁ ନକ୍ସଲ ସହିଦ ସ୍ତମ୍ଭକୁ ଧ୍ୱଂସ କଲେ ସୁରକ୍ଷା ବାହିନୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଦନ୍ତେୱାଡା ଜିଲ୍ଲାରେ ସିଆରପିଏଫର ୧୯୫ ବାଟାଲିୟନର ଯବାନ ଓ ଡିଆରଜି ବାହିନୀ ପକ୍ଷରୁ ମିଳିତ ଭାବେ ମାଲେଭାହିର ଥାନା ଅନ୍ତର୍ଗତ କହଚେନାର ଅଞ୍ଚଳରେ ଅପରେସନ ପାଇଁ ବାହାରି ଥିଲେ। ମାଲେଭାହି, ପୁଷ୍ପାଲ ଓ କାହେନାର ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ଜୋରଦାର ଅପରେସନ ଚାଲିଥିବା ବେଳେ। କାହେନାର ଗ୍ରାମ ନିକଟରେ ନକ୍ସଲ ମାନଙ୍କ ଦ୍ୱାରା ନିର୍ମିତ ମୋଟ ତିନୋଟି ସହିଦ ସ୍ତମ୍ଭ ଚିହ୍ନଟ କରାଯାଇଥିଲା। ଯାହା ମଧ୍ୟରୁ ଦୁଇଟି କାଠରେ ତିଆରି ହୋଇଥିବା ବେଳେ ଗୋଟିଏ ସିମେଣ୍ଟ କଂକ୍ରିଟ୍‌ରେ ତିଆରି ହୋଇଥିଲା। ସୁରକ୍ଷା ବାହିନୀ ତିନୋଟି ସହିଦ ସ୍ତମ୍ଭକୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ମାଓବାଦୀଙ୍କ ଏହି ସ୍ତମ୍ଭ ନିହତ ମାଓନେତା ଆନନ୍ଦ ଓରଫ ସୁଦର୍ଶନ କର୍ତ୍ତାମ୍, ପିଏଲଜିଏ ଡେପୁଟି କମାଣ୍ଡର ରାମସୁ କୋରମ୍ ଓରଫ ଜୟମାନ ଏବଂ ମହିଳା ମାଓବାଦୀ ସନିତାଙ୍କ ନାମରେ ନିର୍ମିତ ହୋଇଥିଲା। ମାଓ ସଂଗଠନ ପ୍ରତିବର୍ଷ ଜୁଲାଇ ୨୮ ତାରିଖ ଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରନ୍ତି। ଯେଉଁଥିରେ ସେମାନେ ନିହତ ନକ୍ସଲଙ୍କ ସ୍ମୃତିରେ ସ୍ମାରକୀ ନିର୍ମାଣ କରି ବ୍ୟାନର ପୋଷ୍ଟର ଲଗାନ୍ତି। ସହିଦ ସପ୍ତାହ ସମୟରେ ଲାଲ୍ ବାହିନୀ ପ୍ରଚାର ମାଧ୍ୟମରେ ଗ୍ରାମବାସୀଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି। ଯେଉଁଥି ପାଇଁ ସୁରକ୍ଷା ବାହିନୀ ତତ୍ପର ହୋଇ ସତର୍କତାର ସହ ନକ୍ସଲଙ୍କ ସହିଦ ସ୍ତମ୍ଭକୁ ଭାଙ୍ଗି ଦେଇଛନ୍ତି।

### ଅଧିକାରୀଙ୍କ କଥାରେ ରହୁନି ତାଳମେଳ

# ସରୁନି ମନରେଗା ଦୁର୍ନୀତିର ତଦନ୍ତ

କୋରୁକୋଣ୍ଡା,୨୭।୭(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ତୁମୁଷାପଲ୍ଲି ଗ୍ରାମପଞ୍ଚାୟତ ଅଧୀନରେ ଥିବା ଏମଭି-୪୭ଗ୍ରାମ ଖେଳ ପଡିଆ ନିମନ୍ତେ ସରକାରଙ୍କ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷରେ "ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୩ ଲକ୍ଷ ୬୫ହଜାର ଟଙ୍କା ଆସିଥିଲା। ସମାନ ଭାବରେ ଉକ୍ତ ପଞ୍ଚାୟତ ସଦର ଖେଳ ପଡିଆ ନିମନ୍ତେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଉକ୍ତ ଖେଳ ପଡିଆ ଉନ୍ନତକରଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ୫ଲକ୍ଷ ୪୪ ହଜାର ଟଙ୍କା ଆସିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏମଭି-୪୭ ଗ୍ରାମ ଖେଳ ପଡିଆରେ ଗତ ମେ'ମାସରେ କୌଣସି ଗୋଟିଏ ମଧ୍ୟ ଶ୍ରମିକ ଉକ୍ତ ଖେଳ ପଡିଆରେ କାମ କରି ନାହାନ୍ତି। ସେହି ମାସରେ ୪୪୨ ଶ୍ରମିକ କାମକରିଥିବା ଏବଂ ସେମାନଙ୍କୁ ଜୁନ ମାସ ୧୩ ତାରିଖରେ ୧୨୦୬୬୬ ଟଙ୍କା ପଇଠ କରାଯାଇଥିବା ନେଇ ସରକାରୀ ତଥ୍ୟରେ ଦର୍ଶାଯାଇଛି। ଏହାକୁ ନେଇ 'ସକାଳ'ରେ ଜୁନ ମାସ ୧୭ ତାରିଖରେ ଉକ୍ତ କାର୍ଯ୍ୟ ସ୍ଥଳୀର ଫୋଟ ସହିତ ଖବର ପ୍ରକାଶ ପାଇଥିଲା। ସେହିପରି ସମାନ ଭାବରେ ପଞ୍ଚାୟତ ସଦର ଖେଳ ପଡିଆରେ ଗତ ମେ ଏବଂ ଜୁନ ମାସରେ ମୋଟ ୪୯୬ ଶ୍ରମିକ କାମ କରିଥିବା ନେଇ ଜୁନ ମାସ ୧୬ ତାରିଖରେ ଶ୍ରମିକଙ୍କୁ ମୋଟ ୧୩୫୪୦୮ ଟଙ୍କା ପଇଠ କରାଯାଇଥିଲା। ସେହି ମାସରେ କାମ କରିଥିବା ଅବଶିଷ୍ଟ ୮୨୪ ଶ୍ରମିକଙ୍କୁ ଶ୍ରମ ବାବଦକୁ ୨୨,୪୯୫,୨ ଟଙ୍କା ଆଗାମୀ ଦିନରେ ପାରିତ କରିବା ପାଇଁ ସରକାରୀ ତଥ୍ୟରେ ଦର୍ଶାଯାଇଛି। ଉକ୍ତ କାମକୁ ନେଇ ଅଭିଯୋଗ ହୋଇଥିବା ବେଳେ ଏହାକୁ ନେଇ 'ସକାଳ'ରେ ଜୁଲାଇ ମାସ ୭ ତାରିଖରେ ଖବର ପ୍ରକାଶନ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ଜୁଲାଇ ୭ ତାରିଖ ଦିନ ଉକ୍ତ ଦୁଇ ଗୋଟି ଖେଳ ପଡିଆ କାମକୁ ନେଇ ତଦନ୍ତ କରିବାକୁ ପତ୍ର ସଂଖ୍ୟା-୨୮୮୧/ ମନରେଗାରେ ପଞ୍ଚାୟତ ସମିତି ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ ଏବଂ କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ୨୦ଦିନ ହୋଇଯାଇଥିଲେ ମଧ୍ୟ ତଦନ୍ତ ସରିନଥିବା ସହିତ ତଦନ୍ତ ଅଧିକାରୀଙ୍କ ତଥ୍ୟରେ ତାଳମେଳ ରହୁନି। ଏହାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି କ'ଣ ହୋଇଛି ପଚାରିକି ଜଣାଇବେ। ତଦନ୍ତ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ କାମ ଗୁଡିକର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ମିଳିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେହି କାମ ଗୁଡିକର କେସ୍ ରେକର୍ଡ଼ ମିଳିନାହିଁ। ଏଣୁ ତଦନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ତଦନ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ତଦନ୍ତକୁ ନେଇ ପଚାରିବାରୁ ସେ କହିଥିଲେ କି ତଦନ୍ତ ସରିଛି ନିର୍ବାହୀ ଯନ୍ତ୍ରୀ, ଉପରସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିବେ। ହେଲେ ଅଧିକାରୀଙ୍କ କଥାରେ ତାଳମେଳ ରହୁନଥିବା ଦେଖିବାକୁ ମିଳୁଛି। ଯାହାକି ୩ ଦିନରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ ରହିଥିବା ବେଳେ ବର୍ତ୍ତମାନ ୨୦ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ ସରିବାର ନା ନେଉନି। ଆଗାମୀ ଦିନରେ ଦେଖିବାର ବାକି ରହିଲା ତଦନ୍ତ ସରୁଛି କେବେ ଓ ଆଉ କିପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବ୍ଲକ ପ୍ରଶାସନ।

### ନନ୍ଦପୁର ପ୍ରେସ କ୍ଲବ୍‌ର ପ୍ରଥମ ପ୍ରତିଷ୍ଠା ଉତ୍ସବ

## 'ନିର୍ଭିକ, ନିର୍ଭୁଲ ସମ୍ବାଦ ପରିବେଷଣ ସମାଜକୁ ସୁସ୍ଥ କରିଥାଏ'



ନନ୍ଦପୁର,୨୭।୭(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ପ୍ରେସ କ୍ଲବ୍ ଗଠନ ସହ ପ୍ରଥମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ମୁଖ୍ୟ ବକ୍ତା ଭାବେ ସୁନାମଧନ୍ୟ କବି ବିଚିତ୍ରା ନନ୍ଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଉତ୍କଳ ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଭୋଇ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନନ୍ଦପୁର ପ୍ରେସ କ୍ଲବ୍‌ର ସାମ୍ବାଦିକ ମାନେ ଯେପରି ସତ୍ୟ, ତଥ୍ୟ ଆଧାରରେ ଖବର ପରିବେଷଣ କରି ସମାଜକୁ ସୁସ୍ଥ ରଖିବେ ସେ ସମ୍ପର୍କରେ ବକ୍ତାମାନେ କହିଥିଲେ। ଦେଶ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନେକ ଅତିଥି କହିଥିଲେ। ଶେଷ ରେ ନନ୍ଦପୁର ପ୍ରେସ କ୍ଲବ୍ ଗଠନ ସହ ମନୋନୀତ କର୍ମକର୍ତ୍ତା ଯଥା ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ସମ୍ପାଦକ ରମେଶ ଅଧିକାରୀ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ସହ ସମ୍ପାଦକ ହରେସ ଖିଲ, ଉପ ସଭାପତି ବିମଳ ରାଓ ସ୍ମିଥ, କୋଷାଧକ୍ଷ ଶଙ୍କର ପାଙ୍ଗି, ସଂସ୍କୃତି , ହିରନ୍ୟ ବିଶୋଇ, ମନୋଜ ମୁଦୁଲି, ସାମୁଏଲ ଖେମୁଣ୍ଡୁ ପ୍ରମୁଖଙ୍କୁ ଶୁଭେଚ୍ଛା ସହ ଶୁଭ କାମନା ଜଣାଇ ସ୍ୱାଗତ କରିଥିଲେ। ଏହି ଅବସରରେ ପାଢୁଆ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ନନ୍ଦପୁର ବ୍ଲକ୍ ବରିଷ୍ଠ ନାଗରିକ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କୁ ଉତ୍କଳ ସାମ୍ବାଦିକ ସଂଘର ପୁରୁଣା ସଦସ୍ୟ ଭାବେ ସମ୍ମାନିତ କରାଯାଇଥିଲା। ସାମ୍ବାଦିକ ପ୍ରଭାକର ମହାରଣା, ଶିବ ପ୍ରସାଦ ବେବର୍ତ୍ତା ଓ କୋରାପୁଟ ଜିଲ୍ଲାର ଜଣେ ମହିଳା ସାମ୍ବାଦିକ ଭାରତୀ ମିଶ୍ର ଓ ଶ୍ରେଷ୍ଠ ପାଠକ ଭାବେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଓ ହଜି ଯାଇଥିବା କୌଳିକ ବୃତ୍ତିକୁ ପୁଣି ଆପଣାଇ ପୁଣି ତାଲିମ ନେଇଥିବା ୧୪ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସେକ ଗଫୁର୍, ସାମାଜିକ କର୍ମୀ ଆକାଶ ଖିଲ, କାର୍ତ୍ତିକ ଖେମୁଣ୍ଡୁ, ଭଗବାନ ମୁଦୁଲି, କୁନା ଚାଲାଣଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଦାମନଯୋଡ଼ି ପ୍ରେସ କ୍ଲବ୍‌ର ସମସ୍ତ ସାମ୍ବାଦିକ ଯୋଗଦେଇ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଶେଷରେ ବିପିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ପରଲୋକ



କୋରାପୁଟ,୨୭।୭(ସମିସ): କୋରାପୁଟ ଜିଲ୍ଲାରେ ଦୀର୍ଘ ବର୍ଷ ଚାକିରି ଜୀବନ ବିତାଇ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ଅଧିକାରୀ ବ୍ରହ୍ମାନନ୍ଦ ପଟ୍ଟନାୟକ ରବିବାର ସକାଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ସେ କୋରାପୁଟ ବ୍ଲକ ଅନ୍ତର୍ଗତ ଡୁମୁରିପୁଟରେ କାର୍ଯ୍ୟରତ ଥିବାବେଳେ ସେ ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ସ୍ଥାନୀୟ ଲୋକଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ପ୍ରୀୟାଞ୍ଜଳି ପଟ୍ଟନାୟକ, ଝିଅ ସିପ୍ରା ପଟ୍ଟନାୟକ, ଜ୍ୱାଇଁ କଂଗ୍ରେସ ନେତା ସୁକାନ୍ତ ନାୟକ, ପୁଅ ଶୁଭେନ୍ଦୁ ପଟ୍ଟନାୟକ, ସୁଜିତ ପଟ୍ଟନାୟକ, ବୋହୂ ମିନୁଶ୍ରୀ, ତନୁଶ୍ରୀ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁ ଖବର ଶୁଣିବା ପରେ ଡୁମୁରିପୁଟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ବାରିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୋପୀନାଥ ପାଣିଗ୍ରାହୀ, ଅବକାଶ ମହାନ୍ତି, ଅରୁଣ କୁମାର ଜେନା, ତିରୁମଲେଶ୍ୱର୍ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜଗଦୀଶ ଖୋସଲା, ଯୁବ ସମାଜସେବୀ ତ୍ରିପତି ପାଣିଗ୍ରାହୀ, ମଧୁସୂଦନ ଖେମୁଣ୍ଡୁ, ଏମ ସୁରେଶ କୁମାର, ଜିତେନ୍ଦ୍ର ସାହୁ, ସନ୍ତୋଷ ଶତପଥୀ, ସୂର୍ଯ୍ୟ ନାରାୟଣ ସାହୁ, ଅକ୍ଷୟ ମହାନ୍ତି ଓ ସାମ୍ବାଦିକ ସୁବୋଧ କୁମାର ଚେଟ୍ଟି ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ନିର୍ବାଚନ

## ଦୁଷ୍ମନ୍ତ ଜେନା ସଭାପତି, ଅଶୋକ ମିଶ୍ର ସମ୍ପାଦକ



ମାଲକାନଗିରି, ୨୭।୭(ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ ଏବଂ ସମ୍ପାଦକ ନବିନ ମାଦଳା ଯୋଗ ଦେଇ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ମାନେ ନିର୍ବାଚନ ପ୍ରକ୍ରିୟା କରି ସର୍ବ ସମ୍ମତି କ୍ରମେ ମନୋନୀତ ପ୍ରକ୍ରିୟା କରିବାକୁ ନିର୍ବାଚନ ଅଧିକାରୀ ଦ୍ୱୟଙ୍କୁ ଜଣାଇଥିଲେ। ଏହି ପ୍ରସ୍ତାବକୁ ନିର୍ବାଚନ ଅଧିକାରୀ ମାନେ ଗ୍ରହଣ କରି ମାଲକାନଗିରି ଜିଲ୍ଲା ଶାଖା ସଭାପତି ଭାବେ ଦୁଷ୍ମନ୍ତ କୁମାର ଜେନା, ଉପ ସଭାପତି ଭାବେ ଲମ୍ବୋଦର ଡୁରୁକ, ସମ୍ପାଦକ ରୂପେ ସାମ୍ବାଦିକ ଅଶୋକ ମିଶ୍ର, ଯୁଗ୍ମ ସମ୍ପାଦକ ରୂପେ ପ୍ରମୋଦ କୁମାର ସେନାପତି, ସଂଗଠନ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର ମନୋନୀତ ହୋଇଥିଲେ। ମନୋନୀତ କାର୍ଯ୍ୟକର୍ତ୍ତା ମାନେ ରାଜ୍ୟ ପରିଷଦ, ଜିଲ୍ଲା ପରିଷଦର ସଦସ୍ୟ ମାନଙ୍କୁ ମନୋନୀତ କରିଥିଲେ। ସେହିପରି ଉପଦେଷ୍ଟା ରୂପେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ରବିନ୍ଦ୍ର କୁମାର ମହାରଣା, ରଞ୍ଜନ କୁମାର ସ୍ୱାଇଁଙ୍କୁ ମନୋନୀତ କରଯାଇଥିଲା। ଏହାପରେ ଉତ୍କଳ ସମ୍ମିଳନୀର ଗଠନ କାର୍ଯ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରଯାଇଥିଲେ। ନବ ନିର୍ବାଚିତ ପ୍ରତିନିଧି ମାନେ ଜିଲ୍ଲା ଶାଖାକୁ ସୁଦୃଢକରିବା ପାଇଁ ବିଭିନ୍ନ ବିଷୟରେ ଉପରେଆଲୋକପାତ କରିଥିଲେ। ଶେଷରେ ନୂତନ ସଭପତି ଶ୍ରୀ ଜେନା ଉପସ୍ଥିତ ଅତିଥି ଓ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଏହି ଅବସରରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ୭୦ରୁ ଅଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ମୁଖ୍ୟ ରାସ୍ତା ଉପରେ ଗାଈ ପଲ

# କ୍ଷୀର ସଂଗ୍ରହ ପରେ ଛାଡ଼ି ଦେଉଛନ୍ତି ମାଲିକ




ବିଷମ କଟକ,୨୭।୭(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ମୁଖ୍ୟ ରାସ୍ତାରେ ପଲ ପଲ ଗାଈ। ପ୍ରତ୍ୟେକ ଦିନ ରାସ୍ତାରେ ଦେଖା ଦେଉଛି ଟ୍ରାଫିକ ସମସ୍ୟା। ଏହି ସବୁ କାହାର ଗାଈ ତାହାର ଜଣା ପଡୁନାହିଁ। ସହରର ଗାଈ ମାଲିକ ସେମାନଙ୍କ ପାଇଁ ନା କରିଛି ଗାଈ ଗୁହାଳ ନା କରୁଛି ସେମାନଙ୍କ ସେବା। କେବଳ କ୍ଷୀର ସଂଗ୍ରହ ଆଶାରେ ସେମାନଙ୍କୁ ପାଳୁଥିବା ଜଣାପଡୁଛି। ଭୋର ସକାଳୁ ଗାଈ ସବୁ ମାଲିକ ମାନେ ଘରକୁ ନେଇ କ୍ଷୀର ବାହାର କରି ପୁଣି ରାଜ ରାସ୍ତା ଉପରେ ଛାଡି ଦେଉଛନ୍ତି। ରାସ୍ତା ଘାଟରେ ପଡୁଥିବା ବର୍ଜ୍ୟବସ୍ତୁ ସବୁକୁ ଆହାର ରୂପେ ଗ୍ରହଣ କରୁଛନ୍ତି ଏହି ଗାଈ ମାନେ। ଦିନ ତମାମ ରାସ୍ତାଘାଟ ଓ ବଜାରରେ ଘୁରି ବୁଲୁଛନ୍ତି ଶତାଧିକ ଗାଈ। ଏଭଳି ସ୍ୱାର୍ଥପର ମଣିଷ କେବଳ ସକାଳ ଓ ସନ୍ଧ୍ୟାରେ କ୍ଷୀର ଦୁହିଁନେବା ପରେ ଆଉ ସେମାନଙ୍କ ପାଖରେ କୌଣସି କାମ ନ ଥାଏ। ଗୋମାତାଙ୍କ ପ୍ରତି ଏଭଳି ଆଭିମୁଖ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ବିଷମ କଟକ ସହରରେ ଶତାଧିକ ଲୋକ ଗାଈ ପୋଷୁଥିବା ବେଳେ ଏକ ପ୍ରତିଶତ ଲୋକଙ୍କ ଗୁହାଳ ରହିଛି। ବାକି ଲୋକଙ୍କ ଗାଈ ଖରା ବର୍ଷା ଶୀତକାକରରେ ରାଜା ରାସ୍ତାରେ ରହୁଛନ୍ତି। କିନ୍ତୁ ଏହି ମାଲିକଙ୍କୁ କ୍ଷୀରର ଅଭାବ ନାହିଁ। ସକାଳ ହେଲେ ମାଲିକ ମାନେ ଗାଈର କ୍ଷୀର ସଂଗ୍ରହ କରିବା ପରେ ଚା ଦୋକାନରେ ବିକ୍ରି କରିବାକୁ ହାଜର ହୋଇ ଯାଉଛନ୍ତି। ହେଲେ ଯେଉଁ ଗାଈ ପାଇଁ ଅର୍ଥ ଉପାର୍ଜନ ହେଉଛି ସେହି ଗାଈର ସେବା କରିବାକୁ ଭୁଲି ଯାଉଛନ୍ତି। ବିଷମ କଟକ ସହରର ବସଷ୍ଟାଣ୍ଡ ଛକଠାରୁ ମାର୍କମା ସାହି ଛକ ଓ ମୁଖ୍ୟ ବଜାରରେ ସନ୍ଧ୍ୟା ହୋଇଲେ ଗାଈ ଗୁହାଳ ପାଲଟିଯାଉଛି। ରାସ୍ତା ଉପରେ ପଲ ପଲ ଗାଈଗୋରୁ ଶୋଇ ରହୁଛନ୍ତି। ଏହା ରାସ୍ତା ଦେଇ ଯାନ ବାହନ ଯିବା ଆସିବାରେ ବହୁ ସମସ୍ୟାଉପୁଜୁଛି। ସମୟ ସମୟରେ ତ ଗାଡି ଗୁଡିକ ଗାଈର ଗୋଡକୁ ମଡାଇ ଚାଲିଯାଉଛନ୍ତି। ଗାଈ ଗୁଡିକ ଆହତ ହୋଇ ରାସ୍ତା ପଡି ରହୁଛନ୍ତି। ତାର ଚିକିତ୍ସା କରିବାକୁ ମଧ୍ୟ ମାଲିକ ମାନେ ଆଗ୍ରହ ଦେଖାଉନାହାନ୍ତି। ହର୍ଣ୍ଣ ମାରିଲେ କିମ୍ବା ପାଟିକଲେ ବି ଗାଈ ଗୁଡିକ ଉଠୁନାହାନ୍ତି। ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ବାଡ଼େଇ ବାଡ଼େଇ ଉଠେଇଲେ ହିଁ ଉଠୁଛନ୍ତି। ଏଥିଯୋଗୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାଜରାସ୍ତାର ଗାଈ ବର୍ତ୍ତମାନ ବିଷମ କଟକ ସହର ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟିଛି। ଏଠି କାଞ୍ଜିଆହୁଦାର ବ୍ୟବସ୍ଥା ମଧ୍ୟ ନାହିଁ। ଗାଈ ସମସ୍ୟା ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଲୋକ ମାନେ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମଳିପାରୁନାହିଁ। ରାସ୍ତାରେ ଗାଈ ନ ଛାଡି ଗାଈ ନିଜ ଗୁହାଳରେ ରଖିବା ଏବଂ ଗାଈ ମାଲିକମାନଙ୍କୁ ବିଭିନ୍ନ ଯୋଜନାରେ ଗୁହାଳ ଯୋଗାଇବା ନିମନ୍ତେ ପଞ୍ଚାୟତ ତରଫରୁ ବିଭିନ୍ନ ସମୟରେ ଅନୁରୋଧ କରାଯାଉଥିଲେ ମଧ୍ୟ ଗାଈ ମାଲିକ ମାନେ କର୍ଣ୍ଣପାତ କରୁନଥିବା ବିଷମ କଟକ ସରପଞ୍ଚ ନମିତା କୁଲସିକା ପ୍ରକାଶ କରିଛନ୍ତି। ରାସ୍ତାରେ ଗାଈ ଛାଡୁଥିବା ମାଲିକ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଷମ କଟକ ପୁଲିସ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବିଦ୍ୟୁତ ସଂସ୍ପର୍ଶରେ ଆସି ବୃଦ୍ଧା ମୃତ

ରାୟଗଡ଼ା,୨୭।୭(ସମିସ): ଜିଙ୍କ ତାରରେ ଲୁଗା ଶୁଖାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାୟଗଡା ଗାନ୍ଧିନଗର ଦ୍ୱିତୀୟ ଲେନ୍‌ର କେ.ଭାରତୀ(୬୨)। ଆଜି ସକାଳୁ କେ.ଭାରତୀ ନିତ୍ୟକର୍ମ ସାରି ଘର ଛାତ ଉପରେ ଥିବା ଜିଙ୍କ ତାରରେ ଲୁଗା ଶୁଖାଉଥିଲେ। ଏହି ତାର ଉପରେ ପୂର୍ବରୁ ଏକ ବିଦ୍ୟୁତ ତାର ଲାଗି ଥିବା ବେଳେ ଉକ୍ତ ସ୍ଥାନରେ ବିଦ୍ୟୁତ ତାର କଟି ଜିଙ୍କ ତାର ସହ ଲାଗି ଯାଇଥିଲା। ଫଳରେ ଜିଙ୍କ ତାରରେ ବିଦ୍ୟୁତ ସରବରାହ ହେଉଥିବା ବେଳେ ବୃଦ୍ଧା ଭାରତୀ ଅଜାଣତରେ ତାରରେ ଓଦା ଲୁଗା ପକାଇବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ସେ ତଳେ ପଡିଯାଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଅଘଟଣ ପରେ ଗାନ୍ଧୀ ନଗର ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ରାୟଗଡ଼ା ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ, ୩ ଗାଡ଼ି ଜଳିଗଲା

ରାୟଗଡ଼ା,୨୭।୭(ସମିସ): ଗତକାଲି ବିଳମ୍ବିତ ରାତିରେ ଚାନ୍ଦିଲି ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ର କଳିଙ୍ଗ ଅଟୋ ସିଣ୍ଡିକେଟ୍ ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି ୩ଟି ଗାଡି ଭସ୍ମିଭୂତ ହୋଇଛି। ରାତ୍ର ପ୍ରାୟ ୧୨ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି ସୂଚନା ମିଳିଛି। ଗ୍ୟାରେଜ ଭିତରେ ଥିବା ପାଞ୍ଚଟି ଗାଡ଼ି ମଧ୍ୟରୁ ତିନି ଗୋଟି ଗାଡି ସଂପୂର୍ଣ୍ଣ ଭାବେ ଭସ୍ମିଭୂତ ହୋଇଛି। ଭସ୍ମିଭୂତ ହୋଇଥିବା ଗାଡି ଗୁଡିକ ମଧ୍ୟରେ ଗୋଟିଏ ଟାଟା ମେଜିକ, ଗୋଟିଏ ଟାଟା ଇଂଟ୍ରାଭି ୫୦, ଗୋଟିଏ ପୁରୁଣା ଟାଟା ମ୍ୟାଜିକ ଯାହା ୨ ଦିନ ପୂର୍ବେ ମରାମତି ପାଇଁ ଗ୍ୟାରେଜ ଆସିଥିଲା। ସେହିପରି ଗୋଟିଏ ଟାଟା ମାରକୋପୋଲୋ ଷ୍ଟାର ବସ୍ ଓ ଗୋଟିଏ ଟାଟା ବିଞ୍ଜର ଗାଡି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ ପ୍ରାୟ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାରମ୍ଭିକ ସୂଚନାରୁ ଆକଳନ କରାଯାଇଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଘଟଣା ସ୍ଥଳରେ ଚାନ୍ଦିଲି ପୁଲିସ ପହଞ୍ଚି ଅଧିକ ଅନୁସନ୍ଧାନ ଜାରି ରଖିଛି।

**ସର୍ପାଘାତ ନେଉଛି ଜୀବନ**

# ମାସକରେ ଗଲାଣି ୫ରୁ ଊର୍ଦ୍ଧ୍ୱ ଜୀବନ

**ବଲାଙ୍ଗିର, ୨୭।୭ (ସମିସ)**

ବିଷଧର ସାପ ମୁହଁରେ ଯାଉଛି ଅନେକଙ୍କ ଜୀବନ। କିଛି ମାମଲା ସରକାରୀ ରିପୋର୍ଟକୁ ଆସୁଛି ଆଉ କିଛି ଲୁଚିଯାଉଛି। ବଲାଙ୍ଗିର ଜିଲ୍ଲାରେ ପ୍ରତିବର୍ଷ ସାପ କାମୁଡ଼ାରେ ଅନେକଙ୍କ ଜୀବନ ଯାଉଥିବା ବେଳେ ସରକାରୀ ତଥ୍ୟ ଅନୁସାରେ ଖୁବ କମ୍ ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ଅନେକ ଏଥିରୁ ବଞ୍ଚିତ ରହୁଛନ୍ତି। ସାପ କାମୁଡ଼ିବା ପରେ ଅନେକ ଆଭ୍ୟନ୍ତରୀଣ ଗ୍ରାମବାସୀ ଡାକ୍ତରଙ୍କ ପାଖକୁ ନନେଇ ଗୁଣିଆ ଭରସାରେ ରହୁଛନ୍ତି। ଫଳରେ ଲୋକେ ଜୀବନ ହାରିବା ପରେ ଆଉ ସେମାନେ ସରକାରୀ ସହାୟତା ପାଉନାହାନ୍ତି। ତେବେ ଗତ ପ୍ରାୟ ମାସକ ଭିତରେ ପ୍ରାୟ ୫ ଜଣଙ୍କ ଜୀବନ ସର୍ପାଘାତ ଯୋଗୁଁ ଯାଇଥିବା ବେଳେ ଅନେକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିବା ଜଣାପଡ଼ିଛି। ନିୟମିତ ଭାବେ ଡାକ୍ତରଖାନାରେ ସାପ କାମୁଡ଼ା ମାମଲା ବଢ଼ିଚାଲିଥିବାବେଳେ ଏହା ଲୋକଙ୍କ ପାଇଁ ଭୟର କାରଣ ସାଜିଛି।

ପ୍ରତିବର୍ଷ ରାଜ୍ୟରେ ସାପ କାମୁଡ଼ାରେ ଅନେକ ଜୀବନ ହାରୁଛନ୍ତି। ଏହିକ୍ରମରେ ଗତ ପ୍ରାୟ ମାସକ ଭିତରେ ସାପ କାମୁଡ଼ାରେ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ସୂଚନା ଅନୁସାରେ ରବିବାର ସକାଳୁ ପୁଇଁନ୍ତଲା ବ୍ଲକ ଜାମସର ଗାଁର ସରେଶ ଭୁଏ(୩୫)ଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ସାପ କାମୁଡିଥିବା ବେଳେ ସକାଳ ପ୍ରାୟ ୧୦ ଟାରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପୂର୍ବରୁ ଗତ ୧୮ ତାରିଖରେ ପାଟଣାଗଡ଼ ବ୍ଲକ ଦେଓଲ ଗାଁର ଅକ୍ଷୟ ସାହୁଙ୍କ ସର୍ପାଘାତ ଯୋଗୁଁ ମୃତ୍ୟୁ ଘଟିଥିବାବେଳେ ସେହି ଗୋଟିଏ ଦିନରେ ପ୍ରାୟ ୩ ରୁ ୪ ଜଣ ସର୍ପାଘାତ ଯୋଗୁଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଥିଲା। ଜୁଲାଇ ୧୨ରେ



ସିଆଲଝୁଡୁଙ୍ଗି ଗାଁର ବାବୁଲାଲ ଜେନାଙ୍କ ସର୍ପାଘାତରେ ମୃତ୍ୟୁ ଘଟିଥିବାବେଳେ ଗତ ଜୁନ୍ ୨୪ରେ ସର୍ପାଘାତରେ ଭାଇଭଉଣୀଙ୍କ ଜୀବନ ଯାଇଥିଲା। ଏହି ଘଟଣା ବଲାଙ୍ଗିର ସହର ମାଲଗୋଦାମପଡ଼ାରେ ଘଟିଥିବାବେଳେ ଏହି ଘଟଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସେହିପରି ଗତ ୨୫ ତାରିଖରେ ପ୍ରାୟ ୨୪ ଜଣ ସର୍ପାଘାତ ଯୋଗୁଁ ଆହତ ହୋଇଥିବା ଖବର ଜଣାପଡ଼ିଥିଲା। ଜିଲ୍ଲାରେ ଏହିଭଳି ଅନେକ ଲୋକଙ୍କ ସର୍ପାଘାତ ଯୋଗୁଁ ଜୀବନ ଯାଉଥିବା ବେଳେ ଏହା ଏବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅନ୍ୟପକ୍ଷରେ ସରକାରୀ ତଥ୍ୟ ଅନୁସାରେ ୨୦୨୩-୨୪ ବର୍ଷରେ ରାଜ୍ୟରେ ୧୧୫୦ ଜଣଙ୍କର ମୃତ୍ୟୁଘଟିଥିବାବେଳେ ୨୦୨୪-୨୫ ବର୍ଷରେ ୭୦୯ ଜଣଙ୍କର ମୃତ୍ୟୁ ହୋଇସାରିଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ୨୦୨୩-୨୪ ବର୍ଷରେ ୨୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ୨୦ ଜଣଙ୍କର ମୃତ୍ୟୁ ହୋଇସାରିଛି। ତେବେ ଏତେ ସଂଖ୍ୟାରେ ମୃତ୍ୟୁ ପଛର କାରଣ କ'ଣ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇରହିଛି। ଡାକ୍ତରଖାନାମାନଙ୍କରେ ଠିକ ଭାବେ ଇଞ୍ଜେକ୍ସନ ଉପଲବ୍ଧ ନଥିବାରୁ ଅନେକ ସମୟରେ ରୋଗୀ ମାନଙ୍କ ମୃତ୍ୟୁ ଘଟୁଥିବା ବେଳେ

**ସଚେତନତା ଅଭାବରୁ ଗୁଣିଆ ଭରସା**

**ଡାକ୍ତରଖାନାରେ ରହୁନି ଆବଶ୍ୟକ ଔଷଧ, ଇଞ୍ଜେକ୍ସନ**

ଆଉ କିଛି ଘଟଣାରେ ସାପ କାମୁଡିବା ପରେ ରୋଗୀଙ୍କୁ ପରିବାର ଲୋକେ ସିଧାସଳଖ ଡାକ୍ତରଖାନାକୁ ନଆଣି ଗୁଣିଆ ପାଖକୁ ଯାଇଥାନ୍ତି, ଯାହାଫଳରେ ଅନେକ ସମୟରେ ରୋଗୀଙ୍କ ମୃତ୍ୟୁ ଘଟିଥାଏ। ତେବେ ସରକାରୀ ତଥ୍ୟ ଅନୁସାରେ ଦିଆଯାଉଥିବା ରିପୋର୍ଟ ଓ ବାସ୍ତବ ଚିତ୍ର ଭିନ୍ନ ରହିଛି। ବଲାଙ୍ଗିର ଜିଲ୍ଲାର ଅନେକ ସର୍ପାଘାତ ମୃତ୍ୟୁ ମାମଲା ସରକାରୀ ରିପୋର୍ଟକୁ ଆସୁ ନ ଥିôବାବେଳେ ଖୁବ କମ୍ ସଂଖ୍ୟକ ମାମଲା ସରକାରୀ ରିପୋର୍ଟରେ ଦର୍ଶାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ସରକାରୀ ନିୟମାନୁସାରେ ସର୍ପାଘାତ ଜନିତ ମୃତ୍ୟୁ ମାମଲାରେ ଦିଆଯାଉଥିବା ସହାୟତା ଲୋକେ ପାଉନାହାନ୍ତି। ସୂଚନା ଅନୁସାରେ ସର୍ପାଘାତରେ ମୃତ୍ୟୁହେଲେ ବ୍ୟବଚ୍ଛେଦ ରିପୋର୍ଟ ଓ ଭିସେରା ରିପୋର୍ଟକୁ ଭିତ୍ତିକରି ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଉକ୍ତ ସହାୟତା ରାଶି ପ୍ରଦାନ କରାଯାଇଥାଏ। ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାରେ ୨୦୨୩-୨୪ ବର୍ଷରେ ୨୪ ସର୍ପାଘାତଜନିତ ମୃତକଙ୍କ ମଧ୍ୟରୁ ୨୦ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ଗୋଟିଏ ମାମଲା ଖାରଜ ହୋଇଛି। ୩ ଜଣଙ୍କୁ ସହାୟତା ପ୍ରଦାନ କରିବା ଏବେବି ବାକି ରହିଥିବା ଜଣାପଡ଼ିଛି। ୨୦୨୪-୨୫ ବର୍ଷରେ ମୃତ୍ୟୁ ହୋଇଥିବା ୨୦ ଜଣଙ୍କ ମଧ୍ୟରୁ ୧୩ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିବାବେଳେ ୭ ଜଣଙ୍କ ସହାୟତା ଏବେବି ବାକିରହିଥିବା ଜଣାପଡ଼ିଛି। ତେବେ ସର୍ପାଘାତ ମୃତକଙ୍କ ସଂଖ୍ୟା ପ୍ରତିବର୍ଷ ୨୦ରୁ ଅଧିକ ରହୁଥିବାବେଳେ ମୃତକଙ୍କ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳର ବୋଲି ଜଣାପଡ଼ିଛି। ଯାହାକୁ ଦୃଷ୍ଟିରେ ରଖି ପିଏଚ୍‌ସି, ସିଏଚ୍‌ସିରେ ପର୍ଯ୍ୟାପ୍ତ ପରିମାଣର ଇଞ୍ଜେକ୍ସନ ଗଚ୍ଛିତ ରଖିବାର ବ୍ୟବସ୍ଥା କରାଯାଇଥିବା କୁହାଯାଉଛି କିନ୍ତୁ ସତରେ ତାହାର ବ୍ୟବସ୍ଥା ହୋଇଛି ନା ନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ। ସର୍ପାଘାତ ଏବେ ଜିଲ୍ଲା ପାଇଁ ଏକ ବଡ ବିପଦ ଆଣିଦେଇଥିବା ବେଳେ ଏ ଦିଗରେ ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ବିଭିନ୍ନ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସେହିପରି ସର୍ପାଘତ ମୃତ୍ୟୁକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

**କଣ୍ଟାବାଞ୍ଜି, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଧୀନ ଖୁଟୁଲୁମୁଣ୍ଡା ଗାଁରେ ଘରଭିତରୁ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ତୁରେକେଲା ଥାନା ଅଧୀନ ଲହୁମୁଣ୍ଡା ଗାଁର ପୂର୍ଣ୍ଣିମା ମାଝୀ ଗତ ଏପ୍ରିଲ ୪ ତାରିଖରେ ଖୁଟୁଲୁମୁଣ୍ଡା ଗାଁ ର ଚୈତନ୍ୟ ପୁଟାଙ୍କୁ ବିବାହ କରିଥିଲେ। କିନ୍ତୁ ରବିବାର ଘର ଭିତରୁ



ପୂର୍ଣ୍ଣିମାଙ୍କ ଝୁଲନ୍ତା ସନ୍ଦେହ ଜନକ ମୃତଦେହ ଦେଖିବାକୁ ମିଳିଥିଲା। ଏନେଇ କଣ୍ଟାବାଞ୍ଜି ଥାନାରେ ପୂର୍ଣ୍ଣିମାଙ୍କ ବାପା ଝିଅକୁ ହତ୍ୟା କରି ଘର ଭିତରେ ଝୁଲେଇ ଦେଇଥିବା ନେଇ ସ୍ୱାମୀ ଚୈତନ୍ୟଙ୍କ ନାମରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଥିବାବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ସେପଟେ ଘଟଣାସ୍ଥଳରେ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ଆସି ଅଧିକ ତଦନ୍ତ କରି ତଥ୍ୟ ସଂଗ୍ରହ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

**ପାଟଣାଗଡ଼, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଘସିଏନ ମୁଖ୍ୟ ରାସ୍ତାର ବରପଦର ବ୍ରିଜ୍ ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ପାଟଣାଗଡ଼ ପୁଲିସ ପହଁଞ୍ଚି ବାଇକ୍ ଆରୋହୀଙ୍କୁ ଉଦ୍ଧାର କରିଛି। ପାଟଣାଗଡ଼ ଘସିଏନ ମୁଖ୍ୟ ରାସ୍ତା ବରପଦର ବ୍ରିଜ ନିକଟରେ ବରପଦର ପଟୁ ପାଟଣାଗଡ଼କୁ ଆସୁଥିବା ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ପାଟଣାଗଡ଼ ପଟୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ ଆରୋହୀ ଜଣକ ଛିଟିକି ପଡ଼ିବାରୁ ପ୍ରବଳ ରକ୍ତସ୍ରାବ ହେବାସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଟଣାଗଡ଼ ପୁଲିସ ପହଁଞ୍ଚି ମୃତକ ବାଇକ ଆରୋହୀଙ୍କ ଶବକୁ ଥାନା ଗାଡି ପଛପଟେ ଲଦି ନେଇଯାଇଥିଲା। ସେଠାରେ ଉପସ୍ଥିତ ଲୋକଙ୍କ କହିବାନୁସାରେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଡ୍ରାଇଭର ଜଣକ ସେଠାରେ ଉପସ୍ଥିତ ଥିଲେ, କିନ୍ତୁ ପୁଲିସ ଘଟଣାର କୌଣସି ତଦନ୍ତ ନ କରି ବାଇକ୍ ଆରୋହୀଙ୍କ ଶବକୁ ନେଇ ପଳାଇଥିଲା। ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଟି ରୁଗୁଡ଼ିମୁଣ୍ଡା ଗାଁର ବୋଲି ଜଣାପଡ଼ିଥିବାବେଳେ ବାଇକ୍ ଆରୋହୀଙ୍କ ପରିଚୟ ମିଳିପାରିନାହିଁ।

**ଏଆଇଟିୟୁସିର ପରିବର୍ଦ୍ଧିତ ଜିଲ୍ଲା କମିଟି ବୈଠକ**

## ବ୍ୟାପକ ସଂଗ୍ରାମ ପାଇଁ ଆହ୍ୱାନ




**ବଲାଙ୍ଗିର, ୨୭।୭ (ସମିସ):** ଏଆଇଟିୟୁସିର ପରିବର୍ଦ୍ଧିତ ଜିଲ୍ଲା କମିଟି ବୈଠକ ଜିଲ୍ଲା ସଭାପତି ତୀର୍ଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଜୁଲାଇ ୯ ତାରିଖ ଶ୍ରମିକମାନଙ୍କ ସମସ୍ୟା ଉପରେ ମିଳିତ ଟ୍ରେଡ୍ ୟୁନିୟନ ତରଫରୁ ଭାରତ ବନ୍ଦ ଅଭୁତପୂର୍ବ ଭାବେ ସଫଳ ହୋଇଥିବାରୁ ଜିଲ୍ଲା କମିଟି ତରଫରୁ ଅଭିନନ୍ଦନ ଜଣାଯାଇଥିଲା। ଏହି ସଭାରେ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ ଆଗାମୀ ଦିନରେ ଆନ୍ଦୋଳନ ଉପରେ ସୂଚନା ଦେଇଥିଲେ। ଏଥିରେ ଯୋଗଦେଇ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଶ୍ରମିକମାନଙ୍କ ବିଭିନ୍ନ ଦାବି ଯଥା ଆଶା କର୍ମୀ ଓ ମଧ୍ୟାହ୍ନ ଭୋଜନ ପାଚିକାଙ୍କୁ ଶ୍ରମିକ ମାନ୍ୟତା, ପଞ୍ଚାୟତ ୱାକର୍ସଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, ଉଦ୍ୟାନସାଥୀଙ୍କୁ ବର୍ଷସାରା କାମ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନୀତି ବିରୁଦ୍ଧରେ ବ୍ୟାପକ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ସାଥୀ ବିଜୟ ଜେନା ଆଇ.ଏଲ୍.ଓ ର ଜେନେଭା ଠାରେ ଅନୁଷ୍ଠିତ ୧୧୩ତମ ଅଧିବେଶନରେ ଯୋଗ ଦେଇ ଥିବାରୁ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓମି ଗୁପ୍ତା, ଜଗବନ୍ଧୁ ବେହେରା, ବିଦୂର କୁମ୍ଭାର, ଗୋପାଳ ଭୋଇ, ବଲ୍ଲଭି ସିଂ, ପ୍ରବୀର କର୍ମ, ସାଏବୁ ନନ୍ଦ, ଦିଲିପ ଭୋଇ, ପୁରୁଷୋତ୍ତମ କର୍ମୀ ପ୍ରମୁଖ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ଜାତୀୟ ହେରିଟେଜ୍ କ୍ୱିଜ୍



**ବଲାଙ୍ଗିର, ୨୭।୭ (ସମିସ):** ଇଣ୍ଟାକ୍ ବଲାଙ୍ଗିର ଶାଖା ତରଫରୁ ରବିବାର ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟଠାରେ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ 'ଜାତୀୟ ହେରିଟେଜ କ୍ୱିଜ' ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବଲାଙ୍ଗିରର ୯ଟି ସ୍କୁଲରୁ ୬୪ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦୁଇଟି ରାଉଣ୍ଡରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରଥମ ରାଉଣ୍ଡ ଲେଖା ଓ ଦ୍ୱିତୀୟ ରାଉଣ୍ଡ ମୌଖିକ ହୋଇଥିଲା। ଏଥିରେ ଇଣ୍ଟାକ ବଲାଙ୍ଗିର ଶାଖାର ସଂଯୋଜକ ଡ. ଶିବପ୍ରସାଦ ନନ୍ଦ କ୍ୱିଜମାଷ୍ଟର ଭାବେ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଇଣ୍ଟାକ ବଲାଙ୍ଗିର ଶାଖା ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ ଓ ସହ ସଂଯୋଜକ ଶଶିଭୂଷଣ ପୁରୋହିତ ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ। ଆଇଡିଏମ୍ ପବ୍ଲିକ ସ୍କୁଲର ସାନଭୀ ନାୟକ ଓ ସର୍ବେଶ ମେହେରଙ୍କ ଗ୍ରୁପ ପ୍ରଥମ, ଦ୍ୱିତୀୟ ବିଜେତା ଆଇ.ଡି.ଏମ. ପବ୍ଲିକ ସ୍କୁଲର ଶ୍ରବଣ କୁମାର ତ୍ରିପାଠୀ ଓ ସଚିନ ମେହେରଙ୍କ ଦଳ ଓ ତୃତୀୟ ବିଜେତା ଭାବେ ବଲାଙ୍ଗିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରିୟଂଶି ପ୍ରିୟଦର୍ଶିନୀ ଦାଶ ଓ ଦମୟନ୍ତୀ ଖୁଆସଙ୍କ ଦଳ ଟ୍ରଫି ଓ ପ୍ରମାଣ ପତ୍ର ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ଇଣ୍ଟାକ ବଲାଙ୍ଗିର ଶାଖାର ବରିଷ୍ଠ ସଭ୍ୟ ବିଜୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଭା ସଂଯୋଜନା କରିଥିଲେ। ଇଣ୍ଟାକର ଆଜୀବନ ସଭ୍ୟ ସଞ୍ଜୀବ ନାଏକ ଓ ବିଶ୍ୱଜିତ ଦାଶ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବଲାଙ୍ଗିର, ୨୭।୭ (ସମିସ):** ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ଠାରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡାକ୍ତରଖାନା ର ଅଧକ୍ଷା ଡା. ମାନସୀ ପଣ୍ଡାଙ୍କ ସହାୟତାରେ ଡାକ୍ତରଖାନାର ଭେଷଜ ବିଭାଗ ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ନିରୀକ୍ଷଣ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ



ଶିବିର ଆୟୋଜନ କରିବାକୁ ସଭ୍ୟ ତଥା ସ୍ୱାସ୍ଥ୍ୟ ସଂଯୋଜକ ଅଶୋକ କୁାର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତତ୍ ସଙ୍ଗେ ସଙ୍ଗେ ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀ ଏବଂ ସଭାପତି ପ୍ରଭାକର ମିଶ୍ର, ସମ୍ପାଦକ କପିଳେଶ୍ୱର ଖମାରୀ, ବିନୟ କୁମାର ମିଶ୍ର, ଚୁଡେନ୍ଦ୍ର କୁମାର ବେହେରା, କୃଷ୍ଣଚନ୍ଦ୍ର ନାଥ, କୃଷ୍ଣଚନ୍ଦ୍ର ମହାକୁର, ଗଣେଶ ଚନ୍ଦ୍ର ପାଢ଼ୀ, ଡା. ପ୍ରମୋଦ କୁମାର ମିଶ୍ର, ବ୍ରଜ କିଶୋର ପଣ୍ଡା, ଭିକ୍ଷାକାରି ପାତ୍ର, କୈଳାଶ ମହାପାତ୍ର ପ୍ରମୁଖ ସମସ୍ତେ ସଫଳତାର ସହ ସହଯୋଗ କରି ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିରକୁ ଉତ୍ତମ ରୂପେ ପରିଚାଳନା କରି ସମ୍ପୂର୍ଣ୍ଣ କରିଥିଲେ। ଏହା ଦ୍ୱାରା ପ୍ରଥମ ଦିନ ୩୫ ଜଣ ଏବଂ ଦ୍ୱିତୀୟ ଦିନ ୪୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି

**ଖପ୍ରାଖୋଲ, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ସ୍ଥାନୀୟ ଖପ୍ରାଖୋଲ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରଘୁନାଥ ସିଂ ବରିହା ଅଧକ୍ଷତା କରିଥିବାବେଳେ ଯଦୁମଣି ବରିହା, ନାରାୟଣ କିଷାନ, ବିପ୍ର ବିଶି, କୁଶ ଧ୍ୱଜ ମାଝୀ, କିଶୋର ବରିହା, ତୁଳସୀ ଦାସ ଭୋଇ, ତୁଳସୀ ରାମ ମାଝୀ, ଶଶୀକାନ୍ତ ଧରୁଆ, ସୁବାସ ଧରୁଆ, ଧର୍ମରାଜ ବରିହା, ଡୋଲାମଣି ଧରୁଆ, ବସୁଦେବ ଧରୁଆ, ଦେବରାଜ ବରିହା, ତୀର୍ଥରାଜ ଧରୁଆ, ଗୋଲାପ ବିଶି, ଯଶୋବନ୍ତ ବରିହା, ହରିଶ ଧରୁଆ, ସାନନ୍ଦ ଭୁଏ, ପିତାମ୍ବର ମାଝୀ, ଦାସ ବରିହା, ଜୟସିଂ ପୁଝାରୀ, ବିରଞ୍ଚି ବରିହା ମହେଶ ବରିହା, ବଳରାମ ବରିହା, ଧରମ ସିଂ ଧରୁଆ, ସତ୍ୟଭାମା ମାଝୀ ପ୍ରମୁଖ ଯୋଗଦେଇ ଆସନ୍ତା ୯ ତାରିଖରେ ବିଶ୍ୱ ଆଦିବାସୀ ଦିବସ ବ୍ଲକସ୍ତରରେ ପାଳନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏକ କମିଟି କୁଶଧ୍ୱଜ ମାଝୀଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ଟିକେଶ୍ୱର ଧରୁଆ ସଭା ପରିଚାଳନା କରିଥିବାବେଳେ ନାରାୟଣ ବରିହା ଧନ୍ୟବାଦ ଦେଇଥିଲେ।

## କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ



**ମୁରିବାହାଲ, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସମ୍ମାନିତ ଅତିଥି ଭାବେ ବିଧାୟକ ଲକ୍ଷ୍ମଣ ବାଗ, ଏନ୍‌ଏସି ଅଧକ୍ଷ ବରିୟାମ ସିଂ ସାଲୁଜା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସତ୍ୟବ୍ରତ ମିଶ୍ର, ପ୍ରେସ୍ କ୍ଲବ ସଭାପତି ପ୍ରଭାଜିତ ସିଂ ସାଲୁଜା, ସମ୍ପାଦକ ସୁରଦାସ ବାଗ, କୋଷାଧକ୍ଷ କମଳ ଜିତ୍ ସିଂ ମାଖିଜା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ବିଭିନ୍ନ ସମୟରେ ଜନସେବା, ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ଚିକିତ୍ସା ଶିବିର, ରକ୍ତଦାନ ଶିବିର ଭଳି ଏକାଧିକ କାମ ଯୋଗୁଁ ମୁରିବାହାଲ ସାମ୍ବାଦିକ ସଂଘ ମୁରିବାହାଲକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ସୁବ୍ରତ ମହାକୁର, ଉପସଭାପତି କେଦାର ବଡ଼ଜେନା, ସମ୍ପାଦକ ସୁଦାମ ବାଘର, କୋଷାଧକ୍ଷ ପ୍ରଫୁଲ୍ଲ ବାଘର ଉପଦେଷ୍ଟା ଶ୍ରୀବତ୍ସ ବେହେରା, ସଭ୍ୟ ଅମରେଶ ମାଝୀ, ଲକ୍ଷ୍ମୀକାନ୍ତ ଧାରୁଆ, ପ୍ରମୁଖ ଉପସ୍ଥିତ ଥିଲେ।

## ବାଇପାସ୍ ରୋଡ୍‌ରେ ଚାରାରୋପଣ

**ବଲାଙ୍ଗିର, ୨୭।୭ (ସମିସ):** ପରିବେଶ ସୁରକ୍ଷା ଓ ହରିତ ବଲାଙ୍ଗିର ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ କ୍ରମେ ମୁକ୍ତି 'ଦ ସୋସିଆଲ ଚେଞ୍ଜ'ସାମାଜିକ ସଂସ୍ଥା ପକ୍ଷରୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ଦେଇ ଟିଟିଲାଗଡ଼ ରାଜରାସ୍ତାକୁ ସଂଯୋଗ କରୁଥିବା ବାଇପାସ ରୋଡରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁକ୍ତି ସଂସ୍ଥାର ସଦସ୍ୟମାନେ ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲଗାଇ ଏହାକୁ ଏକ ହରିତ ପଥ ଭାବେ ବିକାଶ କରିବା ଲକ୍ଷ୍ୟ ରଖିଛନ୍ତି। ସ୍ଥାନୀୟ ଲୋକେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଏହା ଦ୍ୱାରା ଅନ୍ୟମାନେ ପରିବେଶ ସୁରକ୍ଷା ଉଦ୍ୟମ ସାମିଲ ହେବେ ବୋଲିଆଶା ବ୍ୟକ୍ତି କରିଥିଲେ। ମୁକ୍ତି ସଂଗଠନର ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରର



ବିଶିଷ୍ଟ ଆଇନଜୀବୀ ତଥା ଆଇନଜ୍ଞ ଅମରେନ୍ଦ୍ର ମିଶ୍ର ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ମୁକ୍ତିର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁକ୍ତି ସଂଗଠନର ଉପଦେଷ୍ଟା ବୁଲୁ ଦାନୀ, ସାନନ୍ଦ ମିଶ୍ର, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ବ୍ୟାସଦେବ ନନ୍ଦ, କୈଳାଶ ମିଶ୍ର, ବ୍ରଜ ସେଠୀ, ଲୋପନ ମିଶ୍ର, ମୁକ୍ତି ସଂଗଠନର ସମ୍ପାଦକ ନୀତିଶ ପଧାନ ସହ ସମ୍ପାଦକ ଚିନ୍ମୟ ବେହେରା, ରୋହନ ସାଏ, ଚନ୍ଦନ କୁମାର ସାହୁ, ସୋହନ ନାଏକ, ପଞ୍ଚାନନ ଷାଣ୍ଡ, ରିତେଶ କୁମାର ବେଦବାକ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର, ୨୭।୭ (ସମିସ):** ବରିଷ୍ଠ କ୍ରୀଡାବିତ୍ ତଥା ଅବସରପ୍ରାପ୍ତ ଅଧିକାରୀ ବାଞ୍ଛାନିଧି ରଥଙ୍କ ୯୪ତମ ଜନ୍ମ ଦିନ ସ୍ଥାନୀୟ କୋଶଳ ନଗର ସ୍ଥିତ ସାନ ଭାଇ ଡ. ଗୋପବନ୍ଧୁ ରଥଙ୍କ ବାସଭବନରେ ଆନନ୍ଦ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ଭାରତୀୟ ଶିକ୍ଷଣ ମଣ୍ଡଳର ଓଡ଼ିଶା - ପଶ୍ଚିମର ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ପ୍ରବୁଦ୍ଧ ପାଠକ ସଂସଦର ସଭାପତି ପ୍ରସନ୍ନ କୁମାର ମିଶ୍ର, ଅଭିଭାବକ ମଞ୍ଚର ସଭାପତି ଧର୍ମବ୍ରତ ରଥ, ଅଭିନନ୍ଦନ ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ଦିବାକର ହୋତା ତଥା ବିଭିନ୍ନ ସଂଗଠନର କର୍ମକର୍ତ୍ତା ବାଞ୍ଛାନିଥି ରଥଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ।



ଅତିଥି ମାନେ ଶ୍ରୀ ରଥ ଙ୍କ ନେତୃତ୍ୱରେ ୧୯୫୦ ରେ ବଲାଙ୍ଗିର ଜିଲ୍ଲା ଫୁଟବଲ ଟିମ୍ ରାୟପୁର ଯାତ୍ରା କରିଥିବା ଏବଂ ଜିଲ୍ଲା ହକି ଟିମ୍‌ର ଉନ୍ନତ ଖେଳ ପ୍ରଦର୍ଶନର ସ୍ମୃତିଚାରଣ କରିବା ସହ ରାଉରକେଲା ଷ୍ଟିଲପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ତଥା ନାଲକୋ ଆଲୁମୁନିୟମ କାରଖାନାରେ ତାଙ୍କ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଲେଖକ ଡ. ଗୋପବନ୍ଧୁ ରଥ ଏବଂ ଅବସରପ୍ରାପ୍ତ ଶିକ୍ଷାବିତ୍ ବିନୋଦିନୀ ଉଦ୍‌ଗାତାଙ୍କୁ ଜୀବନ ବ୍ୟାପୀ ସାଧନାପାଇଁ ସମ୍ବର୍ଦ୍ଧନା ଜ୍ଞାପନା କରିଥିଲେ। ଏହି ଅବସରରେ ଆନ୍ତର୍ଜାତୀୟ କାର୍ଟୁନିଷ୍ଟ ଅଶ୍ୱିନୀ ରଥ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ**

## ବ୍ରାହ୍ମଣ ସମାଜକୁ ସଙ୍ଗଠିତ ଓ ସୁଦୃଢ଼ କରିବାକୁ ନିଷ୍ପତ୍ତି

**ବଲାଙ୍ଗିର, ୨୭।୭ (ସମିସ)**

ବଲାଙ୍ଗିର ନୃସିଂହମନ୍ଦିର ପରିସରରେ ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ସମ୍ପାଦକ ଜୟରାମ ମିଶ୍ର ବିବରଣୀ ପାଠ କରିଥିଲେ। ବ୍ରାହ୍ମଣ ସମାଜର ସମସ୍ୟା ଉପରେ ଆଲୋଚନାପରେ ସର୍ବସମ୍ମତି କ୍ରମେ ବ୍ରାହ୍ମଣ ଏକତା ଓ ସଂଗଠନ ସୁଦୃଢ଼ କରିବା ସହିତ ଏକାଠି ହୋଇ ଆଗକୁ ବଢ଼ିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆବାହକ କମିଟିର ସଭାପତି ଭାବେ ଗୋପବନ୍ଧୁ ପୁରୋହିତ, ସମ୍ପାଦକ ଭାବେ ଜୟରାମ ମିଶ୍ର, ଆବାହକ ଭାବେ ପ୍ରଭାକର ମିଶ୍ର, ସହ-ଆବାହକ ଭାବେ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା।



ସେହିପରି ପର୍ଶୁରାମ ବାହିନୀ ରାଜ୍ୟ କାର୍ଯ୍ୟକାରୀ ସଭାପତି କିଶୋର ପୁରୋହିତଙ୍କୁ ସଂଗଠନ ସମ୍ପାଦକ ଭାବେ ମନୋନୀତ କରାଯାଇଥିବାବେଳେ ସମ୍ପାଦନା ମଣ୍ଡଳୀରେ କସ୍ତୁରୀ ରଥ, ମଧୁସୁଦନ ନାୟକ, ପ୍ରଦୀପ କୁମାର ମିଶ୍ର, ଶ୍ୟାମସୁନ୍ଦର ଦାଶ, ଜଗନ୍ନାଥ ଷଡ଼ଙ୍ଗୀ, ସିଦ୍ଧେଶ୍ୱର ପାଣିଗ୍ରାହୀ, ରାଜକିଶୋର ପଣ୍ଡା, ଆଶୁତୋଷ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ନୀଳମଣି ମିଶ୍ର, ସତ୍ୟବନ୍ତ ବେଦବାକ, ଶ୍ରୀକର ମିଶ୍ର, ଶିବଶଙ୍କର ଖୁଆସ ଓ ଲୋକନାଥ ନେପାକଙ୍କୁ ମନୋନୀତ କରାଯାଇଥିବା ବେଳେ ବିଜ୍ଞାପନ କମିଟିରେ ପର୍ଶୁରାମ ନାୟକ, ସୁଧୀର କୁମାର ଚାନ୍ଦ, ରଞ୍ଜିତା ପାଣିଗ୍ରାହୀ, ନିହାରିକା ମିଶ୍ର, ବିଧୁଭୂଷଣ ତ୍ରିପାଠୀ, ସର୍ଜନ ଆଚାର୍ଯ୍ୟଙ୍କୁ ଚୟନ କରାଯାଇଛି। ଅଭ୍ୟର୍ଥନା କମିଟି ରେ ସଂକୀର୍ତ୍ତନ ତ୍ରିପାଠୀ, କିଶୋର ମିଶ୍ର, ଶିବ ନାରାୟଣ ରଥ, କୁମୁଦିନୀ ପଣ୍ଡା, ରାଜଶ୍ରୀ ତ୍ରିପାଠୀ, ଗିରିଶ ପଣ୍ଡା, ବାଳକୃଷ୍ଣ ଷଡ଼ଙ୍ଗୀ, କୃପାସିନ୍ଧୁ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ବ୍ରାହ୍ମଣ ସମାଜର ସଂଗଠନ ସୁଦୃଢ଼ ସକାଶେ ଉପଦେଷ୍ଟା ଓ କାର୍ଯ୍ୟକାରୀ କମିଟିକୁ ବର୍ଦ୍ଧିତ କରି ଅନୁମୋଦନ କରାଯାଇଥିଲା। ପ୍ରସ୍ତାବିତ ପର୍ଶୁରାମ କଲ୍ୟାଣମଣ୍ଡପ ଓ ପର୍ଶୁରାମ ମନ୍ଦିରର ଉନ୍ନତୀକରଣ ସକାଶେ ବ୍ରାହ୍ମଣ ମହାସଭା ଅର୍ଥଦାନ କରି ଆଗାମୀ ଦିନରେ ସରକାରୀ ସହାୟତା ପାଇଁ ଆବେଦନ କରିବାକୁ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ନାବାଳକଙ୍କୁ ମାରି ଟାଙ୍ଗିଦେଲେ

**ଥୁଆମୂଳ ରାମପୁର, ୨୭ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ବିରିକୋଟ ଗ୍ରାମର ଜଣେ ନାବାଳକଙ୍କୁ ନାବାଳିକାଙ୍କ ଘର ଲୋକେ ମାରି ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ମୃତ୍ୟୁ ଘଟିଥିବା ନାବାଳକ ଜଣକ ହେଉଛନ୍ତି ପୁରୀ ସାହୁଙ୍କ ପୁଅ ନରେଶ (୧୫) । ଏକ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପୁଲିସ ତଦନ୍ତ କରିଛି । ତେବେ ତାଙ୍କ ଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି । ୨୩ ତାରିଖ ତେନ୍ତୁଳିପଡ଼ା ଗ୍ରାମର ଲମ୍ବୁ ଗଉଡଙ୍କ ନାବାଳିକା ଝିଅ ସହ ନରେଶ ଗାଁ ନିକଟସ୍ଥ ଧବାଚଞ୍ଚରା ନିକଟକୁ ବୁଲିବା ପାଇଁ ଯାଇଥିବା ବେଳେ ସାକ୍ଷାତ ହୋଇଥିଲା । ଉଭୟେ କଥାବାର୍ତ୍ତା ହେଉଥିବା ସମୟରେ ଖବର ପାଇ ନାବାଳିକାଙ୍କ ମାଆ ଭଜନ୍ତି ଗଉଡ ପହଞ୍ଚି ନାବାଳକୁ ଗାଲିଗୁଲଜ କରିବା ସହ ମାଡ଼ ମାରିଥିଲେ । ଏଥିସହ ନିଖୋଜ ପୁଅର ଯଦି କୌଣସି କ୍ଷତି ହୁଏ ତେବେ ନାବାଳିକାର ମାଆ ଓ ବାପା ଦାୟୀ ରହିବେ ବୋଲି ଲତଲାରେ ଉଲ୍ଲେଖ କରିଥିଲେ । ଶେଷରେ



**ଗଛରୁ ନିଖୋଜ ନାବାଳକଙ୍କ ଶବ ଉଦ୍ଧାର**

**ପରିବାର ଲୋକଙ୍କ ହତ୍ୟା ଅଭିଯୋଗ**

**ଜଣେ ନାବାଳିକାଙ୍କ ବାପା, ମା' ଅଟକ**

ଗଛରୁ ଶବ ଉଦ୍ଧାର ହୋଇଛି । ସେ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ୨୪ ତାରିଖ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ ହୋଇଥିଲା ।

ସେ ୨୩ ତାରିଖଠୁ ଘରକୁ ଫେରି ନ ଥିଲେ । ପରିବାର ଲୋକେ ମଧ୍ୟ ବହୁତ ଖୋଜାଖୋଜି କଲା ପରେ ବି କୌଣସି ସନ୍ଧାନ ପାଇ ନ ଥିଲେ । ଶେଷରେ ଗ୍ରାମ ନିକଟ ଜଙ୍ଗଲର ଏକ ବାହାଡା ଗଛରେ ସେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଖବର ପାଇ ଘର ଲୋକ ପହଞ୍ଚିଥିଲେ । ସୂଚନା ପାଇ ଥୁଆମୂଳ ରାମପୁର ପୁଲିସ ପହଞ୍ଚି ଶବ ଜବତ କରିଛି । ନାବାଳଙ୍କ ଘର ଲୋକଙ୍କ ଆଶଙ୍କା ସତ ହୋଇଛି । ନିଖୋଜ ନରେଶଙ୍କ ଶବ ମିଳିଛି । ପୂର୍ବ ଅଭିଯୋଗକୁ ଆଧାର କରି ପୁଲିସ ନାବାଳିକାଙ୍କ ବାପା ଲମ୍ବୁ ଗଉଡ ଏବଂ ତାଙ୍କ ମା' ଭଜନ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏହା ଆତ୍ମହତ୍ୟା ନୁହଁ; ହତ୍ୟା ବୋଲି ନରେଶଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ସୂଚନାଯୋଗ୍ୟ, ନରେଶଙ୍କ ବାପା ଦାଦନ ଖଟି ଯାଇଥିବା ବେଳେ ଏହି ଖବର ପାଇ କେରଳରୁ ଫେରୁଛନ୍ତି ।

# ଆଜି ବି ଏମାନଙ୍କ ପାଇଁ ସରକାରୀ ଯୋଜନା ସ୍ୱପ୍ନ

**ଥୁଆମୂଳ ରାମପୁର, ୨୭ ।୭ (ସମିସ)**



- ଅସହାୟ ଅବସ୍ଥାରେ ଦିନ କଟୁଛି
- ଦଦରା ଚାଳ ଘରେ ଜୀବନ ବିତୁଛି
- ୭ ବର୍ଷ ହେଲା ବିଧବା ଭତ୍ତା ମିଳୁନି
- ୫ କେଜି ଚାଉଳ ଉପରେ ୭ ଜଣଙ୍କ ଭରସା
- ଘରଡିହ ନ ଥିବାରୁ ନାନା ସମସ୍ୟା
- ଆଧାର କେନ୍ଦ୍ର ଯିବାକୁ ମଧ୍ୟ ସମ୍ବଳ ନାହିଁ

ସମାଜର ଗରିବ ତଥା ଅବହେଳିତ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ସହାୟତା ଯୋଗାଇବା ଲାଗି ସରକାରଙ୍କ ପକ୍ଷରୁ ଯାବତୀୟ ବ୍ୟବସ୍ଥା ରହିଛି । ଅସହାୟ ବୃଦ୍ଧବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗମାନଙ୍କୁ ଆର୍ଥିକ ସହାୟତା ନିମନ୍ତେ ସାମାଜିକ ସୁରକ୍ଷା ବ୍ୟବସ୍ଥା ରହିଛି । ପେଟକୁ ଦି ଓଳି ଖାଦ୍ୟ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ରହିଛି । ମୁଣ୍ଡରେ ଛାତ ପାଇଁ ଆବସ ଘର ଯୋଜନା ରହିଛି । ଭୂମିହୀନମାନଙ୍କ ଲାଗି ବସୁନ୍ଧରା ଯୋଜନା କାର୍ଯ୍ୟକାରୀ କରାଯାଇଛି । ରୋଜଗାର ପାଇଁ ମନରେଗା ଭଳି ଆଇନ୍ ରହିଛି । ତେବେ ବାସ୍ତବରେ ଏ ସବୁ ଯୋଜନା କେତେ ସଫଳ ହେଇଛି ତାହା ଦେଖିବାକୁ କେହି ନାହାଁ । ଏତେ ସବୁ ଯୋଜନା ନିକ୍ଷେପିତ ଲୋକଙ୍କ ପାଖରେ ପହଞ୍ଚି ପାରୁନି । ସରକାର ଏସବୁ ଯୋଜନାଗୁଡିକୁ ଠିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବିଭାଗ କରିଛନ୍ତି । କାର୍ଯ୍ୟାଳୟ ରହିଛି । ଦାୟିତ୍ୱରେ ଅଧିକାରୀ ଏବଂ କର୍ମଚାରୀ ବି ରହିଛନ୍ତି । କେବଳ ଏତିକି ନୁହଁ; ଏଥିଲାଗି ନିର୍ବାଚିତ ଜନପ୍ରତିନିଧିଙ୍କ କର୍ତ୍ତବ୍ୟ ମଧ୍ୟ ରହିଛି । ତଥାପି ସମାଜର ଏହି ଅବହେଳିତ ମଣିଷ ଅବହେଳାର ଶିକାର ହେଉଛନ୍ତି; ଯାହା ଏକ ବିଡମ୍ବନା ।

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅଧୀନ ଅଲୁଆଗୁଡା ଗ୍ରାମରେ ବସବାସ କରୁଥିବା ସମ୍ବାରୀ ପରାଭୋଇଙ୍କ ପରିବାର ଏହାର ଉଦାହରଣ । ବୋହୂ ଡୁମେନଦେଇ, ପାଳିତ ପୁଅ ଗୁରୁବାରୁ, ଅମରସିଂ, ଜିତେନ୍ଦ୍ର, ରଞ୍ଜିତା ଏବଂ ଦେଢ଼ ବର୍ଷର ୪ ନାତି ନାତୁଣୀଙ୍କୁ ନେଇ ତାଙ୍କ ପରିବାର । ନିଜ ଗାଁ ମାଟିରେ ପରିବାର ପ୍ରତିପୋଷଣ କରିବା ପାଇଁ କୌଣସି ସାଧନ ନ ଥିବା ଯୋଗୁଁ ସ୍ୱାମୀଙ୍କ ସହ ସେ ସପରିବାର ଜୁନାଗଡ଼ ବ୍ଲକର ବିଜରାଦର ଗାଁରେ କାମଧନ୍ଦା ଅନ୍ୱେଷଣରେ ଯାଇ ରହିଥିଲେ । କିଛି ବର୍ଷ ସେଠାରେ ରହି ପର ଘରେ ମୂଲ ଲାଗି ପ୍ରତିପୋଷଣ କରୁଥିଲେ । ଦୁର୍ଭାଗ୍ୟକୁ ସେଠାରେ ସ୍ୱାମୀ ଆଖି ବୁଜିଥିଲେ । ଏଣୁ ସେମାନେ ପୁଣି ନିଜ ଗାଁ ଅଲୁଆଗୁଡାକୁ ଫେରିଆସିଥିଲେ । ସ୍ୱାମୀ ଯିବାର ଏହା ଭିତରେ ପ୍ରାୟ ୭ ବର୍ଷ ହେବ । ଭୂମିହୀନ ଏହି ପରିବାର ବର୍ତ୍ତମାନ ଲୋକଙ୍କ ଉପରେ ଭରସା କରି ଚଳୁଛନ୍ତି । ନିଜ ନାମରେ ଘରଡିହ ଖଣ୍ଡେ ନାହିଁ । ଜଣେ ସମ୍ପର୍କୀୟଙ୍କ ଦୟାରୁ ଏମାନେ ଖଣ୍ଡେ ଜାଗାରେ ଚାଳ ଛପର ମାଟି କୁଡିଆରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି । ଭୂମିହୀନ ବୋଲି ଏହି ପରିବାରକୁ ଆବାସ ଯୋଜନାରୁ ବଞ୍ଚିତ ହେବାକୁ ପଡ଼ିଛି । ବୃଦ୍ଧା ସମ୍ବାରୀ ପରିବାର ପ୍ରତିପୋଷଣର ସମସ୍ତ ବୋଝ ମୁଣ୍ଡାଇଛନ୍ତି । ଆଜି ପର୍ଯ୍ୟନ୍ତ ସେ ବିଧବା ଭତ୍ତା ପାଇ ନାହାନ୍ତି । ସେହିପରି ଏହି ପରିବାରରେ କେବଳ ଡୁମେନଦେଇଙ୍କ ପାଇଁ ଚାଉଳ ମିଳୁଛି । ଏତେ ବଡ କୁଟୁମ୍ବର ପେଟକୁ ଖାଦ୍ୟ ସୁରକ୍ଷା ଯୋଜନାରୁ ମାତ୍ର ୫ କେଜି ଚାଉଳ ମିଳୁଛି । ଆର୍ଥିକ ସମ୍ବଳ ନ ଥିବା ଯୋଗୁଁ ପିଲାଙ୍କ ଆଧାର୍ କାର୍ଡ ଖଣ୍ଡିକ କରିବାକୁ ହେଲେ କେନ୍ଦ୍ରକୁ ଯିବା ସମ୍ଭବ ହେଇପାରୁ ନ ଥିବା ସମ୍ବାରୀ କହିଛନ୍ତି । ବର୍ତ୍ତମାନ ଗାଁରେ ମଧ୍ୟ କାମଧନ୍ଦା ମିଳୁନି । ଏଥିଯୋଗୁଁ ଓଳିଏ ଖାଇଲେ ଓଳିଏ ଭୋକରେ ରହୁଥିବା ସମ୍ବାରୀ କହିଛନ୍ତି । କହିବାକୁ ଗଲେ ଏମାନଙ୍କ ପାଇଁ ସବୁ ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି ।

# ସାପକାମୁଡ଼ାରେ ଯୁବତୀ ଗୁରୁତର

**ଗୋଲାମୁଣ୍ଡା, ୨୭ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଧୀନ ଡୁଡକେଲ ଗ୍ରାମର ଜଣେ ଯୁବତୀ ସାପକାମୁଡ଼ାରେ ଗୁରୁତର ହୋଇଛନ୍ତି । ଗୁରୁତର ଯୁବତୀ ଜଣକ ହେଲେ ଡୁଡକେଲ ଗ୍ରାମର ଦେବର୍ଜନ ବଗର୍ତ୍ତିଙ୍କ ଝିଅ ହେମନ୍ତୀ ବଗର୍ତ୍ତି । ରବିବାର ଅପରାହ୍ନ ୫ଟାରେ ସେ ବିଲକୁ ଯାଇଥିବା ବେଳେ ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥଲେ । ଅଧିକ ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି ।

# ବିନା ସୁରକ୍ଷା ସରଞ୍ଜାମରେ ରେଳ ଓଭର ବ୍ରିଜ୍ କାମ

**କେସିଙ୍ଗା, ୨୭ ।୭ (ସମିସ):** ଅନେକ ବାଦ ବିବାଦ ଓ ବିରୋଧ ସତ୍ତ୍ୱେ ପ୍ରାୟ ୩୩୦ କୋଟି ଟଙ୍କାରେ ରେଳ ଓଭର ବ୍ରିଜ କାମ ଜୋରସୋରରେ ଆଗେଇ ଚାଲିଛି । ରାଜଲକ୍ଷ୍ମୀ କନଷ୍ଟ୍ରକସନ ନାମକ ଏକ ଘରୋଇ କମ୍ପାନୀ ଏହି ପୋଲର ନିର୍ମାଣ କାମ କରୁଛି । ପ୍ରାୟ ସମସ୍ତ ଶ୍ରମିକ ଅନ୍ୟ ରାଜ୍ୟରୁ ଆସି ଏଠାରେ କାମରେ ନିୟୋଜିତ ହୋଇଛନ୍ତି । ତେବେ ପୋଲ ଉପରେ କାମ କରୁଥିବା ଶ୍ରମିକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ । ଶ୍ରମିକମାନେ ବିନା ସୁରକ୍ଷା ସାମଗ୍ରୀରେ କାମ କରୁଛନ୍ତି । ତଳେ କମ୍ପାନୀର ସୁପରଭାଇଜର ଚୌକିରେ ବସି ନିର୍ଦ୍ଦେଶ ଦେଉଛନ୍ତି । ବିନା ସୁରକ୍ଷା ସରଞ୍ଜାମରେ ପୋଲ ଉପରେ କାମ କରୁ କରୁ ଯଦି କୌଣସି ଶ୍ରମିକର ଗୋଡ଼ ଖସି କିଛି ଅଘଟଣ ଘଟିଲା ତେବେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠୁଛି । ସବୁ ଦେଖୁଥିଲେ ମଧ୍ୟ ରେଳ ବିଭାଗ ଏହା ଉପରେ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛି ।



# ନୂଆପଡ଼ା ଜିଲ୍ଲାପାଳ ସମ୍ମାନିତ



**ନୂଆପଡ଼ା, ୨୭ ।୭ (ସମିସ):** ନୂଆପଡ଼ାରେ ଗତିଶୀଳ ନେତୃତ୍ୱ ଏବଂ ସାର୍ବଜନୀନ ସେବା ପ୍ରତି ଅକ୍ଳାନ୍ତ ଉତ୍ସର୍ଗ ସହ ଅନେକଙ୍କ ଜୀବନରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଏବଂ ଉନ୍ନତି ଆଣିଥିବା ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ୨୦୨୫ ଇନ ପାଇରେସନାଲ ଜିଲ୍ଲାପାଳ ଆୱାର୍ଡରେ ସମ୍ମାନୀତ ହୋଇଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଜାତୀୟ ସିଇଓ ରାଉଣ୍ଡଟେବୁଲ-୨୦୨୫ରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଇଣ୍ଟରଭ୍ୟୁ ଟାଇମ୍ସ ତରଫରୁ ଏଲିଟ୍ ୧୦୦ ଚେଞ୍ଜମେକର୍ସ, ସିଏମଡି ରାଉଣ୍ଡଟେବୁଲ ଏବଂ ଜାତୀୟ ସିଇଓ ରାଉଣ୍ଡଟେବୁଲ ଭଳି ଅନୁଷ୍ଠାନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମଗ୍ର ଭାରତରୁ ସିଇଓ, ନୀତି ନିର୍ଦ୍ଧାରକ ଏବଂ ଚିନ୍ତାନାୟକଙ୍କ ସମାଗମ ହୋଇଥିଲା । ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଡକ୍ଟର ମଦନ ମୋହନ ସେଟ୍ଠୀ, ଡକ୍ଟର ଅଶୋକ ମହାପାତ୍ର ପ୍ରମୁଖ ଏହି ସମାବେଶରେ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କ ପତ୍ନୀ ବିୟୋଗ

**ଲାଞ୍ଜିଗଡ଼, ୨୭ ।୭ (ସମିସ):** ଲାଞ୍ଜିଗଡ଼ର ସାମ୍ବାଦିକ ମଳୟ ବେନୁଆଙ୍କ ପତ୍ନୀ ଦୁଲଣୀ ବେନୁଆ (୨୫)ଙ୍କ ରବିବାର ପରଲୋକ ଘଟିଛି । ବେଢ଼ାଗାଁ ପଞ୍ଚାୟତ ସିନ୍ଦିବାହାଲିସ୍ଥିତ ତାଙ୍କ



ବାସଭବନରେ ପହଞ୍ଚି ବହୁ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଦୁଲଣୀ ଦୀର୍ଘଦିନ ଧରି ସିକିଲିନ୍ ରୋଗରେ ପୀଡିତ ହେତୁ ବିଷମକଟକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି ।

# ସ୍କୁଲ୍‌ବ୍ୟାଗ୍ ଓ ପାଠ୍ୟଉପକରଣ ବଣ୍ଟନ

**ଗୋଲାମୁଣ୍ଡା, ୨୭ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ପଞ୍ଚାୟତ ଅଧୀନ ଶ୍ରୀରାମପଡ଼ାରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ସହଯୋଗରେ ଆରସିଡିସି ତରଫରୁ ୨୦ଟି ଗ୍ରାମରେ ସ୍କୁଲ ବ୍ୟାଗ ଏବଂ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ବିହାରୀ ରାଉତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୃନ୍ଦାବାହାଳ ସରପଞ୍ଚ ଦିନେଶ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୀତାକାନ୍ତ ମାଝୀ ଏବଂ ଆଦିତ୍ୟ ଅଧିକାରୀ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଲମ୍ବୋଦର ପ୍ରଥମ



**କେସିଙ୍ଗା, ୨୭ ।୭ (ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଲମ୍ବୋଦର ଗୋପାଳ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏଥିରେ ବିଶିଷ୍ଟ ସାରସ୍ୱତ ସାଧକ ଶାନ୍ତନୁ ଆଚାର୍ଯ୍ୟ, ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁ ଗାଁରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ





**ଭବାନୀପାଟଣା, ୨୭ ।୭ (ସମିସ):** ଭବାନୀପାଟଣା ନର୍ସିଂ କଲେଜ ଛାତ୍ରଛାତ୍ରୀ ଫୁପଗାଁ, ତାରାପୁର, କୁଚାଗାଁ, ସିରୋଳ, ବଡକୁତ୍ରୁ, ସରଗୁଲମାଳପଡ଼ା, ମୁଡିଂ, ବାଘପୁର, ଖାଲିଆକାନି ଓ ଲାଞ୍ଜିଗଡ଼ ରୋଡରେ ଲୋକଙ୍କୁ ସ୍ୱାସ୍ଥ୍ୟ ଓ ପୋଷଣ ବିଷୟରେ ସଚେତନ କରିଛନ୍ତି । ସ୍ୱଚ୍ଛତା, ଗର୍ଭାବସ୍ଥା ଓ ଜନ୍ମପରବର୍ତ୍ତୀ ଶିଶୁଯତ୍ନ, ଶିଶୁ ପୋଷଣ ଓ ବୃଦ୍ଧି, ଦାମ୍ପତ୍ୟ ଜୀବନ ଓ ପାରିବାରିକ ଯତ୍ନ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା ।

**କଳମପୁର:** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ବଡକୁଟ୍ଟ ପଞ୍ଚାୟତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଗଣେଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭବାନୀପାଟଣା ବିକାଶ ନର୍ସିଂ ଛାତ୍ରୀମାନେ ଏହି ନାଟକ ପରିବେଷଣ କରିଥିଲେ । ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ନିମନ୍ତେ ଏହି ଜନ ସଚେତନତା



କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବୈବାହିକ ଜୀବନ, ଶିଶୁଯତ୍ନ ଓ ଏହା ସହ ଜଡିତ ବିଭିନ୍ନ ସମସ୍ୟା ଉପରେ ନାଟକ ପରିବେଷଣ କରାଯାଇଥିଲା ।

**କେସିଙ୍ଗା:** ମହିଳା ସଶକ୍ତ ହେଲେ ଦେଶ ସଶକ୍ତ ହେବ । ଏହି ନାରାକୁ ଆଉ ଏକ ପାଦ ଆଗେଇ ନେବାରେ ସହାୟକ ସାଜିଛି କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବିକାଶ ନର୍ସିଂ କଲେଜ୍ । ଏହି କଲେଜ୍‌ର ଛାତ୍ରଛାତ୍ରୀ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗାଁରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ବିଭିନ୍ନ ବିଷୟରେ ସଚେତନ କରିଛନ୍ତି । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜର କୁସଂସ୍କାରକୁ ନେଇ ରହିଥିବା ଅନ୍ଧବିଶ୍ୱାସ ଉପରେ ଏହି ଛାତ୍ରୀମାନେ ସଚେତନ କରୁଛନ୍ତି । ଜିଲ୍ଲାର ୧୦ଟି ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେସିଙ୍ଗା ବ୍ଲକ ସିରୋଲ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିରୋଲ ସରପଞ୍ଚ ଝରଣା ବାଗଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

**କର୍ଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡ଼ା ପଞ୍ଚାୟତରେ ଭବାନୀପାଟଣା ବିକାଶ ନର୍ସିଂ କଲେଜ ପକ୍ଷରୁ ରବିବାର ପଥପ୍ରାନ୍ତ ନାଟକ ମାଧ୍ୟମରେ ସଶକ୍ତନାରୀ ସଶକ୍ତ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଅଭିନୟ ଜରିଆରେ ଉତ୍ତମ ଅଭିଭାବକ ଅଭିଭାବିକାଙ୍କ ଭୂମିକା, ବାଳିକା ଶିକ୍ଷାର ଆବଶ୍ୟକ, ମାସିକ ରକ୍ତସ୍ରାବ ସମୟରେ ସଫା ସୁତରା, ବାଲ୍ୟ ବିବାହ, ଗର୍ଭଧାରଣ ଅବସ୍ଥାରେ ଯତ୍ନ ଓ ଡାକ୍ତରଙ୍କ ପରାମର୍ଶ, ଶିଶୁଯତ୍ନ, ଟୀକାକରଣ ଇତ୍ୟାଦି ଉପରେ ସଚେତନ କରିଥିଲେ । ବିକାଶ ନର୍ସିଂ କଲେଜର ଅଧକ୍ଷ ଡ. ସୁଦୀପ୍ତ ଜାନା, ଅଧ୍ୟାପକ ସୌରଜିତ ସା, ଅଧ୍ୟାପିକା ଲିପିକା ନାଏକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ । ସରପଞ୍ଚ ବରୁଣ ଛତ୍ରିଆ, ଅବସରପ୍ରାପ୍ତ ଶିକ୍ଷକ କାମଦେବ ଭୋଇ, ସାମ୍ବାଦିକ ପ୍ରଦୀପ ସାହୁଙ୍କ ସମେତ ଆଇସିଡ଼ିଏସ କର୍ମୀ, ଆଶା କର୍ମୀ, ମିଶନଶକ୍ତି କର୍ମକର୍ତ୍ତା ଯୋଗ ଦେଇଥିଲେ ।

## କେରମେଲୀ-ଗୋଲାବନ୍ଦ ରାସ୍ତା

# ଶୁଣିଲାନି ପ୍ରଶାସନ; ରାସ୍ତା ମରାମତି କଲେ ଗାଁ ମହିଳା

**ନୂଆପଡ଼ା, ୨୭।୭ (ସମିସ)**

ନୂଆପଡ଼ା ଜିଲ୍ଲାର ଉପାନ୍ତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ନୂଆପଡ଼ା ବ୍ଲକର କେରମେଲି ଗ୍ରାମପଞ୍ଚାୟତକୁ ମୌଳିକ ସୁବିଧା ଯୋଗାଇଦେବା ନାଁରେ ବାର୍ଷିକ କୋଟି କୋଟି

**୧୫ ଦିନ ଧରି ବନ୍ଦ ଥିଲା ବସ୍ ଚଳାଚଳ**

ଟଙ୍କା ଖର୍ଚ୍ଚ ହେଉଛି । ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ହେତୁ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଯାଉଛି । କୋଟି କୋଟି ଟଙ୍କା ଖର୍ଚ୍ଚରେ ରାସ୍ତା ସବୁ ତିଆରି ହେଉଛି । ହେଲେ କାମ ନସରୁଣୁ ଫାଟି ଦଦରା ହେଉଛି । ରାସ୍ତା ଖରାପ ହେତୁ ଗମନାଗମନ ବ୍ୟାହତ ହେଉଛି । ଶେଷରେ ସାଧାରଣ ମହିଳାଙ୍କୁ ପରିଶ୍ରମ କରି ଶ୍ରମଦାନ ପୂର୍ବକ ରାସ୍ତାକୁ ମରାମତି କରିବାକୁ ପଡୁଛି । ଏଭଳି ଏକ ଉଦାହରଣ ଦେଖିବାକୁ



ମିଳିଛି କେରମେଲି ପଞ୍ଚାୟତ ପେଠିଆପାଲିରୁ ଗୋଲାବନ୍ଧ ରାସ୍ତାରେ । କେରମେଲି ଗ୍ରାମପଞ୍ଚାୟତର ପ୍ରତିଗାଁକୁ ଗମନାଗମନ ସୁବିଧା ପାଇଁ ତତକାଳୀନ ସରକାର ବିଜୁ ଗାଁ ଗାଡିର ବ୍ୟବସ୍ଥା କରିଥିଲେ । ଏହି ଗାଡିରେ କେରମେଲି ପଞ୍ଚାୟତର ମାରାଗୁଡା, ଗୋଲାବନ୍ଧର ଲୋକେ ନୂଆପଡ଼ା ବ୍ଲକ ତଥା ଜିଲ୍ଲା ସଦର ମହକୁମାକୁ ଯିବା ଆସିବା କରିଥାନ୍ତି । ଏପରିକି ଏହି ବସ୍ ସ୍କୁଲ ଏବଂ କଲେଜ ପିଲାଙ୍କ ପାଠପଢ଼ା ସକାଶେ ବିଶେଷ ଉପଯୋଗୀ ହୋଇଥାଏ । ହେଲେ ଲଗାଣ ବର୍ଷାରେ ପେଠିଆପାଲିଠାରୁ ଗୋଲାବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇଯାଇଥିବାରୁ ବସ୍ ସେବା ଦୀର୍ଘ ପନ୍ଦର ଦିନ ହେବ ବନ୍ଦ ପଡ଼ିଥିଲା । ଏହାକୁ ନେଇ ଗ୍ରାମବାସୀମାନେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ । କେହି ନ ଶୁଣିବାରୁ ଶେଷରେ ଗ୍ରାମବାସୀମାନେ ନିଜେ ଶ୍ରମଦାନ କରି ରାସ୍ତା ମରାମତି କରିବାକୁ ସ୍ଥିର କଲେ । ଗାଁର ଧ୍ୱଜାରାମ ଜଗତ, ସୂର୍ଯ୍ୟକାନ୍ତି ବାଗ, ଯଶୋଦା ବାଗ, ହେମ ମାଝୀ, ଶରସୋ ମାଝୀ, ଟିକେ ମାଝୀ, ପୁଷ୍ପାଞ୍ଜଳୀ ମାଝୀ, ନମିତା ମାଝୀ, କୁନ୍ତି ମାଝୀ, ଚନ୍ଦ୍ରମଣୀ ମାଝୀ, ଅନୁପମା ନାଏକ, ସାବିତ୍ରୀ ମାଝୀ, ଦଶମତି ମାଝୀ ପ୍ରମୁଖ ୪୦ଜଣ ମହିଳା ଶ୍ରମିକ ନିଜର ଦିନକର ଶ୍ରମଦାନ କରି ରାସ୍ତା ମରାମତି କରିଛନ୍ତି । ସ୍ଥାନୀୟ ଅଞ୍ଚଳରୁ ମାଟି ମୋରମ ସଂଗ୍ରହ କରି ରାସ୍ତା ମରାମତି କରିଛନ୍ତି । ଏହା ପରେ ବସସେବା ସ୍ୱାଭାବିକ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି ।

# ସିନାପାଲି ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ

**ସିନାପାଲି, ୨୭।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ପିତାମାତା ଏଥିରେ ଯୋଗଦେଇ ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷାୟତନର ବିକାଶ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବୈଷ୍ଣବ ମେହେର ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ତମ ମଣିଷ କରି ଗଢ଼ିତୋଳିବାରେ ପିତାମାତା ଓ ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନରହରି ମେହେର, ସମ୍ପାଦକ ଗିରିଶ ନାଏକ ଓ ପ୍ରଧାନଆଚାର୍ଯ୍ୟ ଚରଣ ନେତାମ ମଞ୍ଚାସିନ ଥିଲେ । ପରିଚାଳନା ସମିତିର ସହ ସମ୍ପାଦକ ପ୍ରେମାନନ୍ଦ ମେହେର, କୋଷାଧକ୍ଷ ତୋଷଣ ବୈଠାରୁ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଶ୍ରୀନେତାମ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଷ୍ଣୁଶରଣ ହୋତା ସଭା ପରିଚାଳନା କରିଥିଲେ । ଡୋଲେଶ୍ୱରୀ ସା ବ୍ୟକ୍ତିଗତ ଗୀତ ଗାନ କରିଥିଲେ । ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ । ଗଜମନ ନିଆଲ ଧନ୍ୟବାଦ ଦେଇଥିଲେ ।

# ବିଜୟରାଜ ମାଝୀ ନର୍ଲା ଥାନା ଅଧିକାରୀ

**ଲାଞ୍ଜିଗଡ଼, ୨୭ ।୭ (ସମିସ):** ଇନ୍ସପେକ୍ଟର ବିଜୟରାଜ ମାଝୀ ନର୍ଲା ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ଏହାପୂର୍ବରୁ ସେ ବିଶ୍ୱନାଥପୁର ଥାନାରେ ଥିଲେ । ଏହି ଅବସରରେ ଲାଞ୍ଜିଗଡ଼ ପ୍ରେସ କ୍ଲବ ସଭାପତି ସୁଶୀଲ ବାଗ, ଗୋପାଳଦାସ ମହାନନ୍ଦ, ନୀଲେଶ ନାଗ ପ୍ରମୁଖ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଥାନାଞ୍ଚଳର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।



## ଜେସିଏସ୍‌ଏସ୍‌ଆଇ ବାର୍ଷିକ ପୁରସ୍କାର ସମାରୋହ

# ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଆର୍‌ଏସ୍‌ପି ପୁରସ୍କୃତ

ରାଉରକେଲା, ୨୭।୭ (ସମିସ)

ରାଞ୍ଚି ସ୍ଥିତ ଜେଏସ୍‌ସିଏ ଷ୍ଟାଡିୟମରେ ଜୁଲାଇ ୨୫ ତାରିଖରେ ଇସ୍ପାତ ଶିଳ୍ପରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ମିଳିତ କମିଟି (ଜେସିଏସଏସଆଇ) ଦ୍ୱାରା ଆୟୋଜିତ ଜେସିଏସ୍‌ଏସ୍‌ଆଇ ବାର୍ଷିକ ପୁରସ୍କାର ସମାରୋହରେ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଆରଏସ୍‌ପିକୁ ଅନେକ ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେଥିମଧ୍ୟରେ ଅନୁକରଣୀୟ ସୁରକ୍ଷା ରେକର୍ଡର ସ୍ୱୀକୃତି ସ୍ୱରୂପ ତଥା ୨୦୨୪ କ୍ୟାଲେଣ୍ଡର ବର୍ଷରେ ସମନ୍ୱିତ ଇସ୍ପାତ କାରଖାନାରେ ଶୂନ୍ୟ ଦୁର୍ଘଟଣା ହାସଲ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାକୁ ଯୋଜନା-୧ ଅନ୍ତର୍ଗତ ଇସ୍ପାତ ସୁରକ୍ଷା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମନ୍ୱିତ ଇସ୍ପାତ କାରଖାନାର ବିଭିନ୍ନ ଜୋନରେ ଶୂନ୍ୟ ପ୍ରାଣଘାତକ ଦୁର୍ଘଟଣା ବର୍ଗ ଅଧୀନରେ ଆରଏସ୍‌ପି ୨୦୨୩ ଓ ୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ବହୁ ପୁରସ୍କାର ହାସଲ କରିଛି। ୨୦୨୩ ପାଇଁ ୩ଟି ପୁରସ୍କାର ଏବଂ ୨୦୨୪ ବର୍ଷ ପାଇଁ ୭ଟି ପୁରସ୍କାର ଲାଭ କରିଛି। ଯେଉଁଥିରେ ୨୦୨୪ ପାଇଁ ସମନ୍ୱିତ ଇସ୍ପାତ କାରଖାନା ବର୍ଗରେ ଶୂନ୍ୟ ପ୍ରାଣହାନୀ ଅନ୍ତର୍ଭୁକ୍ତ ରହିଛି।



ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି. ସୁନୀଲ କାର୍ଥା, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଆଶା ଏସ୍. କାର୍ଥା, କୋକ୍ ଓଭେନ ବିଭାଗର ଡିଜିଏମ୍ ବି ସି ସାହୁ, ଏସ୍ ଆଣ୍ଡ ଏଫ୍ ବିଭାଗର ସିନିୟର ମ୍ୟାନେଜର ଅରୁଣ ସାହୁ, ନୂତନ ପ୍ଲେଟ ମିଲ ବିଭାଗର ଡେପୁଟି ମ୍ୟାନେଜର ପିକେ ପାଲ, ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ଆର୍‌ଏନ୍ ପାଣିଗ୍ରାହୀ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପିକେ ବେହେରା ଏବଂ ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସ ବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ କେସି ପଣ୍ଡା ପ୍ରମୁଖ ଆରଏସ୍‌ପି ପକ୍ଷରୁ ପ୍ରତିନିଧିତ୍ୱ କରି ଜେସିଏସଏସଆଇର ଉପାଧ୍ୟକ୍ଷ ଏବଂ ଏସ୍‌ଏସ୍‌ଓର ନିର୍ବାହୀ ନିର୍ଦ୍ଦେଶକ ଅନୁପ କୁମାରଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ସମାରୋହରେ ଇଏମ୍‌ଡି ବିଭାଗର ସିଜିଏମ୍ ଗୌତମ ଭାଟିଆ, ଜାତୀୟ ସୁରକ୍ଷା ପରିଷଦର ନିର୍ଦ୍ଦେଶକ ଆର୍‌ଡି ଦେବଗଡ଼େ, ଜେସିଏସ୍‌ଏସ୍‌ଆଇର ସଦସ୍ୟ ସଚିବ ତଥା ସୁରକ୍ଷା ବିଭାଗର ସିଜିଏମ୍‌ଏସ୍ ବଶିଷ୍ଠଙ୍କ ସମେତ ବରିଷ୍ଠ ଟ୍ରେଡ୍ ୟୁନିଅନ୍‌ର ପ୍ରମୁଖ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କ୍ରମାଗତ ଭାବେ ୨୦୨୩ ଏବଂ ୨୦୨୪ ମସିହାରେ ଲଗାତାର ଦୁଇ ବର୍ଷ ପାଇଁ କୋଲ, କୋକ୍ ଏବଂ କେମିକାଲ, ବ୍ଲାଷ୍ଟ ଫର୍ଣ୍ଣେସ୍, ସ୍ଲାଗ୍ ଗ୍ରାନୁଲେସନ୍ ପ୍ଲାଣ୍ଟ, ସିଣ୍ଟର ପ୍ଲାଣ୍ଟ, କଞ୍ଚାମାଲ ବିଭାଗ, ଏସ୍‌ଏମ୍‌ଏସ୍ ବିଭାଗ, ସିସିଏସ, ରୋଲିଂ ମିଲ୍, ସିଏମ୍, ୟୁଟିଲିଟି, ସର୍ଭିସେସ, ରେଳ ଏବଂ ସଡ଼କ ଟ୍ରାଫିକ୍ ବିଭାଗଗୁଡିକ ଏହି ସମ୍ମାନଜନକ ପୁରସ୍କାର ଅର୍ଜନ କରିଥିଲେ। ଏହି ସଫଳତା ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଶ୍ରେଷ୍ଠ ଅଭ୍ୟାସ ସହିତ ଆର୍‌ଏସ୍‌ପିର ସମନ୍ୱୟକୁ ମଧ୍ୟ ଉଜ୍ୱଳ କରିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆର୍‌ଏସ୍‌ପି ୨୦୨୪-୨୫ ବର୍ଷରେ ୦.୦୧୬୫ର ରିପୋର୍ଟେବଲ୍ ଲସ୍ ଟାଇମ୍ ଫ୍ରିକ୍ୱେନ୍ସି ରେଟ୍ (ଆରଏଲଟିଏଫଆର) ରେକର୍ଡ ହାସଲ କରିଛି, ଯାହା କେବଳ ସେଲ୍‌ଫରେ ସର୍ବୋତ୍ତମ ନୁହେଁ ବରଂ ୦.୦୮ ଶିଳ୍ପ ମାନଦଣ୍ଡଠାରୁ ମଧ୍ୟ ଉନ୍ନତ ଅଟେ।

■ ଜାତୀୟ ରାଜପଥରେ ଭୂସ୍ଖଳନ

## ପାଣି, ମାଟି ସହ ଧସିଲା ପଥର



କୋଇଡା, ୨୭।୭ (ସମିସ): କୋଇଡାରେ ଲଗାଣ ବର୍ଷା ସାଙ୍ଗକୁ ପ୍ରବଳ ବର୍ଷାର ପ୍ରଭାବରେ ଜାତୀୟ ରାଜପଥ ଉପରେ ଭୂସ୍ଖଳନ ହେଉଥିବା ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଜିଲ୍ଲା ୫୨୦ ଜାତୀୟ ରାଜପଥ ରଜାମୁଣ୍ଡାରୁ କୋଇଡା ଆସିବା ରାସ୍ତା ଚୁନା ଘାଟି ନିକଟରେ ଭୂସ୍ଖଳନ ହେଉଛି। ବର୍ଷା ଜଳର ସ୍ରୋତରେ ରାସ୍ତା ଉପରକୁ ବଡ଼ ବଡ଼ ପଥର ସାଙ୍ଗକୁ ପାହାଡ଼ର ମାଟି ଚାଲି ଆସିଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ବର୍ଷା ଜଳର ସ୍ରୋତ ଏତେ ତିବ୍ର ରହିଛି ଯେ, ପାହାଡରୁ ପଥର ଭସାଇ ଆଣି ରାସ୍ତା ଉପର ପଡୁଛି। ଗତକାଲି ରାତ୍ରିରେ ରାଜାମୁଣ୍ଡା କୋଇଡା ରାସ୍ତାରେ ଯାତାୟାତ ବେଳେ ଭୂସ୍ଖଳନ ହୋଇଥିଲା। ଏନଏଚ କର୍ତ୍ତୃପକ୍ଷଙ୍କ ସହାୟତାରେ ରାସ୍ତାର ପଥର ଗୁଡିକ ରାସ୍ତା କଡରେ ରଖାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ହେଲେ ବର୍ଷା ଯୋଗୁଁ ଏବେବି ଭୂସ୍ଖଳନ ଜାରି ରହିଥିବା ସୂଚନା ମିଳିଛି।

## ନୂଆ ବସ୍‌ଷ୍ଟାଣ୍ଡ ହାଇମାଷ୍ଟ ଲାଇଟ୍ ମରାମତି ଦାବି

ରାଉରକେଲା, ୨୭।୭ (ସମିସ): ରାଉରକେଲାର ନୂଆ ବସଷ୍ଟାଣ୍ଡରେ ରହିଥିବା ୨ଟି ହାଇମାଷ୍ଟ ଲାଇଟ ମଧ୍ୟରୁ ଗୋଟିଏ ହାଇମାଷ୍ଟ ଲାଇଟରେ ଏଲ୍‌ଇଡି ବଲ୍ ଫ୍ୟୁଜନ୍ ହୋଇଯାଇଥିବାରୁ ତାହା ଜଳୁନି। ଫଳରେ ବସ୍‌ଷ୍ଟାଣ୍ଡର ଉକ୍ତ ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ଯାହାକି ଅସାମାଜିକ କାର୍ଯ୍ୟକଳାପକୁ ବେଶ୍ ସୁହାଉଛି। ଏହାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର

ବଣାଇଁ, ୨୭।୭ (ସମିସ): ବଣାଇଁ ଥାନା ଅନ୍ତର୍ଗତ କେନାଭେଟା ପଞ୍ଚାୟତ କନ୍ତସରା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରଞ୍ଜିତ କିସାନ (୪୫)। ସୂଚନାନୁସାରେ, ଅପରାହ୍ନରେ ସମ୍ପର୍କୀୟ ପୁତୁରା କାକା ରଞ୍ଜିତ ମୂମୁର୍ଷ ଅବସ୍ଥାରେ ତାଙ୍କ ବାରଣ୍ଡାରେ ଖଟତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବେକରେ କଳା ଦାଗ, ନଖ ଚିହ୍ନ ଏବଂ ମୁହଁ ତଳକୁ ମଲା ରକ୍ତଦାଗ ଥିବାରୁ ତାଙ୍କ ପତ୍ନୀ ନୂଆ ଦେଇଙ୍କ ସହ ସପରିବାର ବଣାଇଁ ଥାନାରେ ପହଞ୍ଚି ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିବା ସହ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଣାଇଁ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## କାଉଡ଼ି ଯାତ୍ରାରେ ଡିଜେ ଓ ମଦ୍ୟପାନ ଉପରେ କଟକଣା ଦାବି

ରାଉରକେଲା, ୨୭।୭ (ସମିସ): ଶ୍ରାବଣ ମାସରେ କାଉଡିଆଙ୍କ ଯାତ୍ରାରେ କିଛି ଅସାମାଜିକ ଯୁବକ ଗେରୁଆ ବେଶରେ ମଧ ପାନ କରି ଅନେକ ସମୟରେ ଅସାମାଜିକ କାର୍ଯ୍ୟ କରୁଥିବା ନଜର ଆସିଛି। ଯାହାକୁ 'ପରୋପକାର' ସାମାଜିକ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ସାରନଗରୀ ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା 'ପରୋପକାର' ସାମାଜିକ ସଂଗଠନର ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ ଏହାକୁ ନିନ୍ଦନୀୟ ବୋଲି କହିଛନ୍ତି। କାଉଡିଆ ଯାତ୍ରାରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ହିନ୍ଦୁ ଧର୍ମର ପରମ୍ପରା କ୍ଷୁର୍ଣ୍ଣ କରୁଛି। ରାଉରକେଲା ସହର ଓ ଦକ୍ଷିଣ ରାଉରକେଲାରେ ଥିବା ମଦ କାଉଣ୍ଟର ଏବଂ ରାଜରାସ୍ତା କଡରେ ଥିବା ଢାବାରୁ କାଉଡିଆ ଶ୍ରଦ୍ଧାଳୁମାନେ ମଦ କ୍ରୟ କରି ମଦ୍ୟପାନ କରୁଛନ୍ତି। ମଦ୍ୟପାନ କରି ଯାତ୍ରା କରିବା ଫଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏପରିକି ଅନେକ ସମୟରେ ସଡକ ଦୁର୍ଘଟଣାର ମଧ ଶିକାର ହେଉଛନ୍ତି। ଗେରୁଆ ବେଶଭୂଷାଧାରୀ କାଉଡିଆମାନଙ୍କୁ ମଦ ଦୋକାନ ଏବଂ ଢାବା ଗୁଡିକରେ ମଦ ଦେବା ଉପରେ କଟକଣା ଲଗାଇବାକୁ ଶ୍ରୀ ପଟ୍ଟନାୟକ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ମହାଦେବଙ୍କୁ ଜଳାଭିଷେକ କରିବାକୁ ଯାଉଥିବା ବେଳେ ନାନା ପ୍ରକାର ଉଚ୍ଚ ସ୍ୱରରେ ଆଧୁନିକ ଡିଜେ ଗୀତ ବଜାଇବା ଉପରେ ମଧ ସମ୍ପୂର୍ଣ୍ଣ କଟକଣା ଜାରି କରିବାକୁ ସେ ଅନୁରୋଧ କରିଛନ୍ତି। ଏହି ମର୍ମରେ ଏକ ସ୍ମାରକପତ୍ର ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ 'ପରୋପକାର'ର ଏକ ପ୍ରତିନିଧି ଦଳ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଏବଂ ଜଳଦା ଫାଣ୍ଡି ଅଧିକାରୀ ବିକାଶ କୁମାର କଲେଟଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସଞ୍ଜୟ ଦାସ, ରାମ ପଟ୍ଟନାୟକ, ପ୍ରକାଶ ସାହୁ, ବିଷ୍ଣୁ ପ୍ରସାଦ ନାଥ, ମୁନା ଜେନା, ସର୍ବେଶ୍ୱର ଜେନା, ବିଶ୍ୱଜିତ ଜେନା, ବିଜୟ ରାଉତ, ଶ୍ରୀକାନ୍ତ ଦାସ, ଅମୁଲ୍ୟ ସେଠି, ବିଜୟ ସୋନାରାମ, ସନ୍ତୋଷ ପଣ୍ଡା, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



● ଥାନା ଅଧିକାରୀଙ୍କୁ 'ପରୋପକାର'ର ସ୍ମାରକପତ୍ର

## ବନ୍ଧମୁଣ୍ଡାରୁ ଘୋଗଡ଼ ଧାମକୁ କାଉଡିଆଙ୍କ ଯାତ୍ରା



ରାଉରକେଲା, ୨୭।୭ (ସମିସ): ଶ୍ରାବଣ ମାସ ତୃତୀୟ ସୋମବାର ଉପଲକ୍ଷେ ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ବନ୍ଧମୁଣ୍ଡା ବ୍ରଦର ସଙ୍ଘ ତରଫରୁ ଆଜି ସନ୍ଧ୍ୟାରେ ଘୋଗଡ଼ ଧାମ ପାଇଁ ଏକ ଭବ୍ୟ କାଉଡି ଯାତ୍ରା ବାହାରି ଥିଲା। ଉତ୍ସାହ ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି କାଉଡିଆ ଯାତ୍ରାରେ ରାଉଲକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉପସ୍ଥିତ ରହି ନଡ଼ିଆ ଭାଙ୍ଗି ଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ ପିଙ୍କୁ ଜୟସ୍ୱାଲ, ଡି. ଅଭିକ କୁମାର, ଚନ୍ଦନ ତରାଇ, ନୀତିଶ ମୁଖୀଙ୍କ ସମେତ ବିଜେପିର ଆଇ ରାଜା ରମେଶ, ସୂର୍ଯ୍ୟ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସଂଘର ସଦସ୍ୟମାନେ ପାରମ୍ପରିକ କପଡ଼ା ପିନ୍ଧି, ହାତରେ କାଉଡି ବୋହି ହର ହର ମହାଦେବ ଧ୍ୱନିରେ ଯାତ୍ରା କରିଥିଲେ। ଭକ୍ତମାନେ ଢ଼ୋଲ ଏବଂ ଡିଜେ ଧ୍ୱନିରେ ମସଗୁଲ ହୋଇଯାଇଥିଲେ। ରାସ୍ତାରେ ଅନେକ ସ୍ଥାନୀୟ ଲୋକ ଭକ୍ତମାନଙ୍କ ପାଇଁ ପାନୀୟ ଜଳ, ଲେମ୍ବୁ ପାଣି ଓ ଭୋଗ ବ୍ୟବସ୍ଥା କରିଥିଲେ।

## ସ୍ୱାମୀକୁ ହତ୍ୟା କରି ପତ୍ନୀର ଆତ୍ମସମର୍ପଣ

ରାଉରକେଲା, ୨୭।୭ (ସମିସ): ପାରିବାରିକ କଳହ ପରେ ସ୍ୱାମୀର ଆକ୍ରମଣରୁ ବଞ୍ଚିବା ପାଇଁ ଶାବଳ ଆକ୍ରମଣରେ ଜଣେ ମହିଳା ତାର ସ୍ୱାମୀକୁ ହତ୍ୟା କରିବା ପରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂଶବାହାଲ ଫାଣ୍ଡିର କଦଳିଡିପା ଗାଁର ସୁଦୀପ ବାଡା (୨୪), ପତ୍ନୀ ସଙ୍ଗୀତା ବାଡା (୨୧) ଏବଂ ତାଙ୍କର ୨ଟି ସନ୍ତାନଙ୍କୁ ନେଇ ବାସ କରୁଥିଲେ। ପାରିବାର କଳହକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କିଛି ଦିନ ଧରି ବିବାଦ ଲାଗି ରହିଥିଲା। ଗତକାଲି ରାତିରେ ସେମାନଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ଧାରଣ କରିଥିଲା। ଫଳରେ ସୁଦୀପ ବାଡା ଏକ ଛୁରୀ ଧରି ପତ୍ନୀ ସଙ୍ଗୀତା ବାଡାକୁ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ନିଜ ପ୍ରାଣ ବଞ୍ଚାଇବାକୁ ଯାଇ ସଙ୍ଗୀତା ଏକ ଶାବଳରେ ସୁଦୀପକୁ ଆକ୍ରମଣ କରିଥିଲା। ଶାବଳ ପ୍ରହାର ସୁଦୀପର ମୁଣ୍ଡରେ ବାଜିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ୨ଟି ଛୁଆଙ୍କୁ ଧରି ସଙ୍ଗୀତା କାଂଶବାହାଲ ଫାଣ୍ଡିରେ ଆତ୍ମସମର୍ପଣ କରି ସମସ୍ତ ଘଟଣା ବର୍ଣ୍ଣନା କରିଥିଲା। ସୁଦୀପର ମାଆ ମେରୀ ବାଡା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଓ ଫାଣ୍ଡି ଅଧିକାରୀ ଏନେଇ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି। ଆସନ୍ତାକାଲି ଅଭିଯୁକ୍ତ ସଙ୍ଗୀତା ବାଡାକୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଆଜି ମୃତ ସୁଦୀପ ବାଡାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ନୂତନ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଯୋଗଦାନ

ରାଉରକେଲା, ୨୭।୭ (ସମିସ) : ସୁନ୍ଦରଗଡ଼ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ରବିବାର ଡ. ଶୁଭଙ୍କର ମହାପାତ୍ର ଯୋଗଦାନ କରିଛନ୍ତି। ସେ ଆଜି ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାପାଳ ଡ. ମହାପାତ୍ର ଏହା ପୂର୍ବରୁ ନବରଙ୍ଗପୁର ଏବଂ ଯାଜପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇ ବହୁ ବିକାଶମୂଳକ କାର୍ଯ୍ୟ ଅତ୍ୟନ୍ତ ସଫଳତାର ସହ ସମ୍ପାଦନ କରିଛନ୍ତି। ପୂର୍ବରୁ ସେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଭାବେ ମଧ ଅବସ୍ଥାପିତ ରହିଥିଲେ। ରାଉରକେଲା ଆନ୍ତର୍ଜାତୀୟ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଠାରୁ ଆରମ୍ଭ କରି ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ବାସନ୍ତୀ ଡିଏଭି ପୋଖରୀର ସୌନ୍ଦର୍ଯ୍ୟକରଣ ସହ ସହରର ଏକାଧିକ ପାର୍କ, ରାସ୍ତାଘାଟର ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଆଦି କାର୍ଯ୍ୟ ପାଇଁ ସେ ବେଶ୍ ପ୍ରଶଂସା ସାଉଁଟି ପାରିଥିଲେ। ଆଜି ଜିଲ୍ଲାପାଳଙ୍କ ଯୋଗଦାନ ପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇଏଏସ ଶିକ୍ଷାନବିଷ ଫାବୀ ରସିଦ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ମହାପାତ୍ର ସମସ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଜିଲ୍ଲା କାର୍ଯ୍ୟାଳୟ ବୁଲି ଦେଖିଥିଲେ।



## 'ମୋ ବନ ମୋ ଜୀବନ' କାର୍ଯ୍ୟକ୍ରମ



ବଣାଇଁ, ୨୭।୭ (ସମିସ): ବଣାଇ ବନଖଣ୍ଡ ଅନ୍ତର୍ଗତ ସୋଲ ରେଞ୍ଜ ସ୍ଥିତ ଏଜିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ମୋ ବନ ମୋ ଜୀବନ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡବ୍ଲ୍ୟୁଇଭି ଫାଉଣ୍ଡେସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସୋଲ ରେଞ୍ଜ ଅଧିକାରୀ ରଶ୍ମି ରଞ୍ଜନ ରାଉଳ ଜଙ୍ଗଲ ସୃଷ୍ଟି କରିବା ବା ସଂରକ୍ଷିତ ରଖିବାରେ ହାତୀର ଭୂମିକା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦ୍ରୌପଦୀ ଦେଇ ଏବଂ ଡବ୍ଲ୍ୟୁଇଭି ଫାଉଣ୍ଡେସନର ସହ ସଂସ୍ଥାପକ ତଥା ନିର୍ଦ୍ଦେଶକ ସୁବାଶିଷ ଦାସ ବିସ୍ତାର ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅନ୍ୟ ଜଣେ ନିର୍ଦ୍ଦେଶକ ନୀଳାଦ୍ରୀ ଶେଖର ସାହା, ସଂଯୋଜକ ଭଗବତୀ ପ୍ରସାଦ ସାହୁ, ସଦସ୍ୟ ଚିରଞ୍ଜିତ ବାରିକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପିଲାମାନଙ୍କୁ ବିଭିନ୍ନ ସଚେତନତା ବାର୍ତ୍ତା ଭିଡିଓ ଦେଖାଇବା ସହ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବନପାଳ ଭୁବନେଶ୍ୱର ରାୟ, ମନୋରଞ୍ଜନ ମହାନ୍ତି, ନିରଞ୍ଜନ ପ୍ରଧାନ, ଡ୍ରୋନ୍ ଚାଳକ ସମର୍ଥ ନାୟକଙ୍କ ସମେତ ଅନ୍ୟ ବନ କର୍ମଚାରୀ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀ ଯୋଗଦେଇଥିଲେ।

## କଫ୍ ସିରଫ ଜବତ; ଜଣେ ଗିରଫ

ରାଉରକେଲା, ୨୭।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରୁ ପୁଲିସ ଏକ କାର ଭିତରୁ କଫ୍ ସିରଫ ଜବତ କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଉଛି ବେଲସରା ବୁଡାବାବାଲ ଅଞ୍ଚଳର ବିଶାଳ ମୁଣ୍ଡା (୩୨)। ତା' ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୪୩ଟି ସିଲଡ୍ ୱିନସିରେକ୍ସ କଫ୍ ସିରଫ, ୭ଟି ଖୋଲା କଫ୍ ସିରଫ ଜବତ ହୋଇଛି। ଯେଉଁଥିରେ ଆଲପ୍ରାକ୍ସ ବଟିକା ମିଶିଥିବା ଜଣାପଡ଼ିଛି। ଗୋଟିଏ ଜାରକିନ ଭର୍ତ୍ତି ରାସାୟନିକ ପଦାର୍ଥ, ୦.୫ ମିଲିଗ୍ରାମର ୨ ଷ୍ଟ୍ରିପ ଆଲପ୍ରାକ୍ସ ବଟିକା, ମାରୁତି ଏକ୍ସପ୍ରେସୋ ଭ୍ୟାନ, ମୋବାଇଲ ଫୋନ ଓ ନଗଦ ୬୦୦ ଟଙ୍କା ମଧ୍ୟ ଅଭିଯୁକ୍ତ ନିକଟରୁ ଜବତ କରାଯାଇଛି। କଫ୍ ସିରଫରେ ଆଲପ୍ରାକ୍ସ ନିଦ ବଟିକା ମିଶାଇ ଅପମିଶ୍ରିତ କଫ୍ ସିରଫ ପ୍ରସ୍ତୁତ କରି ଚଢ଼ା ଦରରେ ଅଭିଯୁକ୍ତ ବିକ୍ରି କରୁଥିବା ଲେଫ୍ରିପଡ଼ା ପୁଲିସ କହିଛି, ସୂଚନାନୁଯାୟୀ, ଆଜି ସକାଳେ ଖୁଣ୍ଟମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରେ ଲେଫ୍ରିପଡ଼ା ଥାନା ଅଧିକାରୀ ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ସର୍ଗିପାଲି ଫାଣ୍ଡି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ଏକ କାର ଭିତରେ ଅପମିଶ୍ରିତ କଫ୍ ସିରଫ ବିକ୍ରି କରୁଥିବା ଦେଖି ସର୍ଗିପାଲି ଫାଣ୍ଡି ଅଧିକାରୀ ଦିନେଶ କୁମାର ପଟ୍ଟା ଚଢ଼ଉ କରିଥିଲେ। କଫ ସିରଫ ବିକ୍ରି କରୁଥିବା ଉପରୋକ୍ତ ଅଭିଯୁକ୍ତକୁ କାବୁ କରି ପଚରାଉଚରା କରିବା ପରେ ସେ ସବୁ ଘଟଣା ବଖାଣିଥିଲା। ଅଭିଯୁକ୍ତ ବିଶାଳ ମୁଣ୍ଡା ରାଉରକେଲା ଅଞ୍ଚଳରୁ ଏହି କଫ୍ ସିରଫ କ୍ରୟ କରୁଥିଲା। ସେ ୧୦୦ ମିଲିଲିଟର ବିଶିଷ୍ଟ ୭ଟି କଫ୍ ସିରଫରେ ୧୨ଟି ୦.୫ ମିଲିଗ୍ରାମର ଆଲପ୍ରାକ୍ସ (ନିଦ ବଟିକା) ଏବଂ ୫ ଲିଟର ପାଣି ମିଶାଇ ଅପମିଶ୍ରିତ କଫ ସିରଫ ପ୍ରସ୍ତୁତ କରୁଥିଲା।



ଏହାକୁ ପୁନର୍ବାର ବଟଲିଂ ଓ ସିଲିଂ କରି ଚଢ଼ା ମୂଲ୍ୟରେ ବିକ୍ରି କରୁଥିଲା। କଫ୍ ସିରଫର ପ୍ରକୃତ ମୂଲ୍ୟ ୧୫୦ ଟଙ୍କା ଥିବା ବେଳେ ବିଶାଳ ଏହାକୁ ଅପମିଶ୍ରିତ କରିବା ପରେ ୨୫୦ ଟଙ୍କାରେ ପ୍ରତି ବୋତଲ ବିକ୍ରି କରୁଥିଲା ବୋଲି ପୁଲିସ ନିକଟରେ ସ୍ୱୀକାର କରିଥଲା। ଏହାକୁ ପାନ କରିବା ପରେ ଅଧିକ ନିଶା ହେଉଥିବାରୁ ଏହାକୁ କିଣିବା ପାଇଁ ମଦ୍ୟପଙ୍କ ବେଶ୍ ଭିଡ଼ ଜମୁଥିଲା। ତେବେ ଅଭିଯୁକ୍ତ ବିଶାଳ ରାଉରକେଲାର କାହା ଠାରୁ ଏତେ ପରିମାଣରେ କଫ୍ ସିରଫ କିଣୁଥିଲା ତାର ଖିଅ ଖୋଜିବା ପାଇଁ ତଦନ୍ତ ଚାଲିଥିବା ଏସଡିପିଓ ନିର୍ମଳ ମହାପାତ୍ର କହିଛନ୍ତି।

## ରିପୋର୍ଟ କାର୍ଡ ଉପସ୍ଥାପନ କଲେ ବିଧାୟକ

# 'ଅଞ୍ଚଳବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କରିବା ମୋର ପ୍ରାଥମିକତା'

ରାଉରକେଲା, ୨୭।୭ (ସମିସ)

ପ୍ରଥମଥର ପାଇଁ ରଘୁନାଥପାଲ୍ଲୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କର ବିଧାନସଭାରେ କାର୍ଯ୍ୟକାଳର ଏକ ବର୍ଷ ପୂରି ହୋଇଛି। ଏହି ଅବସରରେ ନିଜ ନିର୍ବାଚନ ମଣ୍ଡଳୀବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମିତ୍ତ ହୋଇଥିବା କାର୍ଯ୍ୟର ଏକ ବାର୍ଷିକ ରିପୋର୍ଟ କାର୍ଡ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜନତାଙ୍କ ସମ୍ମୁଖରେ ବିଧାୟକ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ତନ୍ତୀ ଲାଠିକଟା ବ୍ଲକର ମୁଣ୍ଡାଜୋର, ରାମଜୋଡି, ସୁଇଡ଼ିହି, ଜଳଦା, ବଲାଣି, ହାତିବନ୍ଧା ଏବଂ ଲାଠିକଟା ସମେତ ୭ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗମନାଗମନର ସୁବିଧା ନିମିତ୍ତ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ଏକାଧିକ ରାସ୍ତା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା, ଅନେକ ଗ୍ରାମରେ ହାଇମାକ୍ସ ଲାଇଟ, ଅନେକ ଜାଗାରେ ଷ୍ଟ୍ରିଟ୍ ଲାଇଟ ଲଗାଯିବା, କେତେକ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ଏଥିସହ ଇସ୍ପାତ ସହରାଞ୍ଚଳର ସେକ୍ଟର-୫ ସ୍ଥିତ କବିସମ୍ରାଟପାଲ୍ଲୀ, ସେକ୍ଟର-୧୩ ଏସ୍‌ବିଆଇ ନିକଟସ୍ଥ ବସ୍ତି ଏବଂ ସେକ୍ଟର-୧୫ ମଲ୍ଲିକ ବସ୍ତିରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା, ଇସ୍ପାତ ସହରାଞ୍ଚଳ ଏବଂ ଦକ୍ଷିଣ ରାଉରକେଲାର ଅନେକ ସ୍ଥାନରେ ରାସ୍ତା ଗୁଡିକର ମରାମତି ଓ ନିର୍ମାଣ କରାଯାଇଥିବା ସେ ପ୍ରକାଶ କରିଥିଲେ। ଲୁଆକେରା ଗ୍ରାମ ନିକଟସ୍ଥ କୋଏଲ ନଦୀ, ଜଳଦା କଂସର ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ, ବାରବେଡା ଗ୍ରାମ ରାସ୍ତା ମଝିରେ ଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଥିବା ସେ କହିଥିଲେ। ହମିରପୁର, ତୁମକେଲା, ଲୁଆକେରା ଏବଂ ଦକ୍ଷିଣ ରାଉରକେଲା ଅଞ୍ଚଳର ନବକୃଷ୍ଣ ନଗର, ଟାଙ୍ଗରପାଲ୍ଲୀର କିଛି ଗ୍ରାମ ତଥା ବସ୍ତି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଥିବା ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଓ ଯୁବତୀଙ୍କୁ ନିଯୁକ୍ତିକୁ ନେଇ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ଲିଖିତ ପତ୍ର ପ୍ରଦାନ କରିଥିବା ଓ ରାଉରକେଲା ସରକାରୀ ଡାକ୍ତରଖାନାର ସମ୍ପ୍ରସାରଣ ନେଇ ପ୍ରଶାସନିକ କାର୍ଯ୍ୟ ଆରମ୍ଭ ହୋଇଥିବା ବିଧାୟକ ସୂଚାଇଥିଲେ। ସେହିପରି ବିମାନବନ୍ଦରର ସମ୍ପ୍ରସାରଣ ଏବଂ ନିୟମିତ ବିମାନସେବାକୁ ନେଇ ରାଜ୍ୟ ବେସାମରିକ ବିମାନ ଚଳାଚଳ ବିଭାଗ ମନ୍ତ୍ରୀ ଓ ବିଭାଗୀୟ ସଚିବଙ୍କ ସହ କଥା ହୋଇଥିବା ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ପ୍ରାକ୍ତନ ସଭାନେତ୍ରୀ ଲତୀକା ପଟ୍ଟନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରଶାସନ ମଧ୍ୟସ୍ଥତାରେ ହେବ ଗଣେଶ ମେଳା କମିଟି ନିର୍ବାଚନ

ଦେବଗଡ଼,୨୭।୭(ସମିସ): ଦେବଗଡ଼ ସାର୍ବଜନୀନ ଗଣେଶ ପୂଜା ଓ ମେଳା ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ମଧ୍ୟସ୍ଥତାରେ ସୋମବାର କମିଟିର ପଞ୍ଜୀକୃତ ସଦସ୍ୟଙ୍କ ସହମତି କିମ୍ବା ନିର୍ବାଚନ ଜରିଆରେ ନୂତନ କମିଟି ଗଠନ କରାଯିବା ନେଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଗଣେଶ ପୂଜା ଓ ମେଳା ଆୟୋଜନ ପାଇଁ ଦୁଇଟି ସମାନ୍ତରାଳ କମିଟି ସୃଷ୍ଟି ହେବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମାଧାନ ପାଇଁ ଗତ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପରିକ୍ଷୀତ ସାହୁ ଓ ଏସଡିପିଓ ରମେଶ ମାହାନାଙ୍କ ଉପସ୍ଥିତିରେ ଉଭୟ କମିଟିକୁ ନେଇ ବୈଠକ ହୋଇଥିଲା। ଗଣେଶ ମେଳା କମିଟିର ପଞ୍ଜୀକୃତ ସଦସ୍ୟ ମାନଙ୍କ ଦ୍ୱାରା, ସମସ୍ତଙ୍କ ସହମତିରେ କିମ୍ବା ନିର୍ବାଚନ ମାଧ୍ୟମରେ ଚୟନ ଚୟନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସୋମବାର ଅପରାହ୍ଣ ୩.୩୦ରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନ ହେବ । ସମସ୍ତ ପଞ୍ଜୀକୃତ ସଦସ୍ୟ ଏହି ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ନିଜ ମନ ପସନ୍ଦ କର୍ମକର୍ତ୍ତା ଚୟନ ସକାଶେ ମତଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ରେମ ପ୍ରତାରଣା କରି ଯୁବକ ଗିରଫ

ଝାରସୁଗୁଡ଼ା,୨୭।୭(ସମିସ): ରେଙ୍ଗାଲି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ପରେ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରେଙ୍ଗାଲି ଥାନା ଅଞ୍ଚଳର ବୋଲି ଜଣା ପଡ଼ିଛି। ଅଭିଯୁକ୍ତ ଜଣକ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। ଏହାପରେ ପ୍ରତାରଣା କରି ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଚିତ୍ର ଭାଇରାଲ କରିଥିଲା। ଯୁବତୀ ଜଣକ ଏନେଇ ଲିଖିତ ଅଭିଯୋଗ କରିବା ପରେ ରେଙ୍ଗାଲି ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କାନ୍ଥ ଭୁଶୁଡ଼ି କାର ଚେପା



ଝାରସୁଗୁଡ଼ା,୨୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଅଞ୍ଚଳରେ ଏକ କାର ଉପରେ ମାଟି କାନ୍ଥ ଭୁଶୁଡି ପଡିବାରୁ କାରଟି ଭାଙ୍ଗି ନଷ୍ଟ ହୋଇଯାଇଛି। ବେଲପାହାଡରେ ଲଗାଣ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷାରେ ଅଞ୍ଚଳରେ ଏକ ମାଟି କାନ୍ଥ ଭୁଶୁଡି ପଡି କାର ଉପରେ ପଡ଼ିଥିଲା। କାରଟି ସୁବାଷ ମିଶ୍ରଙ୍କର ବୋଲି ଜଣାପଡିଛି। କାର ଉପରେ ମାଟି କାନ୍ଥ ପଡିଥିବା ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ମଧ୍ୟ ହୋଇଛି।

# ଗାଁ ଦେଇ କୋଇଲା ବୋଝେଇ ଟ୍ରକ୍ ଚଳାଚଳକୁ ବିରୋଧ

ଝାରସୁଗୁଡ଼ା,୨୭।୭(ସମିସ):



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୩ ସାନଯୋବ୍ ମଧୁବନା ନଗର ଗାଁ ମଝିରେ କୋଇଲା ବୋଝେଇ ଟ୍ରକ ଚଳାଚଳକୁ ଗ୍ରାମବାସୀ ବିରୋଧ କରିଛନ୍ତି। ବିରୋଧ ପ୍ରଦର୍ଶନ ବେଳେ ଗ୍ରାମବାସୀ ରାସ୍ତାରୋକ କରିବା ସହିତ କୋଇଲା ବୋଝେଇ ଟ୍ରକ ଗୁଡିକୁ ଅଟକ ରଖିଥିଲେ। ଦୀର୍ଘ ସମୟ ପରେ ବ୍ରଜରାଜନଗର ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ରାସ୍ତା ଦେଇ କୋଇଲା ବୋଝେଇ ଟ୍ରକ ଗୁଡିକ କେବଳ ରାତି ୧୦ ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ ୧୫ ଦିନ ଚାଲିବ ବୋଲି ସମୟ ମାଗିଥିଲେ। ୧୫ ଦିନ ପରେ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କର୍ମକର୍ତ୍ତା ମାନେ ପ୍ରତିଶ୍ରୁତି ପାଇବା ପରେ ଟ୍ରକ ଗୁଡିକୁ ଗାଁ ବାସି ଛାଡିଥିଲେ। ଗାଁ ରାସ୍ତା ଦେଇ ପ୍ରତ୍ୟେହ ଶହ ଶହ କୋଇଲା ବୋଝେଇ ଟ୍ରକ ଗୁଡିକ ଗମନାଗମନ କରୁଥିବାରୁ ଗାଁର ଲୋକମାନେ ଯିବା ଆସିବା କରିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ସ୍କୁଲ୍, ଅଙ୍ଗନବାଡି କେନ୍ଦ୍ରକୁ ଛୋଟ ଛୋଟ ପିଲା ଯାତାୟତ କରୁଥିବାରୁ ଏବଂ ଗାଁର ଅଧିକାଂଶ ଲୋକ ପାଣି ପାଇଁ ଯିବା ଆସିବା

■ ରାସ୍ତାରୋକ କଲେ ଗ୍ରାମବାସୀ
■ ୧୫ ଦିନ ସମୟ ମାଗିଲା ବିଟିଓଏ

କରିବା ସମୟରେ ଦୁର୍ଘଟଣାର ଭୟ ଲାଗି ରହିଛି। ଗାଁର ପ୍ରତ୍ୟେକ ଛୋଟରୁ ବଡ ଲୋକ ସବୁବେଳେ ଏହିରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଗାଁ ଲୋକ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପାଖରେ ଏହି ରାସ୍ତା ଦେଇ କୋଇଲା ଟ୍ରକ ଗମନାଗମନ ବନ୍ଦ କରିବାକୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଏହାର ପ୍ରତିକାର ଓ ସମାଧାନ ହୋଇପାରୁ ନଥିଲା। ଫଳରେ ଗ୍ରାମବାସୀ ଟ୍ରକ ଗୁଡିକ ଅଟକ ରଖି ରାସ୍ତାରୋକ କରିବାକୁ ବାଧ ହୋଇଥିଲେ। ଟ୍ରକ ମାଲିକ ସଂଘର ସଭାପତି ଅମିୟ ସାମଲ, ଉପସଭାପତି ଅରୁଣ ଯାଦବ, ସମ୍ପାଦକ ରାଜା ପୁରୋହିତ ଓ ଓରିଏଣ୍ଟ ଥାନା ଅଧିକାରୀ କ୍ଷମା ସାଗର ନାଏକ, କାଉନସିଲର ପ୍ରମୋଦ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ୧୫ ଦିନ ସମୟ ମାଗିବା ପରେ ଗ୍ରାମବାସୀ ଅଟକ ଟ୍ରକ୍ ଗୁଡିକୁ ଛାଡିବା ସହିତ ରାସ୍ତାରୋକରୁ ଓହରିଥିଲେ।

## ଜାତୀୟ ହ୍ୱିଲଚେୟାର କ୍ରିକେଟ ଦଳରେ ସାମିଲ ହେଲେ ଶଙ୍କର

ଝାରସୁଗୁଡ଼ା,୨୭।୭(ସମିସ): ଭାରତୀୟ ହ୍ୱିଲଚେୟାର କ୍ରିକେଟରେ ସାମିଲ ହୋଇଥିବା ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ବାବୁଛିପିଡିହି ପଞ୍ଚାୟତ ଅଧୀନ ବାଙ୍କୀ ଗାଁର ଶଙ୍କର ବୁଦୁଲାଙ୍କୁ ରବିବାର ଝାରସୁଗୁଡ଼ା ବିଧାୟକ ତଥା ଫାଓ ସଭାପତି ଟଙ୍କଧର ତ୍ରିପାଠୀ ସାକ୍ଷାତ କରିଛନ୍ତି। ଜାତୀୟ ହ୍ୱିଲଚେୟାର କ୍ରିକେଟକୁ ମନୋନୀତ ହୋଇଥିବା ଯୋଗୁଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଶଙ୍କର ହ୍ୱିଲଚେୟାର ଜାତୀୟ କ୍ରିକେଟରେ ସାମିଲ ହେବା ରାଜ୍ୟ ତଥା ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୌରବର ବିଷୟ ବୋଲି କହିଥିଲେ। ଆଗାମୀ ଦିନରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ। ପ୍ରକାଶ ଯେ, ଚେନ୍ନାଇର ଆମ୍ମା ଷ୍ଟାଡିୟମରେ ଆସନ୍ତା ଅଗଷ୍ଟ ୭, ୮ ଓ ୯ ତାରିଖରେ ଖେଳାଯିବାକୁ ଥିବା ଭାରତୀୟ ହ୍ୱିଲଚେୟାର କ୍ରିକେଟ ପାଇଁ



ଜାତୀୟ କ୍ରିକେଟ କମିଟି ଦ୍ୱାରା ଚୟନ ପ୍ରକ୍ରିୟା ଚାଲିଥିଲା। ଯେଉଁଥିରେ ଶଙ୍କର ବୁଦୁଲାଙ୍କୁ ଚୟନ କମିଟି ୧୪ ଜଣିଆ ଦଳରେ ସାମିଲ କରିଥିଲେ। ଶଙ୍କରଙ୍କ ଏହି କୃତୀତ୍ୱ ଯୋଗୁଁ ଜିଲ୍ଲା କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିରେ ସାହାସପୁର ସରପଞ୍ଚ ସୁକାନ୍ତୀ ଜୟପୁରିଆ, ପାକେଲପଡା ବିଜେପି ମଣ୍ଡଳ ସଭାପତି କୁଳମଣୀ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆଇଏସ୍‌ସିଇ ଓଡ଼ିଶା ଆଞ୍ଚଳିକ ଫୁଟବଲ୍ ପ୍ରତିଯୋଗିତା



ଝାରସୁଗୁଡ଼ା,୨୭।୭(ସମିସ):

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସ୍ଥିତ ରତନ ଟାଟା ଷ୍ଟାଡିୟମ୍‌ରେ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ନେତୃତ୍ୱରେ ଖେଳ ପରିଚାଳିତ ହୋଇଥିବା ବେଳେ ରାଉରକେଲା, ବଲାଙ୍ଗିର ଏବଂ ଝାରସୁଗୁଡ଼ା ଜୋନର ମୋଟ ୮ଟି ବିଦ୍ୟାଳୟର ଦଳ ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଫାଇନାଲ ମ୍ୟାଚ୍‌ରେ ରାଉରକେଲା ଦଳ ୫-୦ ଗୋଲରେ ଝାରସୁଗୁଡ଼ା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ରାଉରକେଲା ଜୋନ ଚାମ୍ପିଅନ୍ ହୋଇଥିବା ବେଳେ ଝାରସୁଗୁଡ଼ା ଜୋନ ଉପବିଜେତା ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ରାଉରକେଲା ଜୋନ ଚାମ୍ପିଅନ୍ ହୋଇଥିବା ବେଳେ ଝାରସୁଗୁଡ଼ା ଜୋନ ପ୍ରଥମ ଉପବିଜେତା ଓ ବଲାଙ୍ଗିର ଜୋନ ଦ୍ୱିତୀୟ ଉପବିଜେତା ହୋଇଛି। ଚାମ୍ପିଅନ୍ ଦଳକୁ ସ୍ୱର୍ଣ୍ଣ ପଦକ ଓ ଉପବିଜେତା ଦଳକୁ ରୌପ୍ୟ ପଦକ ଦ୍ୱାରା ପୁରସ୍କୃତ କରାଯାଇଛି।

## ବିପଦସଙ୍କୁଳ ଅର୍ଡା-ଜୁନାପାଲି ରାସ୍ତା

ଝାରସୁଗୁଡ଼ା/କିର୍ମିରା,୨୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ରୁ ଜୁନାପାଲି ଗାଁକୁ ସଂଯୋଗ କରୁଥିବା ରାସ୍ତାର ଜୁନାପାଲି ଗାଁ ମୁଣ୍ଡ ନାଳା କଲଭର୍ଟ ଉପରେ ଲଗାଣ ବର୍ଷାରେ ପାଣି ପ୍ରବାହିତ ହୋଇ ମାଟି ଧୋଇଯାଇଛି। ଏହା ଯୋଗୁଁ ରାସ୍ତାରେ ଗାତ ହେବା ସହ କଲଭର୍ଟ ତଳ ମାଟି ଧୋଇହୋଇ ଫମ୍ପା ହୋଇଯାଇଛି। ଏହି ରାସ୍ତାରେ ଲୋକେ ବିପଦପୂର୍ଣ୍ଣ ଭାବେ ଯିବାଆସିବା କରୁଥିଲେ ମଧ୍ୟ ଜନପ୍ରତିନିଧି କିମ୍ବା ସରକାରୀ ଅଧିକାରୀଙ୍କ ନଜର ପଡୁନାହିଁ। ବିଶେଷତଃ



ସନ୍ଧ୍ୟା ଓ ରାତିରେ ଫେରୁଥିବା ଲୋକଙ୍କ ପାଇଁ ରାସ୍ତାଟି ବିପଦସଙ୍କୁଳ, ମରଣଯନ୍ତା ହୋଇଛି। ରାତିରେ କାରଖାନା ତଥା ଆଖପାଖ ଅଞ୍ଚଳକୁ କାମଦାମ ପାଇଁ ଯାତାୟାତ କରୁଥିବା ମୁଣ୍ଡମୂଳିଆ ସହ କୁଲିମଜୁରିଆଙ୍କ ବିପଦ ରହିଛି। ଏଥିପ୍ରତି ଜନପ୍ରତିନିଧି, ସ୍ଥାନୀୟ ସରପଞ୍ଚ ତଥା ଉଚ୍ଚ ପ୍ରଶାସନିକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି ହୋଇଛି।

■ ରାଜପଥରେ ବନ୍ୟାଜଳ

## ଯୋଗାଯୋଗ ପ୍ରଭାବିତ, ଚାଷଜମିରେ ନଈ ଭ୍ରମ



ଦେବଗଡ,୨୭।୭(ସମିସ): ବ୍ରାହ୍ମଣୀ ନଦୀ ଉପର ମୁଣ୍ଡରେ ବର୍ଷା ପ୍ରଭାବ ବାରକୋଟ ଥାନାଞ୍ଚଳରେ ଦେଖିବାକୁ ମିଳିଛି। ସିଆଁଯୋର ମସିନ୍ତା ଗାଁ ଦେଇ ଯାଇଥିବା ୧୦ ନମ୍ବର ରାଜ୍ୟ ରାଜପଥରେ ୩ ଫୁଟ ଉପରେ ବ୍ରାହ୍ମଣୀ ନଦୀ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ସକାଳୁ ବାରକୋଟ ଲହୁଣୀପଡା ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ସେହିପରି ମସିନ୍ତା ଦେଇ ବଣେଇ ଗୋଗୁଆ ରାସ୍ତାରେ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଫଳରେ ସକାଳୁ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ମାତ୍ର ମଧ୍ୟାହ୍ନରେ ସିଆଁଯୋର ମସିନ୍ତା ରାସ୍ତାରୁ ବନ୍ୟାଜଳ ସାମାନ୍ୟ କମିବା ପରେ କିଛିକିଛି ଯାନବାହାନ ଚଳାଚଳ ହେଉଥିବା ଜଣାପଡିଛି। ସେହିପରି ଅଞ୍ଚଳର ଶହଶହ ଏକର ଚାଷ ଜମିରେ ବନ୍ୟାଜଳ ଲହଡି ମାରୁଥିବାରୁ ଧାନ ଚାଷ ଫସଲ ନଷ୍ଟ ହେବା ସହ ଜମି ବାଲିଚର ହୋଇଥିବା ଜଣାପଡିଛି।

## ନିର୍ଦ୍ଦେଶନାମାରେ ସୀମିତ ଖଣି ବିଭାଗ

# ବାଲି ଚୋରାଚାଲାଣ ରୋକିବାରେ ପ୍ରଶାସନ ବିଫଳ

ଝାରସୁଗୁଡ଼ା,୨୭।୭(ସମିସ):



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଲୋଇସିଂହ ପଞ୍ଚାୟତ ଠରକଶପୁର ଓ ଲୋଇସିଂହ ଠାରୁ ଇବ ନଦୀରୁ ବେଆଇନ ଭାବେ ଶହଶହ ଟ୍ରକ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀରେ ବାଲି ଚୋରାଚାଲାଣ ରୋକିବାରେ ପ୍ରଶାସନ ବିଫଳ ହେବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ବର୍ଷା ଦିନେ ନଦୀରୁ ବାଲି ଉଠାଣ ବାରଣ ରହିଥିବା ବେଳେ ଝାରସୁଗୁଡ଼ାରେ ଏହାର ଖୋଲାଖୋଲି ଉଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଗତ ଜୁନ ୨୪ରେ ଜିଲ୍ଲା ଖଣି ଅଧିକାରୀ ନିର୍ଦ୍ଦେଶନାମା ଜାରି କରି ବର୍ଷା ଋତୁରେ ଲିଜଧାରୀ ବାଲି ଉତ୍ତୋଳନ ଏବଂ ଚାଲାଣ କରିପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ତେବେ ନିର୍ଦ୍ଦେଶନାମା କେବଳ କାଗଜକଲମରେ ସୀମିତ ରହିଛି। ନିର୍ଦ୍ଦେଶନାମାକୁ ବେଖାତିର କରି ବର୍ଷା ଋତୁରେ ଲିଜଧାରୀ ମାନେ ପ୍ରତ୍ୟେକ ଦିନ ଶହ ଶହ ୧୦ଚକିଆ ଟ୍ରକ ମାଧ୍ୟମରେ ଓଭରଲୋଡ କରି ଦିନରାତି ବେଆଇନ ଭାବେ ବାଲି ଚୋରାଚାଲାଣ କରୁଛନ୍ତି। ଅପରପକ୍ଷରେ ବାଲି ଚୋରାଚାଲାଣ ହେଉଥିବା ରାସ୍ତା ଲୋଇସିଂହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆର୍‌ଆଇଙ୍କ କାର୍ଯ୍ୟାଳୟ, ପ୍ରାଣୀଧନ ଚିକିତ୍ସା କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଆଦି ଅନୁଷ୍ଠାନକୁ ସଂଯୋଗ କରୁଛି। ତେଣୁ ପ୍ରତ୍ୟେହ ଶହ ଶହ ଲୋକ ଏହି ରାସ୍ତାର

**ନିର୍ଦ୍ଦେଶର ଅବମାନନାରେ କରି ଚାଲୁଛି ଚୋରାଚାଲାଣ**

ବହୁଳ ବ୍ୟବହାର କରିଥାନ୍ତି। ଲୋଇସିଂହ ପଞ୍ଚାୟତ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଟ୍ରକ ଗୁଡିକ କବଜାରେ ରହୁଥିବା ଅଭିଯୋଗ ହେଉଛି। ଫଳରେ ସବୁବେଳେ ଦୁର୍ଘଟଣାର ଆଶଙ୍କା ରହୁଛି। ତା' ଉପରେ କ୍ଷମତାଠାରୁ ଅଧିକ ଓଜନର ବାଲି ବୋଝେଇ ଟ୍ରକ ଚଳଚଳ ଯୋଗୁଁ ଏହିରାସ୍ତା ସମେତ ଅନ୍ୟାନ୍ୟ ରାସ୍ତା ଗୁଡିକ ମଧ୍ୟ କ୍ଷତିଗ୍ରସ୍ତ ହେବା ସହିତ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାରସୁଗୁଡ଼ା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ଠରକଶପୁର ଓ ଲୋଇସିଂହ ଠାରୁ ଇବ ନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ନେଇ ପଞ୍ଚାୟତବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ଫଳ ଶୂନ ଥିବା ଦେଖିବାକୁ ମିଳିଛି। କେଉଁ କାରଣରୁ ବାଲି ମାଫିଆଙ୍କ ଉପରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଲୋକଙ୍କ ସରକାର ବୋଲାଉଥିବା ନୂତନ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଜିଲ୍ଲାରେ ଚାଲିଥିବା ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି କିଏ? କେବଳ ନିର୍ଦ୍ଦେଶନାମା ଜାରିକରି ଖଣି ବିଭାଗ ଚୁପ ବସିଛି କିପରି ଏବଂ ନିର୍ଦ୍ଦେଶକୁ ଅବମାନନା କରୁଥିବା ଲିଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନର କୁଣ୍ଠା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଝାରସୁଗୁଡ଼ା,୨୭।୭(ସମିସ): ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କୁ ରବିବାର ଜିଲ୍ଲାସ୍ତରୀୟ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ କର୍ମଚାରୀମାନଙ୍କ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦାୟୀ ଜିଲ୍ଲାପାଳ ଅବୋଲି ଜିଲ୍ଲାପାଳ ଭାବେ ନିଜର ଅଢ଼େଇ ବର୍ଷର ଅଭିଜ୍ଞତା, ସହକର୍ମୀ ଅଧିକାରୀ ଓ କର୍ମଚାରୀଙ୍କର ସହଯୋଗର ପ୍ରଶଂସା କରିଥିଲେ। ଅଧୁରା ଥିବା କାର୍ଯ୍ୟ ପୂରଣ କରିବାକୁ କହିବା ସହିତ କାର୍ଯ୍ୟକାଳ ସମୟରେ ସହକର୍ମୀମାନଙ୍କ ନିକଟରୁ ପାଇଥିବା ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ତହସିଲଦାର ସଦାକାର କୁମ୍ଭାର, ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଡିସିପିଓ ସୁନନ୍ଦ ମହାରଣା, ଆରଟିଓ, ବିଡିଓ, ସିଡିଏମଓ ଡ.ମହେଶ ମୋହନ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ଜିଲ୍ଲାପାଳ ଭାବେ ଯୋଗଦେଲେ କୁଣାଲ ମୋତିରାମ ଚୌହାଣ

ଝାରସୁଗୁଡ଼ା,୨୭।୭(ସମିସ): ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ ଭାବେ କୁଣାଲ ମୋତିରାମ ଚୌହାଣ ଯୋଗ ଦେଇଛନ୍ତି। ୨୦୨୦ ବ୍ୟାଚ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଶ୍ରୀ ଚୌହାଣ ଆଜି ବିଦାୟୀ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଚୌହାଣ ଏହା ପୂର୍ବରୁ ବରଗଡ଼ ଜିଲ୍ଲାର ପଦ୍ମପୁର



ଉପଖଣ୍ଡରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଦାୟୀ ଜିଲ୍ଲାପାଳ ନରୱଣେ ଶିକ୍ଷ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହେଶ ମୋହନ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚେକ ବାଉନ୍ସ ମାମଲା ପାଇଁ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଝାରସୁଗୁଡ଼ା,୨୭।୭(ସମିସ): ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନ୍ୟାୟାଳୟ ପରିସରରେ ଚେକ ବାଉନ୍ସ ମାମଲା ଗୁଡିକ ପାଇଁ ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଓ ଦୌରାଜଜଙ୍କ




କୋର୍ଟର ୧ଟି ଚେକ୍ ବାଉନ୍ସ ଅପିଲ ମାମଲା, ଏସ୍‌ଡିଜେଏମ କୋର୍ଟର ୭ଟି, କନିଷ୍ଠ ଦେୱାନି ବିଚାରପତି ତଥା ଜେଏମ୍‌ଏଫ୍‌ସି କୋର୍ଟର ୨ଟି ଓ ଜେଏମ୍‌ଏଫ୍‌ସି (କଗନିଜେନ୍ସ) କୋର୍ଟର ୫ଟି ମାମଲା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି।

ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସଦାଶିବ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ପକ୍ସୋ କୋର୍ଟ) ପୂଜା ଷଡ଼ଙ୍ଗୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର, ବରିଷ୍ଠ ଦେୱାନି ବିଚାରପତି ଡ.ସନ୍ଧ୍ୟା ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଉପଖଣ୍ଡ ସ୍ତରୀୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅଲଟ୍ରାଟେକ୍ ତରଫରୁ ଧୁତରା ଓ ଅର୍ଡାରେ ସିଲାଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଝାରସୁଗୁଡ଼ା,୨୭।୭(ସମିସ): ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସର କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି ବିଭାଗ ଅଧୀନରେ ଧୁତରା ଓ ଅର୍ଡା ଗାଁରେ ୨ଟି ଟେଲରିଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମହିଳା ସଶକ୍ତିକରଣ ଓ ସ୍ଥାୟୀ ଜୀବିକା ଉନ୍ନୟନ ଏହାର ଉଦ୍ଦେଶ୍ୟ ରହିଛି। କେନ୍ଦ୍ରଗୁଡିକ ଆଖପାଖ ଅଞ୍ଚଳର ଗ୍ରାମୀଣ ମହିଳାମାନଙ୍କୁ ଦକ୍ଷତା ବିକାଶର ସୁଯୋଗ ଦେଇ ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରିବ। ଉଦ୍‌ଘାଟନ ଅବସରରେ ଝାରସୁଗୁଡ଼ା ସିମେଣ୍ଟ ୱାର୍କ୍ସ ୟୁନିଟ ହେଡ ପୁରୁଷୋତ୍ତମ ୱେମୁରି ଓ



ଏଚ୍‌ଆର ହେଡ ପିତାମ୍ବର ପୃଷ୍ଟେଠଙ୍କ ସମେତ କିର୍ମିରା ବିଡିଓ ଅଭିନାଶ ଲାକ୍ରା, ସ୍ଥାନୀୟ ସରପଞ୍ଚ ବୀଣାପାଣି ପୋଡ଼ ତଥା ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଫଳରେ ସ୍ଥାନୀୟ ମହିଳାମାନେ ସିଲାଇ ଦକ୍ଷତା ଅର୍ଜନ କରି ସ୍ୱୟଂ ରୋଜଗାର ଓ ଆୟ ଉତ୍ପାଦନର ସୁଯୋଗ ସୃଷ୍ଟି ହୋଇପାରିବ। କାର୍ଯ୍ୟକ୍ରମକୁ କାରଖାନା ଉନ୍ନୟନ ଅଧିକାରୀ ସିମିୟନ ବାରିକ୍ ପରିଚାଳନା କରିଥିବା ବେଳେ ଗାଁର ଯୁବଗୋଷ୍ଠୀ ସହଯୋଗ କରିଥିଲେ।

## ତିଳେଇବଣି ବ୍ଲକ୍‌ରେ ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୨୭।୭(ସମିସ): ତିଳେଇବଣି ବ୍ଲକ୍ କଲ୍ୟାଣ ମଣ୍ଡପରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ



ଯୋଗ ଦେଇ ଜନସାଧାରଣ ଆଣିଥିବା ୧୧ ଟି ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଭିନ୍ନ ଅଭିଯୋଗ ପାଇବା ପରେ ସଂପୃକ୍ତ ବିଭାଗର ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇ ସମାଧାନ କରିଥିଲେ। ରାସ୍ତା, ପାନୀୟଜଳ, ଶିକ୍ଷା, ଆବାସ, ସ୍ୱାସ୍ଥ୍ୟ, ବିଦ୍ୟୁତ ସମସ୍ୟା ଉପରେ ଜନସାଧାରଣ ଅଭିଯୋଗ କରିଥିବା ଜଣାପଡିଛି।